RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୪ Vol. 22 No-144 24 AUGUST 2025 SUNDAY, BHUBANESWAR ରବିବାର, ୨୪ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ୭ ଟିପ୍ପରକୁ ୨୭ଲକ୍ଷ ଜରିମାନା

କୋରାପୁଟ, ୨୩।୮ (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଞ୍ଚଳରୁ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ଖଣି ବିଭାଗ ୭ଟି ଟିପ୍ପରକୁ ଜବତ କରିବା ସହ ସେମାନଙ୍କ ମାଲିକଙ୍କ ଉପରେ ୨୭ ଲକ୍ଷର ଜରିମାନା ଲାଗୁ କରିଛନ୍ତି।

### ମାଛଧରା ବୋଟ୍‌ରୁ ଦୁଇ ଶ୍ରମିକଙ୍କ ମୃତଦେହ ଉଦ୍ଧାର

ବାଲେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): ବାଲେଶ୍ୱର ଜିଲ୍ଲା ବଳରାମଗଡ଼ି ଜେଟିରେ ଥିବା ଏକ ମାଛଧରା ବୋଟ୍ ଭିତରୁ ୨ଜଣ ଶ୍ରମିକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେମାନେ ହେଲେ ଭଦ୍ରକର ମଧୁସୂଦନ ମଳିକ ଓ ସନ୍ତୋଷ ମଳିକ। ତେବେ ସେମାନଙ୍କ ମୃତ୍ୟୁ କିପରି ହେଲା ସେ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।

### ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ, ୫ ଗିରଫ

ଜୟପୁର, ୨୩।୮ (ଭାସ୍କର ନ୍ୟୁଜ): ଶନିବାର ଅବକାରୀ ଗୁଇନ୍ଦା ବିଭାଗ ଶିମିଳିଗୁଡ଼ା-ପଟାଙ୍ଗି ରାସ୍ତାରେ ଦୁଇଟି କାର୍‌ରୁ ୪ କ୍ୱିଣ୍ଟାଲ ଗଞ୍ଜେଇ ଜବତ କରିଛି। ଏହିସବୁ ଗଞ୍ଜେଇ ରାଜସ୍ଥାନକୁ ଚାଲାଣ ହେଉଥିଲା। ଏହି ଘଟଣାରେ ୫ଜଣଙ୍କୁ ଗିରଫ କରାଯାଇଛି।


### ମହିଳାଙ୍କ ଆତ୍ମାହୂତି ଉଦ୍ୟମ

ଢେଙ୍କାନାଳ, ୨୩।୮ (ଭାସ୍କର ନ୍ୟୁଜ): ଢେଙ୍କାନାଳ ଏସ୍‌ପିଙ୍କ ଅଫିସ ପରିସରରେ ଜଣେ ମହିଳା ଆତ୍ମାହୂତି ଉଦ୍ୟମ କରିଛନ୍ତି। ତେବେ ଅଘଟଣ ପୂର୍ବରୁ ପୋଲିସ ତାଙ୍କୁ କାବୁ କରିଛି। ତାଙ୍କ ନିକଟରୁ ପେଟ୍ରୋଲ ବୋତଲ ଓ ଦିଆସିଲି ଜବତ ହୋଇଛି।

ସେନ୍‌ସେକ୍ସ: ୮୧,୩୦୬.୮୫
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୬.୪ ଡିଗ୍ରୀ

### ୨୩।୮।୨୦୨୫ ର ମତାମତ

ରାଜ୍ୟରୁ ବାଂଲାଦେଶୀ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ଠିକ୍ ନୁହେଁ କି?





### ଆଜିର ପ୍ରସଙ୍ଗ

ଅମଲା ଆନ୍ଦୋଳନ ପ୍ରତ୍ୟାହାର ପାଇଁ ସରକାର ପଦକ୍ଷେପ ନେବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଭଦ୍ରକ ସହର ହେଲା କମ୍ପମାନ
କମ୍ପାଇଲେ ଗେରୁ ଦଳ,
ମନମୋହନଙ୍କୁ କ୍ରେନ୍‌ରେ ଆଣିକି
ଦିଆଗଲା ଫୁଲମାଳ ।
କର୍ମୀ ସବୁ ଝାଳନାଳ,
ପଞ୍ଚାୟତ ପାଇଁ ଏବେଠୁଁ ଲାଗିବେ
ରାଜ୍ୟସାରା ହେବ ଖେଳ !

## ଉପରମୁଣ୍ଡରେ ପ୍ରବଳ ବର୍ଷା

# ଘାରୁଛି ବନ୍ୟା ଭୟ





- ହୀରାକୁଦର ୮ ଗେଟ୍ ଖୋଲା
- ବିପଦ ସଂକେତ ଉପରେ ବୈତରଣୀ
- ଫୁଲୁଛି ମହାନଦୀ, ସୁବର୍ଣ୍ଣରେଖା
- ମହାନଦୀ ଭିତରକୁ ନ ଯିବାପାଇଁ ପରାମର୍ଶ

ଭୁବନେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): କ୍ରମାଗତ ୩ ମାସ ଧରି ମହାନଦୀର ଉପରମୁଣ୍ଡରେ ବର୍ଷା ଲାଗି ରହିଛି। ତେବେ ଗତ କିଛିଦିନ ହେବ ଉପରମୁଣ୍ଡରେ ପ୍ରବଳ ବର୍ଷା ହେଉଥିବାରୁ ହୀରାକୁଦ ଡ୍ୟାମର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ସ୍ଥିତିକୁ ନଜରରେ ରଖି ଡ୍ୟାମ କର୍ତ୍ତୃପକ୍ଷ ପ୍ରଥମ ପର୍ଯ୍ୟାୟରେ ୪ଟି ଓ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୪ଟି ମୋଟ ୮ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିବା ସୂଚନା ଦେଇଛନ୍ତି। ଫଳରେ ରାଜ୍ୟରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ତଳି ଅଞ୍ଚଳର ଲୋକଙ୍କୁ ବନ୍ୟାଭୟ ଘାରିବାରେ ଲାଗିଛି। ତେବେ ବର୍ତ୍ତମାନ ସୁଦ୍ଧା ଏଭଳି ଆଶଙ୍କା ଉପୁଜିନଥିବା ଜଳସମ୍ପଦ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ହୀରାକୁଦ ଡ୍ୟାମର ଜଳସ୍ତର ୩ ଫୁଟ ବୃଦ୍ଧି ପାଇ ୬୨୦.୧୦ ଫୁଟରେ ପହଞ୍ଚିଛି। ଡ୍ୟାମ୍‌କୁ • ପୃଷ୍ଠା ୫ ଦେଖନ୍ତୁ

### ଆସୁଛି ଆଉଏକ ଲଘୁଚାପ

## ୫ ଦିନ ବର୍ଷିବ

ଭୁବନେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): ରାଜ୍ୟର ବିଭିନ୍ନ ସ୍ଥାନରେ ଲଘୁଚାପ ଜନିତ ବର୍ଷା ଜାରି ରହିଛି। ଇତିମଧ୍ୟରେ ଆସନ୍ତା ୨୫ ତାରିଖରେ ଆଉଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହାର ପ୍ରଭାବରେ ୫ ଦିନ ଯାଏ ପ୍ରବଳ ବର୍ଷା ଲାଗି ରହିବ ବୋଲି ବିଭାଗ ସୂଚନା ଦେଇଛି। ଶୁକ୍ରବାର ଉତ୍ତର ଓଡ଼ିଶା ଓ ତତ୍‌ସଂଲଗ୍ନ ଗାଙ୍ଗେଟିକ୍ ପଶ୍ଚିମବଙ୍ଗ ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମବଙ୍ଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷାର ମଧ୍ୟ ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓ ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ସୂଚନା ଦିଆଯାଇଛି। ୨୫ତାରିଖ ବେଳକୁ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଏଥିପାଇଁ କଟକ, ଯାଜପୁର, • ପୃଷ୍ଠା ୫ ଦେଖନ୍ତୁ

### ମହାକାଶ ଦିବସରେ ମୋଦୀଙ୍କ ସମ୍ବୋଧନ

## ମହାକାଶରେ ମାଇଲଖୁଣ୍ଟ ସ୍ଥାପନ ଲକ୍ଷ୍ୟ





ନୂଆଦିଲ୍ଲୀ, ୨୩।୮: ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ମାଇଲଖୁଣ୍ଟ ଅତିକ୍ରମ କରି ଚାଲିଛି ଭାରତ। ଭାରତର ବୈଜ୍ଞାନିକଙ୍କ ଅଭ୍ୟାସରେ ମଧ୍ୟ ଏହା ପରିଣତ ହୋଇଛି। ଆଜି ମହାକାଶ ପ୍ରଯୁକ୍ତି ଭାରତୀୟ ପ୍ରଶାସନର ଅଂଶ ପାଲଟିଛି। ଜାତୀୟ ମହାକାଶ ଦିବସ ଅବସରରେ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି। ସେ କହିଛନ୍ତି, ଚଳିତବର୍ଷ ମହାକାଶ ଦିବସର ଥିମ୍ ଆର୍ଯ୍ୟଭଟ୍ଟରୁ ଗଗନଯାନ ପର୍ଯ୍ୟନ୍ତ ରହିଛି। ଏଥିରେ ଅତୀତର ଆତ୍ମବିଶ୍ୱାସ ବି ଭରି ରହିଛି ଓ ଭବିଷ୍ୟତର କଳ୍ପନା ମଧ୍ୟ। କମ୍ ସମୟ ଭିତରେ ଜାତୀୟ ମହାକାଶ ଦିବସ ଆମ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହା ଦେଶପାଇଁ ଗର୍ବ ଓ ଗୌରବ। ମୋଦୀ ଆହୁରି କହିଥିଲେ ଯେ ମହାକାଶ କ୍ଷେତ୍ରରେ ଗୋଟିଏ ପରେ ଗୋଟିଏ ନୂଆ ଉପଲବ୍ଧି ହାସଲ କରି ଭାରତ ମହାକାଶରେ ମାଇଲଖୁଣ୍ଟ ସ୍ଥାପନ କରିବା ଲକ୍ଷ୍ୟରେ ଆଗକୁ ମାଡ଼ି ଚାଲିଛି। ଦୁଇବର୍ଷ ପୂର୍ବେ ଭାରତ ଏପରି ଦେଶ ଥିଲା, ଯିଏ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚି ଇତିହାସ ରଚିଥିଲା। ଆମେ ସେହି ଦେଶ ମଧ୍ୟରେ ସାମିଲ ହୋଇଛୁ, ଯେଉଁମାନେ ମହାକାଶରେ ଡକିଂ ଓ ଅନ୍‌ଡକିଂର କ୍ଷମତା ହାସଲ କରିଛନ୍ତି। ଶୁଭାଂଶୁ ଶୁକ୍ଲାର ଇଣ୍ଟରନ୍ୟାସନାଲ ସ୍ପେଶ୍ ସେକ୍ସନରେ ତ୍ରିରଙ୍ଗା ପହଞ୍ଚାଇ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବିତ କରିଛନ୍ତି ବୋଲି ମୋଦୀ କହିଥିଲେ। ସେ ଆହୁରି କହିଥିଲେ, ମୋତେ ଯେତେବେଳେ ଶୁଭାଂଶୁ ତ୍ରିରଙ୍ଗା ଦେଇଥିଲେ, ସେତେବେଳେ ସେ ଅନୁଭୂତି ପାଇଁ ମୋ ପାଖରେ ଶବ୍ଦ ନାହିଁ। ଆଜି ଭାରତ ସେମି କ୍ରାୟୋଜେନିକ ଇଞ୍ଜିନ ଓ ଇଲେକ୍ଟ୍ରିକ୍ ପୋପଲନ୍ସ ପରି ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି ଦିଗରେ ଆଗକୁ ମାଡ଼ି ଚାଲିଛି। ଆଗାମୀ ଦିନରେ ଭାରତ ମହାକାଶରେ ନିଜର ସ୍ପେଶ ସେକ୍ସନ ନିର୍ମାଣ କରିବ। ଏଥିପାଇଁ ଗତ ୧୧ ବର୍ଷରେ ଦେଶ ସ୍ପେଶ ସେକ୍ଟରରେ ଗୋଟିଏ ପରେ ଗୋଟିଏ ସଂସ୍କାର କରି ଚାଲିଛି। ଆଜି ମହାକାଶ ପ୍ରଯୁକ୍ତି ଭାରତୀୟ ପ୍ରଶାସନର ଅଂଶ ପାଲଟିଛି। ଫସଲବୀମା ଯୋଜନାରେ ସାଟେଲାଇଟ୍ ସାହାଯ୍ୟରେ ଆକଳନ କରାଯାଉଛି। ମତ୍ସ୍ୟଜୀବୀଙ୍କୁ ସାଟେଲାଇଟ୍ ଯୋଗେ ସୂଚନା ଓ ସୁରକ୍ଷା ମଧ୍ୟ ଯୋଗାଇ ଦିଆଯାଉଛି। ବିପର୍ଯ୍ୟୟ ପରିଚାଳନା ହେଉ ବା ପିଏମ୍ ଗତିଶକ୍ତି ହେଉ, ସବୁଥିରେ ମହାକାଶ ପ୍ରଯୁକ୍ତିକୁ ବ୍ୟବହାର କରାଯାଉଛି। ମହାକାଶ କ୍ଷେତ୍ର ପ୍ରତ୍ୟେକ ଭାରତୀୟଙ୍କ ପ୍ରଗତିରେ ସୁଧାର ଆଣିପାରିଛି। ଏହି କାର୍ଯ୍ୟକ୍ରମରେ ଶୁଭାଂଶୁ ଶୁକ୍ଲାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ଓ ଇସ୍ରୋ ଅଧ୍ୟକ୍ଷ ଭି.ନାରାୟଣନ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ମହାକାଶରୁ ଫେରିବା ପରେ ତାଙ୍କର ଅନୁଭୂତି ପ୍ରଧାନମନ୍ତ୍ରୀଙ୍କୁ ସେୟାର କରିଥିଲେ। ତେବେ ଆଗକୁ ଗଗନଯାନ ମିଶନରେ ଶ୍ରୀ ଶୁକ୍ଲାଙ୍କ ସହ ଅନ୍ୟ ମହାକାଶଚାରୀମାନେ ଯିବେ ବୋଲି ସୂଚନା ମିଳିଛି।

### ବିରୋଧୀଦଳ ନେତାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

## ସୁସ୍ଥ, ନିରାମୟ ଜୀବନ କାମନା କଲେ



ଭୁବନେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ନବୀନ ନିବାସ ଯାଇ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି। ସାକ୍ଷାତ ସମୟରେ ଶ୍ରୀ ପଟ୍ଟନାୟକଙ୍କ ସୁସ୍ଥତା କାମନା କରି ଆପଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା କିପରି ଅଛି ବୋଲି ପଚାରିଥିଲେ। ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକ କହିଥିଲେ, ମୁଁ ଏବେ ସୁସ୍ଥ ଅନୁଭବ କରୁଛି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ସୁସ୍ଥ ନିରାମୟ ଜୀବନ ନିମନ୍ତେ ପ୍ରାର୍ଥନା କରୁଛି। ଉଭୟଙ୍କ ମଧ୍ୟରେ ସାକ୍ଷାତ ସମୟରେ ନବୀନଙ୍କ ବଡ଼ଭାଇ ପ୍ରେମ ପଟ୍ଟନାୟକ ଉପସ୍ଥିତ ଥିବାର ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ବିରୋଧୀଦଳ ନେତା ତାଙ୍କ ଦେହ ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହୋଇ ନିକଟରେ ନବୀନ ନିବାସ ଫେରିଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶନିବାର ନବୀନ ନିବାସ ଯାଇ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଛନ୍ତି। ଉଭୟ ନେତାଙ୍କ ମଧ୍ୟରେ ପ୍ରାୟ ୧୦ ମିନିଟ୍ ଧରି ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଦିଲ୍ଲୀ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀଙ୍କ ସହ ସାକ୍ଷାତ କରିବା ସମୟରେ ନବୀନ ବାବୁଙ୍କ ସ୍ୱାସ୍ଥ୍ୟାବସ୍ଥା କେମିତି ଅଛି ବୋଲି ପ୍ରଧାନମନ୍ତ୍ରୀ ପଚାରିଥିଲେ। ସେହି ସମୟରେ ଶ୍ରୀ ପଟ୍ଟନାୟକ ମୁମ୍ବାଇରେ ଚିକିତ୍ସାଧୀନ ଥିଲେ। ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଗାମୀ ବିଧାନସଭା ଅଧିବେଶନ ଯେପରି ସୁରୁଖୁରୁରେ ପରିଚାଳିତ ହେବ ସେଥିନେଇ ସହଯୋଗ କାମନା କରିଥିଲେ।

### ଅଗ୍ନିଯୋଦ୍ଧା ପ୍ରଶିକ୍ଷାର୍ଥୀଙ୍କ ଦୀକ୍ଷାନ୍ତ ସମାରୋହରେ ମୁଖ୍ୟମନ୍ତ୍ରୀ

## ଓଡ଼ିଶା ଅଗ୍ନିଶମ ଦେଶରେ 'ବେଷ୍ଟ ଇନ୍ ଦ ବିଜନେସ୍'



- ଅଗ୍ନିଶମବାହିନୀରେ ସାମିଲ ହେଲେ ୯୧୧ ଅଗ୍ନିଯୋଦ୍ଧା
- ଡିସେମ୍ବର ସୁଦ୍ଧା ପୂରଣ ହେବ ୩୦୦ ଖାଲି ପଦବୀ
- ୧୦ କୋଟି ବ୍ୟୟରେ ପ୍ରତିଷ୍ଠା ହେବ ବିଶ୍ୱସ୍ତରୀୟ ସିମୁଲେଟର୍
- ରାମଚଣ୍ଡୀରେ ହେବ ସ୍କୁବା ଡାଇଭିଂ ପ୍ରଶିକ୍ଷଣ କେନ୍ଦ୍ର

ଭୁବନେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): ବିପଦରେ ପଡ଼ିଥିବା ଲୋକଙ୍କ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ଦେବା ପାଇଁ ପ୍ରଥମେ ପହଞ୍ଚିଥାନ୍ତି ଆମ ଅଗ୍ନିଯୋଦ୍ଧାମାନେ । ସେମାନେ ହେଉଛନ୍ତି ପ୍ରଥମ ରେସ୍ପଣ୍ଡର। ବିପନ୍ନ ଲୋକଙ୍କ ପାଖରେ ସେମାନେ ସରକାରଙ୍କ ଚେହେରା ବୋଲି ଆଜି ଭୁବନେଶ୍ୱର ବରମୁଣ୍ଡା ଅଗ୍ନିଶମ ପ୍ରଶିକ୍ଷଣ କେନ୍ଦ୍ରରେ ଆୟୋଜିତ ୬୧ତମ ଅଗ୍ନିଯୋଦ୍ଧା ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆଜି ସମୁଦାୟ ୯୧୧ ଜଣ ଅଗ୍ନିଯୋଦ୍ଧା ପାସିଙ୍ଗ ଆଉଟ ପରେଡରେ ଯୋଗ ଦେଇ ଅଗ୍ନିଶମ ବାହିନୀରେ କାର୍ଯ୍ୟାରମ୍ଭ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗତ ଏକ ବର୍ଷ ମଧରେ ଅଗ୍ନିଶମ ବିଭାଗର ଖାଲିଥିବା ୯୧୧ ପଦବୀ ପୂରଣ ହୋଇଛି । ସେମାନେ ଆଜି କାର୍ଯ୍ୟରେ ଯୋଗ ଦେଇଛନ୍ତି । ଆଉ ପ୍ରାୟ ୩୦୦ ପଦବୀ ଖାଲି ରହିଛି ଏବଂ ଏହାକୁ ଡିସେମ୍ବର ସୁଦ୍ଧା ପୂରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ପ୍ରଶିକ୍ଷାର୍ଥୀମାନଙ୍କୁ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଅଗ୍ନିଯୋଦ୍ଧାମାନେ କାର୍ଯ୍ୟକ୍ଷେତ୍ରରେ ବହୁ କଠିନ ପରିଶ୍ରମ କରିଥାନ୍ତି । ସେଥିପାଇଁ ସବୁବେଳେ ଓ ସବୁ ସମୟରେ ଶାରୀରିକ ଫିଟ୍ ରହିବା ଆବଶ୍ୟକ । ଏ ଦିଗରେ ଆଜି ନୂଆକରି ଦାୟିତ୍ୱ ନେଉଥିବା ଓ ବିଭାଗରେ ପୂର୍ବରୁ କାର୍ଯ୍ୟ କରୁଥିବା ସମସ୍ତ ଅଗ୍ନିଯୋଦ୍ଧାମାନେ ସଚେତନ ରହିବା ଆବଶ୍ୟକ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ଅଗ୍ନିଶମ ବିଭାଗ ସାରା ଦେଶରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । କାର୍ଯ୍ୟଦକ୍ଷତା ଭିତ୍ତିରେ ଦେଶର ସର୍ବଶ୍ରେଷ୍ଠ ତିନି ଗୋଟି ରାଜ୍ୟ ମଧ୍ୟରେ ସ୍ଥାନିତ ହୋଇଛି। ଓଡ଼ିଶା ଅଗ୍ନିଶମ ବିଭାଗ ଏବଂ ଅଗ୍ନିଯୋଦ୍ଧାମାନେ ସାରା ଦେଶରେ ସର୍ବାଗ୍ରେ ବୋଲି ସେ କହିଥିଲେ । ବିଗତ • ପୃଷ୍ଠା ୫ ଦେଖନ୍ତୁ

### ଦେଶର ୧୨ ମୁଖ୍ୟମନ୍ତ୍ରୀଙ୍କ ନାମରେ ଅପରାଧିକ ମାମଲା

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ନାମରେ ସର୍ବାଧିକ ୮୯ଟି ମାମଲା



ଏ. ରେବନ୍ତ ରେଡ୍ଡୀ

ନୂଆଦିଲ୍ଲୀ, ୨୩।୮: ଦେଶରେ ଦିନକୁ ଦିନ ବଢିଚାଲିଛି ଅପରାଧ। ନିକଟରେ ଏକାଧିକ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନାଁରେ ଅପରାଧିକ ମାମଲା ରହିଥିବା ନେଇ ରିପୋର୍ଟ ପ୍ରକାଶ ପାଇଛି। ୩୦ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରୁ ୧୨ ରାଜ୍ୟର ମୁଖ୍ୟମନ୍ତ୍ରୀ ଅର୍ଥାତ୍ ୪୦ ପ୍ରତିଶତଙ୍କ ନାମରେ ଅପରାଧିକ ମାମଲା ରହିଛି। ସେଥିମଧ୍ୟରୁ ୧୦ଜଣ ଅର୍ଥାତ୍ ୩୩ ପ୍ରତିଶତଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପହରଣ, ଲାଞ୍ଚ ନେବା ଭଳି ସଙ୍ଗୀନ ମାମଲା ରୁଜୁ ହୋଇଛି। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ନାଁରେ ସର୍ବାଧିକ ୮୯ଟି ଅପରାଧିକ ମାମଲା ରହିଥିବା ସୂଚନା ମିଳିଛି। ଏହି ମୁଖ୍ୟମନ୍ତ୍ରୀମାନେ ନିର୍ବାଚନ ସମୟରେ ଦାଖଲ କରିଥିବା ସତ୍ୟପାଠରୁ ଏହା ଜଣାପଡ଼ିଥିବା ଆସୋସିଏସନ ଫର୍ ଡେମୋକ୍ରାଟିକ୍ ରିଫର୍ମସ ବା ଏଡିଆର ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସର୍ବାଧିକ ମାମଲା ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ ନାମରେ ଥିବାବେଳେ ତାଙ୍କ ତଳକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ.ଷ୍ଟାଲିନ ରହିଛନ୍ତି। ତାଙ୍କ ବିରୋଧରେ ୪୭ଟି ମାମଲା ରହିଛି। ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ନାମରେ ୧୯ଟି ମାମଲା ରହିଥିବାବେଳେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ନାମରେ ୧୩ଟି ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷରେ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ • ପୃଷ୍ଠା ୫ ଦେଖନ୍ତୁ

### ଉତ୍ତରାଖଣ୍ଡରେ ପୁଣି ବାଦଲଫଟା ବର୍ଷା

## ଚମୋଲିରେ ବ୍ୟାପକ କ୍ଷୟକ୍ଷତି



ଡେରାଡୁନ, ୨୩।୮: ଉତ୍ତରାଖଣ୍ଡର ଚମୋଲିରେ ପୁଣି ବାଦଲଫଟା ବର୍ଷା। ଶୁକ୍ରବାର ରାତିରୁ ଲାଗି ରହିଥିବା ଏହି ପ୍ରଳୟଙ୍କରୀ ବର୍ଷାରେ ଚମୋଲିରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ଥରାଲି ବଜାର, କୋଟଦ୍ୱୀପ ଏବଂ ଥରାଲି ତହସିଲ କଂପ୍ଲେକ୍ସରେ ପ୍ରବଳ ପରିମାଣର ଭଗ୍ନାବଶେଷ ଘର, ଏସଡିଏମ୍‌ଙ୍କ ବାସଭବନ ଏବଂ ଅନ୍ୟାନ୍ୟ କୋଠାଗୁଡ଼ିକରେ ପାଣି ପଶିଯିବାରୁ ବ୍ୟାପକ କ୍ଷତି ଘଟିଛି। ଏପରିକି ତହସିଲ କଂପ୍ଲେକ୍ସରେ ପାର୍କିଂ ହୋଇଥିବା ଅନେକ ଯାନବାହନ ପୋତି ହୋଇଯାଇଛି। ପାଣିର ପ୍ରବଳ ସ୍ରୋତରେ ସହରର ରାସ୍ତାଗୁଡ଼ିକ ଧୋଇଯିବା ସହ ଛୋଟ ଛୋଟ ପୋଖରୀ ଭଳି ଦେଖାଯାଉଛି। ଶାଗୱାଡ଼ା • ପୃଷ୍ଠା ୫ ଦେଖନ୍ତୁ

### ଅମଲା କର୍ମଚାରୀଙ୍କୁ ରାଜସ୍ୱମନ୍ତ୍ରୀଙ୍କ ଚେତାବନୀ

## ବହୁ ଅସ୍ତ୍ର ଅଛି, ସମ୍ଭାଳି ପାରିବେନି



ଭୁବନେଶ୍ୱର, ୨୩।୮ (ଭାସ୍କର ନ୍ୟୁଜ): ଦୀର୍ଘ ୧୩ ଦିନରୁ ଊର୍ଦ୍ଧ୍ୱ ହେବ ଅମଲା ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବାରୁ ସାଧାରଣ ଲୋକମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ତେବେ ଶନିବାର ଅମଲା ସଂଘ ସହ ଆଲୋଚନା ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ବୟାନ ରଖି କହିଛନ୍ତି ଯେ ଏହି କର୍ମଚାରୀମାନେ ଆସନ୍ତା ସୋମବାର କାର୍ଯ୍ୟରେ ଯୋଗଦେବାର ସମ୍ଭାବନା ରହିଛି। ତେବେ ସଂଘର କିଛି ନେତା ବିରୋଧୀଙ୍କ ଦ୍ୱାରା ପ୍ରେରିତ ହୋଇ ଆନ୍ଦୋଳନରେ ମାତିଛନ୍ତି। ସେମାନେ ସମସ୍ୟାର ସମାଧାନ ଚାହୁଁନାହାନ୍ତି। ବିଭିନ୍ନ ମହଲରୁ ତଥ୍ୟ ମଧ୍ୟ ମିଳୁଛି ଯେ ଅମଲାଙ୍କୁ ଢାଲ କରି ସରକାର ବିରୋଧରେ ଆନ୍ଦୋଳନ କରିବାକୁ ସେମାନେ ଲକ୍ଷ୍ୟ ରଖିଛନ୍ତି। ଶ୍ରୀ ପୂଜାରୀ ଆହୁରି କହିଛନ୍ତି ଯେ ଏଇଟା ହେଉଛି ମୋ ପରିବାରର ସମସ୍ୟା। ସମାଧାନ ପାଇଁ ସମୟ ଲାଗିବ। ବିଧି ବ୍ୟବସ୍ଥା ଭିତରେ କ୍ୟାଡର ପୁନର୍ଗଠନ କରାଯିବ। ଏହି ପ୍ରକ୍ରିୟା ଏବେ ଶେଷ ସୋପାନରେ ପହଞ୍ଚିଛି। ବିଗତ ସରକାର ଯେତେ ସମସ୍ୟା ଛାଡ଼ିକି ଯାଇଛନ୍ତି, ତାହାର ଗୋଟିଏ ବି ସମାଧାନ କରିପାରି ନାହାନ୍ତି। ଯେଉଁମାନେ ସଂଘକୁ ଭୁଲ ରାସ୍ତାରେ ନେଉଛନ୍ତି ସେମାନେ ତାଙ୍କୁ ଚିହ୍ନନ୍ତୁ। ସେମାନେ • ପୃଷ୍ଠା ୫ ଦେଖନ୍ତୁ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍): ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ବ୍ଲକସ୍ତରୀୟ ସବ ଜୋନାଲ କ୍ରୀଡା ପ୍ରଧାନଶିକ୍ଷୟତ୍ରୀ ସୁଜାତା ମଲ୍ଲିକଙ୍କ ପୌରହିତ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ସଂଯୋଜକ ଅକ୍ଷୟ ଜେନା, ମହୁରା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣା, ପୂର୍ବତନ ସରପଞ୍ଚ ସୁବାସ ଗୋଛାୟତ ଓ କ୍ରୀଡା କୋଚ ନବନୀତ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ର ଜୀବନରେ କ୍ରୀଡାର ଉପଯୋଗୀତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବ୍ଲକ ଜୋନାଲ କ୍ରୀଡା ସମ୍ପାଦକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ବରିଷ୍ଠ ବର୍ଗରେ ଫୁଟବଲ, ଭଲିବଲ, କବାଡି, ଯୋଗ ଓ କନିଷ୍ଠ ବର୍ଗରେ ଖୋ ଖୋ ଓ ବ୍ୟାଡମିଣ୍ଟନ ବିଭାଗରେ ଅନୁଷ୍ଠିତ ଏକଦିବସୀୟ ପ୍ରତିଯୋଗୀତାରେ ୨୦ଟି ବିଦ୍ୟାଳୟର ୨୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ କ୍ରୀଡା ଶିକ୍ଷୟତ୍ରୀ ବିକଶି ସାହୁ, ନନ୍ଦିତା ମିଶ୍ର, ସସ୍ମିତା ମହାନ୍ତି, କ୍ରୀଡା ଶିକ୍ଷକ ଅମୂଲ୍ୟ ମଲ୍ଲିକ, ମାନସ ସାହୁ, ପବିତ୍ର ମୋହନ ଦାସ, ପ୍ରଶାନ୍ତ ଜେନା, ବାବୁଲା ହେମ୍ବ୍ରମ, ଗୋବିନ୍ଦ ବେହେରା କ୍ରୀଡା ପରିଚାଳନା କରିଥିଲେ। କ୍ରୀଡା ଶିକ୍ଷକ ଦେବାଶିଷ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ବାଲିପୋଖରୀ, କୁଲଣା, ଭଣ୍ଡାରିପୋଖରୀ ସବଜୋନରେ କ୍ରୀଡା ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

# ପ୍ରକଳ୍ପ 'ସଙ୍ଗମ' ଜରିଆରେ ଧାନ ଉତ୍ପାଦନ ବୃଦ୍ଧି



## ୬୪.୨ ଏକର ଜମିରେ ଫସଲ ଉତ୍ପାଦନ ୨୫% ବୃଦ୍ଧି

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଏହାର ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ବିକାଶ ପଦକ୍ଷେପରେ କଳାହାଣ୍ଡିର ଲାଞ୍ଜିଗଡ଼ରେ ପ୍ରକଳ୍ପ ସଙ୍ଗମ ଜରିଆରେ ଧାନ ଉତ୍ପାଦନ ବୃଦ୍ଧି (ଏସ୍‌ଆର୍‌ଆଇ) କୌଶଳକୁ ପ୍ରୋତ୍ସାହିତ କରି ପାରମ୍ପରିକ କୃଷି ପଦ୍ଧତିକୁ ପରିବର୍ତ୍ତନ କରୁଛି। ଏହି ପଦ୍ଧତି ଫସଲ ଉତ୍ପାଦନରେ ୨୫% ବୃଦ୍ଧି, ନିବେଶ ଖର୍ଚ୍ଚରେ ୩୦% ହ୍ରାସ ଏବଂ ଚାଷୀଙ୍କ ଆୟରେ ଯଥେଷ୍ଟ ଲାଭ ପ୍ରଦର୍ଶନ କରିଛି। ଏହି ଅଞ୍ଚଳର ୬୪.୨ ଏକର ଚାଷ ଜମିରେ ୬୦ରୁ ଅଧିକ ଚାଷୀ ଏହି ପଦ୍ଧତି ଗ୍ରହଣ କରିଛନ୍ତି। କଳାହାଣ୍ଡି ଜିଲ୍ଲା ଏକଦା ମରୁଡ଼ି ଏବଂ ଦୁର୍ଭିକ୍ଷ ପ୍ରପୀଡିତ ଏକ ଅଞ୍ଚଳ ଥିଲା। ଆଜି, କୃଷି ଏବଂ ସ୍ଥାୟୀ ଜୀବିକାରେ ବେଦାନ୍ତର ବିଭିନ୍ନ ପଦକ୍ଷେପ ଯୋଗୁଁ, ଚାଷୀମାନେ ସେମାନଙ୍କର ଉତ୍ପାଦନ ଏବଂ ଆୟରେ ବୃଦ୍ଧି ଦେଖୁଛନ୍ତି। ଫଳାଫଳ ଆଶାଜନକ ହୋଇଛି - ପ୍ରତି ଏକର ଫସଲ ଉତ୍ପାଦନ ୧୮/୨୦ କ୍ୱିଣ୍ଟାଲରୁ ବୃଦ୍ଧି ପାଇ ୨୨.୫/୨୫ କ୍ୱିଣ୍ଟାଲ ହୋଇଛି, ଯାହା ୨୫% ଉନ୍ନତି ଆଣିଛି। ସେହି ସମୟରେ, ଉତ୍ପାଦନ ଖର୍ଚ୍ଚ ୩୦% ହ୍ରାସ ପାଇଛି, ପ୍ରତି ଏକର ୧୦,୦୦୦ ରୁ ୧୨,୦୦୦ ଟଙ୍କାରୁ ହ୍ରାସ ପାଇ ୭,୦୦୦ରୁ ୯,୦୦୦ ଟଙ୍କା ହୋଇଛି। ଏହି ପଦ୍ଧତି ଜଳ ଦକ୍ଷତାକୁ ୩୫% ଉନ୍ନତ କରିଛି, କୀଟପତଙ୍ଗ ଆକ୍ରମଣ ହ୍ରାସ କରୁଥିବା ଜୈବିକ ଅଭ୍ୟାସକୁ ପ୍ରୋତ୍ସାହିତ କରିଛି ଏବଂ ମୃତ୍ତିକା ସ୍ୱାସ୍ଥ୍ୟକୁ ସୁଦୃଢ଼ କରିଛି। କମ୍ପାନୀ ବର୍ତ୍ତମାନ ଚଳିତ ଖରିଫ ଋତୁରେ ୨୧୦ ଏକର ଜମିରେ ଏହି ପଦକ୍ଷେପକୁ ବୃଦ୍ଧି କରୁଛି, ୧୮ଟି ଗ୍ରାମର ୧୨୦ରୁ ଅଧିକ ଚାଷୀଙ୍କୁ ନିୟୋଜିତ କରୁଛି। ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ଆମର ଦୃଷ୍ଟିକୋଣ ଶିଳ୍ପ ଅଭିବୃଦ୍ଧିଠାରୁ ଅଧିକ ବିସ୍ତାରିତ। କୃଷି ହେଉଛି ଗ୍ରାମୀଣ ଓଡ଼ିଶାର ଜୀବନରେଖା, ଏବଂ ଦୀର୍ଘକାଳୀନ ସମୃଦ୍ଧି ପାଇଁ କୃଷକମାନଙ୍କୁ ଆଧୁନିକ, ସ୍ଥାୟୀ କୌଶଳ ସହିତ ସଶକ୍ତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରକଳ୍ପ ସଙ୍ଗମ ଅନ୍ତର୍ଗତ ଏସ୍‌ଆର୍‌ଆଇର ସଫଳତା ପ୍ରତିଫଳିତ କରେ ଯେ କିପରି ଗୋଷ୍ଠି-ପରିଚାଳିତ ନବସୃଜନ ଉତ୍ପାଦନ ବୃଦ୍ଧି କରିପାରିବ, ସମ୍ପଦ ସଂରକ୍ଷଣ କରିପାରିବ ଏବଂ ଜୀବିକା ଉନ୍ନତ କରିପାରିବ। ଏହା ଏକ ସମୃଦ୍ଧ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନର ଆମର ଲକ୍ଷ୍ୟ ସହିତ ସମନ୍ୱିତ।" କୃଷକମାନେ ଏହି ପଦକ୍ଷେପର ସଫଳତାକୁ ପ୍ରତିଫଳିତ କରୁଛନ୍ତି, ଉପଯୁକ୍ତ ବ୍ୟବଧାନ ସହିତ ଉନ୍ନତ ଘାସ ନିୟନ୍ତ୍ରଣ, କମ୍ ପରିମାଣ ବିହନ ବ୍ୟବହାର ଏବଂ ଶକ୍ତିଶାଳୀ ବ୍ୟବସ୍ଥା ଯୋଗୁଁ ଅଧିକ ଫସଲ ଉତ୍ପାଦନ କରୁଛନ୍ତି। ଉଲ୍ଲେଖନୀୟ ଯେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀମାନେ ଦୀର୍ଘକାଳୀନ ସ୍ଥିରତା ପାଇଁ ଏହାର ସମ୍ଭାବନାକୁ ସ୍ୱୀକାର କରି ଏହି ଅଭ୍ୟାସକୁ ଗ୍ରହଣ କରିବାକୁ ସଚେତନତା ଏବଂ ଇଚ୍ଛାବ୍ୟକ୍ତ କରିଛନ୍ତି। ବେଦାନ୍ତ ଲାଞ୍ଜିଗଡ଼ର ପ୍ରକଳ୍ପ ସଙ୍ଗମ ଏକ ସମନ୍ୱିତ ଜଳ ବିଭାଜିକା ଏବଂ ଜୀବିକା ପ୍ରକଳ୍ପ ଯାହା ଗ୍ରାମୀଣ ସମ୍ପ୍ରଦାୟର ଜୀବିକା ବୃଦ୍ଧି କରିବା ପାଇଁ ପ୍ରଯୁକ୍ତିବିଦ୍ୟା-ଆଧାରିତ ପଦକ୍ଷେପ ଉପରେ ନିର୍ମାଣ କରେ। ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ର ୪୧ଟି ଗାଁରେ ଜଳ-ଭିତ୍ତିକ ସମ୍ପତ୍ତି ସୃଷ୍ଟି କରିବା, ପାନୀୟ ଏବଂ କୃଷି ଉଦ୍ଦେଶ୍ୟରେ ବର୍ଷସାରା ପାଣିର ଉପଲବ୍ଧତା ସୁନିଶ୍ଚିତ କରିବା। ଏହି ପ୍ରକଳ୍ପ ଜଳ ସଂରକ୍ଷଣ କ୍ଷମତା ଏବଂ ଭୂତଳ ଜଳ ପୁନଃଭରଣ ହାର ବୃଦ୍ଧି କରି ଅଞ୍ଚଳର ୩୫୦୦ ଏକରରୁ ଅଧିକ ଜମିକୁ ଜଳସେଚନ ସୁବିଧା ପ୍ରଦାନ କରେ, ଯାହା ଫଳରେ ୨୨,୦୦୦ରୁ ଅଧିକ ଲୋକ ବର୍ଷସାରା ଏହି ପ୍ରକଳ୍ପରୁ ଉପକୃତ ହେବେ।

# ବର୍ଷାପାଣି ଘେରରେ ପରଜଙ୍ଗ ଜଗନ୍ନାଥ ମନ୍ଦିର

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ଅଞ୍ଚଳରେ କିଛିଦିନ ହେବ ଜାରି ରହିଛି ଲଘୁଚାପ ଜନିତ ଲଗାଣ ବର୍ଷା । ବର୍ଷାରେ ସଠିକ ପାଣି ନିଷ୍କାସନ ହେଉନଥିବାରୁ ଏହାର ପ୍ରଭାବରେ ଗାଁ ଗହଳି ରାସ୍ତା ଠାରୁ ଆରମ୍ଭ କରି ଜନସାଧାରଣଙ୍କ ପ୍ରମୁଖ ରାସ୍ତା ପର୍ଯ୍ୟନ୍ତ ବେହାଲ ମାତୁଛି ପାଣି ଆଉ କାଦୁଅ । ଏହା ସାଙ୍ଗକୁ ଜନଜୀବନ ପ୍ରଭାବିତ ହେଉଥିବା ଦେଖିବାକୁ ମିଳୁଛି। ଏପରି ସ୍ଥଳେ ଢ଼େଙ୍କାନାଳ ଜିଲ୍ଲା ଗଡ଼ପରଜଙ୍ଗ ଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖ ବର୍ଷା ପାଣି ଘେରରେ ରହିଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଗଡ଼ପରଜଙ୍ଗ ଗାଁ ଜଗନ୍ନାଥ ମନ୍ଦିରର ଉନ୍ନତି କରଣ କରିବା ପାଇଁ ୨୦୨୩ - ୨୪ ମସିହା ଆର୍ଥିକ ବର୍ଷରେ ତତ୍କାଳୀନ ସରକାର ସମୟରେ ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅନୁଦାନ ଦେଇଥିବା ବେଳେ, ଏହା ଢ଼େଙ୍କାନାଳ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା କାର୍ଯ୍ୟ ପରିଚାଳିତ ହୋଇଥିଲା। କିନ୍ତୁ ବର୍ତ୍ତମାନ ଜାରି ରହିଥିବା ଲଗାଣ ବର୍ଷାରେ ବେହାଲ ମନ୍ଦିର ମୁଖଶାଳା। ଯେଉଁ ମୁଖଶାଳାରେ ପ୍ରବଚନ କାର୍ଯ୍ୟକ୍ରମ କରାଯାଉଥିଲା ଆଜି ସେହି ମୁଖଶାଳା ପାଣିଘେରରେ ରହିଛି । ଏଠାରୁ ପାଣି ନିଷ୍କାସନ ହୋଇ ନପାରିଥିବାରୁ ମନ୍ଦିରର ସେବାୟତ ଠାକୁର ପୂଜା କରିବା ପାଇଁ ମନ୍ଦିର ଭିତରକୁ ଯାଉଛନ୍ତି ଜମି ରହିଥିବା କୃତ୍ରିମ ପାଣିରେ । ଏପରି ଦୃଶ୍ୟ ଦେଖି ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିପ୍ରତି ବିଭାଗୀୟ ରହିଥିବା ସମସ୍ୟାକୁ ଦୃଷ୍ଟି ଦେଇ ସମାଧାନ କରିବାକୁ ଗ୍ରାମବାସୀ ଦାବି ରଖିଛନ୍ତି ।



## ବେଆଇନ୍ ମଦଭାଟି ଉପରେ ଅବକାରୀ ଚଢ଼ାଉ

ବାମରା (ଭାସ୍କର ନ୍ୟୁଜ୍) : ସମ୍ବଲପୁର ଜିଲ୍ଲା ବାମରା ବ୍ଲକ୍ ଲରିଆପାଲି ପଞ୍ଚାୟତ ନୂଆଁଡିହିର ମୋରାମ ଜଙ୍ଗଲରେ ବେଆଇନ୍ ଭାବେ ମହୁଲି ମଦ ପ୍ରସ୍ତୁତ ହେଉଥିବା ଖବର ଗୋବିନ୍ଦପୁର ଅବକାରୀ ବିଭାଗକୁ ସୂଚନା ମିଳିଥିଲା । ସୂଚନା ପାଇ ଅବକାରୀ ବିଭାଗ ଉକ୍ତ ସ୍ଥାନରେ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ପ୍ରସ୍ତୁତ କରୁଥିବା ଅଭିଯୁକ୍ତ ମାନେ ଫେରାର ହୋଇଯାଇଥିଲେ। ତେବେ ସେଠାରୁ ୯୦ ଲିଟର ରନ୍ଧା ମଦ ସହିତ ପ୍ରାୟ ୨ ହଜାର ଲିଟରର ମହୁଲ ପୋଡିକୁ ଜବତ କରାଯାଇଛି। ମହୁଲ ପୋଡି କୁ ନଷ୍ଟ କରି ଦିଆଯାଇଥିଲା। ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ମଧ୍ୟ ଜବତ କରାଯାଇଛି।

# ତହସିଲ କର୍ମଚାରୀଙ୍କ ସାମୂହିକ ଛୁଟି ଯୋଗୁଁ କାର୍ଯ୍ୟ ଠପ୍

କୃଷ୍ଣପ୍ରସାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ତହସିଲ କାର୍ଯ୍ୟାଳୟରେ କର୍ମଚାରୀମାନେ ୯ ଦଫା ଦାବି ନେଇ ରାଜ୍ୟ ରାଜସ୍ୱ ଅମଲା ସଂଘ ସୋମବାର ଠାରୁ ସମୂହ ଛୁଟିରେ ଥିବା ଯୋଗୁଁ ସମସ୍ତ କାର୍ଯ୍ୟ ଠପ ହୋଇଯାଇଛି। ରାଜ୍ୟ ସଂଘ ଡାକରାରେ କର୍ମ ଚାରି ମାନେ ଛୁଟିରେ ଯାଇଛନ୍ତି। ରାଜ୍ୟ ସରକାର ଅମଲା ମାନଙ୍କ ଦାବି ଉପରେ ଗୁରୁତ୍ୱ ଦେଉ ନ ଥିବାରୁ ଅମଲା ସଂଘ ଲିଖିତ ଭାବେ ସରକାରଙ୍କୁ ଜଣାଇଥିଲେ । କୃଷ୍ଣପ୍ରସାଦ ତହସିଲରେ ଅମଲା ମାନେ ଛୁଟିରେ ଯାଇଥିବାରୁ ସରକାରୀ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି। ଏଠାରେ ତହସିଲଦାର ନ ଥିବା ଯୋଗୁ ଅତିରିକ୍ତ ତହସିଲଦାର ସମସ୍ତ କାର୍ଯ୍ୟ ଚଳାଉଛନ୍ତି। ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ଫେରିଯାଉଛନ୍ତି। ସୂଚନା ଅନୁଯାୟୀ ରାଜ୍ୟ ଅମଲା ସଂଘ ଡାକରାରେ କୃଷ୍ଣପ୍ରସାଦ ତହସିଲର ସମସ୍ତ ଅମଲାମାନେ ଛୁଟିରେ ଯାଇଛନ୍ତି। ୮ ତାରିଖ ସୁଧା ସରକାରଙ୍କୁ ଅମଲା ସଂଘ କଣ୍ଟ ଦେଇଥିଲା। ୮ ତାରିଖ ପୂରିଯିବା ପରେ ୧୧ରୁ ସମଗ୍ର ରାଜ୍ୟର ଅମଲାମାନେ ସମୂହ ଛୁଟିରେ ଯାଇଥିବା ବେଳେ କୃଷ୍ଣପ୍ରସାଦ ତହସିଲ କର୍ମଚାରୀ ଶୂନ୍ୟ ହୋଇପଡିଛି। ବ୍ଲକ ଶିଶୁ ବିକାଶ କାର୍ଯ୍ୟାଳୟରେ ମଧ୍ୟ ଅମଲାମାନେ ଛୁଟିରେ ଥିବା ଦେଖିବାକୁ ମିଳିଛି। ଏଥିପାଇଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅମଲାଙ୍କ ଦାବିଗୁଡିକ ମଧ୍ୟରେ ଦରମା ଲେବୁଲ ୯କୁ ବୃଦ୍ଧି ରାଜ୍ୟ ସରକାରଙ୍କ ସାଧାରଣ ଓ ଅଭିଯୋଗ ଜିଲ୍ଲାପାଳଙ୍କ ସୁପାରିସକୁ ଭିତ୍ତିକରି ନୂତନ ପଦ ସୃଷ୍ଟି ଓ ପୁର୍ନଗଠନ କରିବା। କନିଷ୍ଠ ଅମଲା ମାନଙ୍କ ରେସିଡେନ୍ସି ୬ ବର୍ଷ ଜାଗାରେ ୪ ବର୍ଷ କରିବା ରାଜ୍ୟ ସରକାରୀ ଓ ତାଙ୍କର ପରିବାର ପାଇଁ ବାର୍ଷିକ ୨୦ ଲକ୍ଷ ଟଙ୍କା ସ୍ୱାସ୍ଥ୍ୟ ବୀମା ଯୋଜୋନା ୨୦୨୨ ପରିବର୍ତ୍ତେ ୧୯୯୦ ନିୟମ ଅନୁଯାଇ ପୁନଃଥଇଥାନ କରିବା। ନୂତନ ପେନସନ ପରିବର୍ତ୍ତେ ପୁରାତନ ପେନସନ ଲାଗୁ କରିବା ଦାବି ନେଇ ଅମଲାମାନେ ଛୁଟିରେ ଯାଇଛନ୍ତି।

## ଜୋର ଧରିଲା ବେଗୁନିଆ ଏନଏସି ଦାବି

# ବିଜେଡିର ଶାନ୍ତିପୂର୍ଣ୍ଣ ପଦଯାତ୍ରା, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର




ବୋଲଗଡ (ଭାସ୍କର ନ୍ୟୁଜ୍): ବେଗୁନିଆ ବ୍ଲକର ଜନ ସାଧାରଣ ମାନେ ଏନଏସି କରିବା ପାଇଁ ବିଭିନ୍ନ ସମୟରେ ଦାବି ଉପସ୍ଥାପନ କରି ଆସୁଥିଲେ। ତେବେ ଚଳିତ ମାସରେ ରାଜ୍ୟ ସରକାର ୧୨ ଗୋଟି ଏନଏସି ଘୋଷଣା କରିଥିବା ବେଳେ ବେଗୁନିଆ ବ୍ଲକଟି ବାଦ ପଡ଼ିଥିବାରୁ ସାଧାରଣରେ ଅସନ୍ତୋଷ ବ୍ୟାପିବାରେ ଲାଗିଥିଲା। ବିଗତ ଦିନରେ ବିଜେଡ଼ି ଦଳର ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବେଗୁନିଆକୁ ଏନଏସି ଘୋଷଣା କରିଥିବା ବେଳେ ବର୍ତ୍ତମାନ ରାଜ୍ୟରେ ଶାସନ କରୁଥିବା ବିଜେପି ସରକାର ବୈମାତୃକ ମନୋଭାବ ରଖି ବାଦ ଦେଇଥିବାରୁ ଅତ୍ୟନ୍ତ ନିନ୍ଦନୀୟ ଘଟଣା ବୋଲି ସାଧାରଣରେ ଆଲୋଚନାର ଖୋରାକ ଯୋଗାଇଛି। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁଙ୍କ ନେତୃତ୍ୱରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର ବିଜେଡ଼ି ଦଳ ବ୍ଲକ ସଭାପତି ପ୍ରଶାନ୍ତ କୁମାର ବେହେରା,ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ, ରଞ୍ଜିତା ମହାଭୋଇ, ବେଗୁନିଆ ଗ୍ରାମ୍ୟ କମିଟି ସଭାପତି ମାୟାଧର ମାର୍ଥା, ସମ୍ପାଦକ ଲକ୍ଷ୍ମୀକାନ୍ତ ମହାପାତ୍ର, ସାର୍ବଜନୀନ ଦୁର୍ଗାପୂଜା କମିଟି ସଭାପତି ସୁଶାନ୍ତ କୁମାର ସ୍ୱାଇଁ, ସମ୍ପାଦକ ବିଭୁ ରଞ୍ଜନ ପଟ୍ଟନାୟକ, କୋଷାଧ୍ୟକ୍ଷ ପ୍ରଭାତ କୁମାର ସାହୁ, ସମାଜସେବୀ ନୀଳକଣ୍ଠ ସ୍ୱାଇଁ, ଓମ ପ୍ରକାଶ ବାହୁବଳେନ୍ଦ୍ର ଓ ଦଳୀୟ କର୍ମୀଙ୍କ ସହ ସଚେତନ ନାଗରିକ ମାନେ ଉପସ୍ଥିତ ରହିଥିଲେ। ପୂର୍ବାହ୍ନ ୬ ଘଟିକାରୁ ମଧ୍ୟାହ୍ନ ୧୨ ଘଟିକା ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଭାବେ ଦୋକାନ ବଜାର ସହ ଛୋଟ ବଡ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ଡାକରାକୁ ସମର୍ଥନ କରିଥିଲେ। ପରେ ପୋଷ୍ଟ ଅଫିସ ଛକ ଠାରୁ ଏକ ପଦଯାତ୍ରା ବାହାରି ବଜାର ଓ ଥାନା ଦେଇ ବ୍ଲକ କାର୍ଯ୍ୟାଳୟ ଠାରେ ପ୍ରତିବାଦ ସଭା ଆୟୋଜନ ହୋଇଥିଲା। ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସନ୍ତୋଷ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିବା ସହ କାର୍ଯ୍ୟକାରୀ ପାଇଁ ଅନୁରୋଧ କରିଥିଲେ।

# କେବେ ଲାଗିବ ଡ୍ରପ୍ ଆଉଟ୍ ପିଲା ସଂଖ୍ୟାରେ ରୋକ୍ ?




କୋରାପୁଟ (ଭାସ୍କର ନ୍ୟୁଜ) କୋରାପୁଟ ଜିଲ୍ଲାରେ ଡ୍ରପଆଉଟରେ ଲାଗିପାରୁନି ରୋକ। ଜିଲ୍ଲାରେ ୭ରୁ ୧୮ବର୍ଷ ବୟସ ମଧ୍ୟରେ ୧୯୫୬୭ଜଣ ପାଠ ଛାଡିଛନ୍ତି। ସେଥିରୁ ୭ରୁ ୧୫ବର୍ଷ ମଧ୍ୟରେ ୧୦୪୯୮ ଜଣ ପିଲା ରହିଥିଲା ବେଳେ ୧୬ରୁ ୧୮ ବର୍ଷ ମଧ୍ୟରେ ୯୦୭୯ଜଣ ପିଲା କଲେଜ ଯାଉନାହାନ୍ତି। ବୈପାରିଗୁଡା ବ୍ଲକରେ ସର୍ବାଧିକ ୨୮୨୪ଜଣ ପିଲା ପାଠପଢାରୁ ଦୂରେଇ ଯାଇଛନ୍ତି । ସେହିପରି କୋଟପାଡ ବ୍ଲକରେ ୨୧୧୮, ଜୟପୁରରୁ ୧୮୮୯, କୁନ୍ଦୁରାରେ ୧୮୩୦, ବୋରିଗୁମ୍ମାରେ ୧୭୨୨, ଦଶନ୍ତପୁରରେ ୧୬୫୦, ବନ୍ଧୁଗାଁର ୧୪୧୩, କୋରାପୁଟରେ ୧୦୪୯, ଲମତାପୁଟରେ ୫୯୬, ଲକ୍ଷ୍ମୀପୁରରେ ୧୦୫୦, ନନ୍ଦପୁରରେ ୧୩୫୫, ପଟାଙ୍ଗୀରେ ୧୨୭୯, ସେମିଳିଗୁଡା ବ୍ଲକରେ ୪୯୦ ପିଲା ପାଠ ଛାଡିଥିବା ସୂଚନା ମିଳିଛି । ନାରାୟଣପାଟଣା ବ୍ଲକରେ ସର୍ବନିମ୍ନ ୩୧୨ଜଣ ପିଲା ସ୍କୁଲ ଯାଉନଥିବା ଗଣଶିକ୍ଷା ବିଭାଗରୁ ତଥ୍ୟ ମିଳିଛି। ମୋଟ ଡ୍ରପ୍ ଆଉଟ ମଧ୍ୟରୁ ସ୍କୁଲକୁ ଯାଇ ଅଧାର ପାଠ ଛାଡିଥିବା ପିଲାଙ୍କ ସଂଖ୍ୟା ୧୫୨୩୯ ହୋଇଥିଲା ବେଳେ ୪୩୩୮ ଜଣ ପିଲା ଆଦୌ ସ୍କୁଲ ବାରଣ୍ଡା ମାଡି ନାହାନ୍ତି । ଦାଦାନ, ସଚେତନତା ଅଭାବ ଏବଂ ଅର୍ଥାଭାବ ଆଦି ଡ୍ରପଆଉଟର ପ୍ରମୁଖ କାରଣ । ଏଥିପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପିଲାଙ୍କୁ ଚିହ୍ନଟ କରି ମୁଖ୍ୟ ସ୍ରୋତରେ ସାମିଲ କରିବା ନିମନ୍ତ ୭ରୁ ୧୮ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ଘର ଘର ବୁଲି ସର୍ବେକ୍ଷଣ କରାଯାଇଥିଲା । ଏହି ସର୍ବେକ୍ଷଣରେ ଡ୍ରପଆଉଟ ସଂଖ୍ୟା ଚିହ୍ନଟ ହୋଇଥିଲା । ପିଲାଙ୍କୁ ପୁଣି ସ୍କୁଲକୁ ଫେରାଇ ଆଣିବା ପାଇଁ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ସ୍ଥାନିୟ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ହୋଇଥିଲା । ଏହି ବୈଠକରେ ଜିଲ୍ଲାସ୍ତରୀୟ କମିଟି ମାଧ୍ୟମରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରି ପାଠ ଛାଡିଥିବା କିମ୍ବା ଆଦୌ ସ୍କୁଲ ଯାଇନଥିବା ୧୯୫୬୭ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ଆଲୋଚନା ହୋଇଥିଲା। ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ସମସ୍ତ ଦିଗ ଉପରେ ଆଲୋଚନା କରି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। କୋରାପୁଟ ଡିଇଓ ତଥା ପ୍ରକଳ୍ପ ସଂଯୋଜକ ଡ.ପ୍ରସାନ୍ତ କୁମାର ମହାନ୍ତି ବୈଠକ ପରିଚାଳନା କରିଥିବା ବେଳେ ପ୍ରୋଗ୍ରାମର ଦେବାଶିଷ ସ୍ୱାଇଁ ଓ ସମଗ୍ର ଶିକ୍ଷା ଜିଲ୍ଲା ଯୋଜନା ସଂଯୋଜକ ପ୍ରଶାନ୍ତ କୁମାର ସେଠୀ ତଥ୍ୟ ଉପସ୍ଥାପନ କରିଥିଲେ । ଜିଲ୍ଲାର ସମସ୍ତ ବିଡିଓ, ବିଇଓ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ, ଆଇଟିଆଇ ଓ ପଲିଟେକ୍ନିକ୍ ମୁଖ୍ୟ, ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ନିୟୋଜନ ଅଧିକାରୀ, ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାର ମୁଖ୍ୟ ବୈଠକରେ ଅଂଶଗ୍ରହଣ କରିଥିଲେ ।

## ଶ୍ରୀଅରବିନ୍ଦଙ୍କ ୧୫୩ତମ ଜୟନ୍ତୀ ପାଳିତ

ଫୁଲନଖରା (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଶଙ୍ଖତ୍ରାସ ସ୍ଥିତ ମାତୃପୁରୀରେ ଶ୍ରୀ ଅରବିନ୍ଦଙ୍କ ୧୫୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀଯୁକ୍ତ ଅଶୋକ କୁମାର ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନଳିନୀକାନ୍ତ ନନ୍ଦ, ବସନ୍ତ କୁମାର ଲେଙ୍କା, ରାମଚନ୍ଦ୍ର ମହାରଣା, ପାର୍ଥ ସାରଥୀ ନନ୍ଦ, ବେଣୁଧର କାଣ୍ଡି, ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ପତି, ପୂର୍ବତନ ପ୍ରଧାନ ଶିକ୍ଷକ ଚନ୍ଦ୍ରମଣି ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଶ୍ରୀ ଅରବିନ୍ଦଙ୍କ ଭାରତ ମାତା ପ୍ରତି ତାଙ୍କର ଅବଦାନ ତ୍ୟାଗ ବିଷୟରେ ଆଲୋଚନା କରିବା ସହ ସେ ଜଣେ ଆଧାତ୍ମିକ ଜଗତର ମହାପୁରୁଷ ରୂପେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ ବୋଲି ବକ୍ତାମାନେ ମତ ବ୍ୟକ୍ତ କରିଥିଲେ। ତାଙ୍କର ଆଦର୍ଶ ଓ ରଚନାବଳିକୁ ସମସ୍ତେ ଅନୁଶରଣ କରିବାସହ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା। ଉକ୍ତ ସଭାକୁ ସମାଜସେବୀ ଧନେଶ୍ୱର ଜେନା, ପ୍ରଦୀପ୍ତ କୁମାର ସାହୁ, ଡକ୍ଟର ଅରବିନ୍ଦ ନନ୍ଦ, ଚିତ୍ତରଞ୍ଜନ ପ୍ରଧାନ, ଅସିତ କୁମାର ନନ୍ଦ, ଶ୍ୟାମ ସୁନ୍ଦର ଜେନା, ସାରଥି ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସେହିପରି ବାବାଜୀ ମହାରାଜଙ୍କ ୧୧୭ତମ ଜୟନ୍ତୀ ବୟୋଜ୍ୟେଷ୍ଠ ସାଧକ ପ୍ରାକ୍ତନ ପ୍ରଧାନଶିକ୍ଷକ ନଳିନୀ କାନ୍ତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଦୁଇ ମିନିଟ ନିରବ ପ୍ରାଥନା ସହ ବାବାଜୀ ମହାରାଜଙ୍କ ଗୁଣଗାନ କରିଥିଲେ।

# ସାପ କାମୁଡ଼ାରେ ଜଣେ ମୃତ

ଉମରକୋଟ (ଭାସ୍କର ନ୍ୟୁଜ୍) : ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅଧୀନରେ। ମୃତ ଜଣକ ହେଲେ ଉମରକୋଟ ବ୍ଲକ ଅନ୍ତର୍ଗତ ଖାଣ୍ଡା ପଞ୍ଚାୟତ ସେମଳି ଗଦରା ଗ୍ରାମର କମ୍ଭୁ ସାନ୍ତା(୨୭)। ମିଳିଥିବା ସୂଚନା ଅନୁସାରେ କମ୍ଭୁ ଗତକାଲି ଅପରାହ୍ନରେ ମକା ବାଡ଼ରେ ସାର ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ବିଷଧର ସାପ କମ୍ଭୁଙ୍କ ବାମଗୋଡ଼ ଆଣ୍ଠୁରେ କାମୁଡ଼ି ଦେଇଥିଲା। ସାପ କାମୁଡିବାର କିଛି ସମୟପରେ କମ୍ଭୁ ମୃତ୍ୟୁବରଣ କରିଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ। ଗତକାଲି ସନ୍ଧ୍ୟା ହୋଇଯିବାରୁ ଶବ ବ୍ୟବଚ୍ଛେଦ ହୋଇ ପାରିନାହିଁ। ଆଜି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତ ଭାର ଏସଆଇ ସୈମେନ୍ଦ୍ର ସେଠ ସମ୍ଭାଳିଛନ୍ତି। ସୂଚନା ଥାଉକି କମ୍ଭୁଙ୍କର ଦୁଇଟି ପୁଅ ଓ ଗୋଟିଏ ଝିଅ ଅଛନ୍ତି।

# ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପୋଲିସ ଅଫିସରଙ୍କ ପରଲୋକ



ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ ବ୍ଲକ ଅନ୍ତର୍ଗତ ସାଗରଗାଁ ଗ୍ରାମର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପୋଲିସ ଇନ୍ସପେକ୍ଟର ପ୍ରମୋଦ କୁମାର ସାହୁଙ୍କର ଶୁକ୍ରବାର ଦିନ ପରଲୋକ ହୋଇଯାଇଛି। ସ୍ୱର୍ଗତ ପ୍ରମୋଦ କୁମାର ସାହୁ ବହୁ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପଡିତ ଥାଇ ଚିକିତ୍ସା ହେଉଥିଲେ। ସ୍ୱର୍ଗତ ଶ୍ରୀ ସାହୁ ଏକାଧାରରେ ଜଣେ ପରୋପକାରୀ, ସ୍ନେହି, ମିଷ୍ଟଭାସୀ, ଧର୍ମପରାୟଣ, କର୍ତ୍ତବ୍ୟ ପରାୟଣ ସମାଜସେବୀ। ସମୟାନୁବର୍ତ୍ତୀ ଓ ନ୍ୟାୟବିତ ପୋଲିସ ଅଫିସର ଥିଲେ। ସ୍ୱର୍ଗତ ଶ୍ରୀ ସାହୁ ଖଣ୍ଡପଡା, କାକଟପୁର, ନିମାପଡା, ଓଡଗାଁ, ସରଣକୁଳ, ଜଟଣୀ ଓ କ୍ୟାପିଟାଲ ଥାନା ଗୁଡିକରେ ନିଷ୍ଠାର ସହ ନ୍ୟାୟବିତ ପୋଲିସ ଅଫିସର ଭାବରେ ଲୋକମାନଙ୍କୁ ଉତ୍ତମ ସେବା ଯୋଗାଇଦେଇ ଉଚିତ ମାର୍ଗ ରେ ସମସ୍ୟା ଗୁଡିକୁ ସମାଧାନ କରୁଥିଲେ। ଏଥିପାଇଁ ଭାରତର ପୂର୍ବତନ ରାଷ୍ଟ୍ରପତି ଡାକ୍ତର ଏପି. ଯେ. ଅବଦୁଲ କଲାମ ସ୍ୱର୍ଗତ ଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ପୋଲିସ ଅଫିସର ଭାବରେ ପ୍ରମାଣ ପାତ୍ର, ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ତାଙ୍କ ପରଲୋକ ଯୋଗୁଁ ବୋଲଗଡ ବ୍ଲକ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଅଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ଦୁଇ ପୁଅ ଦୀପକ ସାହୁ, ଆଲୋକ ସାହୁ ଝିଅ କଲ୍ୟାଣୀ ସାହୁ, ପତ୍ନୀ କୁମୁଦୁଣୀ ସାହୁ, ଭାଇ କୈଳାଶ ଚନ୍ଦ୍ର ସାହୁଙ୍କ ସମେତ ସମସ୍ତ ପରିବାର ବର୍ଗ ତଥା ଆତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ଶ୍ରୀ ସାହୁଙ୍କ ମର ଶରୀରକୁ ଏକ ଶୋକାକୁଳ ପରିବେଶ ମଧ୍ୟରେ ପରିବାରବର୍ଗ ଓ ଗ୍ରାମବାସୀ ମାନେ ମିଳିତ ଭାବେ ଗ୍ରାମ୍ୟ ପରିକ୍ରମା କରି ଗ୍ରାମ ଶ୍ମସାନରେ ଶବ ଦାହ କରିଥିଲେ। ତାଙ୍କର ବଡ ପୁଅ ଦୀପକ କୁମାର ସାହୁ ମୁଖାଗ୍ନି ଦେଇଥିଲେ।

## ଛାତ୍ରଛାତ୍ରୀଙ୍କ କ୍ୟାରିଅର କାଉନସେଲିଂରେ ସହାୟକ ପଥଦର୍ଶୀ ଯୋଜନା

କେନ୍ଦୁଝର (ଭାସ୍କର ନ୍ୟୁଜ୍) : ପଥଦର୍ଶୀ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ପରିଚାଳିତ ଏକ ଅଭିନବ ଯୋଜନା। ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଏବଂ ଖଣି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏହି ଯୋଜନାଟିକୁ କେନ୍ଦୁଝର ଜିଲ୍ଲାର ପ୍ରତି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆୟୋଜିତ କରିଛନ୍ତି । ଏହାଦ୍ୱାରା ଛାତ୍ରଛାତ୍ରୀ ନିଜର ସର୍ବନିମ୍ନ ଶିକ୍ଷା ସହିତ ବିଭିନ୍ନ କ୍ୟାରିୟର କାଉନସେଲିଂ ଏବଂ ଲାଇଫ୍ ସ୍କିଲ ଟ୍ରେନିଂ, ଯାନ୍ତ୍ରିକ, ବୈଷୟିକ ଶିକ୍ଷା ଅନଲାଇନ ମାଧ୍ୟମରେ ମାଗଣାରେ ଉପକୃତ ହେବେ। ବିଗତ ଏକ ବର୍ଷ ଧରି କେନ୍ଦୁଝର ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ 'ଏଡ୍ୟୁସ୍ୱାର୍କ' କର୍ମଚାରୀଗଣ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରି ଆସୁଛନ୍ତି । ଯାହାକି ଜିଲ୍ଲାର ୧୬୯ଟି ବିଦ୍ୟାଳୟରେ ଆୟୋଜିତ ହୋଇଛି। ଏତଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ଆଗାମୀ ଦିନରେ ସ୍ୱାବଲମ୍ବୀ ହେବା ପାଇଁ ଜାଗ୍ରତ ହୋଇଥିଲେ । 'ଏଡ୍ୟୁସ୍ୱାର୍କ' ର କର୍ମଚାରୀମାନଙ୍କ ଦ୍ୱାରା ନିଜସ୍ୱ ଏକ ପୋର୍ଟାଲ ପଥଦର୍ଶୀ.ଡିଏମ୍ଏଫ୍‌କେନ୍ଦୁଝର.ଇନ୍ ପିଲାମାନଙ୍କ ପାଇଁ ନିୟୋଜିତ କରାଇଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନା ଦ୍ୱାରା ଶିକ୍ଷଣୀୟ ଜ୍ଞାନ ପାଇ ଉପକୃତ ହୋଇଆସୁଛନ୍ତି ।

# ମୁଷ୍ଟିମେୟଙ୍କ ଅକ୍ତିଆରରେ ସୂର୍ଯ୍ୟନାରାୟଣପୁର ମାର୍କେଟ କମ୍ପ୍ଲେକ୍ସ

## କାର୍ଯ୍ୟାନୁଷ୍ଠାନ ଅପେକ୍ଷାରେ ଗ୍ରାମବାସୀ

ହିଞ୍ଜିଳି (ଭାସ୍କର ନ୍ୟୁଜ୍) : ହିଞ୍ଜିଳି ବ୍ଲକର ଭାବନ୍ଧ ଗ୍ରାମପଞ୍ଚାୟତ ଅଧୀନରେ ଥିବା ସୂର୍ଯ୍ୟନାରାୟଣପୁର ଗ୍ରାମରେ ୨୦୦୪-୨୦୦୫ ମସିହାରେ ସ୍ୱର୍ଣ୍ଣ ଜୟନ୍ତୀ ଗ୍ରାମ୍ୟ ସ୍ୱରୋଜଗାର ଯୋଜନା (ଜିଲ୍ଲାପରିଷଦ ପାଣ୍ଠି) ଅଧୀନରେ ମୋଟ ୪,୨୦,୦୦୦ ଟଙ୍କା ବିନିଯୋଗରେ ୫ଟି ବଜାର ଘର (ମାର୍କେଟ ଗୃହ) ନିର୍ମାଣ କରାଯାଇଥିଲା। ନିୟମ ଅନୁଯାୟୀ, ଏହାକୁ ପରେ ଗ୍ରାମପଞ୍ଚାୟତ ନିଜ ଅଧୀନକୁ ନେଇ, ମାସିକ ଦର ଧାର୍ଯ୍ୟ କରି, ଆବେଦନକାରୀଙ୍କୁ ସରକାରୀ ମାର୍ଗଦର୍ଶିକା ଅନୁସାରେ ଆବଣ୍ଟନ କରିବା କଥା ଥିଲା। କିନ୍ତୁ, ସେବେଠାରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତରେ ଏହାର ସରକାରୀ ହସ୍ତାନ୍ତର ହୋଇନାହିଁ। ବଜାର ଗୃହଗୁଡ଼ିକୁ ଗ୍ରାମର କିଛି ନିର୍ଦ୍ଦିଷ୍ଟ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ଦାଖଲ କରି ନିଜେ ମାସିକ ଭଡ଼ା ଭୋଗ କରୁଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ। ଏହାର ପରିଣାମରେ, ଗ୍ରାମପଞ୍ଚାୟତର ନିଜସ୍ୱ ଆୟ ହ୍ରାସ ପାଉଛି। ଗ୍ରାମବାସୀଙ୍କ ଦ୍ୱାରା ହିଞ୍ଜିଳି ବ୍ଲକ ୬୯ନଂ ଜୋନ୍‌ର ଜିଲ୍ଲାପରିଷଦ ସଭ୍ୟା ପ୍ରିତି ସାହୁ ଓ ପଞ୍ଚାୟତର ସମିତି ସଭ୍ୟା ରିଙ୍କି ନାହାକଙ୍କ ଜରିଆରେ ହିଞ୍ଜିଳି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ)ଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହାକୁ ଗୁରୁତ୍ୱ ଦେଇ ବିଡିଓ ଚଳିତ ବର୍ଷ ଜୁଲାଇ ୧୦ ତାରିଖରେ ପତ୍ର ସଂଖ୍ୟା ୪୩୨୧/୨୦୨୫ ରେ ଗ୍ରାମପଞ୍ଚାୟତକୁ ଚିଠି କରିଥିଲେ। ଏହା ପରେ, ପଞ୍ଚାୟତ ଅଗଷ୍ଟ ୧୨ରେ ପତ୍ର ସଂଖ୍ୟା ୨୦/୨୦୨୫ ଜାରି କରି, ଅବୈଧ ଭାବେ ଦୀର୍ଘ ୨୦ ବର୍ଷ ରହିଥିବା ବ୍ୟକ୍ତିମାନଙ୍କୁ ୭ ଦିନ ମଧ୍ୟରେ ବଜାରଗୃହ ଖାଲି କରି ପଞ୍ଚାୟତକୁ ହସ୍ତାନ୍ତର କରିବାକୁ ନୋଟିସ ଦେଇଥିଲା। କିନ୍ତୁ, ପଞ୍ଚାୟତ ତରଫରୁ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଦେଖାଯାଇନାହିଁ। ଗ୍ରାମବାସୀଙ୍କ ଅଭିଯୋଗ, ପଞ୍ଚାୟତ ସରପଞ୍ଚ ସେହି ମୁଷ୍ଟିମେୟଙ୍କ ସହ ମିଶି କୌଣସି ଭାଗ ନେଉଛନ୍ତି ବୋଲି ସନ୍ଦେହ ପ୍ରକାଶ କରୁଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ଆଗାମୀ ଦିନରେ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ସରପଞ୍ଚ ସତରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେବେ ଓ କେତେଦିନରେ ବଜାରଗୃହ ପଞ୍ଚାୟତ ଅଧୀନକୁ ଆସିବ, ସେଥିପାଇଁ ସମସ୍ତେ ଅପେକ୍ଷାରେ ଅଛନ୍ତି।

# ବିଜେପିର ମିଶ୍ରଣ ପର୍ବ : ଯୋଗଦେଲେ ୨୦ରୁ ଊର୍ଦ୍ଧ୍ୱ ପରିବାର



ଆଳି (ଭାସ୍କର ନ୍ୟୁଜ ):ବିଭିନ୍ନ ଦଳରୁ ଯୁବକ, ଛାତ୍ର ତଥା ବରିଷ୍ଠ ନେତାଙ୍କୁ ନିଜ ଆଡ଼କୁ ବିଜେପି ଆକର୍ଷଣ କରିବାରେ ସଫଳ ହେଉଛି। ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଉଛି। ଆଜି ୪ ନମ୍ବର ଜୋନ ସଭାପତି ତପନ ପରିଡ଼ାଙ୍କ ସଂଯୋଜନା ତଥା ବିଚିତ୍ରାନନ୍ଦ ବିଳାସଙ୍କ ନେତୃତ୍ୱରେ ଆଳି ନିର୍ବାଚନ ମଣ୍ଡଳୀ ବିଧାନସଭା ପାର୍ଥୀ ତଥା ସାଂସଦଙ୍କ ପ୍ରତିନିଧି କୃଷ୍ଣ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆଳି ବ୍ଲକ କୋଳିଡ଼ିହ ପଞ୍ଚାୟତ ସ୍ଥିତ ମା ଖଜୁରାଇ ପୀଠ ନିକଟରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି ଓ କଂଗ୍ରେସ ଛାଡି ୨୦ରୁ ଊର୍ଦ୍ଧ୍ୱ ପରିବାର ବିଜେପିରେ ସାମିଲ ହୋଇଛନ୍ତି । ବିଜେପିର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଏମାନେ ସମସ୍ତେ ସାମିଲ ହୋଇଛନ୍ତି। ଆୟୋଜିତ ସଭାରେ ଶ୍ରୀ ପଣ୍ଡା ଯୋଗଦେଇ ସମସ୍ତ କର୍ମୀ ଓ ନେତା ଏକ ମନ ଓ ଏକ ପ୍ରାଣ ହୋଇ ନିଷ୍ଠା ଓ ଆନ୍ତରିକତାର ସହ ତୃଣମୂଳ ସ୍ତରରେ ବିଜେପିର ସଂଗଠନକୁ ସୁଦୃଢ କରିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶରତ କୁମାର ଧଳ ଓ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରିଥିଲେ। ବିଜେପି ଜିଲ୍ଲା ଯୁବ ମୋର୍ଚ୍ଚା ସମ୍ପାଦକ ବରାହ ଚରଣ ପଣ୍ଡା, ରାଜ୍ୟ କାର୍ଯ୍ୟ କାରିଣୀ କୃଷକ ମୋର୍ଚ୍ଚା ସଦସ୍ୟ ଅନନ୍ତ ଚରଣ ରଥ, ୪ ନଂ ଜୋନର ପୂର୍ବତନ ମଣ୍ଡଳ ସଭାପତି ଅକ୍ଷୟ ବେହେରା, ବିଜେପି ଆଳି ଆଇଟି ସେଲ ସଭାପତି ଅଯୋଧ୍ୟା ମହାନ୍ତି, ବୈଦ୍ୟନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଏହି ମିଶ୍ରଣ ପର୍ବରେ କୋଳିଡିହ ପଞ୍ଚାୟତର ପୂର୍ବତନ କଂଗ୍ରେସ ସଭାପତି ପରମାନନ୍ଦ ବଳ, ଅଜୟ ମଲ୍ଲିକ, ଅକ୍ଷୟ ମଲ୍ଲିକ, ଅଜୟ ସାହୁ, ଅମର ବେହୁରା, ଲକ୍ଷ୍ମୀଧର ମଲ୍ଲିକ, ସୁମନ୍ତ ରାଉତ, ହରିଚନ୍ଦ୍ର ମଲ୍ଲିକ, କୁନ୍ତଳା ବେହୁରା, ଭଜହରି ରାଉତ, ବିଶ୍ୱନାଥ ସେଠି, ପ୍ରଦୀପ ଭଞ୍ଜ, ଅବିନାଶ ବାରିକ, ପ୍ରମୋଦ ସାମଲ, ମାଗୁଣି ଚରଣ ମହାନ୍ତି, ନିରଞ୍ଜନ ବେହୁରା, ଚିରଞ୍ଜୀବ ବାରିକ, ଚନ୍ଦ୍ରମଣି ନାୟକ, ମହନି ନାୟକ, ଭ୍ରମରବର ଧଳ ପ୍ରମୁଖ ବିଜେପିରେ ସାମିଲ ହୋଇଥିବା ବେଳେଙ୍କ ସହ ଶତାଧିକ କର୍ମକର୍ତ୍ତାରେ ସଭାରେ ଉପସ୍ଥିତ ଥିଲେ।

ଓଡ଼ିଶା ଭାସ୍କର
ODISHA BHASKAR
# ମହାନଗର



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗଙ୍ଗାଧର ମେହେର ପ୍ରତିଷ୍ଠାନ ପକ୍ଷରୁ ବିଶିଷ୍ଟ ନାଟ୍ୟକାର, କବି, ଲେଖକ ଓ ବ୍ୟଙ୍ଗକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଶ୍ରଦ୍ଧାଳିସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଉପଦେଷ୍ଟା ନରେନ୍ଦ୍ର କୁମାର ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଗଙ୍ଗାଧର ମେହେର ପ୍ରତିଷ୍ଠାନର ଅଧ୍ୟକ୍ଷ ମିହିର ମେହେର, ପୂର୍ବତନ ସାଂସଦ ଡ. ପ୍ରଭାସ କୁମାର ସିଂ ଓ ବିଧାୟକ ଅନନ୍ତ ନାରାୟଣ ଜେନା ପ୍ରମୁଖ ସ୍ୱର୍ଗତଃ ପଶାୟତଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ପଦ୍ମଶ୍ରୀ ବିନୋଦ ପଶାୟତ ଜଣେ ଆମାୟିକ ବ୍ୟକ୍ତି ଥିଲେ ବୋଲି ସେମାନେ କହିଥିଲେ । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋରେଖନାଥ ସାହୁ, ରାଜ କିଶୋର ନାୟକ, ସୁରେଶ କୁମାର ମହାପାତ୍ର, ଆଶୁତୋଷ ମେହେର, ଲୋକେଶ କୁମାର ଜଗତ, ବାଳକୃଷ୍ଣ ବିଶ୍ୱାଳ, ସରୋଜ, ଶୃତିଶିଖା ମହାପାତ୍ର, ସଂଜୀବ ମିଶ୍ର ଓ ଅବିନାଶ ଦଣ୍ଡପାଟ ପ୍ରମୁଖ ଉପସ୍ଥିତ ରହି ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଶେଷରେ ଗଙ୍ଗାଧର ମେହେର ସ୍ମୃତି କମିଟିର ସମ୍ପାଦକ ତଥା ଉତ୍କଳ ସମ୍ମିଳନୀର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଧନ୍ୟବାଦ ପ୍ରଦାନ କରିଥିଲେ ।



### ରାଜଭବନରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# 'ଜନଜାତିଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି'



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜନଜାତିଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାଗୁଡିକର କାର୍ଯ୍ୟକାରିତା ସମୟରେ ଅଧିକାରୀମାନେ ମାନବିକ ଓ ସହାନୁଭୂତିଶୀଳ ଆଭିମୁଖ୍ୟ ଗ୍ରହଣ କରନ୍ତୁ ବୋଲି ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ନିର୍ଦ୍ଦେଶ ଦେଇଛନ୍ତ । ଚଳିତ ଅଗଷ୍ଟ ୨୩ ତାରିଖ ଦିନ ରାଜଭବନର ନ୍ୟୁ ଅଭିଷେକ ହଲ ଠାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହି ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ସମେତ ଉପରୋକ୍ତ ବିଭାଗମାନଙ୍କର ବରିଷ୍ଠ ଅଧିକାରୀ, ରାଜ୍ୟର ବିଭିନ୍ନ ଜିଲ୍ଲାର ଡିଏଫଓ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ, ଜିଲ୍ଲା କଲ୍ୟାଣ ଅଧିକାରୀ ତଥା ବିଭିନ୍ନ ପ୍ରକଳ୍ପର ଅଧିକାରୀମାନେ ଯୋଗ ଦେଇଥିଲେ ଓ ଏହି ସମୀକ୍ଷା ବୈଠକରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଜନଜାତିଙ୍କ କଲ୍ୟାଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି ଓ ଉପରୋକ୍ତ ଯୋଜନା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇ ପାରିଲେ ଯୋଜନାର ସୁଫଳ ମିଳିବ ଏବଂ ସେମାନେ ଉପକୃତ ହୋଇ ପାରିବେ । ଏଣୁ ସମ୍ପୃକ୍ତ ବିଭାଗ ତରଫରୁ ବିଭିନ୍ନ ଯୋଜନା ସମ୍ପର୍କରେ ପୁସ୍ତିକା ପ୍ରସ୍ତୁତ କରି ଜନସାଧାରଣଙ୍କୁ ବଣ୍ଟନ କରିବା ପାଇଁ ବିଭାଗୀୟ କମିଶନର ତଥା ଶାସନ ସଚିବଙ୍କୁ ରାଜ୍ୟପାଳ କହିଥିଲେ । ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ଅବସରରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ଗୁଣାତ୍ମକ ଶିକ୍ଷା, ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ, ଛାତ୍ରବୃତ୍ତି, ଜନଜାତି ବର୍ଗଙ୍କ ଜୀବନ ଧାରଣ ମାନର ଉନ୍ନତି ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା, ଫରେଷ୍ଟ ରାଇଟ ଆକ୍ଟ-୨୦୦୬ର କାର୍ଯ୍ୟକାରିତା, ଜଙ୍ଗଲଜାତ ଦ୍ରବ୍ୟର ବିପଣନ ପାଇଁ ସର୍ବନିମ୍ନ ସହାୟତା ମୂଲ୍ୟ, ଆର୍ଟିକିଲ ୨୭୫(୧), ପ୍ରଧାନମନ୍ତ୍ରୀ ଜନମନ ଆଦି ଯୋଜନାର କାର୍ଯ୍ୟକାରିତା ଏବଂ କାର୍ଯ୍ୟାନ୍ୱୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ପର୍କରେ ରାଜ୍ୟପାଳ ସମୀକ୍ଷା କରିଥିଲେ । ଲଘୁ ଜଙ୍ଗଲଜାତ ଦ୍ରବ୍ୟର କ୍ରୟ ଏବଂ ନିଲାମ ପ୍ରସଙ୍ଗରେ ସମୀକ୍ଷା କରିଥିଲେ । ବୈଠକରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ରୂପା ରୋଶନ ସାହୁ, ପିସିସିଏଫ ଓଡିଶା ସୁରେଶ ପନ୍ତ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ ଏନ ଗିରିଶ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି ପରମେଶ୍ୱରନ, ପିସିସିଏଫ (କେଏଲ) ଉମା ନନ୍ଦୁରୀ, ପିସିସିଏଫ (ଡବ୍ଲୁଏଲ) ପ୍ରେମ କୁମାର ଝା, ଷ୍ଟେଟ ନୋଡାଲ ଅଧିକାରୀ (ପିଡି, ଓଏଫଏସଡିପି) କେ ମୁରୁଗେସନ ପ୍ରମୁଖ ମଞ୍ଚାସୀନ ଥିଲେ ।

## ସଙ୍ଗୀତ କାର୍ଯ୍ୟକ୍ରମ 'ନଗ୍‌ମେ ଦିଲ୍ ସେ ଦିଲ୍ ତକ୍'




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେତେବେଳେ କିଶୋର କୁମାରଙ୍କ ଗୀତ ପୁଣି କେତେବେଳେ ଲତା, ମହମ୍ମଦ ରଫି ରଚିତ ଚିରସବୁଜ ସଙ୍ଗୀତରେ ଝୁମିଉଠି ଥିଲେ ରବୀନ୍ଦ୍ର ମଣ୍ଡପରେ ଶ୍ରୋତାଗଣ । ଅବସର ଥିଲା ଉପାସନା ଓ ମ୍ୟୁଜିକ ସିଜଲର୍ସ ସହଯୋଗରେ ଏକ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ 'ନଗମେ ଦିଲ୍ ସେ ଦିଲ୍ ତକ୍' । ଏହି ସନ୍ଧ୍ୟାରେ ଅତିଥି ଭାବେ ଓଡ଼ିଆ ସିନେମା ଜଗତର ଅଭିନେତ୍ରୀ ଅନୁ ଚୌଧୁରୀ, ରୋହିତ କୁମାର୍ (ସିଜିଏମ୍,ଆଇଓସିଲ୍), ବିଭୁ ପ୍ରସାଦ ମିଶ, ଉପ ସଭାପତି ଜେଏସ୍‌ପିଏଲ୍, ନୀତିନ କୁମାର୍ ତିୱାରୀ (ସିଓଓ, ବେଦାନ୍ତ ଆଲୁମିନିୟମ), ଅମିତ୍ ସିଂହ (ମୁଖ୍ୟ କର୍ପୋରେଟ ଅଫେଆର୍ସ, ବେଦାନ୍ତ ଆଲମିନିୟମ) ଏବଂ ଗୁରୁଶ୍ରୀ କରୁଣାକର ନାୟକ(ସଙ୍ଗୀତ ଗୁରୁ) । ଅନୁଷ୍ଠାନର ଅଧକ୍ଷା ଲୋଭା ବିଶ୍ୱାଳ ଓ ସୀମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବିଶିଷ୍ଟ କଣ୍ଠଶିଳ୍ପୀ ମୁମ୍ବାଇରୁ ସୁନୀଲ ପରିଡା, ଦିଲ୍ଲୀରୁ ମନୋହର ପୋଖରିଆଙ୍କ ଦ୍ୱାରା ଲୋକପ୍ରିୟ ଗୀତ ବନେ ଚାହେ ଦୁଷ୍ମନ ଜମାନା ହମାରା ପରିବେଷଣ କରି ଦର୍ଶକଙ୍କୁ ବିମୋହିତ କରିଥିଲେ । ଓଡିଶାର ଲୋକପ୍ରିୟ କଣ୍ଠଶିଳ୍ପୀ ଲୋଭା ବିଶ୍ୱାଳ, କୁମାର ବିଷ୍ଣୁ, ସୀମା ମହାନ୍ତି, ବବିତା କର, ସୁରଜ ଦାଶ, ଚିତ୍ତ ରଞ୍ଜନ ସାହୁ ଓ ସତୀଶ ଡେକାଟେ ମେରେ ଖୟାଲୋ ମେଁ, ନ ଜାନେ କ୍ୟା ହୁଆ, ରାହୀ ଥା ମେ ଆୱାରା, ଭୋଲେ ଓ ଭୋଲେ, ତୁମ ଯୋ ମିଲି ଗେ ହୋ, ତୁମ ବିନ ଯାଉଁ କାହା, ତେରେ ସଙ୍ଗ ପ୍ୟାର, କେ ଆଜା ତେରି ୟାଦ, ତେରେ ଚେହେରେ ସେ, ମୋହବ୍ବତ ବଡେ କାମ କି, ମୁଝେ ଛୁ ରହି ହେଭଳି ଅନେକ ମନ ଛୁଆଁ ଗୀତ ପରିବେଷଣ କରି ଦୀର୍ଘ ତିନି ଘଣ୍ଟା ଧରି ଶ୍ରୋତାଙ୍କୁ ବାନ୍ଧି ରଖି ଥିଲେ । ମଞ୍ଚ ପରିଚାଳନା କରିଥିଲେ ଦୀପକ କୁମାର୍ ।

### ହିଟ୍ ଆଣ୍ଡ ରନ୍ ମାମଲାରେ ସ୍କର୍ପିଓ ଗାଡ଼ିକୁ ଧରିଲା ପୋଲିସ, ମାଲିକ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ପାତ୍ରପଡାରେ ହିଟ ଆଣ୍ଡ ରନ ମାମଲାରେ ଗିରଫ ହେଲେ ସ୍କର୍ପିଓ ଗାଡି ମାଲିକ । ଏହାସହ ସ୍କର୍ପିଓ ଗାଡିକୁ ମଧ୍ୟ ଜବତ କରିଛି ଖଣ୍ଡଗିରି ଥାନା ପୋଲିସ । ଗାଡି ମାଲିକ ହେଉଛନ୍ତି ସୋମରାଜ ତ୍ରିପାଠୀ । ଏବଂ ଅନ୍ୟଜଣେ ହେଉଛନ୍ତି ରୋହନ ରଞ୍ଜନ ରାଉତ । ଘଟଣା ଘଟାଇ ମନାଲିରେ ଲୁଚିଥିଲେ । ସେଠାରୁ ମାଡି ବସିଲା କମିସନରେଟ ପୋଲିସ ।

### ସୁସ୍ଥ ହୋଇ ମେଡିକାଲରୁ ଡିସଚାର୍ଜ ହେଲେ ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ

କଟକ(ଭାସ୍କର ନ୍ୟୁଜ୍): ଏସସିବି ମେଡିକାଲ କଲେଜରେ ଚିକିତ୍ସିତ ହେଉଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପତ୍ନୀ ପ୍ରିୟଙ୍କା ମାରାଣ୍ଡି ସୁସ୍ଥ ହୋଇ ମେଡିକାଲରୁ ଡିସଚାର୍ଜ ହୋଇଛନ୍ତି । ଗତ ୨୦ରେ ପ୍ରିୟଙ୍କା ଏସସିବିର ସର୍ଜରୀ ବିଭାଗରେ ଏକ ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇଥିଲେ । ଗତ ୨୧ ତାରିଖରେ ତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା । ଶନିବାର ମୁଖ୍ୟମନ୍ତ୍ରୀଙ୍କ ପତ୍ନୀ ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କୁ ଡିସଚାର୍ଜ କରାଯାଇଛି । ଏ ନେଇ ଏସସିବି ମେଡିକାଲ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ମେଡିକାଲ କଲେଜ ଆସିଷ୍ଟାଣ୍ଟ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ଜ୍ୟୋତିର୍ମୟ ନାୟକ ସୂଚନା ଦେଇଛନ୍ତି ।

## ଓଡିଶା ମହାକାଶ ଉପଯୋଗ କେନ୍ଦ୍ରରେ ଜାତୀୟ ମହାକାଶ ଦିବସ ପାଳିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ମହାକାଶ ଉପଯୋଗ କେନ୍ଦ୍ରରେ ଜାତୀୟ ମହାକାଶ ଦିବସ ମହାସମାରୋହରେ ପାଳିତ ହୋଇଛି । ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡିଶା ମହାକାଶ ଉପଯୋଗ କେନ୍ଦ୍ରର (ଓରସାକ) ବିଭିନ୍ନ ଭୂମିକା ଉପରେ ଆଲୋକପାତ କରିଥିଲେ । ଆଜିର ଦିବସ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରେରଣାଦାୟୀ ହେବାନେଇ ମନ୍ତ୍ରୀ ଆଶାବ୍ୟକ୍ତ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଜ୍ଞାନ ପ୍ରତି ଆଗ୍ରହ ରହିଲେ ଦେଶରେ ପ୍ରଗତିର ନୂତନ ସମ୍ଭାବନା ସୃଷ୍ଟି ହୋଇପାରିବ । ଏଥିପ୍ରତି ସରକାର ପ୍ରତି କ୍ଷେତ୍ରରେ ପ୍ରୋତ୍ସାହନ ଦେଉଥିବା ସେ ଉଲ୍ଲେଖ କରିଥିଲେ । ମହାକାଶ ଗବେଷଣା ଏକ ସ୍ୱତନ୍ତ୍ର ଅଧ୍ୟୟନ ହୋଇଥିବାରୁ ଏଥିପ୍ରତି ଛାତ୍ରଛାତ୍ରୀ ମାନେ ନୀତିନିଷ୍ଠ ଧ୍ୟାନ ଦେଲେ ଜଣେ ମହାକାଶ ବିଜ୍ଞାନୀ ହୋଇପାରିବ । ରାଜ୍ୟରେ ବିଜ୍ଞାନ ଗବେଷଣା ଓ ବୈଷୟିକ ବିକାଶର ସୁଯୋଗ ରହିଛି ଏବଂ ଓଡିଶା ମହାକାଶ ଉପଯୋଗ କେନ୍ଦ୍ରର ସହଯୋଗ ରହିଥିବା ନେଇ ସେ ସୂଚନା ଦେଇଥିଲେ । ମୁଖ୍ୟବକ୍ତା ଭାବେ ଆଇଆଇଟି, ଭୁବନେଶ୍ୱରର ସହକାରୀ ପ୍ରଫେସର ଡଃ ଦେବଦତ୍ତ ସ୍ୱାଇଁ ଯୋଗଦେଇ ଚଳିତ ବର୍ଷର ଶୀର୍ଷକ 'ଆର୍ଯ୍ୟଭଟ୍ଟ ଠାରୁ ଗଗନାୟନ-ପ୍ରାଚୀନ ପ୍ରଜ୍ଞା ଠାରୁ ଅସୀମ ସମ୍ଭାବନା' ଉପରେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ମନ୍ତ୍ରୀ ଶ୍ରୀ ପାତ୍ର ଓରସାକ ପରିସରରେ ବୃକ୍ଷ ରୋପଣ କରିବା ସହ ରକେଟ ଉତକ୍ଷେପଣ ସଂକ୍ରାନ୍ତୀୟ ଏକ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଏହି ଅବସରରେ ଆଇଆଇଟି, ଭୁବନେଶ୍ୱରର ଛାତ୍ରଛାତ୍ରୀ ସମେତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଓଡିଶା ମହାକାଶ ଉପଯୋଗ କେନ୍ଦ୍ର (ଓରସାକ)ର ମୁଖ୍ୟ କାର୍ଯ୍ୟନିର୍ବାହୀ ରଶ୍ମିତା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିଜର ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ପରିଶେଷରେ ଓଡିଶା ମହାକାଶ ଉପଯୋଗ କେନ୍ଦ୍ର (ଓରସାକ)ର ପ୍ରଶାସନିକ ଅଧିକାରୀ ସୋଫି ସାଇନିକା ଧନ୍ୟବାଦ ଅର୍ପଣ କରିଥିଲେ ।

### ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ । ଓଡିଶାରେ ଅଧିକରୁ ଅଧିକ ବୈଜ୍ଞାନିକ କିପରି ବାହାରି କାମ କରିବେ ସେଥିପାଇଁ ଆମ ସରକାର ଧ୍ୟାନ ଦେଉଛନ୍ତି । ପ୍ରତି ବର୍ଷ ୩୦ଜଣ କୁନି ବୈଜ୍ଞାନିକଙ୍କୁ ଇସ୍ରୋ ପଠାଯାଉଛି ସେମାନେ ସେଠାରେ ସ୍ପେସ ସେଂଟର ବୁଲୁଛନ୍ତି ଓ ଜ୍ଞାନ ଆହରଣ କରୁଛନ୍ତି । ପ୍ରତ୍ୟକ ଜିଲ୍ଲାରେ ପ୍ଲାନେଟରିୟମ କାର୍ଯ୍ୟ ଚାଲିଛି ଓ ଅନେକ ଜାଗାରେ କାର୍ଯ୍ୟ ସରିଆସିଲାଣି, ଆମେ ଉଦଘାଟନ କରିବୁ ଖୁବଶୀଘ୍ର । ଆଗକୁ ଭଲ ଭଲ ବୈଜ୍ଞାନିକ ବାହାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଖୁବଶୀଘ୍ର ଆରମ୍ଭ ହେବ ଭୁବନେଶ୍ୱର ପ୍ଲାନେଟୋରିୟମ୍ ପୁନଃରୁଦ୍ଧାର କାର୍ଯ୍ୟ । ଏନେଇ ସୂଚନା ଦେଇଛନ୍ତି ବିଜ୍ଞାନ କାରିଗରୀ ମନ୍ତ୍ରୀ କୃଷ୍ଣ ପାତ୍ର ।

### ୨୫ ଯାଏ ଚାଲିବ ଚାଷୀ ପଞ୍ଜିକରଣ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚାଷୀ ପଞ୍ଜିକରଣ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ । ଏବେ ୧୭ ଲକ୍ଷ ଚାଷୀ ପଞ୍ଜିକରଣ କରିଛନ୍ତି । ଆଗକୁ ୨୫ ତାରିଖ ଭିତରେ ୨୦ ଲକ୍ଷ ଚାଷୀ ପଞ୍ଜିକରଣ କରିବେ ବୋଲି ଆଶା କରାଯାଉଛି ବୋଲି ମନ୍ତ୍ରୀ କୃଷ୍ଣ ପାତ୍ର ସୂଚନା ଦେଇଛନ୍ତି ।

### ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍ ପାଇଁ ଚାଲିଛି ବଜେଟ୍ ଏଷ୍ଟିମେଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପଠାଣୀ ସାମନ୍ତ ପ୍ଲାନେଟରୀୟମ ପାଇଁ ଚାଲିଛି ଏଷ୍ଟିମେଟ । ଜିଲ୍ଲାସ୍ତରୀୟ ପ୍ଲାନେଟରୀୟମ ପାଇଁ ଅନେକ ଜାଗାରେ କାମ ଚାଲିଛି । କିଛି ଜିଲ୍ଲାରେ ଉଦ୍ଘାଟନ ଅପେକ୍ଷାରେ ରହିଛି । ପ୍ରାୟ ଦଶ ବାରଟି ଜିଲ୍ଲାରେ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିଗଲାଣି ପ୍ଲାନେଟରୀୟମ ବୋଲି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । ଏହା ସହ ସେ କହିଛନ୍ତି ପ୍ରତି ଜିଲ୍ଲାରେ ବିଜ୍ଞାନ କ୍ଷେତ୍ରରେ ହେବ ପ୍ରୋଜେକ୍ଟ । ଓଡିଶାରେ ଅଧିକରୁ ଅଧିକ ବୈଜ୍ଞାନିକ କିପରି ବାହାରି କାମ କରିବେ ସେଥିପାଇଁ ଆମ ସରକାର ଧ୍ୟାନ ଦେଉଛନ୍ତି । ପ୍ରତି ବର୍ଷ ୩୦ଜଣ କୁନି ବୈଜ୍ଞାନିକଙ୍କୁ ଇସ୍ରୋ ପଠାଯାଉଛି ସେମାନେ ସେଠାରେ ସ୍ପେସ ସେଂଟର ବୁଲୁଛନ୍ତି ଓ ଜ୍ଞାନ ଆହରଣ କରୁଛନ୍ତି । ଆଗକୁ ଭଲ ଭଲ ବୈଜ୍ଞାନିକ ବାହାରିବେ ବୋଲି ମନ୍ତ୍ରୀ କହିଛନ୍ତି ।

### କମଳାକାନ୍ତ ବିଦ୍ୟାପୀଠରେ ହୀରକ ଜୟନ୍ତୀ ସମାରୋହ ଉଦ୍‌ଯାପିତ

## ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଓ ରାଷ୍ଟ୍ରପ୍ରେମର ଭାବନା ତିଆରି କରିବା: ଧର୍ମେନ୍ଦ୍ର


କଟକ(ଭାସ୍କର ନ୍ୟୁଜ୍): ଓଡ଼ିଶାର ବରପୁତ୍ର ଉତ୍କଳ ଗୌରବ ମଧୁସୂଦନ ଦାସ ଉତ୍କଳ ଟ୍ୟାନେରୀ ବ୍ୟବସାୟ ପାଇଁ ନୁହେଁ ବରଂ ସମାଜରେ ସ୍ୱଦେଶୀ ଭାବନାର ପ୍ରେରଣା ଜାଗ୍ରତ କରିବା ପାଇଁ ତିଆରି କରିଥିଲେ । ଆମକୁ ମଧ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱଦେଶୀ ଓ ରାଷ୍ଟ୍ରପ୍ରେମର ଭାବନା ତିଆରି କରିବା ପାଇଁ ପଡ଼ିବ, ଯାହାଦ୍ୱାରା ମଧୁବାବୁଙ୍କଠାରୁ ଆରମ୍ଭକରି ଧର୍ମପଦ ଓ ବାଜି ରାଉତଙ୍କ ଭଳି ପିଲାମାନେ ତିଆରି ହେବେ ବୋଲି ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶନିବାର କଟକ କାଳିଆବୁଦା କମଳାକାନ୍ତ ବିଦ୍ୟାପୀଠ ହୀରକ ଜୟନ୍ତୀ ସମାରୋହ ଉଦଯାପନୀ କାର୍ଯ୍ୟକ୍ରମରେ କହିଛନ୍ତି କଟକକୁ ଗୁରୁ ନାନକଙ୍କ ଭଳି ପୁଣ୍ୟାତ୍ମା ଆସିଥିଲେ । ତତ୍କାଳୀନ ମହନ୍ତ ମହାରାଜ ସ୍ୱର୍ଗତ କମଳାକାନ୍ତ ଦେବଙ୍କ ବଦାନ୍ୟତା ତଥା ଜମି ଦେବା କାରଣରୁ ମହାନଦୀର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କମଳାକାନ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ଭଳି ଅନୁଷ୍ଠାନ ବଟବୃକ୍ଷର ରୂପ ନେଇପାରିଛି । ଦୀର୍ଘ ୬୦ ବର୍ଷ ଧରି କଟକରେ ଶିକ୍ଷା କ୍ଷେତ୍ରରେ ପରିଚୟ ତିଆରି କରିଥିବା ଏହି ହାଇସ୍କୁଲରେ ଜୀବନ୍ତତା ଅଛି । କମଳାକାନ୍ତ ଭଳି କଟକରେ ଅନେକ ଅନୁଷ୍ଠାନ ଶହେ ବର୍ଷ ପୁରୁଣା । ସ୍କୁଲର ସର୍ବାଙ୍ଗିନ ବିକାଶ ପାଇଁ ଆମେ ସାମୂହିକ ଦାୟିତ୍ୱ ନେବାକୁ ସେ ଆହ୍ୱାନ କରିଛନ୍ତି । ଶୁଭ ଅବସରରେ ଶ୍ରୀ ପ୍ରଧାନ ସ୍ମରଣିକା 'ଆ ଫେରିଆ ମୋ ପିଲା ଦିନ' ଉନ୍ମୋଚନ ସହ ପ୍ରଶଂସା କରିଥିଲେ । ସ୍କୁଲ ପରିସରରେ ଶ୍ରୀ ପ୍ରଧାନ ତତ୍କାଳୀନ ମହନ୍ତ ମହାରାଜ ସ୍ୱର୍ଗତ କମଳାକାନ୍ତ ଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଓ କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ ଯୋଗ ଦେଇଥିଲେ ।

## ସାମାଜିକ ସଂଗଠନ ଜୟ ଓଡ଼ିଶା ପକ୍ଷରୁ ରକ୍ତଦାନ ଶିବିର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଅଗ୍ରଣୀ ସାମାଜିକ ସଂଗଠନ ଜୟ ଓଡ଼ିଶା ଦ୍ୱାରା 'ରକ୍ତଦାନ' ଯୋଜନାର ୧୬ତମ ରକ୍ତଦାନ ଶିବିର ରୋଟାରୀ କ୍ଲବ ଅଫ ଆଇକନସ ଏବଂ ଶୁଶୃତ ହସ୍ପିଟାଲ ଓ ଟ୍ରମା କେୟାରର ମିଳିତ ଆନୁକୂଲ୍ୟରେ ଫରେଷ୍ଟ ପାର୍କ ନିକଟସ୍ଥ ଶୁଶୃତ ହସ୍ପିଟାଲ ପ୍ରାଙ୍ଗଣରେ ହିଁ ଆୟୋଜିତ ହୋଇଥିଲା । ଏହି ଶିବିରଟି ଶୁଶୃତ ହସ୍ପିଟାଲର ସିଇଓ ତଥା ନିର୍ଦ୍ଦେଶକ ଚିଦାତ୍ମିକା ଖଟୁଆଙ୍କ ନେତୃତ୍ୱରେ ଓ ରେଡକ୍ରସର ପୂର୍ବତନ ଚେୟାରମ୍ୟାନ ମେଜର ଡଃ କଳ୍ପନା ଦାସ ପରିଚାଳନାରେ ସମାପିତ ହୋଇଥିଲା । ଏଥିରେ ଅତିଥି ଭାବେ ଏକାମ୍ର ନିର୍ବାଚନ ମଣ୍ଡଳୀ ବିଧାୟକ ବାବୁ ସିଂ ଓ ବିଜେପି ରାଜ୍ୟ ସଭାପତି ନିରଞ୍ଜନ ମିଶ୍ର ଯୋଗଦାନ କରିଥିଲେ । ଏହି ରକ୍ତଦାନ ଶିବିରରେ ଏକାଧିକ ଯୁବପିଢ଼ି ଯୋଗାଇଦେଇଥିବାରୁ ବାବୁ ସିଂ ସମସ୍ତଙ୍କୁ ଖୁବ୍ ଉତ୍ସାହିତ କରିବା ସହ ଅନ୍ୟାନ୍ୟ ସଂଗଠନ ମାନଙ୍କୁ ମଧ୍ୟ ଏପରି ଶିବିର ଆୟୋଜନ କରିବା ନିମନ୍ତେ ଉଦ୍‌ବୋଧନ ଦେଇଥିଲେ । ଯେଉଁମାନେ ବି ରକ୍ତଦାନ ଶିବିର ଆୟୋଜନ କରିବାକୁ ଇଚ୍ଛୁକ ଅଛନ୍ତି ସେମାନେ ସହାୟତା ନିମନ୍ତେ ଯୋଗାଯୋଗ କଲେ ମିଳିତ ଭାବେ ସମାଜ ପାଇଁ କାର୍ଯ୍ୟ କରିପାରିବା ବୋଲି ଜୟ ଓଡ଼ିଶା ସଭାପତି ରୁଦ୍ର

## ଓଡ଼ିଶା ଆର୍ଥୋପ୍ଲାଷ୍ଟି ଆସୋସିଏସନ୍‌ର ଷଷ୍ଠ ସମ୍ମିଳନୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ଆର୍ଥୋପ୍ଲାଷ୍ଟି ଆସୋସିଏସନ୍‌ର ଷଷ୍ଠତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେଉଛି । ଏଥିରେ ରାଜ୍ୟ ଓ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦୦ରୁ ଅଧିକ ଅର୍ଥୋପେଡିକ୍ ସର୍ଜନ ଡାକ୍ତରମାନେ ଅଂଶଗ୍ରହଣ କରିଛନ୍ତି । ସମ୍ମିଳନୀରେ ବୈଜ୍ଞାନିକ ଅଧିବେଶନ, ଅସ୍ତ୍ରୋପଚାରର ସିଧାସଳଖ ପ୍ରଦର୍ଶନ ଏବଂ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ସମ୍ବନ୍ଧୀୟ ବିଭିନ୍ନ ନୂତନ ଦିଗ ଉପରେ ଆଲୋଚନା କରାଯାଇଥିଲା । ଜାତୀୟ ଓ ରାଜ୍ୟସ୍ତରୀୟ ବିଶିଷ୍ଟ ବକ୍ତାମାନେ ଅଣ୍ଟା ଓ ଆଣ୍ଠୁ ପ୍ରତିରୋପଣ, ସଂଶୋଧନ ଶଲ୍ୟଚିକିତ୍ସା ଏବଂ ରୋଗୀ ସେବା ପ୍ରବୃଦ୍ଧିରେ ବିଶେଷ ଭାବେ ପ୍ରଚଳିତ ଚିକିତ୍ସା ବିଷୟରେ ଆଲୋଚନା ହୋଇଛି । ଗତ ୨୨ ଅଗଷ୍ଟରେ କଟକ ଏସ୍‌ସିବି ମେଡିକାଲ କଲେଜରେ ହିପ୍ ଏବଂ ଆଣ୍ଠୁ ପ୍ରତିରୋପଣ ଶଲ୍ୟଚିକିତ୍ସା ଉପରେ ହ୍ୟାଣ୍ଡସ୍-ଅନ୍ କାଡାଭେରିକ୍ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବହୁ ସଂଖ୍ୟକ ଅର୍ଥୋପେଡିକ୍ ଡାକ୍ତରମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଓଏଏ ସଭାପତି ଡ଼ା. ନିର୍ମଳ ଚନ୍ଦ୍ର ମହାପାତ୍ର ଓଡ଼ିଶାରେ ଗଣ୍ଠି ପ୍ରତିରୋପଣ ଅସ୍ତ୍ରୋପଚାର ଶଲ୍ୟଚିକିତ୍ସାକୁ ଆଗକୁ ବଢ଼ାଇବା ପ୍ରତି ଓଏଏର ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ । ଆସୋସିଏସନ୍‌ର ଉପାଧ୍ୟକ୍ଷ ଏବଂ ଭାରତୀୟ ଆର୍ଥୋପ୍ଲାଷ୍ଟି ଆସୋସିଏସନ୍‌ର (ଆଇଏଏ)ର ସମ୍ପାଦକ ଡ଼ା. ଦେବବ୍ରତ ପାଢୀ ଅର୍ଥୋପେଡିକ୍ ବୃତ୍ତିଧାରୀମାନଙ୍କୁ ବିଶ୍ୱସ୍ତରୀୟ ଜ୍ଞାନ ଏବଂ ପ୍ରଶିକ୍ଷଣ ଦେବାରେ ଏହି ପ୍ଲାଟଫର୍ମର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଓଏଏ ସମ୍ପାଦକ ଡ଼ା. ବିଷ୍ଣୁ ପ୍ରସାଦ ପାତ୍ରୋ ଏହି କ୍ଷେତ୍ରର ସାମ୍ପ୍ରତିକ ଅଗ୍ରଗତିକୁ ପ୍ରୋତ୍ସାହନ ଦେବା ପାଇଁ ନିୟମିତ ବ୍ୟବଧାନରେ ଏହିପରି କାର୍ଯ୍ୟକ୍ରମର ଆବଶ୍ୟକତାକୁ ଉଲ୍ଲେଖ କରିଥିଲେ । ସଭାରେ ଆଇଏଏ ସଭାପତି ଡ଼ା. ସଞ୍ଜୀବ ଜୈନ ଏବଂ ପରିଚାଳନା ଅଧ୍ୟକ୍ଷ ଡ଼ା. ସୁନିଲ ଦାଶ ସହିତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବର୍ଗ ଉପସ୍ଥିତ ଥିଲେ । ସମ୍ମିଳନୀର ଉଦଘାଟନ ସମାରୋହରେ ପରିଚାଳନା ସମ୍ପାଦକ ଡ଼ା, କିଶୋର ପଣ୍ଡା ସମସ୍ତ ପ୍ରତିନିଧି, ବକ୍ତା ଏବଂ ସଂଗଠନର ସଦସ୍ୟଙ୍କୁ କାର୍ଯ୍ୟକ୍ରମର ସୁଚାରୁ ସମ୍ପାଦନା ପାଇଁ ଧନ୍ୟବାଦ ଜଣାଇଥିଲେ ।

### କଟକ ରେଭେନ୍ସା କଲିଜିଏଟ୍ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

## ରେଭେନ୍ସା କଲିଜିଏଟ୍ ସ୍କୁଲ ନେତୃତ୍ୱ ତିଆରି କାରଖାନା: ଧର୍ମେନ୍ଦ୍ର



କଟକ(ଭାସ୍କର ନ୍ୟୁଜ୍): ଗୋଟିଏ ସମୟରେ କଟକକୁ ବନ୍ୟାଜଳରୁ ରକ୍ଷା କରିବା ପାଇଁ ବାଇମୁଣ୍ଡି କାଠଯୋଡିରେ ପଥର ବନ୍ଧ କରିଥିଲେ । ଆଜିର ସମୟରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅପପୁଷ୍ଟିରୁ ରକ୍ଷା କରିବା ପାଇଁ ସେମାନଙ୍କୁ ପୁଷ୍ଟିକର ଆହାର ଯୋଗଦେବା ଦିଗରେ କଟକବାସୀ ଆଗଭର ହେବା ସହ ଏ ଦିଗରେ ଦେଶରେ ଉଦାହରଣ ତିଆରି କରିବା ଉଚିତ୍ ବୋଲି ସହରବାସୀଙ୍କୁ ଆହ୍ୱାନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । କଟକ ଠାରେ ରେଭେନ୍ସା କଲିଜିଏଟ୍ ସ୍କୁଲର ୧୭୫ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଯେ ୨୦୩୬ରେ ଓଡ଼ିଶା ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ । ୨୦୪୭ରେ ଦେଶ ସ୍ୱତନ୍ତ୍ରତାର ୧୦୦ ବର୍ଷ ପୂରଣ କରିବ । ଏହି ସମୟ ମଧ୍ୟରେ ଆମର ଦୁଇଟି ଦାୟିତ୍ୱ ଅଛି, ଗୋଟିଏ ହେଲା ମାତୃଭାଷାରେ ଶିକ୍ଷା ଏବଂ ଛାତ୍ରଛାତ୍ରୀଙ୍କୁ ଉପଯୁକ୍ତ ପୋଷଣ । ଯେଉଁ କଟକରେ ବାଇମୁଣ୍ଡି କାଠଯୋଡିରେ ପଥର ବନ୍ଧ କରି ସହରକୁ ବନ୍ୟାଜଳରୁ ରକ୍ଷା କରିଥିଲେ, ସେହି କଟକରେ ଏକ ଦାୟିତ୍ୱବାନ ସମାଜ ଭାବରେ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ପୋଷଣର ଦାୟିତ୍ୱ ଆମେ କାହିଁକି ନେଇପାରିବା ନାହିଁ ? କେବଳ ସରକାର ନୁହେଁ ସମାଜ ମଧ୍ୟ ଏ ଦିଗରେ ନିଜର ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ ବୋଲି ସେ କହିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି ରେଭେନ୍ସା କଲିଜିଏଟ ସ୍କୁଲ ସହ ମୋର ଅନେକ ଦିନର ସ୍ମୃତି ଜଡ଼ିତ । ଏହା ସବୁ ଓଡ଼ିଆଙ୍କ ପାଇଁ ଏକ ସର୍ବପୁରାତନ ହାଇସ୍କୁଲ ନୁହେଁ ବରଂ ଏକ ତୀର୍ଥକ୍ଷେତ୍ର ସହ ସମାନ । କାରଣ ଏହି ହାଇସ୍କୁଲ ମଣିଷ ତିଆରି କରେ ନାହିଁ ବରଂ ଜଣେ ଜଣେ ନେତୃତ୍ୱଙ୍କୁ ତିଆରି କରେ । ଏହି ସ୍କୁଲ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ତିଆରି କରିଛି, ଯେଉଁମାନେ ଆମର ରାଷ୍ଟ୍ରର ଗୌରବ ବଢାଇଛନ୍ତି । ୬ ସେପ୍ଟେମ୍ବର, ୨୦୧୯ରେ ଏହି ସ୍କୁଲକୁ ଆସିଥିବା ବେଳେ ଭାରତ ସରକାରଙ୍କ ତୈଳ ରାଷ୍ଟ୍ରାୟତ ଉଦ୍ୟୋଗ ଏଚପିସିଏଲର ସିଏସଆର୍ ଫଣ୍ଡରୁ ପାଖାପାଖି ୨ କୋଟି ଟଙ୍କା ବ୍ୟୟରେ ନେତାଜୀ ବିଜ୍ଞାନ ପ୍ରୟୋଗଶାଳା ଏବଂ ପାଠାଗାର ଉଦଘାଟନ କରିବାର ସୁଯୋଗ ମିଳିଥିଲା । 'ଜାତୀୟ ମହାକାଶ ଦିବସ' ଅବସରରେ କଟକ ରେଭେନ୍ସା କଲିଜିଏଟ୍ ସ୍କୁଲ ପରିସରରେ ଆୟୋଜିତ 'ବିଜ୍ଞାନ ମେଳା' ବୁଲିବା ସହ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରଦର୍ଶିତ ଉପକରଣ ଦେଖି ପ୍ରଶଂସା କରିଥିଲେ । ଏହି ଅବସରରେ ଶ୍ରୀ ପ୍ରଧାନ ମେଧାବୀ ଛାତ୍ରଛାତ୍ରୀ ଏବଂ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିବା ସହ ସେମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ପୁରାତନ ଛାତ୍ର ସଂସଦର ୱେବସାଇଟ୍ ଉନ୍ମୋଚନ କରିଥିଲେ । ଅନୁଷ୍ଠାନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ 'ଶିକ୍ଷା ଜ୍ୟୋତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ବାରବାଟୀ-କଟକ ବିଧାୟକା ସୋଫିଆ ଫିର୍ଦୌଶ, ବିଶିଷ୍ଟ ଓଡ଼ିଶୀ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଡଃ ଶ୍ୟାମାମଣୀ ଦେବୀ ପ୍ରମୁଖ ଯୋଗଦେଇଥିଲେ ।

ଓଡ଼ିଶା
ଭାସ୍କର
ଦୃଷ୍ଟିପାତ



"ଖୁସି ସେତେବେଳେ ହୁଏ, ଯେତେବେଳେ ଆମେ କ'ଣ ଭାବୁ, କ'ଣ କହୁ, କ'ଣ କରୁ ସବୁ ସମନ୍ୱୟରେ ହୁଏ।"
- ମହାତ୍ମା ଗାନ୍ଧୀ



"ନିଜ ସୁଖ ଲାଗି ଜାତ ନୁହେଁ ହିନ୍ଦୁ ବିଶ୍ୱ ହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ।"
- ଉତ୍କଳମଣି ଗୋପବନ୍ଧୁ ଦାସ



# ଆଲାସ୍କା କିଣାବିକାର କାହାଣୀ



ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ଆମେରିକାର ଉତ୍ତର-ପଶ୍ଚିମ ରାଜ୍ୟ ଆଲାସ୍କା ବିରାଟ ବରଫାବୃତ ଭୂଖଣ୍ଡ ଆଲାସ୍କାର ଦକ୍ଷିଣରେ ଆଲାସ୍କା ଉପସାଗର ଓ ପ୍ରଶାନ୍ତ ମହାସାଗର, ପଶ୍ଚିମରେ ବେରିଙ୍ଗ ସାଗର, ବେରିଙ୍ଗ ପ୍ରଣାଳୀ ଏବଂ ଚୁକ୍‌ଚି ସାଗର ଏବଂ ଉତ୍ତରରେ ଆର୍କଟିକ୍ ମହାସାଗର। ଚାରିପଟେ ନୀଳ ଜଳରାଶି, ଉପରେ ସୀମାହୀନ ନିର୍ମଳ ଦିଗନ୍ତବିସ୍ତାରି ସୁନୀଳ ଆକାଶ, ସ୍ୱର୍ଗର ଖଣ୍ଡେ ଯେମିତି ଖସି ପଡ଼ିଛି। 'ଶେଷ ସୀମାନ୍ତ' ନାମରେ ପ୍ରସିଦ୍ଧ ଆଲାସ୍କା ଯୁକ୍ତରାଷ୍ଟ୍ର ଆମେରିକାର ସର୍ବବୃହତ ରାଜ୍ୟ। ୬୬୩୩୦୦ ମାଇଲ ବ୍ୟାପ୍ତ ଏ ରାଜ୍ୟ ଆମେରିକାର ତିନି ବୃହତ ରାଜ୍ୟ ଟେକ୍ସାସ, କାଲିଫର୍ଣ୍ଣିଆ ଏବଂ ମୋଣ୍ଟାନାର ମିଳିତ ଆକାର ଠାରୁ ମଧ୍ୟ ବଡ଼। ଏହାର ମୋଟ ଉତ୍ପାଦ ପୃଥିବୀର କେତେକ ଦେଶର ମୋଟ ଉତ୍ପାଦ ଠାରୁ ଅଧିକ।

ଆଲାସ୍କାର ଆଙ୍କରେଜ୍ ଠାରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଋଷିଆ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନଙ୍କ ମଧ୍ୟରେ ଋଷ-ୟୁକ୍ରେନ୍ ଯୁଦ୍ଧ ଏବଂ ଅନ୍ୟ ବୈଶ୍ୱିକ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲାସ୍କା ଆମେରିକାର। ହେଲେ ୨୦୧୪ ମସିହାର ଋଷ-କ୍ରିମିଆ ଯୁଦ୍ଧ ହେଉ ବା ୨୦୨୨ରୁ ଚାଲିଥିବା ଋଷ-ୟୁକ୍ରେନ ଯୁଦ୍ଧ ହେଉ ବା ଆଲାସ୍କା ସହିତ ଜଡ଼ିତ କିଛି ଖବର ହେଉ, ଋଷବାସୀ ଆଲାସ୍କା ଫେରାଇ ଆଣିବାକୁ ଦାବି କରନ୍ତି। କାରଣ ଆଜିର ଧନକୁବେର ଆଲାସ୍କା ଦିନେ ଋଷର ଅଂଶ ଥିଲା। ୧୮୬୮ ପୂର୍ବରୁ ଆଲାସ୍କାର ନାମ ଥିଲା ଋଷୀୟ ଆମେରିକା। ଆଲାସ୍କାର କାହାଣୀ ଭାରି ରୋଚକ।

ନବମ ଶତାବ୍ଦୀରେ ରୁରିକିଡ୍ ରାଜବଂଶ ସେ ସମୟର ଏକ ପ୍ରସିଦ୍ଧ ରାଜନୈତିକ, ଅର୍ଥନୈତିକ ଏବଂ ସାଂସ୍କୃତିକ କେନ୍ଦ୍ର କିଭ୍ ଠାରେ ଋଷରେ ମୂଳଦୁଆ ପକାଥିଲେ। କିନ୍ତୁ ସାମ୍ରାଜ୍ୟର ରାଜଧାନୀ ଥିଲା। ତ୍ରୟୋଦଶ ଶତାବ୍ଦୀ ବେଳକୁ ବାରମ୍ବାର ମଙ୍ଗୋଲ ଆକ୍ରମଣର ଶିକାର ହେବାରୁ ରାଜାମାନେ ରାଜଧାନୀକୁ କିଭରୁ ମସ୍କୋକୁ ସ୍ଥାନାନ୍ତର କଲେ। ପଞ୍ଚଦଶ ଶତାବ୍ଦୀ ବେଳକୁ ରୁଷ ସମ୍ରାଟ ଇଭାନ୍ ତୃତୀୟ ବା ଇଭାନ୍, ଦି ଗ୍ରେଟ୍ ମଙ୍ଗୋଲଙ୍କୁ ହରାଇ ଏକ ଶକ୍ତିଶାଳୀ ଋଷ ସାମ୍ରାଜ୍ୟ ସ୍ଥାପନ କରିଥିଲେ ଏବଂ 'ଜାର୍' ଶାସନ ଆରମ୍ଭ କରିଥିଲେ। ସାମ୍ରାଜ୍ୟବାଦୀ ଋଷ ଶାସକମାନେ ଗୋଟିଏ କ୍ଷୁଦ୍ରଭୂଖଣ୍ଡକୁ ଏକ ବିଶାଳଦେଶରେ ପରିଣତ କରିଥିଲେ।

ଆଲାସ୍କା ଦୂରରେ ସଂପୂର୍ଣ୍ଣ ଏ ଅଲଗା ଭୂଖଣ୍ଡ ଥିଲା। ୧୭୨୪ ମସିହାରେ ଋଷ ସମ୍ରାଟ ଜାର୍ ପିଟର, ଦି ଗ୍ରେଟ୍ ଶାସନ କରୁଥିବା ସମୟରେ ଭିଟସ୍ ବେରିଙ୍ଗ୍ ଛ' ବର୍ଷର ନୌ-ଅଭିଯାନରେ ଯାଇ ଏସିଆ ସୀମାରେ ପହଞ୍ଚିଲେ। ଆମେରିକା ନ ମିଳିବାରୁ ସେ ଫେରି ଆସି ୧୭୩୩ ମସିହାରେ ଦ୍ୱିତୀୟ ନୌ-ଅଭିଯାନରେ ବାହାରିଲେ। ଏହାର ନାମ ରଖାଗଲା 'ଦି ଗ୍ରେଟ୍ ନରଦର୍ନ ଏକ୍ସପେଡିସନ୍'। ୧୭୪୧ ମସିହାରେ ବେରିଙ୍ଗ ଏବଂ ଆଲେକ୍ସି ଚିରିକୋଭ୍ ସମୁଦ୍ରପଥରେ ଆଲାସ୍କାର କାୟାକ୍ ଦ୍ୱୀପରେ ପହଞ୍ଚଲେ। ଏହାପରେ ଋଷର ଶାସକ ଧୀବରମାନଙ୍କୁ ସେଠାକୁ ପଠେଇଲେ। ସେମାନେ ସେଠାରେ ମାଛ ମାରିବା ସହିତ ଜୀବଜନ୍ତୁ ବିଶେଷ କରି ସମୁଦ୍ର ଓଧ, ବରଫ ଶିଆଳ ଏବଂ ହରିଣ ଚମଡ଼ା ଓ ଶିଙ୍ଗ ସଂଗ୍ରହ କରିବା ପାଇଁ ସେଠାକାର ମୂଳ ଅଧିବାସୀଙ୍କୁ କ୍ରୀତଦାସ କରି ରଖିଲେ। ଏହି ସବୁ ଜିନିଷ ୟୁରୋପ ବଜାରରେ ବିକି ଋଷ ପ୍ରଚୁର ଅର୍ଥ ଆୟ କଲା। ସେମାନେ ଫେରି ଆସିବାକୁ ଚାହିଁଥିଲେ ମଧ୍ୟ ଜାର୍ ସେମାନଙ୍କୁ ସେଠାରେ ରହିବାର ଆଦେଶ

**ମୁଦ୍ରା କାହାଣୀ**

ଦେଲେ। ଧୀରେଧୀରେ ଋଷୀୟଙ୍କ ଅତ୍ୟାଚାର ବଢ଼ିଲା। ୧୮୦୨ ଖ୍ରୀଷ୍ଟାବ୍ଦ ଆଡ଼କୁ ମୂଳ ଅଧିବାସୀ ଋଷୀୟଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ତଡ଼ି ଦେଉଥିଲେ। କିନ୍ତୁ ମାତ୍ର ଦୁଇବର୍ଷ ପରେ ପୁଣି ଥରେ ଋଷ ନିଜର ଆଧିପତ୍ୟ ସାବ୍ୟସ୍ତ କରି ସେଠାରେ କଲୋନୀ ସ୍ଥାପନ କରି ଅନେକ ଅଞ୍ଚଳ ଅଧିକାର କଲେ।

ଋଷର ସାମ୍ରାଜ୍ୟ ଓ ବୈଦେଶିକ ବାଣିଜ୍ୟ ବୃଦ୍ଧି ତାଙ୍କ ଦେଶ ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ବ୍ରିଟେନ ଏବଂ ଫ୍ରାନ୍ସ ଅନୁଭବ କଲେ। କୃଷ୍ଣ ସାଗରରେ ଋଷର ପ୍ରଭାବ ବୃଦ୍ଧିକୁ ବ୍ରିଟେନ ଏବଂ ଫ୍ରାନ୍ସ ବିରୋଧ କରୁଥିଲେ। ଏପଟେ ଋଷ ମୁସଲିମ୍ ବହୁଳ ଅଟୋମାନ ସାମ୍ରାଜ୍ୟର ରାଜ୍ୟ କ୍ରିମିଆ, ବୁଲଗାରିଆ, ମୋଲଡାଭିଆ (ବର୍ତ୍ତମାନର ରୋମାନିଆ) ଅଧିକାର କରିବାକୁ ଚାହୁଁଥିଲା ଏବଂ ଖ୍ରୀଷ୍ଟଧର୍ମ ଆପବାର ଇଚ୍ଛା ନେଇ ଆକ୍ରମଣ କରବା ପରେ ଋଷ୍‌କୁ ବିରୋଧ କଲେ। ୧୮୫୩ ମସିହାରେ ରୋମାନିଆ ଆକ୍ରମଣ ପରେ ତୁର୍କୀ ଋଷ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା। ବ୍ରିଟେନ ଏବଂ ଫ୍ରାନ୍ସ ତୁର୍କୀ ପକ୍ଷରେ ଯୁଦ୍ଧ ଲଢ଼ିଲେ। ଏହି କ୍ରିମିଆ ଯୁଦ୍ଧ ୧୮୫୬ ମସିହାରେ ବନ୍ଦ ହେଲା। ପରାଜୟ ବରଣ କରିବା ସହିତ ଯୁଦ୍ଧରେ ପ୍ରଚୁର କ୍ଷତି ଯୋଗୁ ଋଷ ସାମ୍ରାଜ୍ୟ ଦୁର୍ବଳ ହୋଇ ଯାଇଥିଲା। ୟୁରୋପର ଅନ୍ୟତମ ଶକ୍ତିଶାଳୀ ସାମ୍ରାଜ୍ୟ ଇଂଲଣ୍ଡ ପଟୁ ଆକ୍ରମଣର ଭୟ ଋଷକୁ ଘାରିଲା। ସେପଟେ ମାଂସ, ଚମଡ଼ା ଏବଂ ଶିଙ୍ଗ ଆଦି ଜିନିଷ ବିକ୍ରିରୁ ପ୍ରଚୁର ଲାଭ ମିଳୁଥିବାରୁ ଜୀବଜନ୍ତୁଙ୍କର ଅତ୍ୟଧିକ ଶିକାର ହେବା ଫଳରେ ଆଲାସ୍କାରେ ସେମାନଙ୍କର ସଂଖ୍ୟା ଦ୍ରୁତଗତିରେ କମିଲା। ସେଠାରେ ସ୍ଥାପିତ ଋଷୀୟ କମ୍ପାନୀକୁ ଅନୁଦାନ ନ ଯିବାରୁ ତାହା ବନ୍ଦ ହୋଇଗଲା। ଏହାର ପ୍ରଭାବ ଅର୍ଥବ୍ୟବସ୍ଥା ଉପରେ ପଡ଼ିଲା। ଦିନେ ଅତୀବ ଆକର୍ଷଣୀୟ ଆଲାସ୍କା ଊନବିଂଶ ଶତାବ୍ଦୀ ବେଳକୁ ଋଷ ପାଇଁ ବୋଝ ହୋଇଗଲା। ତେଣୁ ଋଷ ତାକୁ ବିକିବାକୁ ଚାହିଁଲେ।

ପ୍ରଶାନ୍ତ ମହାସାଗରରେ ନିଜର ଶକ୍ତିଶାଳୀ ନୌସେନା ସହ ବ୍ରିଟେନ ମଧ୍ୟ ଏକ ବଳଶାଳୀ ସାମ୍ରାଜ୍ୟ ଥିଲା। ଋଷକୁ ସବୁବେଳେ ଭୟ ରହୁଥିଲା କାଳେ ବ୍ରିଟେନ୍ ଆଲାସ୍କାକୁ ଅକ୍ତିଆର କରିନେବ। ଆଲାସ୍କା ନିକଟବର୍ତ୍ତୀ କାନାଡ଼ା ବ୍ରିଟେନ ଅଧୀନରେ ଥିଲା। ବ୍ରିଟେନ ଅଳ୍ପ ବାଟ ସମୁଦ୍ରରେ ଗଲେ ଆଲାସ୍କାରେ ପହଞ୍ଚି ପାରୁଥିବାବେଳେ ଋଷକୁ ଦୀର୍ଘପଥ ବରଫ ରାସ୍ତାରେ ଯିବାକୁ ପଡୁଥିଲା। ଋଷ ଜାଣିଥିଲା ଭବିଷ୍ୟତରେ ଆଲାସ୍କାକୁ ନେଇ ଯୁଦ୍ଧ ହେଲେ ଆଲାସ୍କା ତ ହାତରୁ ଯିବ, ତା'ସହ ନିଜର ବହୁତ କ୍ଷତି ହେବ। ତେଣୁ ଋଷ ଆଲାସ୍କାକୁ ଆମେରିକାକୁ ବିକିବାକୁ ଚାହିଁଲା। ଶକ୍ତି ସନ୍ତୁଳନ ପାଇଁ ଏହା ଆବଶ୍ୟକ ଥିଲା। ସମ୍ରାଟ ଆଲେକଜାଣ୍ଡର୍ ଦ୍ୱିତୀୟ ଆଲାସ୍କାକୁ ବିକ୍ରି କରିବାକୁ ଠିକ୍ କଲେ। ୧୮୫୭ ମସିହାରେ ସରକାର ଏହାକୁ ଅନୁମତି ଦେବା ପରେ ୧୮୫୮ ମସିହାରେ ଆମେରିକାକୁ ବିକ୍ରି କରିବାକୁ ସ୍ଥିର କରାଗଲା। ଏ ସମୟରେ ପ୍ରଶାନ୍ତ ମହାସାଗରରେ ଶକ୍ତି ବୃଦ୍ଧି କରିବାର ସୁଯୋଗ ଥିଲା। ଏସିଆ ସହିତ ଆମେରିକାର ସମ୍ପର୍କ ସେତେ ବ୍ୟାପକ ନ ଥିଲା। ତେଣୁ ତତ୍କାଳୀନ ଦୁଇ ମୁଖ୍ୟ ଏସିଆଦେଶ - ଚୀନ ଓ ଜାପାନ ସହିତ ବାଣିଜ୍ୟିକ ସମ୍ପର୍କ ରଖିବାକୁ ଏହି ପଥର ଆବଶ୍ୟକତା ଥିଲା। ଯୁଦ୍ଧ କରିକରି ଋଷର ଆର୍ଥିକ ଅବସ୍ଥା ଖରାପ ହୋଇ ଯାଇଥିଲା। ତେଣୁ ମୂଲଚାଲ କରିବା ଅବସ୍ଥାରେ ଋଷ ନ ଥିଲା। ଆମେରିକା ମଧ୍ୟ ଜାଣିଥିଲା ସେ ଖୁବ୍ ଶସ୍ତାରେ ଆଲାସ୍କା ପାଉଛି। ଆମେରିକା ଆଗ୍ରହର ସହିତ ଏହି ପ୍ରସ୍ତାବକୁ ସ୍ୱାଗତ କଲା।

୧୮୬୭ ମସିହା ମାର୍ଚ୍ଚ ୧୮ ତାରିଖରେ ୧୫୧୮୦୦ ବର୍ଗ କିଲୋମିଟର ବ୍ୟାପ୍ତ ଆଲାସ୍କା ବିକ୍ରି ପାଇଁ କଥାବାର୍ତ୍ତା ଆରମ୍ଭ ହେଲା। ଋଷ ତରଫରୁ ବୈଦେଶିକ ମନ୍ତ୍ରୀ ଏଡୋଆର୍ଡ ଦି ଷ୍ଟୋକଲ୍ ଆମେରିକାର ବିଦେଶ ମନ୍ତ୍ରୀ ୱିଲିୟମ୍ ସେୱାର୍ଡଙ୍କୁ ଭେଟି କଥାବାର୍ତ୍ତା କଲେ। ଋଷ ପ୍ରଥମେ ଆଲାସ୍କାର ମୂଲ୍ୟ ୫୦ ଲକ୍ଷ ଡଲାର ରଖିଥିଲା। ଆମେରିକାର ଆଗ୍ରହ ଦେଖି ଏହାକୁ ୭୫ ଲକ୍ଷ ଡଲାରକୁ ବଢ଼େଇଥିଲା। ଶେଷରେ ଆଲାସ୍କାର ମୂଲ୍ୟ ୭୨ ଲକ୍ଷ ଡଲାର ସ୍ଥିର ହେଲା। ୧୮୬୭ ମସିହା ଅକ୍ଟୋବର ମାସ ୧୮ ତାରିଖରେ ସିଟ୍‌କା ସହରରେ ପ୍ରଥମେ ଆମେରିକାର ଜାତୀୟ ପତାକା ଉଡ଼ିଲା। ତଥାପି ଆଲାସ୍କାକୁ ରାଜ୍ୟ ଭାବରେ ଘୋଷଣା କରାଯାଇ ପାରିନଥିଲା। ଆଲାସ୍କା କ୍ରୟକୁ ଆମେରିକାବାସୀ ଗ୍ରହଣ କରି ପାରିନଥିଲେ। ଆଲାସ୍କା ପରି ଶୀତଳ ମରୁପ୍ରଦେଶର ଆର୍ଥିକ ବା ରଣନୈତିକ ଗୁରୁତ୍ୱ ନାହିଁ ବୋଲି ଦେଶରେ ଚର୍ଚ୍ଚା ହେଲା। ଏହା ଦେଶ ପାଇଁ ଅଯଥା ବ୍ୟୟ ବୋଲି ସେମାନଙ୍କର ଧାରଣା ଥିଲା। ବିଦେଶ ମନ୍ତ୍ରୀ ୱିଲିୟମ୍ ସେୱାର୍ଡ ସଂସଦରେ ପ୍ରଶ୍ନବାଣର ଶିକାର ହେଲେ। ଆମେରିକାର ରାଷ୍ଟ୍ରପତି ଆଣ୍ଡ୍ରୁ ଜନ୍‌ସନଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ଚାଲିଥିବାରୁ ଆଲାସ୍କା କ୍ରୟ ପ୍ରସ୍ତାବ ମଞ୍ଜୁରୀ ପାଇବାରେ ଡେରି ହେଲା। ପ୍ରାୟ ବର୍ଷେ ପରେ ଆମେରିକା ଋଷକୁ ୭୨ ଲକ୍ଷ ଡଲାର ସ୍ୱର୍ଣ୍ଣମୁଦ୍ରା ଆକାରରେ ପ୍ରଦାନ କଲା। ୧୯୫୯ ଜାନୁଆରୀ ୪ ତାରିଖରେ ଆଲାସ୍କା ଆମେରିକାର ୪୯ ତମ ରାଜ୍ୟ ହେଲା। ଋଷ ସବୁଦିନ ପାଇଁ ଆଲାସ୍କାକୁ ହରାଇଲା।

ସବୁ ଭାଗ୍ୟର ଖେଳ। ଆଲାସ୍କା ଆମେରିକା ପାଇଁ ଧନଖଣି। ୧୮୯୬ ମସିହାରେ ସେଠାରେ ସୁନା ଖଣି ଏବଂ ପରେପରେ ପ୍ରଚୁର ଉପସାଗରରେ ପ୍ରଚୁର ଇନ୍ଧନତୈଳର ସନ୍ଧାନ ମିଳିଲା। ଏହା ସହିତ ସାଲମନ୍ ମାଛ, କାଠ ଇତ୍ୟାଦି ଆମେରିକା ପାଇଁ ଧନଭଣ୍ଡାର ଖୋଲି ଦେଲା। ସାମରିକ ଦୃଷ୍ଟିକୋଣରୁ ଆମେରିକା ପାଇଁ ଆଲାସ୍କା ବଡ଼ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର। ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଏଠାରୁ ଋଷ ଏବଂ ଆର୍କଟିକ୍ ଅଞ୍ଚଳ ଉପରେ ନଜର ରଖିବାକୁ ସୁବିଧା ହେଲା। ଜାପାନର ଆକ୍ରମଣକୁ ପ୍ରତିହତ କରିବାକୁ ଆଲାସ୍କାରେ ସ୍ଥାପିତ ସାମରିକ ଘାଟିଗୁଡ଼ିକ ସକ୍ଷମ ହୋଇଥିଲେ। ଆମେରିକା ଲୋକଙ୍କର ଆଲାସ୍କା ପ୍ରତି ଥିବା ଧାରଣା ଭୁଲ୍ ପ୍ରମାଣିତ ହେଲା। କିନ୍ତୁ ଆଲାସ୍କା ହରେଇବାର କ୍ଷତି ଋଷ ପାଇଁ ଚିରକାଳ ଅପୂରଣୀୟ।

# ବଢ଼ି ଚାଲିଛି ମାନପତ୍ରର ମୋହ !



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ: ୯୯୩୭୧୫୧୦୫୨

ଈଶ୍ୱର ପ୍ରତ୍ୟେକଙ୍କ ନିକଟରେ କିଛି ନା କିଛି ପ୍ରତିଭା ଦେଇଛନ୍ତି। ସେଥିପାଇଁ କୁହାଯାଏ ଫୁଲର ବାସ୍ନାଥିଲେ ସେ ମହକିବ ଆଉ ପ୍ରତିଭା ଥିଲେ ତା'ର ଉନ୍ମେଷ ଘଟିବ। ପ୍ରତିଭାର ବିକାଶ ପାଇଁ ପ୍ରୋତ୍ସାହନର ଆବଶ୍ୟକତା ରହିଛି। ଅତୀତରେ ଯୋଗ୍ୟ ବ୍ୟକ୍ତିମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧନା ଦେବାର ପରମ୍ପରା ମଧ୍ୟ ଥିଲା ଓ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ଏପରିକି ରାଜରାଜୁଡ଼ା ଶାସନରେ ବି କବି, ସାହିତ୍ୟିକ, ଚିତ୍ରକର, କଳାକାର, ସଙ୍ଗୀତଜ୍ଞ, ନୃତ୍ୟ ବିଶାରଦ ଓ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଉଥିଲା। ସେଇଥିପାଇଁ ତ ସମ୍ରାଟ ବିକ୍ରମାଦିତ୍ୟଙ୍କ ରାଜସଭାରେ ନବରତ୍ନ ତାଙ୍କ ରାଜସଭାକୁ ମହିମାମଣ୍ଡିତ କରିଥିଲେ। କାଳିଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ - ସବୁଠି ସମ୍ବର୍ଦ୍ଧନାର ଏକ ଉଜ୍ଜ୍ୱଳ ପରମ୍ପରା ଥିଲା।

ମାତ୍ର ଏବେ ସମାଜର ଢଙ୍ଗ ବଦଳିଗଲାଣି। ସବୁଠି ପ୍ରତିଷ୍ଠା ହାସଲ ପାଇଁ ଚାଲିଛି ଜୋରସୋର୍ ଉଦ୍ୟମ । ଯେମିତି ହେଉ ପଛେ, ମାନପତ୍ରଟିଏ ମିଳୁ। ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସକ, କବି, ସାହିତ୍ୟିକ, ଗାଳ୍ପିକ, ନାଟ୍ୟକାର, କଳାକାର, ସାମ୍ବାଦିକ, ଶିକ୍ଷକ, କ୍ରୀଡାବିତ୍ ଓ ଅଭିନେତା ସମସ୍ତେ ଏଇ ଦୌଡରେ ସାମିଲ ହୋଇଛନ୍ତି। ଏହାକୁ ଲକ୍ଷ୍ୟ ରଖି ସଂପ୍ରତି ବିଭିନ୍ନ ପ୍ରକାରର ସାହିତ୍ୟ, ସାଂସ୍କୃତିକ, ସାମାଜିକ ଓ ଭିନ୍ନ ଭିନ୍ନ ସଂଗଠନ ସୃଷ୍ଟି ହେଲାଣି। ସୃଷ୍ଟି ହେବା ବି ଭଲ କଥା। କିନ୍ତୁ ଏଠି ସମ୍ବର୍ଦ୍ଧନା ଦେବାର ମାନିଆ ସୁନାମୀ ପରି ଗ୍ରାସ କରିଛି ସମସ୍ତଙ୍କୁ। ସମ୍ବର୍ଦ୍ଧନା ଦେବା ପାଇଁ ସଂଗଠନ ଗୁଡ଼ିକ ମଧ୍ୟରେ ଯେତିକି ଆଗ୍ରହ, ସମ୍ବର୍ଦ୍ଧନା ନେଉଥିବା ବ୍ୟକ୍ତିର ମଧ୍ୟ ସେତିକି ଆଗ୍ରହ। ସତେ ଯେମିତି ସମ୍ବର୍ଦ୍ଧନା ଦେବା ଓ ନେବା ଏକ ନିଶା ପାଲଟି ଗଲାଣି। ଏପରିକି ଗୋଟିଏ ଗୋଟିଏ ସଭାରେ ପଚାଶ ଷାଠିଏ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯିବାର ଘଟଣାମାନ ଦେଖିବାକୁ ମିଳୁଛି। ଏହା କ'ଣ ସତରେ ପୂଜ୍ୟପୂଜା ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା ମାନପତ୍ରର ମାନ ହ୍ରାସ ପାଉଛି। ଆଜିକାଲି ସମାଜରେ ମାନପତ୍ର ଦେବା ଓ ପାଇବା ଖୁବ୍ ସହଜ ଓ ଶସ୍ତା ହୋଇଯାଇଥିବାରୁ ଅନେକ ଅଯୋଗ୍ୟ ସଂସ୍ଥା ଅଯୋଗ୍ୟ ବ୍ୟକ୍ତି ବିଶେଷଙ୍କୁ ମାନପତ୍ର ପ୍ରଦାନ କରି ମୂଲ୍ୟବାନ ପଦାର୍ଥର ମୂଲ୍ୟ ନଷ୍ଟ କରୁଛନ୍ତି।

ସମ୍ବର୍ଦ୍ଧନାର ଏକ ନିର୍ଦ୍ଦିଷ୍ଟ ମାନ ରହିବା ଦରକାର। ତା'ହେଲେ ଯୋଗ୍ୟତମ ବ୍ୟକ୍ତି ଯୋଗ୍ୟତା ଅନୁରୂପ ସମ୍ବର୍ଦ୍ଧନା ପାଇବା ସୁଯୋଗ ସୃଷ୍ଟି ହେବ ଏବଂ ପ୍ରତିଭାକୁ ଯଥାରୀତି ସମ୍ମାନ ମିଳିବ। ତା'ନହେଲେ ଧୁଆଁମୂଳା ଓ ଅଧୁଆମୂଳା ସବୁ ସମାନ ହୋଇଯିବେ। ଇଏ ତ ଗଲା ଗୋଟିଏ ଦିଗ। ଅନ୍ୟ ଦିଗଟି ହେଉଛି ସମ୍ବର୍ଦ୍ଧିତ କରୁଥିବା ଅନୁଷ୍ଠାନ ମଧ୍ୟ ନିରପେକ୍ଷ ରହିବା ବିଧେୟ। ଅନେକ ସମୟରେ ପ୍ରିୟାପ୍ରୀତି, ରାଜନୈତିକ ଚାପ ଓ ଆର୍ଥିକ ସହାୟତା ପ୍ରକୃତ ପ୍ରତିଭା ଚିହ୍ନଟ କରିବାରେ ବାଧକ ସାଜୁଛି। ଫଳରେ ଅନେକ ସମୟରେ ଯୋଗ୍ୟ ପ୍ରତିଭାଧର ବ୍ୟକ୍ତିମାନେ ସମ୍ବର୍ଦ୍ଧିତ ହେଉଥିବା ସୁଯୋଗରୁ ବଞ୍ଚିତ ହେଉଥିବା ବେଳେ ପ୍ରତିଭା ନଥାଇ ଆଉ କେତେକ ସହଜରେ ସମ୍ବର୍ଦ୍ଧନା ପାଇବାରେ ସଫଳ ହେଉଛନ୍ତି। ଏବେ ପୁଣି ଅର୍ଥ ଦେଇ ସମ୍ବର୍ଦ୍ଧିତ ହେବାର ଅନେକ ଉଦାହରଣ ଦେଖିବାକୁ ମିଳୁଛି। ଏପରି ଅସୁସ୍ଥ ପରମ୍ପରା ସର୍ବଦା ପରିହାର କରିବା ଆବଶ୍ୟକ। ସେହିପରି ସଂଗଠନ ଗୁଡ଼ିକର ଆଭିମୁଖ୍ୟ ମଧ୍ୟ ବିଚିତ୍ର। ଅନୁଷ୍ଠାନ ଗୁଡ଼ିକ ନିଜ ନିଜ ଅଞ୍ଚଳର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧନା ଦେବାର ମାନସିକତାରେ ନାହାଁନ୍ତି। ଗାଁ କନିଆଁ ସିଙ୍ଘାଣୀ ନାକି - ପରି ସେମାନେ ଅଲୋଡା, ଅଖୋଜା ହୋଇ ପଡି ରହିଛନ୍ତି ବଣମଲ୍ଲୀ ପରି। ସେହିପରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ବ୍ୟକ୍ତିମାନେ ମଧ୍ୟ କୌଣସି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ ହେବା ପାଇଁ ଯିବା ପୂର୍ବରୁ ତା'ର ମାନ ଅନୁସାରେ ସମ୍ବର୍ଦ୍ଧିତ ହେବାର ମାନସିକତା ରଖିବା ଦରକାର। ତାହାହେଲେ ସମ୍ବର୍ଦ୍ଧନାର ଗୁରୁତ୍ୱ ଓ ପ୍ରାସଙ୍ଗିକତା ରହିବ।

ଆହୁରି ଆଶ୍ଚର୍ଯ୍ୟର କଥା ଭଲ ଶିକ୍ଷକଟିଏ ଏଠି ରାଜ୍ୟ ପୁରସ୍କାର ଓ ରାଷ୍ଟ୍ରୀୟ ପୁରସ୍କାର ପାଇବା ପାଇଁ ନିଜେ ଆବେଦନ କରିଥାଏ। ସେ ନିଜେ ଭଲ ଓ ସେଥିପାଇଁ ସମ୍ମାନ ପାଇବାକୁ ହକ୍‌ଦାର ବୋଲି କହିବାକୁ ହୁଏ। ଏହାଠାରୁ ବଳି ଲଜ୍ଜାକର କଥା କ'ଣ ଥାଇପାରେ ? ଏଥିନିମନ୍ତେ ପାଠ ଅପେକ୍ଷା ଶାଠ ଅଧିକ ଦରକାର। ସେଥିପାଇଁ ବିଭିନ୍ନ ପ୍ରମାଣପତ୍ର ଅଣନିଶ୍ୱାସୀ ହୋଇ ଧାଁ ଧପଡ କରି ଯୋଗାଡ କରିବାକୁ ହୁଏ କୃତୀ ଶିକ୍ଷକର ସମ୍ମାନ ପାଇବା ପାଇଁ । ଏବେ ପୁଣି ଜିଲ୍ଲାସ୍ତରରେ ପୁରସ୍କୃତ କରିବା ପାଇଁ ବ୍ୟବସ୍ଥା ରହିଛି। ଏଥିପାଇଁ ସେମାନେ ଆବେଦନପତ୍ର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିବେ। ସେଇ ଏକା ବ୍ୟବସ୍ଥା। ଗୋଟିଏ ପୁରସ୍କାର ଓ ଖଣ୍ଡିଏ ମାନପତ୍ର ପାଇବା ପାଇଁ ବାରଦୁଆର ବୁଲି ଆବେଦନ କରିବାକୁ ହେବ। ବିଚରା ଶିକ୍ଷକଟିଏ ବୋଲି ସିନା! ସେ ପୁଣି ମଣିଷ ତିଆରି କରେ, ଦେଶର ଭବିଷ୍ୟତମାନଙ୍କୁ ଗଢେ। ସମ୍ବର୍ଦ୍ଧନା ଦେବାର ଏ ବ୍ୟବସ୍ଥା କେବେ ବଦଳିବ କେଜାଣି ? ଶିକ୍ଷକର ପଦମର୍ଯ୍ୟାଦା ରକ୍ଷା ପାଇଁ କ'ଣ ଆଉ କିଛି ବିକଳ୍ପ ବ୍ୟବସ୍ଥାରେ ଭଲ ଶିକ୍ଷକ ଚୟନ କରାଯାଇପାରନ୍ତା ନାହିଁ ?

ସବୁଠୁ ବଳି ପଡିଛି ଫଳକ ଲଗାଇ ତାକୁ ଉଦ୍‌ଘାଟନ କରିବାର ପରମ୍ପରା। ତାକୁ ନେଇ ପୁଣି ଅନେକ ସମୟରେ ରାଜନୀତି । ଫଳକ ଲଗାଇବା ପାଇଁ ଯେତିକି ଖର୍ଚ୍ଚ ହୁଏନି, ତାହା ଠାରୁ ଅଧିକ ଖର୍ଚ୍ଚ ହୁଏ ଏଥିପାଇଁ ଆୟୋଜିତ ହେଉଥିବା ସଭା ପାଇଁ । ଯୁଆଡେ ଗଲେ ସିଆଡେ ନାମ ଫଳକ। ସେଥିରେ ପୁଣି କାହା ନାମ ରହିବ ନ ରହିବ ସେଥିପାଇଁ ରାଜନୀତି ଛକାପଞ୍ଝା। ଦିନ ଥିଲା ନାମ ଫଳକଟି ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା। ଫଳକଟି କାହା ଦ୍ୱାରା ଉଦ୍‌ଘାଟିତ ହୋଇଛି ଲୋକେ ତାକୁ ଆଗ୍ରହର ସହ ପଢୁଥିଲେ ଓ ଦେଖୁଥିଲେ। କିନ୍ତୁ ଅତି ପରିଚୟେ ଗୌରବ ନଷ୍ଟ ଅବସ୍ଥା ଆଜି ପରିଲକ୍ଷିତ ହେଉଛି ନାମ ଫଳକ କ୍ଷେତ୍ରରେ। ଯାହା ହୋଇଗଲା - ହୋଇଗଲା। ଅନ୍ତତଃ ଏଣିକି ଟିକେ ଆମ ଭିତରେ ସଚେତନତା ଆସୁ, ତାହା ନହେଲେ ଦିନ ଆସିବ ଚାରିଆଡେ ଖାଲି ଉଦ୍‌ଘାଟନ ଫଳକ ଥିବ। ଏବେ ପୁଣି ସ୍ଥାପିତ ପ୍ରତିମୂର୍ତ୍ତି ବ୍ୟତିରେକ ବଞ୍ଚିଥିବା ବ୍ୟକ୍ତି ବିଶେଷଙ୍କ ପ୍ରତିମୂର୍ତ୍ତି ତିଆରି କରିବା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ଖାଲି ସେତିକି ନୁହେଁ ଗାନ୍ଧି, ଉତ୍କଳମଣି, ଉତ୍କଳ ଗୌରବ ଉପାଧିରେ ଭୂଷିତ ଦେବା ପାଇଁ ଉପାଧିଧାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଏପରି ଘଟଣା ପରିଲକ୍ଷିତ ହେଉଛି। ଏହା ଭିତରେ ଅନେକ ଗାନ୍ଧି, ଉତ୍କଳମଣି ଓ ଉତ୍କଳ ଗୌରବ ସୃଷ୍ଟି କରି ସାରିଲୁଣି। ଏପରି କରିବା ଦ୍ୱାରା ଆମେ ସେହି ମହାପୁରୁଷମାନଙ୍କର ଅବମାନନା କରୁନାହେଁ ତ ?

ସମ୍ପ୍ରତି ମହାମାରୀ କରୋନା ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏଥିପାଇଁ ସରକାରଙ୍କ ଠୁ ଆରମ୍ଭକରି ବିଭିନ୍ନ ଅନୁଷ୍ଠାନ ଏବଂ ବ୍ୟକ୍ତି ବିଶେଷ ବଦାନ୍ୟତାର ହାତ ବଢାଇଛନ୍ତି। ସେଥିପାଇଁ ସେମାନେ ପ୍ରଶଂସାର ପାତ୍ର। ମାତ୍ର ଏବେ କେତେକସ୍ଥଳରେ ପତିପୟ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ଏହି ବଦନ୍ୟତା ଦେଖେଇବା ପଛରେ ନିଜକୁ ବିଜ୍ଞାପିତ କରିବାର ମାନସିକତା ରଖିବା ଶୋଭନୀୟ ନୁହେଁ। କୁହାଯାଏ- ଅପାତ୍ରେ ପରଶଂସା ଦାନ, କାଳେ ଅକାଳେ ମୂଲ୍ୟ ହୀନ। ଏଇଠି ମନେପଡେ ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କ କଥା। ଶ୍ରୀମନ୍ଦିର ପ୍ରତିଷ୍ଠା ପରେ ଯେତେବେଳେ ସୃଷ୍ଟିକର୍ତ୍ତା ବ୍ରହ୍ମା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଲେ ସେତେବେଳେ ଉତ୍ତରରେ ସେ ଯାହା କହିଲେ ତାହା ହେଉଛି-'ଏ ମନ୍ଦିର ମୋ ବାପା ବା ଜେଜେବାପା କରିଥିଲେ ବୋଲି ମୋ ବଂଶରେ କେହି ନରୁହନ୍ତୁ'। ଏଥିରୁ ଆମକୁ ସବୁକଥା ବୁଝିବାକୁ ହେବ। ବଦାନ୍ୟତା ବିଜ୍ଞାପିତ ହେବା ମାନସିକତା ଭିତରେ ହଜିନଯାଉ। ସେହିପରି ଅପୂଜ୍ୟମାନଙ୍କୁ ପୂଜା କରିବାବେଳେ ପୂଜ୍ୟ ଲୋକମାନେ ବାଦ୍ ପଡିନଯାଆନ୍ତୁ।


ସମ୍ବର୍ଦ୍ଧନା ଓ ମାନପତ୍ର ଦେବାର ଭାବ ନିଆରା। ପୂଜ୍ୟପୂଜାର ଆଦର ମଧ୍ୟ ରହିବା ଦରକାର। କିନ୍ତୁ ମାନପତ୍ର ଦେବାର ଏକ ନିର୍ଦ୍ଦିଷ୍ଟ ମାନ ରହୁ ଓ ଯୋଗ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରିବାର ମାନସିକତା ସୃଷ୍ଟି ହେଉ। ଯାହାକି ଉତ୍ତରପିଢି ପାଇଁ ଏକ ଆଦର୍ଶର ଭିତ୍ତିଭୂମି ତିଆରି କରିବ।

# ଉପ-ରାଷ୍ଟ୍ରପତି ନିର୍ବାଚନ

ସୌଭାଗ୍ୟ ରଞ୍ଜନ ମହାନ୍ତି
ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ଼
ମୋ: ୯୪୩୭୯୯୪୩୭୯

ଦେଶର ନୂତନ ଉପ-ରାଷ୍ଟ୍ରପତି ନିର୍ବାଚନ ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏ ଏବଂ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳ ନିଜ ନିଜର ପ୍ରାର୍ଥୀ ଘୋଷଣା କରିସାରିଲେଣି, ଯାହାକି ସାଧାରଣ ନିର୍ବାଚନ ପରେ ପୁଣି ଥରେ ଉଭୟ ଶାସକ ଓ ବିରୋଧୀଙ୍କ ମଧ୍ୟରେ ସାନି ମୁହାଁମୁହିଁ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବୋଲି କୁହାଯାଇପାରିବ। ଉଲ୍ଲେଖଯୋଗ୍ୟ ଯେ, ଗଲା ଜୁଲାଇ ମାସ ୨୧ ତାରିଖ ଦିନ ଉପ-ରାଷ୍ଟ୍ରପତି ପଦରୁ ଜଗଦୀପ ଧନକରଙ୍କ ଅଚାନକ ଓ କୌତୁହଳଜନକ ଇସ୍ତଫା ପରେ ଖାଲିପଡିଛି। ଏହି ନିର୍ବାଚନ କେବଳ ଉଭୟ ଲୋକସଭା ଓ ରାଜ୍ୟସଭାର ସଦସ୍ୟମାନେ ମତଦାନ କରୁଥିବାରୁ ସଂଖ୍ୟାଦୃଷ୍ଟିରୁ ବିଜୟ ସ୍ପଷ୍ଟ ଥିବାବେଳେ ଫଳାଫଳ ନେଇ ବିସ୍ମିତ ହେବାର କିଛି ନାହିଁ। ତେବେ ଫଳାଫଳ ଯାହା ହେଉନା କାହିଁକି, ଶାସକ-ବିରୋଧୀଙ୍କ ମଧ୍ୟରେ ଏହା ଏକ ଆଦର୍ଶଗତ ଲଢେଇ। ଉଭୟ ପକ୍ଷ ମଧ୍ୟ ଏହାକୁ ଏକ ଆଦର୍ଶଗତ ଲଢେଇ ମନେ କରନ୍ତି। ଏନଡିଏରେ ଉପ-ରାଷ୍ଟ୍ରପତି ପ୍ରାର୍ଥୀ ସି.ପି. ରାଧାକ୍ରିଷ୍ଣନ ତାମିଲନାଡୁର ଜଣେ ବରିଷ୍ଠ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତା ଭାବେ ଜଣାଶୁଣା। କେବଳ ଏତିକି ନୁହେଁ, ସେ ୧୯୯୮ରୁ ୨୦୦୪ ପର୍ଯ୍ୟନ୍ତ ଦୁଇଥର ଲୋକସଭା ସଦସ୍ୟ ଭାବେ କାର୍ଯ୍ୟ କରିଥିବା ଏବେ ମହାରାଷ୍ଟ୍ରର ରାଜ୍ୟପାଳ ଥିଲେ। ଏହା ପୂର୍ବରୁ ସେ ଝାଡଖଣ୍ଡ, ଗୋଆ ଓ ପୁଡୁଚେରୀର ରାଜ୍ୟପାଳ ଭାବେ ମଧ୍ୟ ଦାୟିତ୍ୱ ବହନ କରିଥିଲେ। ବିଜେପିରେ ସେ ଜଣେ ବରିଷ୍ଠ ଏବଂ ଅନୁଗତ ନେତା ଭାବେ ପରିଚିତ। ସେହିପରି ବିରୋଧୀ ତଥା ଇଣ୍ଡିଆ ମେଣ୍ଟର ପ୍ରାର୍ଥୀ ଜଷ୍ଟିସ ବି. ସୁଦର୍ଶନ ରେଡ୍ଡୀ ସୁପ୍ରିମକୋର୍ଟର ଜଣେ ବିଚାରପତି ଥିଲେ। ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ଜନ୍ମିତ ଜଷ୍ଟିସ ରେଡ୍ଡୀ ସୁପ୍ରିମକୋର୍ଟର ବିଚାରପତି ହେବା ପୂର୍ବରୁ ରାଜ୍ୟରେ ଜଣେ ସୁନାମଧନ୍ୟ ଆଇନଜୀବୀ ଭାବେ ଜଣାଶୁଣା ଥିଲେ। ସୁପ୍ରିମକୋର୍ଟର ବିଚାରପତି ଥିବାବେଳେ କେତେକ ମାମଲାରେ ତାଙ୍କର ରାୟ ତାଙ୍କର ସୁଖ୍ୟାତି ବୃଦ୍ଧି କରିଥିଲା। ଉଲ୍ଲେଖଯୋଗ୍ୟ ଯେ, ପାର୍ଲାମେଣ୍ଟର ଉଭୟ ଗୃହରେ ବିଜେପି ନେତୃତ୍ୱାଧୀନ ଏନଡିଏରେ ସ୍ପଷ୍ଟ ସଂଖ୍ୟା ଗରିଷ୍ଠତା ରହିଛି। ଏହା ସତ୍ତ୍ୱେ ବିଜେପି ଉଭୟ ମେଣ୍ଟ ଠାରୁ ଦୂରତ୍ୱ ରକ୍ଷା କରିଥିବା ଦୁଇ ଆଞ୍ଚଳିକ ଦଳ ବିଜେଡି ଏବଂ ୱାଇଏସଆର କଂଗ୍ରେସ ପାର୍ଟିର ସମର୍ଥନ ପାଇଁ ଅଭିଯାନ ଆରମ୍ଭ କରିଦେଇଛି। ଏନଡିଏର ଅଂଶୀଦାର ଟିଡିପିର ବିରୋଧୀ ଭାବେ ଜଣାଶୁଣା ୱାଇଏସ୍ଆର କଂଗ୍ରେସ ଇତିମଧ୍ୟରେ ଏନଡିଏ ପ୍ରାର୍ଥୀଙ୍କ ପକ୍ଷରେ ନିଜର ସମର୍ଥନ ଘୋଷଣା କରିସାରିଲାଣି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ଉଭୟ ପ୍ରତିଦ୍ୱନ୍ଦୀ ନିଜ ନିଜର ଆଞ୍ଚଳିକ କ୍ରୀଡା ଆରମ୍ଭ କରିଦେଇଛନ୍ତି। ଶ୍ରୀ ରାଧାକ୍ରିଷ୍ଣନ ତାମିଲନାଡୁରେ ସକ୍ରୀୟ ଦଳଗୁଡିକର ସମର୍ଥନ ଆଶା ରଖିଥିବାବେଳେ ଜଷ୍ଟିସ ରେଡ୍ଡୀ ଉଭୟ ଆନ୍ଧ୍ର ଓ ତେଲେଙ୍ଗାନାରେ ସକ୍ରୀୟ ରାଜନୈତିକ ଦଳଗୁଡିକର ସମର୍ଥନ ଲୋଡିଛନ୍ତି। ତାମିଲନାଡୁରେ କ୍ଷମତାସୀନ ତଥା ଇଣ୍ଡିଆ'ର ଅଂଶୀଦାର ଡିଏମ୍‌କେ ସମର୍ଥନ ଉପରେ ରାଧାକ୍ରିଷ୍ଣନ ଆଶା ରଖିଥିବାବେଳେ ଆନ୍ଧ୍ରରେ କ୍ଷମତାସୀନ ତଥା ଏନଡିଏର ଅଂଶୀଦାର ଟିଡିପି ଉପରେ ମଧ୍ୟ ଜଷ୍ଟିସ ରେଡ୍ଡୀ ଆଶା ରଖିଛନ୍ତି। ସେହିପରି ଶ୍ରୀ ରାଧାକ୍ରିଷ୍ଣନଙ୍କୁ ପ୍ରାର୍ଥୀ କରି ବିଜେପି ଆସନ୍ତା ବିଧାନସଭା ନିର୍ବାଚନରେ ଫାଇଦା ଉଠାଇବା ପାଇଁ ଲକ୍ଷ୍ୟ ରଖିଛି। ଏହା ନିଃସନ୍ଦେହ ଯେ, ଦେଶର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ପାଇଁ ହିନ୍ଦୁତ୍ୱ ସହ ଦୀର୍ଘଦିନ ଧରି ସମ୍ପୃକ୍ତ ଥିବା ଜଣେ ବ୍ୟକ୍ତିଙ୍କ ବିଦାୟୀ ଉପ-ରାଷ୍ଟ୍ରପତି ଧନକରଙ୍କ ପରି ନୁହେଁ। ଧନକର ସଂଘପରିବାରରୁ ରାଜନୈତିକ ଜୀବନ ଆରମ୍ଭ କରିନଥିଲେ। ସେ କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ବେଳେ ଜନତା ଦଳରୁ ବିଜେପିରେ ସାମିଲ ଥିଲେ। ସେ ମଧ୍ୟ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଥିଲେ। ଜଷ୍ଟିସ ରେଡ୍ଡୀ ଅବସର ପରେ ସାମାଜିକ ନ୍ୟାୟର ଜଣେ ପ୍ରବକ୍ତା ଭାବେ ପରିଚିତ। ଯେଉଁଥିପାଇଁ କି ତେଲେଙ୍ଗାନାରେ କ୍ଷମତାସୀନ କଂଗ୍ରେସ ସରକାର ଗତ ୨୦୨୪ରେ ସାମାଜିକ ଅର୍ଥନୈତିକ, ଶିକ୍ଷା ନିଯୁକ୍ତି, ଜାତିଗତ ସର୍ଭେ ପାଇଁ ଗଠିତ ୧୧ଜଣିଆ କମିଟିର ନେତୃତ୍ୱ ନେଇଥିଲେ। ଏବେ କେବଳ ଫଳାଫଳକୁ ଅପେକ୍ଷା।

# ଉଜୁଡ଼ା ସ୍ୱପ୍ନର ଇସ୍ତାହାର - ବିଜାପୁରର ଗାନ୍ଧି ବିନୋବା ଆଶ୍ରମ



ଡ. ବାସନ୍ତୀ ମହାନ୍ତି
ଦି ଏମେରାଲ୍ଡ୍ ଆପାର୍ଟମେଣ୍ଟ
ବ୍ଲକ୍ ସି, ୨୧୩, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୭୦୩୩୦୭୪

ନିଜ ବିବେକକୁ ଗାନ୍ଧି ବିଚାର ଧାରାରେ ଉତ୍ସର୍ଗ କରିଥିବା ମହମ୍ମଦ ବାଜୀ ସମାଜରେ ଦଳିତ ପତିତ ଅବହେଳିତ ମାନଙ୍କ ପାଇଁ କିଛି କରିବା ପାଇଁ ସ୍ୱପ୍ନ ଥିଲା। ଦେଶ ସ୍ୱାଧୀନ ହେବା ପରେ ନିଜର ଦାୟିତ୍ୱ ବଢ଼ିଗଲା ବୋଲି ଯେଉଁ ସଂଗ୍ରାମୀମାନେ ଭାବୁଥିଲେ ମହମ୍ମଦ ବାଜୀ ଥିଲେ ସେଇ ପର୍ଯ୍ୟାୟଭୁକ୍ତ। ଜୀବନକୁ କର୍ମ ଯଜ୍ଞରେ ଆହୁତି ଦେଇଥିବା ମହମ୍ମଦ ବାଜୀ ଦେଶ ସ୍ୱାଧୀନତା ପରେ ଆହୁରି ଅସ୍ଥିର ହୋଇପଡ଼ିଲେ। ବସି ପାରିଲେ ନାହିଁ ନିରବରେ। ତାଙ୍କର ଅତି ଘନିଷ୍ଠତମ ସହଯୋଗୀ ଥିଲେ କୋରାପୁଟର ଗାନ୍ଧି, ବିଶ୍ୱନାଥ ପଟ୍ଟନାୟକ। ଯିଏ ଆଜ୍ଞା ନାମରେ ଥିଲେ ସମସ୍ତଙ୍କର ଅତି ଆଦରର ମଣିଷ। ସ୍ୱାଧୀନତା ପୂର୍ବରୁ ସଂଗ୍ରାମୀମାନଙ୍କ ପାଇଁ ନବରଙ୍ଗପୁରର ଯେଉଁ କେତେକ ସ୍ଥଳ ଆତ୍ମଗୋପନ ପାଇଁ ନିରାପଦ ଥିଲା ସେଥି ମଧ୍ୟରୁ ଡାବୁଗାଁ ଓ ବିଜାପୁର ଥିଲା ଅନ୍ୟତମ। ବର୍ତ୍ତମାନ ଡାବୁଗାଁରେ ଯେଉଁଠି କନ୍ୟାଶ୍ରମ ହୋଇଛି ତାହା ଥିଲା କଂଗ୍ରେସ ଅଫିସ। ଏହାକୁ ଲାଗିଥିବା ଗରୁଡ଼ଗୁଡ଼ା ଗାଁରେ ସଂଗ୍ରାମୀମାନେ ଇଂରେଜମାନଙ୍କ ଆଖି ଉହାଡରୁ ନିଜକୁ ଲୁଚାଇ ରଖୁଥିଲେ। ଠିକ୍ ସେହିପରି ଡାବୁଗାଁରୁ ଉମରକୋଟ ରାସ୍ତାରେ ୧୫ କିଲୋମିଟର ବ୍ୟବଧାନରେ ବିଜାପୁର। ଏ ଗାଁଟି ମହମ୍ମଦ ବାଜୀଙ୍କର ଅତି ପ୍ରିୟ ଗାଁ ଥିଲା। ଦେଶ ସ୍ୱାଧୀନ ପରେ ମହମ୍ମଦ ବାଜୀ ଏହି ଗାଁକୁ କର୍ମସ୍ଥଳୀ ରୂପେ ଗ୍ରହଣ କରିନେଲେ। ତାଙ୍କୁ ସଂପୂର୍ଣ୍ଣ ସାହାଯ୍ୟ ସହଯୋଗ କରିଥିଲେ ସଂଗ୍ରାମୀ ବିଶ୍ୱନାଥ ପଟ୍ଟନାୟକ। ଏଠାରେ ଆଶ୍ରମଟିଏ ଗଠନ କରି ଆଦିବାସୀ ଓ ହରିଜନ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦେବା ପାଇଁ ଅଣ୍ଟାଭିଡି ବାହାରି ପଡିଲେ ଦୁହେଁ। ଆଶ୍ରମର ନାମକରଣ କରିଥିଲେ ଗାନ୍ଧି ବିନୋବା ଆଶ୍ରମ।

ମାଆ ରମାଦେବୀ, ମାଳତୀ ଚୌଧୁରୀ, ଅନ୍ନପୂର୍ଣ୍ଣା ମହାରଣା, ମନମୋହନ ଚୌଧୁରୀ ଓ ପ୍ରତ୍ୟକ୍ଷ ସାହାଯ୍ୟ ସହାୟତାରେ ମହମ୍ମଦ ବାଜୀଙ୍କ ପରିକଳ୍ପନାକୁ ତ୍ୱରାନ୍ୱିତ କରିଥିଲା। ସ୍ୱାଧୀନତା ସଂଗ୍ରାମରେ ଯେଉଁ ସଂଗ୍ରାମୀମାନେ ପ୍ରତ୍ୟକ୍ଷ କ୍ଷମତା ରାଜନୀତିରୁ ଦୂରରେ ରହି ରଚନାତ୍ମକ କାମରେ ନିଜକୁ ନିୟୋଗ କରିଥିଲେ ସେହିମାନେ ଥିଲେ ଏହି ଆଶ୍ରମର ମୁଖ୍ୟ ପୃଷ୍ଠପୋଷକ। ମହାତ୍ମାଗାନ୍ଧିଙ୍କ ସର୍ବୋଦୟ ଓ ବିନୋବାଙ୍କ ଭୂଦାନ କାର୍ଯ୍ୟକୁ ଲୋକପ୍ରିୟ କରାଇବା ଏହି ଆଶ୍ରମର ଥିଲା ମୁଖ୍ୟ ଉଦ୍ଦେଶ୍ୟ। ଏ ଅଞ୍ଚଳର ଗାନ୍ଧି ଓ ବିନୋବାଙ୍କର ବିଚାର ପ୍ରଚାର ହେଉ, ଲୋକମାନଙ୍କର ବଞ୍ଚିବା ଶୈଳୀରେ ପରିବର୍ତ୍ତନ ହେଉ, ଲୋକେ ସାମାଜିକ ସଚେତନ ହୁଅନ୍ତୁ। ଏଥିପାଇଁ ସ୍ଥାନୀୟ ଲୋକେ ନିଅନ୍ତୁ ପ୍ରମୁଖ ଭୂମିକା। ସେଥିପାଇଁ ଏହି ଆଶ୍ରମରେ ତାଲିମ୍ ଦିଆଯାଉଥିଲା। ଯୁବକମାନଙ୍କୁ ସର୍ବୋଦୟର ଆଦର୍ଶ ଆଭିମୁଖ୍ୟ ଓ ଭୂଦାନ କାର୍ଯ୍ୟର ଜଣେ ଜଣେ ଦକ୍ଷ କର୍ମୀ କରିବା ଥିଲା ଏହି ଆଶ୍ରମର ମୁଖ୍ୟ ଉଦ୍ଦେଶ୍ୟ।

ମହାତ୍ମା ଗାନ୍ଧି ଓ ବିନୋବା କେବେ ଏ ଆଶ୍ରମକୁ ଆସିନାହାନ୍ତି ସତ କିନ୍ତୁ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ମହାମନିଷୀମାନେ ଆସି ଦୁର୍ଗମ ଅଞ୍ଚଳରେ ଏହି ଅନାମଧେୟ ପଲ୍ଲୀ ମାଟିକୁ ତୀର୍ଥରେ ପରିଣତ କରିଦେଇଥିଲେ।

ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଅନ୍ନପୂର୍ଣ୍ଣା ମହାରଣା, ମାଳତୀ ଚୌଧୁରୀ, ସୁମିତ୍ରା ଚୌଧୁରୀ, ଆଚାର୍ଯ୍ୟ ହରିହର ପ୍ରମୁଖ ଏଠାକୁ ଆସି କର୍ମୀମାନଙ୍କୁ ମାର୍ଗଦର୍ଶନ କରୁଥିଲେ। ୧୯୫୪ ମସିହାରୁ ୧୯୭୦ ମସିହା ପର୍ଯ୍ୟନ୍ତ ଏହି ଆଶ୍ରମ ବେଶ୍ ସକ୍ରିୟ ଥିଲା। ମହମ୍ମଦ ବାଜୀ ଓ ବିଶ୍ୱନାଥ ପଟ୍ଟନାୟକଙ୍କ ସହ ବିଭିନ୍ନ କାର୍ଯ୍ୟକଳାପର ପ୍ରତ୍ୟକ୍ଷ ଭାବରେ ଯୋଗଦେବାକୁ ବହୁ ଅଭିଜ୍ଞତା ହାସଲ କରିଥିବା ଏ ଅଞ୍ଚଳରେ ଜଣେ ଉଦୀୟମାନ ଯୁବକ ପ୍ରହଲ୍ଲାଦ ପୂଜାରୀ ଏହି ତାଲିମ କେନ୍ଦ୍ରର ତତ୍ତ୍ୱାବଧାରକ ଥିଲେ। ଯୁବକମାନଙ୍କୁ ତାଲିମ ଦେବା ସଙ୍ଗେ ସଙ୍ଗେ ସେମାନଙ୍କୁ ଦେଶପ୍ରେମ ଓ ବିଭୂପ୍ରେମରେ ବ୍ରତୀ ହେବାପାଇଁ ପ୍ରେରଣା ଦେଉଥିଲେ। ଘନପତି ଅମାନତ୍ୟ ଅନ୍ତେବାସୀଙ୍କ ଖାଦ୍ୟପେୟ ଆଦି ଦାୟିତ୍ୱରେ ରହିଥିଲେ। ସେଇ କର୍ମମୁଖର ଦିନମାନଙ୍କର ସ୍ମୃତି ରୋମନ୍ଥନ କରି ଏବେ ବି ଭାବପ୍ରବଣ ହୋଇପଡନ୍ତି ଘନପତି ଅମାନତ୍ୟ। ତାଙ୍କ ସର୍ବୋଦୟ କର୍ମୀ ପିତାଙ୍କ ସହ ସେ ଜୟପୁର ଗଡଡ଼ ଗାଁରୁ ଆଶ୍ରମ ବୁଲିବା ପାଇଁ ଆସିଥିଲେ। ତାଙ୍କୁ ସେତେବେଳେ ୧୪ ବର୍ଷ ବୟସ। ପାଠଛାଡି ଦେଇଥିଲେ। ମହମ୍ମଦ ବାଜୀ ତାଙ୍କୁ ଆଶ୍ରମରେ ଛାଡିଦେବା ପାଇଁ ତାଙ୍କ ପିତାଙ୍କୁ ଅନୁରୋଧ କରିଥିଲେ। ସେଇ ଯେ ସେ ରହିଗଲେ ଯେ ଆଉ ଫେରିନାହାଁନ୍ତି। ଏଇଠି ବାହାସାହା ହୋଇ ଘରଦ୍ୱାର କରି ରହିଗଲେ। କେତେ ମହାନ୍ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିବା, ନିଜ ହାତରେ ରାନ୍ଧିବାଢ଼ି ସେମାନଙ୍କୁ ଖୁଆଇବା କଥା କହିଲା ବେଳେ ସ୍ୱପ୍ନବିଭୋର ହୋଇପଡ଼ନ୍ତି ଘନପତି। ଏବେ ସେ ଯେଉଁ ଘରେ ରହୁଛନ୍ତି, ସେ ଘରେ ମଧ୍ୟ ଶିକ୍ଷାନବିସ୍‌ମାନେ ଅରଟରେ ସୂତା କାଟୁଥିଲେ ବୋଲି ସେ କହନ୍ତି। ଅରଟରେ ସୂତାକାଟିବା, ଲୁଗାବୁଣିବା, ମହୁଚାଷ କରିବା, କୃଷିକାର୍ଯ୍ୟ କରିବା, ଗୀତ ଗାଇବା, ପ୍ରାର୍ଥନା କରିବା ପ୍ରଭୃତି ତାଲିମ୍ କେନ୍ଦ୍ରର ଅଂଶ ଥିଲା। ଆଶ୍ରମ ପରିସର ଆମ୍ବ, ନଡ଼ିଆ, କଦଳୀ, ପିଜୁଳି, ସପେଟା, ଅମୃତଭଣ୍ଡା ଆଦି ବିଭିନ୍ନ କିସମର ବୃକ୍ଷରେ ଭରପୁର ଥିଲା। ଏବେ ସୁଦ୍ଧା ଦୁଇଟା ନଡ଼ିଆଗଛ ଓ କେତେଟା ଆମ୍ବଗଛ ସେହି ଶିକ୍ଷାନବିସ୍‌ଙ୍କ ସ୍ମୃତିକୁ ରୋମନ୍ଥନ କରି ନୀରବରେ ଠିଆ ହେଇଛନ୍ତି।

ଏହି କାଳଖଣ୍ଡ ମଧ୍ୟରେ ବିଜପୁର ଠାରୁ ସାତ କିଲୋମିଟର ଦୂର କୋଇଲାରୀ ଗାଁରେ ଏକ ସାତଦିନିଆ ରାଜ୍ୟସ୍ତରୀୟ ସର୍ବୋଦୟ କର୍ମୀ ସମ୍ମିଳନୀ ହୋଇଥିଲା। ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ବହୁ ସର୍ବୋଦୟ କର୍ମୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ସବୁଠାରୁ ବଡ଼ କଥା ହେଲା ବିଜାପୁର କର୍ମୀଶିବିରରେ କର୍ମୀମାନଙ୍କୁ ଯେଉଁ ତାଲିମ୍ ଦିଆଯାଉଥିଲା ତାହା ବ୍ୟର୍ଥ ହୋଇନଥିଲା, ପରବର୍ତ୍ତୀ ପର୍ଯ୍ୟାୟରେ ନିଶାମୁକ୍ତି, ବିସ୍ଥାପନଙ୍କ ଥଇଥାନ ଓ ଶିକ୍ଷାକ୍ଷେତ୍ରରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆନ୍ଦୋଳନରେ ସେମାନେ ସଫଳ ହୋଇଥିଲେ।

ବିନୋବାଙ୍କ ସର୍ବଭାରତୀୟ ସ୍ତରରେ ସର୍ବୋଦୟ ଆନ୍ଦୋଳନ ବ୍ୟର୍ଥ ହୋଇଛି ମନ୍ତବ୍ୟରେ ସର୍ବୋଦୟ କର୍ମୀମାନେ ବହୁ ପରିମାଣର ନିରୁତ୍ସାହିତ ହୋଇଥିବାବେଳେ ବିଜାପୁରର ଗାନ୍ଧି ବିନୋବା ଆଶ୍ରମରେ ତାଲିମ୍ ନେଇଥିବା କର୍ମୀମାନେ ବହୁଦିନ ପର୍ଯ୍ୟନ୍ତ ଏ ଅଞ୍ଚଳରେ ସଂସ୍କାରମୂଳକ କାର୍ଯ୍ୟକରି ଚାଲିଥିଲେ। ସତ୍ୟବାଦୀ ବନବିଦ୍ୟାଳୟରେ ଛାତ୍ରମାନେ ଯେପରି ପରବର୍ତ୍ତୀ ପର୍ଯ୍ୟାୟରେ ଯିଏ ଯେଉଁଠି ରହିଲେ ବି ସେମାନେ ବାରିହୋଇ ପଡୁଥିଲେ, ସେହିପରି ବିଜାପୁର ଆଶ୍ରମରେ ତାଲିମ୍ ହୋଇଥିବା କର୍ମୀମାନେ ଏ ଅଞ୍ଚଳରେ ଶୋଷଣ କଷଣ ଅନ୍ୟାୟ ଅତ୍ୟାଚାର ଓ ନିଶାଦ୍ରବ୍ୟ ବିରୁଦ୍ଧରେ ସଂଗ୍ରାମ ଜାରି ରଖୁଥିଲେ।

ସରକାରଙ୍କ ଦ୍ୱାରା ନିର୍ମିତ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନାରେ ବିସ୍ଥାପିତ ହୋଇଥିବା ଆଦିବାସୀମାନେ ଏହି ଅଞ୍ଚଳରେ ଆଶ୍ରୟ ନେଇଥିଲେ। ପୁଣି କଳାହାଣ୍ଡି ଅଞ୍ଚଳରୁ ମଧ୍ୟ ଅଭାବ ଅନାଟନରେ ପୀଡ଼ିତ ଅଧିକାଂଶ ଲୋକ ଏହି ଅଞ୍ଚଳକୁ ଆସି ବସବାସ କରୁଥିଲେ। ଫଳରେ ସ୍ଥାନୀୟ ଲୋକେ ଏମାନଙ୍କୁ ପ୍ରତିରୋଧ ଆରମ୍ଭ କରିଦେଲେ। ସେମାନଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏମାନଙ୍କ ମଧ୍ୟରେ ଶାନ୍ତି ବଜାୟ ରଖିବା ପାଇଁ ଏହି କର୍ମୀମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଉମରକୋଟର କର୍ମୀ ଆନନ୍ଦ ନାୟକ ଏହାର ନେତୃତ୍ୱ ନେଇଥିଲେ। ନବରଙ୍ଗପୁର ଆଦିବାସୀ ଦଳିତ ଚାଷୀ ମୂଲିଆ ସଂଗଠନ ଗଠନ ହୋଇଥିଲା। ଇନ୍ଦ୍ରାବତୀ ଶ୍ରମିକ ସଂଘର ନେତା ଦୟାନିଧି ସାହୁ ବିସ୍ଥାପିତମାନଙ୍କୁ ଏ ଅଞ୍ଚଳରେ ଥଇଥାନ କରିବାପାଇଁ ଅନେକ ପ୍ରଚେଷ୍ଟା କରିଥିଲେ। ଏହି ସମୟରେ ମାଳତୀ ଚୌଧୁରୀ, ମା' ରମାଦେବୀ, ପାର୍ବତୀ ସ୍ୱାଇଁ ପ୍ରଭୃତି ଆସି ବିସ୍ଥାପିତ କନ୍ଧ ମାନଙ୍କର ଥଇଥାନ କରିଥିଲେ ଓ ସେଇ ଗାଁ ଗୁଡିକର ନାମ କନ୍ଧଗୁଡ଼ା ବୋଲି ଦେଇଥିଲେ। ଏବେ ସୁଦ୍ଧା ଏହି ଅଞ୍ଚଳରେ ପାଞ୍ଚଛଅଟି ଗାଁ କନ୍ଧଗୁଡ଼ା ୧, ୨, ୩, ୪, ୫ ଅନୁକ୍ରମରେ ରହିଛି। ସେମାନଙ୍କ ଲୋକ ସଂଖ୍ୟା ବଢ଼ିଗଲାଣି। ଗାଁର ଆକୃତି ପ୍ରକୃତି ବଦଳି ଗଲାଣି।

ଏ ଅଞ୍ଚଳକୁ ନିଶାମୁକ୍ତ ଅଞ୍ଚଳ କରିବା ପାଇଁ ସର୍ବୋଦୟ କର୍ମୀମାନେ ନେତୃତ୍ୱ ନେଇଥିଲେ ସେମାନଙ୍କ ମଧ୍ୟରେ ଥିଲେ ନୟନା ମାଝୀ ଓ ନରହରି ଜାନୀ। ଏ ଅଞ୍ଚଳର ସ୍ତ୍ରୀ ଲୋକମାନଙ୍କୁ ଏକତ୍ରିତ କରି ଗାଁ ଗାଁ ବୁଲି ମଦଭାଟି ଭାଙ୍ଗିଲେ। ମଦୁଆମାନଙ୍କୁ ଗାଁ ଭିତରକୁ ପ୍ରବେଶ କରିବାକୁ ଦେଲେ ନାହିଁ। ଆନ୍ଦୋଳନ ଏତେ ବ୍ୟାପକ ହେଲା ଯେ ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ ପୋଲିସ୍‌କୁ ମଧ୍ୟ ନାକେଦମ୍ ହେବା ପାଇଁ ପଡିଥିଲା। ଡି.ଏସ୍.ପି. ସାମ୍ନାରେ ନୟନା ମାଝୀ ଓ ତାଙ୍କର ସହ ଆନ୍ଦୋଳନ କାରିଣୀ ମାନେ ଦୁଇଜଣ ଅବକାରୀ କଲେକ୍ଟରଙ୍କୁ ନିସ୍ତୁକ ମାଡ଼ ମଧ୍ୟ ମାରିଥିଲେ। ସେ ସମୟରେ ନବରଙ୍ଗପୁର ଜିଲ୍ଲାପାଳ ଥିଲେ ବିଜୟ ଆରୋରା। ସେ ନୟନା ମାଝୀ ସମେତ ଅନ୍ୟ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ, ଏ ଆନ୍ଦୋଳନ ପୂର୍ଣ୍ଣମାତ୍ରାରେ ସଫଳ ହୋଇଥିଲା। ଏ ଅଞ୍ଚଳରୁ ମଦ୍ୟପଙ୍କ ସଂଖ୍ୟା କମିଯାଇଥିଲା।

ପରେ ପରେ କର୍ମୀମାନେ ଜମି ଆନ୍ଦୋଳନର ପୁରୋଧା ହୋଇ ସଂଗ୍ରାମ କରିଥିଲେ। ବିସ୍ଥାପିତ କନ୍ଧ ସଂପ୍ରଦାୟ ଯେଉଁ ଅଞ୍ଚଳରେ ବସବାସ କରୁଥିଲେ ସେ ଅଞ୍ଚଳକୁ ଜଙ୍ଗଲଜମି ବୋଲି ସେମାନଙ୍କୁ ସରକାର ଉଚ୍ଛେଦ କରିବା ପାଇଁ ଚେଷ୍ଟା କଲେ। ମୃତ୍ତିକା ସଂରକ୍ଷଣ ବିଭାଗ ତରଫରୁ ସେଠାରେ କାଜୁଗଛ ରୋପଣ କରାଗଲା। କିନ୍ତୁ ସର୍ବୋଦୟ କର୍ମୀମାନେ ଏହାର ଘୋର ବିରୋଧ କଲେ। ଏହାଛଡ଼ା ଯେଉଁ ଆଦିବାସୀ ଜମିକୁ ବନ୍ଧକ ସୂତ୍ରରେ ନେଇ ଅଣ ଆଦିବାସୀ ବିଶେଷତଃ ଶରଣାର୍ଥୀ ବଙ୍ଗାଳୀମାନେ ଚାଷ କରୁଥିଲେ। ସେସବୁକୁ ଫେରାଇ ନେବା ପାଇଁ ବେଶ୍ ଜୋର୍‌ରେ ଆନ୍ଦୋଳନ ଚାଲିଥିଲା। ଏ ଆନ୍ଦୋଳନରେ ମଧ୍ୟ ନୟନା ମାଝୀ ଓ ନରହରି ଜାନୀ ସଂପୃକ୍ତ ଥିଲେ। ବିଜାପୁର ପରେ ଉମରକୋଟ ଓ ନବରଙ୍ଗପୁର ରାସ୍ତାକୁ ହଜାର ହଜାର ଆନ୍ଦୋଳନକାରୀ ଅବରୋଧ କରିଥିଲେ। (କ୍ରମଶଃ...)



ଭାପୁର, (ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ କଳାଙ୍ଗ ଗ୍ରାମ ମାଳିସାହିର ଗଙ୍ଗାଧର ମଳିକ (୮୦) ଶୁକ୍ରବାର ଦିନ ବନ୍ଧୁଘର ବିଜିପୁର ପଞ୍ଚାୟତ ସୁନାଖଳା ଗ୍ରାମକୁ ବାଇକ୍‌ରେ ଆସିଥିଲେ। ସେ ସନ୍ଧ୍ୟା ସମୟରେ ନିଜ ଗାଁ'କୁ ଫେରିବା ସମୟରେ ଭାପୁର ସଦର ମହକୁମାସ୍ଥ ପେଟ୍ରୋଲ ଟାଙ୍କି ନିକଟରେ ଜଣେ ଯୁବକଙ୍କର ବାଇକ୍ ଗଙ୍ଗାଧର ମଳିକଙ୍କୁ ଧକ୍କା ଦେଇ ଦୁର୍ଘଟଣା ଘଟେଇଥିଲା। ସେ ଘଟଣାସ୍ଥଳରେ ମୁମୂର୍ଷ ଅବସ୍ଥାରେ ପଡ଼ି ଛଟପଟ ହେଉଥିବାବେଳେ ବାଇକ୍ ଚାଳକ ଦ୍ରୁତ ଗତିରେ ଭାପୁର ଗ୍ରାମ ପାଇକସାହି ଭିତରେ ଫେରାର ହେଉଥିବା ଅବସ୍ଥାରେ ସେହି ସାହିର କୁମର ପ୍ରଧାନ(୬୦)ଙ୍କୁ ଦୁର୍ଘଟଣା ଘଟେଇ ବାଇକ୍‌କୁ ଘଟଣା ସ୍ଥଳରେ ଛାଡି ଫେରାର ହୋଇଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌କୁ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ଦୁଇ ଆହତଙ୍କୁ ଚିକିତ୍ସା ନିମନ୍ତେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଗଙ୍ଗାଧରଙ୍କ ମୁହଁ ମାଡ ହେବା ସହିତ ଦାନ୍ତ ଭାଙ୍ଗି ଯାଇଥିବା ବେଳେ ଗୋଡ଼ରେ ଗଭୀର କ୍ଷତ ହୋଇ ୭/୮ ଟି ଷ୍ଟିଚ୍ ପଡ଼ିଛି। ସେହିପରି କୁମରଙ୍କର ଦେହ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଖୋର୍ଦ୍ଧା ଜିଲ୍ଲା ଚିକିତ୍ସାଳୟରୁ କଟକ ବଡ ମେଡିକାଲ ସ୍ଥାନାନ୍ତରିତ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ତାଙ୍କ ଅବସ୍ଥା ଗୁରୁତର ଥିବା ନେଇ ପରିବାର ତରଫରୁ ପ୍ରକାଶ।

# ଖବର ପ୍ରକାଶ ପରେ ମଧ୍ୟ ବନ୍ଦର ନିଷିଦ୍ଧାଞ୍ଚଳରୁ ହଟିନାହାନ୍ତି ବୁଲା ଗାଈ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ନିଷିଦ୍ଧାଞ୍ଚଳରେ ବୁଲା ଗାଇଗୋରୁଙ୍କ ବିଚରଣ ଯୋଗୁଁ ସମସ୍ୟା ସୃଷ୍ଟି ହୋଇଥିବା ବେଳେ ଏ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିବା ବେଳେ ଏହାର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସଏଫ ସୁରକ୍ଷା କର୍ମୀ କିମ୍ବା କର୍ତ୍ତୃପକ୍ଷ ଏଥିପ୍ରତି ଅଣଦେଖା କରିବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ନିଷିଦ୍ଧାଞ୍ଚଳରେ ପ୍ରବେଶ ଉପରେ କଡ଼ା କଟକଣା ରହିଥିବା ବେଳେ ଏହା ମଧ୍ୟକୁ ବୁଲା ଗାଇ କିପରି ପ୍ରବେଶ କରୁଛି ତାହା ଆଶ୍ଚର୍ଯ୍ୟ କରିଥିବା ବେଳେ ଡ୍ୟୁଟରେ ରହୁଥିବା ସିଆଇଏସଏଫ କର୍ମଚାରୀ ମାନେ ଏମାନଙ୍କୁ ନହଟେଇବା ଘଟଣା ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ସନ୍ଦେହ ପ୍ରକଟ କରାଯାଇଛି। ସୂଚନା ଥାଉକି ନିକଟରେ କିଛି ଗାଇ ଟ୍ରେନ, ହାଇୱା ଏବଂ ବିଭିନ୍ନ ମେସିନ ଧକ୍କାରେ ଗୁରୁତ ଆହତ ହେବା ପରେ କିଛି ବନ୍ଦର କର୍ମଚାରୀ ଡ୍ୟୁଟି ଯିବା ଆସିବା କରିବା ସମୟରେ ସେମାନଙ୍କ ଆଶୁ ଚିକିତ୍ସା କରିଥିବା ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତେବେ ଏ ବାବଦରେ ବନ୍ଦର କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେଇ ଏହି ବୁଲା ଗାଇମାନଙ୍କୁ ନିଷିଦ୍ଧାଞ୍ଚଳରୁ ବାହାରକୁ ଆଣିବାର ପ୍ରଚେଷ୍ଟା କଲେ ଅନେକ ନିରୀହ ଗୋମାତାଙ୍କ ଜୀବନ ସୁରକ୍ଷିତ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ଆଶା ପ୍ରକଟ କରିବା ସହ ବନ୍ଦର ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# ଗୋଚର ଜମିରୁ କାଟି ନେଲେ ଶତାଧିକ ଗଛ



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ବନଖଣ୍ଡ ଘଟଗାଁ ରେଞ୍ଜ ତରା ଗ୍ରାମରୁ କାଠ ମାଫିଆମାନେ ଶହଶହ ସଂଖ୍ୟାରେ ୟୁକାଲିପଟାସ ଗଛ କାଟି ନେଇଛନ୍ତି। ତରା ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ ତରା ଗ୍ରାମର ଖାତା ନମ୍ବର ୨୪୬ ପ୍ଲଟ ନମ୍ବର ୬୬୦ର ୨୯ଏକର ଗୋଚର ଜମିରୁ କାଠ ମାଫିଆମାନେ ଶହଶହ ସଂଖ୍ୟାରେ ୟୁକାଲିପଟାସ ଗଛ କାଟି ନେଇଛନ୍ତି। ଏ ନେଇ ଘଟଗାଁ ତହସିଲଦାରଙ୍କ ନିକଟରେ ଅଭିଯୋଗ ହେବା ପରେ ସେ ଏହାର ତଦନ୍ତ କରି ରିପୋର୍ଟ ଦେବାକୁ ତରା ରାଜସ୍ୱ ନୀରିକ୍ଷକଙ୍କୁ ଆଦେଶ କରିଥିଲେ। ତରା ରାଜସ୍ୱ ନୀରିକ୍ଷକ ଯାଂଚ କରିବା ପରେ ଏହା ଗୋଚର ଜମିରେ କଟାଯାଇଥିବା ନେଇ ତହସିଲଦାରଙ୍କୁ ରିପୋର୍ଟ କରିଥିଲେ। ଚିଠି ନମ୍ବର ୩୧୧୯ ତା ୨୦/୦୮/୨୦୨୫ରେ ତହସିଲଦାର ତୁରନ୍ତ କାଠ ଜବତ୍ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଘଟଣା ରେଞ୍ଜରଙ୍କୁ ଚିଠି କରିଛନ୍ତି। ଘଟଗାଁ ରେଞ୍ଜ ବାଲିପୋଖରୀ ବିଟ୍ ଅଞ୍ଚଳରେ ଏହି ବେଆଇନ ଗଛ କଟା ଚାଲିଥିଲେ ହେଁ ବନ ବିଭାଗ ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଅଭିଯୋଗ ହୋଇଛି। ଏ ନେଇ ବାଲି ପୋଖରୀ ବିଟ୍‌ର ବନରକ୍ଷୀ ଯାଜ୍ଞସେନୀ ଗୋଚ୍ଛାୟତଙ୍କୁ ପଚାରିବାରୁ ସରକାରୀ ଜମିରେ ବେଆଇନ ୟୁକାଲିପଟାସ ଗଛ କଟା ଯାଉଥିବା ଦେଖି ସେ ତୁରନ୍ତ ଢେଙ୍କିକୋଟ ସେକ୍ସନର ବନପାଳ ନଗେନ୍ଦ୍ର ଜେନାଙ୍କୁ ଅବଗତ କରିଥିଲେ। ତେବେ ବନପାଳ ଗଛ କାଟିବା ପାଇଁ ତରା ରାଜସ୍ୱ ନୀରିକ୍ଷକ ରମାକାନ୍ତ ମହାନ୍ତ ସେମାନଙ୍କୁ ଅନୁମତି ଦେଇଥିବା କଥା କହିଥିଲେ। ତେବେ ତହସିଲଦାରଙ୍କ ଚିଠି ପରେ ବେଆଇନ ଭାବେ ଗଛ କଟାଯାଉଥିବା ସେ ଜାଣିବାକୁ ପାଇଥିଲେ। ଏ ନେଇ ଘଟଗାଁ ରେଞ୍ଜର ସରୋଜ କୁମାର ମିଶ୍ରଙ୍କ ପଚାରିବାରୁ ୟୁକାଲିପଟାସ କାଠ ଗଣ୍ଡ ଜବତ୍ କରାଯାଇ ମାମଲା ରୁଜୁ କରାଯାଇଛି। କାଠ ମାଫିଆ ଏବଂ ସେମାନଙ୍କୁ ସହଯୋଗ କରିଥିବା ଲୋକଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି କହିଛନ୍ତି।

# ଦୋକାନରୁ ଚୋରି, ଜଣେ ଗିରଫ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ବ୍ଲକ୍ ଅଂଚଳରେ ଚୋରଙ୍କ ଆତଙ୍କ ଖେଳି ଯାଇଥିବା ବେଳେ ବିଭିନ୍ନ ସମୟରେ ଚୋରମାନେ ଘର ଓ ଦୋକାନରେ ପଶି କଳା କନା ବୁଲାଉଛନ୍ତି। ପ୍ରତ୍ୟେକ ଥାନା ଅଞ୍ଚଳରେ ଚୋରଙ୍କର ପ୍ରାଦୁର୍ଭାବ ବଢ଼ି ଚାଲିଛି। ଗତ ବୁଧବାର ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଦଳଭାଣପୁର ଗ୍ରାମର ସୂର୍ଯ୍ୟକାନ୍ତ ବାଘଙ୍କ ଦୋକାନରୁ ଚୋରୀ କରିବା ମାମଲାରେ ଜଣେ ଅଭିଯୁକ୍ତକୁ ଗିରଫ କରି ଶନିବାର ଦିନ କୋର୍ଟ ଚାଲଣ କରିଛି ପୋଲିସ। ଅଭିଯୁକ୍ତ ଜଣକ ଦଳଭାଣପୁର ଗ୍ରାମର ଆଶିଷ ନାରାୟଣ ବେହେରା ବୋଲି ପୋଲିସ ସୂଚନା ଦେଇଛି। ମିଳିଥିବା ସୂଚନା ମୁତାବକ, ଆଶିଷ ଅନ୍ୟ ଅଭିଯୁକ୍ତ ମାନଙ୍କ ସହ ମିଶି ବୁଧବାର ବିଳମ୍ବିତ ରାତିରେ ଗ୍ରାମର ସୂର୍ଯ୍ୟକାନ୍ତ ବାଘଙ୍କର ମେଳନ ପଡ଼ିଆରେ ଥିବା ଗ୍ରୋସରୀ ଦୋକାନ କବାଟ ଭାଙ୍ଗି ନଗଦ ଟଙ୍କା ସହ ୧୦ ହଜାର ଟଙ୍କା ମୂଲ୍ୟର ଗ୍ରୋସରୀ ସାମଗ୍ରୀ ନେଇ ଯାଇଥିଲେ ବୋଲି ସୂର୍ଯ୍ୟକାନ୍ତ ଥାନାରେ ଘଟଣା ପରଦିନ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା ବେଳେ ପୋଲିସ ଗତ ଶୁକ୍ରବାର ବିଳମ୍ବିତ ରାତିରେ ଦଳଭାଣପୁର ଗ୍ରାମରେ ଚଢ଼ଉ କରି ଆଶିଷଙ୍କୁ ଗିରଫ କରିଥିଲା।

## ଓଡିଶା ମୋଟର ଚାଳକ ସଂଘ ପକ୍ଷରୁ ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଓଡିଶା ମୋଟର ଚାଳକସଂଘ ଜଗତସିଂହପୁର ଶାଖାର ସଦସ୍ୟ ଆଦିତ୍ୟ ପ୍ରସାଦ ମହାନ୍ତିଙ୍କର ଗାଡି ଦୁର୍ଘଟଣାରେ ୧୧ ଅଗଷ୍ଟ ଦିନ ଆକସ୍ମିକ ବିୟୋଗ ହୋଇଥିଲା। ମୃତ ଡ୍ରାଇଭରଙ୍କ ପରିବାରକୁ ଶୋକସନ୍ତପ୍ତ ପରିବାରକୁ ସାକ୍ଷାତ କରିବା ସହିତ ତାଙ୍କ ଏକାଦଶାହ ପାଇଁ ଓଡିଶା ମୋଟର ଚାଳକ ସଂଘ ଅରୁଣ କୁମାର ମହାନ୍ତିଙ୍କ ନେତୃତ୍ୱରେ ସହାୟତା ରାଶି ପ୍ରଦାନ କରିବା ସହିତ ଅମରାତ୍ମାର ସଦଗତି କାମନା କରିଥିଲେ। ଏଥିରେ ଓଡିଶା ମୋଟର ଚାଳକ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

# ଟ୍ରେନ୍ ଧକ୍କାରେ ସ୍କୁଟି ଚାଳକ ଗୁରୁତର



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ-ଧାମରା ରେଳପଥର ମହରମପୁର ନିକଟରେ ଥିବା ଏକ ଲେଭଲକ୍ରସିଂକୁ ଅତିକ୍ରମ କରୁଥିବା ବେଳେ ଏକ ମାଲ ବୋଝେଇ ଟ୍ରେନ ଧକ୍କାରେ ମହରମପୁର ଗ୍ରାମର ପାର୍ଥସାରଥୀ ବଳ (୩୧) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ଶନିବାର ପୂର୍ବାହ୍ନରେ ପାର୍ଥସାରଥି ସ୍କୁଟି ନେଇ ତିହିଡ଼ି ବଜାରରେ ଥିବା ଦୋକାନକୁ ଆସୁଥିଲେ। ଏହି ସମୟରେଭଦ୍ରକରୁ ଧାମରା ଅଭିମୁଖେ ଯାଉଥିବା ଏକ ମାଲବାହୀ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ପାଥସାରଥୀ ସ୍କୁଟିରୁ ଛିଟିକି ପଡ଼ି ରେଳଧାରଣା ପାର୍ଶ୍ୱରେ ପଡ଼ିଥିଲେ। ହଠାତ୍ ସେଠାରେ ଥିବା ରେଳପଥ ସୁରକ୍ଷା କର୍ମୀ ତାଙ୍କୁ ଉଠାଇ ନେଇଥିଲେ। ଯେଉଁଥିପାଇଁ ପାର୍ଥସାରଥୀଙ୍କର ଜୀବନ ରକ୍ଷା ହୋଇଯାଇଥିଲା। ଟ୍ରେନ୍ ଧକ୍କାରେ ପାର୍ଥସାରଥୀଙ୍କର ସ୍କୁଟିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଗୁରୁତର ଅବସ୍ଥାରେ ପାର୍ଥସାରଥୀଙ୍କୁ ଚିକିତ୍ସା ପାଇଁ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ମହରମପୁର ଲେଭଲ କ୍ରସିଂରେ ଫାଟକ ନଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଧାମରା ବନ୍ଦର କମ୍ପାନୀ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଯାହାଫଳରେ ଏପରି ଦୁର୍ଘଟଣା ଘଟୁଛି। ଖବର ପାଇ ମହରମପୁର ସରପଞ୍ଚ ତାପସ ବେହେରା, ସମିତିସଭ୍ୟ ଧର୍ମାନନ୍ଦ ବେହେରା, ବିଜେପି ନେତା ଶଶାଙ୍କ ରାଉଳଙ୍କ ସହିତ ଗ୍ରାମବାସୀମାନେ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସା ପାଇଁ ସହଯୋଗ କରିଥିବା ବେଳେ ତୁରନ୍ତ ଫାଟକ ନିର୍ମାଣ ପାଇଁ ଦାବି କରିଛନ୍ତି।

## ଟ୍ରାକ୍ଟର-ବାଇକ ଧକ୍କା : ଜଣେ ଆହତ

ନିଆଳି, (ଭାସ୍କର ନ୍ୟୁଜ୍): ନିଆଳି ଥାନା ଅଧିନସ୍ତ ନୂଆ ଗାଁ ପଂଚାୟତ ମଝି ଖଣ୍ଡ ଛକରେ ଟ୍ରାକ୍ଟର ସହିତ ଏକ କେଟିଏମ ବାଇକ୍ ଶନିବାର ସନ୍ଧ୍ୟା ସମୟରେ ଧକ୍କା ହୋଇଛି। ଏହି ବାଇକ ଚାଳକ ଆହତ ହୋଇଥିବା ବେଳେ ଗାଡିଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ବାଇକ ଚାଳକ ଙ୍କର ନିଆଳି ବଙ୍ଗାଳି ସାହି ହୋଇଥିବା ବେଳେ ଟ୍ରାକ୍ଟର ମାଲିକଙ୍କ ଘର ନିଆଳି ସାହି। ଦୁର୍ଘଟଣା ପରେ ଘଟଣା ସ୍ଥଳରେ ଉତ୍ତେଜନା ଲାଗି ରହିଥିବା ବେଳେ, ଖବର ପାଇ ନିଆଳି ଥାନା ପୋଲିସ ପହଂଚି ଗାଡି ଦୁଇଟିକୁ ଥାନାକୁ ଆଣିଛି।

## ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଉଦ୍‌ଯାପିତ

# ପ୍ରଶଂସା କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର



ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ନୂତନ ଭବିଷ୍ୟତ ନିର୍ମାଣର 'ସୂତ୍ରଧର' ଟ୍ରଷ୍ଟ ପକ୍ଷରୁ ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଆୟୋଜିତ ୪ ଦିନିଆ ଚତୁର୍ଥ ରାଜ୍ୟସ୍ତରୀୟ ଫଟୋ ପ୍ରଦର୍ଶନୀ ଜୟଦେବ ଭବନରେ ସମାପ୍ତ ହୋଇଛି। ଶୁକ୍ରବାର ଉତ୍ସବର ଶେଷ ଦିନରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଫଟୋ ପ୍ରଦର୍ଶନୀ ବୁଲି ଦେଖିଥିଲେ। ସେ ବିଭିନ୍ନ ଫଟୋ ଦେଖି ଫଟୋ ଉଠାଇଥିବା ବ୍ୟକ୍ତିଙ୍କ ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଧାୟକ ତଥା ଅଭିନେତା ସିଦ୍ଧାନ୍ତ ମହାପାତ୍ର, ସମାଜସେବୀ ଡ. ଶ୍ରୁତି ମହାପାତ୍ର, କଟକ ହେରିଟେଜ୍ ୱାକ୍ ମୁଖ୍ୟ ଦୀପକ ସାମନ୍ତରାୟ, ମହାବୋଧି ସୋସାଇଟି ଅଫ ଇଣ୍ଡିଆର ଉପସଭାପତି ସୌରେନ୍ଦ୍ର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ, ବରିଷ୍ଠ ବିଜେପି ନେତା ସଜ୍ଜନ ଶର୍ମା, ଗବେଷକ ଅନୀଲ ଧିର ଓ ତାମରନ ଇଣ୍ଡିଆର ସେଲ୍ ହେଡ୍ ରବି ଶଙ୍କର ପ୍ରମୁଖ ଅତିଥିଭାବରେ ଉପସ୍ଥିତ ଥିଲେ। ଏ ଅବସରରେ ଓମ୍ ପ୍ରକାଶ ଶର୍ମା, ଦୁର୍ଗା ସାମନ୍ତରାୟ, ରନ୍ଧାକର ସାହୁ, ଯୁବ ସାମ୍ବାଦିକ ଏସ୍ ରାଜୀବ ଗୌରବ, ବିରଞ୍ଚି ନାରାୟଣ ମହାସୁପକାର ଓ ଶ୍ରୀନିବାସ ଘଟୁଆରୀଙ୍କୁ 'ନବୀନ ସୂତ୍ରଧର ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଥିଲେ। ସେହିପରି ଡ. ସନ୍ତୋଷ ମହାଳିକ, ଦେବଦତ୍ତ ମଲ୍ଲିକ, ଶମ୍ପଶ୍ରୀ ମୁଣ୍ଡଙ୍କ ଫଟୋକୁ ଶ୍ରେଷ୍ଠ ପୁରସ୍କାର ଓ ବଳରାମ ଖଟୁଆ, ଚନ୍ଦନ ଦାସ, ପଲ୍ଲବରାଜ ପାଟଶାଣୀ, ସୁଜିତ କୁମାର ବିଶୋଇ, ସ୍ୱସ୍ତିକ ମହାନ୍ତି, ଗୌରୀଶଙ୍କର ପାତ୍ର ଓ ସବ୍ୟସାଚୀ ଜେନାଙ୍କୁ ଉଦୀୟମାନ ଫଟୋଗ୍ରାଫର ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରାରମ୍ଭରେ ଟ୍ରଷ୍ଟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ୨୧୨ ଲିଟର ଦେଶୀ ମଦ ଜବତ, ୪ ଗିରଫ

ବୋଲଗଡ, (ଭାସ୍କର ନ୍ୟୁଜ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ଅଧିକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶ ଓ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ୱାବଧାନରେ ବିଭିନ୍ନ ସ୍ଥାନରେ ଚଢାଉ କରି ୨୧୨ ଲିଟର ଦେଶୀ ମଦ ଜବତ ସହ ୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସଞ୍ଜୟ କୁମାର ସୁବୁଦ୍ଧିଙ୍କ ସୂଚନା ଅନୁଯାୟୀ ଜାମୁସାହି ଗ୍ରାମର ତପନ କୁମାର ଜେନା, ନିରଞ୍ଜନ ପରିଡ଼ା, ଶାମୁକା



ପାଟଣା ଗ୍ରାମର ସଞ୍ଜୁ ପରିଡ଼ା ଓ ଭବନୀପୁର ଗ୍ରାମର ପତିଆ ସ୍ୱାଇଁ ସହ ଏକଡ଼ାଳିଆ କାଜୁ ଜଙ୍ଗଲରୁ ଦେଶୀ ମଦ ପୋଚ ନଷ୍ଟ କରିଛି। ଏଥିରେ ସିପାହୀ ପୁରୁଷୋତ୍ତମ ନାୟକ ଓ ବିଦ୍ୟୁତପ୍ରଭା ସାହୁ ସାମିଲ ହୋଇଥିଲେ।

# ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ସଂସ୍କାର କାର୍ଯ୍ୟକ୍ରମ




ଆସିକା, (ଭାସ୍କର ନ୍ୟୁଜ୍): ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୈତିକତାର ବାର୍ତ୍ତା ବହନ କରିବା ଆଭିମୁଖ୍ୟ ନେଇ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଏବଂ ଯୁବ ରେଡକ୍ରସ ଶାଖାର ସଂଯୋଜନାରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଚିନ୍ମୟ ମିଶନ, ବାରିପଦାର ବେଦ ଓ ଭାଗବତ ଗୀତା ବିଶାରଦ ଏବଂ ପ୍ରଗଳ୍ଭ ବକ୍ତା ସ୍ୱାମୀ ଗୋବିନ୍ଦାନନ୍ଦ ମଞ୍ଚାସୀନ ଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ରଥଙ୍କ ଦ୍ୱାରା ମଞ୍ଚାସୀନ ମୁଖ୍ୟ ଅତିଥିଙ୍କ ପରିଚୟ ପ୍ରଦାନ ପୂର୍ବକ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। ତତ୍ପଶ୍ଚାତ୍ ଅତିଥିଙ୍କ ଦ୍ୱାରା ଶିକ୍ଷକ ଧନଞ୍ଜୟ ମହାପାତ୍ରଙ୍କ ବେଦ ମନ୍ତ୍ର ଧ୍ୱନୀ ସହ ଚତୁର୍ଦ୍ଧାମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଥିଲା। ଅଧ୍ୟକ୍ଷ ଡ. ଚୌଧୁରୀ ସ୍ୱାଗତ ଭାଷଣ ରଖିଥିଲେ ଏବଂ ଯୁବସଂସ୍କାର କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ସ୍ୱାମୀ ଗୋବିନ୍ଦାନନ୍ଦଙ୍କ ନୈତିକତାର ଓଜସ୍ୱିନୀ ବକ୍ତବ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଆଜିର ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣକୁ ଭ୍ରୂକ୍ଷେପ ନ କରି ମୋବାଇଲ୍ ଫୋନରେ ନିଜକୁ ନିୟୋଜିତ ରଖି ମାନସିକ ଏବଂ ଶାରୀରିକ ସ୍ତରରେ କିପରି ବିକୃତି ଏବଂ ଉଚ୍ଛୃଙ୍ଖଳ ହୋଇପଡୁଛନ୍ତି, ସେହି ବିଷୟରେ ନିଜର ବ୍ୟକ୍ତିଗତ ମତ ସାବ୍ୟସ୍ତ କରିଥିଲେ। ୫ଜି ମୋବାଇଲ ଫୋନର ଅବଧାରଣା ଏବଂ ପରିଭାଷାକୁ ପାଞ୍ଚଟି ସୋପାନ ଦେଇ ନିଜ ଭବିଷ୍ୟତ ଜୀବନକୁ ଗଢ଼ିତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ସେହି ପାଞ୍ଚଟି ସୋପାନ ହେଲା, ପ୍ରଥମ-ଜି ମାନେ ଗଡ୍ (ଭଗବାନ)ଙ୍କୁ ଜାଣିବା, ଦ୍ୱିତୀୟ-ଜି ମାନେ ଗୁରୁ, ଗୁରୁଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ କରିବା, ତୃତୀୟ-ଜି ମାନେ ଗ୍ରାଟିଟ୍ୟୁଡ୍ (କୃତଜ୍ଞତା), ଅଭିଭାବକ ଏବଂ ଗୁରୁଙ୍କ ପ୍ରତି କୃତଜ୍ଞ ହେବା, ଚତୁର୍ଥ-ଜି ମାନେ ଗୋଲ୍ (ଲକ୍ଷ୍ୟ) ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଏବଂ ପଞ୍ଚମ-ଜି ମାନେ ଗ୍ରୋଥ୍ (ବୃଦ୍ଧି) ବା ଗ୍ରାଜୁଏଟ୍ ରୂପେ ନିଜର ବ୍ୟକ୍ତିତ୍ୱକୁ ବିକାଶ କରିବାର ଅର୍ଥରେ ଆକଳନ କରିଥିଲେ। ଉପରୋକ୍ତ ପରିଚର୍ଯ୍ୟାରେ ଜୀବନକୁ ଅତିକ୍ରାନ୍ତ କରିପାରିଲେ ନିଜର ଏବଂ ଦେଶର ଉତ୍ତରୋତ୍ତର ଉନ୍ନତି ସାଧିତ ହୋଇପାରିବ ବୋଲି ନୈତିକତାର ବାର୍ତ୍ତା ରଖିଥିଲେ ମୁଖ୍ୟ ଅତିଥି ସ୍ୱାମୀ ଗୋବିନ୍ଦାନନ୍ଦ। ଅନ୍ୟାନ୍ୟ ମଞ୍ଚାସୀନ ଅତିଥିଙ୍କ ଗହଣରେ ବିରାଜମାନ ଥିଲେ, ପ୍ରଶାସନିକ ଅଧିକାରୀ ବିଭୁତିଭୂଷଣ ବେବର୍ତ୍ତା, ସହ ପ୍ରଶାସନିକ ଅଧିକାରୀ ଡ. ଅଭୟ କେଶରୀ ପରିଚ୍ଛା ପଟ୍ଟନାୟକ, ଶୈକ୍ଷିକ ଅଧିକାରିଣୀ ଡ. ସ୍ମିତାରାଣୀ ପଣ୍ଡା, କାର୍ଯ୍ୟକ୍ରମ ସଂଯୋଜକ ଏବଂ ଯୁବ ରେଡକ୍ରସ ଉପଦେଷ୍ଟା ରାଜେଶ୍ କୁମାର ସାହୁ, ଆବାହକ ଅଧ୍ୟାପିକା କୁମାରୀ ପଦ୍ମାବତୀ ମଲ୍ଲିକ।

## ୧୯୨ କିଲୋ ଗଞ୍ଜେଇ ଜବତ

ବାଲିମେଳା, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଓରକେଲ ପୋଲିସ ଆଜି ଜଙ୍ଗଲରେ ଗଚ୍ଛିତ ଥିବା ବିପୁଳ ପରିମାଣର ଗଞ୍ଜେଇକୁ ଜବତ କରିଛି ଓରକେଲ ପୋଲିସ। ମିଳିଥିବା ସୂଚନାନୁଯାୟୀ କତାପାଲି ଜଙ୍ଗଲରେ ବିପୁଳ ପରିମାଣର ଗଞ୍ଜେଇ ଗଚ୍ଛିତ ଥିବା ଥାନାଧିକାରୀ ଧୀରେନ ପଟ୍ଟନାୟକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଖବର ପାଇଥିଲେ। ଏହାପରେ ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସଆଇ ମନୋହର ସାହୁଙ୍କ ନେତୃତ୍ୱରେ ଏକ ଟିମ ବାଲିମେଳା-ବେଜିଂଗୁଡା ମୁଖ୍ୟ ରାସ୍ତାର କତାପାଲି ଗ୍ରାମରେ ଥିବା ଜଙ୍ଗଲ କୁ ଯାଇ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ୯ ଟି ବସ୍ତାରେ ୧୯୨ କିଲୋ ୬୦୦ ଗ୍ରାମ ଗଂଜେଇ ଥିବା ଦେଖିବାକୁ ପାଇଥିଲେ। ଏହାପରେ ଉକ୍ତ ସମସ୍ତ ଗଞ୍ଜେଇ ବସ୍ତା ଗୁଡିକୁ ଓରକେଲ ଥାନାକୁ ନିଆଯାଇଥିଲା। ତେବେ ଉକ୍ତ ଗଂଜେଇର ଆନୁମାନିକ ମୂଲ୍ୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବା ସହ ଚାଲାଣକାରୀ ମାନେ ଉକ୍ତ ଗଂଜେଇକୁ ବାହାରକୁ ଚାଲାଣ ନିମନ୍ତେ ରଖିଥିବା ତଦନ୍ତକାରୀ ଅଧିକାରୀ ମିଳନ ବାରିହା କହିଛନ୍ତି।

# ନିର୍ମାଣ ପୂର୍ବରୁ ଜମି ଅଧିଗ୍ରହଣ ହେଲା ନାହିଁ କାହିଁକି ?





କୋରେଇ, (ଭାସ୍କର ନ୍ୟୁଜ୍): କୋରେଇ ବ୍ଲକ ବନ୍ଦାଳୋ ପଞ୍ଚାୟତରୁ ସୁଦୂର ଭଦ୍ରଖ ଜିଲ୍ଲାକୁ ସଂଯୋଗ କରିବାକୁ ବୈତରଣୀ ନଦୀ ଉପରେ ହେଇଥିବା ବିଜୁ ସେତୁ ଟିର ବିବାଦ ପିଛା ଛାଡୁନହିଁ। ଏହାକୁ ଟେଣ୍ଡର ପାଇଥିବା ଠିକାଦାର ଯେନ ତେନ ଉପାୟରେ ଶେଷ କରଥିବା ବେଳେ ପୋଲର ଗୋଟିଏ ପାଖ ଆପ୍ରଚ ରୋଡ଼ ହୋଇଥବା ବେଳେ ଭଦ୍ରଖ ପଟର ଆପ୍ରଚ ରୋଡ଼ ହୋଇନଥିବାରୁ ଦୀର୍ଘ ୨ ବର୍ଷ ହେବ ନିର୍ମିତ ହୋଇ ସେତୁଟି ବ୍ୟବହାର ହୋଇ ପାରୁନି। ଅବ୍ୟବହୃତ ହୋଇ ଥିବାରୁ ପୋଲର ଚାରିଆଡେ ପାଣି ଜମୁଛି, ସଂନ୍ଧ୍ୟା ହେଲେ ପୋଲରେ ନିଶାଡ଼ୀ ମାନଙ୍କର ଅଡ୍ଡା ଜମୁଛି। ଏଭଳି ବିଭିର୍ନ୍ନ ପ୍ରକାର ଅନୈତିକ କାର୍ଯ୍ୟ ହେଉଥିବା ଅଭିଯୋଗ ବି ହେଉଛି। ଏଠାରେ ଉଲ୍ଲେଖ ଯୋଗ୍ୟକି, ୨୦୧୯ ମସିହାରେ ଯାଜପୁର ଜିଲ୍ଲା ଓ ଭଦ୍ରଖ ଜିଲ୍ଲାର ଲୋକଙ୍କ ଗମନା ଗମନ ସୁବିଧା ପାଇଁ ତତ୍କାଳୀନ ସରକାର ବୈତରଣୀ ନଦୀ ଉପରେ କୋଟି କୋଟି ଟଙ୍କା ବ୍ୟୟରେ ଏକ ବିଜୁ ସେତୁର ବ୍ୟୟ ବରାଦ କରିଥିଲେ। ଏହାର ନିର୍ମାଣ ଦାୟିତ୍ୱ ଗ୍ରାମ ଉର୍ନ୍ନୟନ ବିଭାଗକୁ ଦିଆ ଯାଇଥିବା ବେଳେ, ସେତେବେଳ କୋରେଇରେ ବିଧାୟକ ଥିବା ଆକାଶ ଦାଶ ନାୟକ ଏହାର ଶୁଭ ପକାଇ ଥିଲେ। କିନ୍ତୁ ଦୁଃଖର କଥା ଟେଣ୍ଡର ନେଇଥିବା ଠିକା ସଂସ୍ଥା ଅବଧି ସମୟରେ କାମ ସାରି ପାରିଲାନି। ପ୍ରଥମ ଅବଧି, ଦ୍ୱିତୀୟ ଅବଧି, ତୃତୀୟ ଅବଧିରେ ଯେନେ ତେନ ପ୍ରକାର କାମ ସାରିଦେଇ ଭଦ୍ରଖ ପାଖର ଆପ୍ରଚ ରୋଡ଼ର ଜମି ଅଧିଗ୍ରହଣ ହୋଇ ନଥିବାରୁ ରାସ୍ତା ନିର୍ମାଣ ନକରି ଚାଲିଯାଇଛି। ଏଠାରେ ପ୍ରଶ୍ନ ଉଠେ ସେତୁ ନିର୍ମାଣ ପୂର୍ବରୁ ଜମି ଅଧିଗ୍ରହଣ ହେଲା ନାହିଁ କାହିଁକି ? କାହିଁକି କୋଟିକୋଟି ଟଙ୍କାରେ ନିର୍ମିତ ପୋଲଟି ଦୁଇ ବର୍ଷ ଧରି ଅବ୍ୟବହୃତ ହୋଇ ପଡ଼ି ରହିଛି। ବର୍ତ୍ତମାନର ସରକାର ଓ କୋରେଇ ବିଧାୟକ ଆକାଶ ଦାଶ ନାୟକ ଅଞ୍ଚଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହାକୁ ଗୁରୁତ୍ୱର ସହିତ ନେଇ ଜମି ଅଧିଗ୍ରହଣ ପାଇଁ ବ୍ୟବସ୍ଥା କରାଇବା ସହିତ ତୁରନ୍ତ ଆପ୍ରଚ ରୋଡ଼ ନିର୍ମାଣ କରାଇ ପୋଲ ଟିକୁ କାର୍ଯ୍ୟକ୍ଷ୍ୟମ କରାଇଲେ ଉଭୟ ଯାଜପୁର ଓ ଭଦ୍ରଖ ଜିଲ୍ଲା ର ଲୋକ ମାନଙ୍କ ପାଇଁ ବରଦାନ ସଦୃଶ ହେବ।

## ଚୁପ ବସିଛି ପୋଲିସ ଓ ଅବକାରୀ ବିଭାଗ

# ଚିନ୍ତା ବଢ଼ାଉଛି ତ୍ରିଭୁଜ ଆକୃତି ରାସ୍ତା ପାର୍ଶ୍ୱ ମଦ ଦୋକାନ

୦ ମଦ ଦୋକାନ ସମ୍ମୁଖରେ ମଦୁଆଙ୍କ ଉତ୍ପାତ
୦ ସନ୍ଧ୍ୟା ହେଲେ ନିଘୋଡ଼ ନିଦ୍ରାରେ ପୋଲିସ, ଗଡୁନି ପାଟ୍ରୋଲିଂ ଗାଡି

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ରାତି ବଢିଲେ ତାତି ବଢୁଛି। ତ୍ରିଭୁଜାକୃତି ମଦ ଦୋକାନ ସାମ୍ନାରେ ସନ୍ଧ୍ୟା ହେଲେ ଭିଡ଼ ଜମୁଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ରାସ୍ତା ପାର୍ଶ୍ୱରେ ସନ୍ଧ୍ୟା ହେଲେ ଜମୁଛି ମଦୁଆଙ୍କ ଆସର। ମଦ ଓ ଚାଖଣା ଧରି ଉତ୍ପାତ କରୁଛନ୍ତି ମଦୁଆ। ଅସ୍ତରଙ୍ଗ ମୁଖ୍ୟ ବଜାର ପ୍ରବେଶ ପଥରେ ତ୍ରିଭୁଜାକୃତି ମଦ ଦୋକାନ ପାଇଁ ସନ୍ଧ୍ୟା ହେଲେ ମୁଖ୍ୟ ରାସ୍ତା ସମେତ ଆଖପାଖରେ ଥିବା ଫାଷ୍ଟ ଫୁଡ ଦୋକାନରେ ମଦୁଆଙ୍କ ଆଡ୍ଡା ଜମୁଛି, ଯାହାକି କିଛି ବର୍ଷ ପୂର୍ବେ ମଦ୍ୟପ ଙ୍କ ଗଣ୍ଡଗୋଳ ରେ ଜଣେ ଫାଷ୍ଟଫୁଡ ଦୋକାନୀଙ୍କ ମୃତ୍ୟୁ ହୋଇଥିବା ନଜିର ରହିଛି। ଅବକାରୀ ବିଭାଗ ଓ ପୁଲିସ ସବୁ ଜାଣି ଚୁପ ବସିଛି। ସୂଚନାରୁ ପ୍ରକାଶ, ଅସ୍ତରଙ୍ଗରୁ କାକଟପୁର ମୁଖ୍ୟ ରାସ୍ତା ହେଉଛି ଜନଗହଳି ପୂର୍ଣ୍ଣ। ଏହି ରାସ୍ତା ପାର୍ଶ୍ୱରେ ତ୍ରିଭୁଜାକୃତି ମଦ ଦୋକାନ ଥିବା ବେଳେ ଜନବସତି ସହିତ ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଓ ମନ୍ଦିର ରହିଛି। ଏହା ସତ୍ତ୍ୱେ ରାସ୍ତା ପାର୍ଶ୍ୱରେ ୩ ଟି ସରକାରୀ ମଦ ଦୋକାନ ସହିତ କିଛି ମାତ୍ରାରେ ବେଆଇନି ଚୋରା ମଦ ଦୋକାନ ରହିଛି। କିନ୍ତୁ ନିୟମ କୁ ଖୁଲମ୍ ଖୁଲ୍ଲା ଉଲ୍ଲଘନ କରୁଛନ୍ତି ମଦ ଦୋକାନୀ ମାଲିକ। ସକାଳୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ ଦୋକାନ ଖୋଲା ରହୁଥିବା ବେଳେ ଅସ୍ତରଙ୍ଗ ପୋଲିସ ସବୁ ଜାଣି ନିରବଦ୍ରଷ୍ଟା ପାଲଟିଛି। ଯାହା ଚର୍ଚ୍ଚା ହେଉଛି ପୋଲିସ ଓ ମଦ ବ୍ୟବସାୟୀଙ୍କ ମଧ୍ୟରେ କିଛି ବୁଝା ମଣା ହେଉଛି କି ଯାହା ଫଳରେ ସାଧାରଣ ଲୋକେ ସନ୍ଧ୍ୟା ହେଲେ ମଦ୍ୟପଙ୍କ ଦ୍ୱାରା ଅତିଷ୍ଠ ହେଉଛନ୍ତି। ରାତି ସାରା ମଦୁଆ ମାନେ ହାତରେ ବୋତଲ ଧରି ଉତ୍ପାତ କରୁଛନ୍ତି। ଆଉ ମଦ ବୋତଲକୁ ରାସ୍ତାରେ ଭାଙ୍ଗି ଦେଉଛନ୍ତି। ସେହି କାଚକୁ ମାଡି ପଥଚାରି ମାନେ ରକ୍ତାକ୍ତ ହେଉଛନ୍ତି। ମଧ୍ୟାହ୍ନ ସମୟରେ ନିଶାଡୀ ରାସ୍ତା ବୁଲୁଥିବା ନଜିର ରହିଥିବା ବେଳେ ଏଥିରେ ବେଶୀ ଅସୁବିଧା ହେଉଛନ୍ତି ମହିଳା ଓ ସ୍କୁଲ କଲେଜ ଛାତ୍ର, ଛାତ୍ରୀ। ସେମାନେ ଏହି ରାସ୍ତାରେ ଯିବା ପାଇଁ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଲୋକଙ୍କ କହିବା କଥା ରାସ୍ତା ପାର୍ଶ୍ୱରେ ୩ ଟି ସରକାରୀ ମଦ ଦୋକାନ ଥିବା ବେଳେ ବିଳମ୍ବିତ ରାତି ପରେ କିମ୍ବା ସକାଳୁ ୧୦ରୁ ଉର୍ଦ୍ଧ ବେଆଇନି ଚୋରା ମଦ ଦୋକାନ ରହିଛି। ଏହା ସହ ଅସ୍ତରଙ୍ଗ ଥାନା ହେଉ କି କାକଟପୁର, ନୂଆଗଡ ଥାନା ଅଂଚଳରେ ଥିବା ଗାଁ ଗୁଡିକ ରେ ଥିବା ପାନ, ହୋଟେଲ, ତେଜରାତି ଦୋକାନରେ ମଦ ବିକ୍ରି ହେଉଛି। ଏ ସମ୍ପର୍କରେ ଅବକାରୀ ବିଭାଗ ପାଖରେ ଖବର ଥିଲେ ମଧ୍ୟ ନୂଆ ଅଧିକାରୀ ଆସିଥିବା ବେଳେ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଯାହା ଫଳରେ ଦିନକୁ ଦିନ ଏହି ଅଂଚଳରେ ଆଇନି ଶୃଙ୍ଖଳା ପରିସ୍ଥିତି ବିଗିଡିବାରେ ଲାଗିଛି। ସ୍ଥାନୀୟ ଲୋକେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଅସ୍ତରଙ୍ଗ ପୋଲିସ ସେମିତି କିଛି ଆଖି ଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ନୂଆ ଥାନା ଅଧିକାରୀ ଯୋଗଦେବା ପରେ କୌଣସି ଦିନ ପାଟ୍ରୋଲିଂ ହୋଇନାହିଁ କି ବଜାର ଭିଡ଼ ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି, ଯାହା ପୂର୍ବରୁ ଥିଲା ସେମିତି, ଯାହାକି ପୋଲିସ ଉପରେ ସାଧାରଣ ଲୋକଙ୍କ ଆଶା ତୁଟିଲାଣି। ଏ ନେଇ ନିମାପଡା ଉପଖଣ୍ଡ ଅଧିକାରୀ କହିଛନ୍ତି ପାଟ୍ରୋଲିଂ କରାଯିବ ସେଥିପ୍ରତି ଯତ୍ନବାନ ହେବୁ। ଦରକାର ପଡିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ଛାତ୍ରୀଙ୍କୁ ସଂସ୍କୃତ ଶିକ୍ଷକଙ୍କ ଦୁର୍ବ୍ୟବହାର, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

କନ୍ଧମାଳ, (ଭାସ୍କର ନ୍ୟୁଜ୍) : ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଖଲିଆପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଜଣେ ଛାତ୍ରୀଙ୍କୁ ମାଡ଼ ମାରିବା ସହ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ, ଖଲିଆପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଲୋକେଶ କୁମାର ଦିଶିରି ନବମ ଶ୍ରେଣୀର ଛାତ୍ରୀ ରାଣୀ ଗୁରୁଙ୍କୁ କମନ କ୍ଲାସରେ ମୁଣ୍ଡରେ ମାଡ଼ ମାରି ବହିଖାତା ଫିଙ୍ଗି ଦେଇଥିଲେ। ଏପରିକି ଶିକ୍ଷକ ଛାତ୍ରୀକୁ ବହୁ ରାଗିବା ଯୋଗୁଁ ଛାତ୍ରୀ ଜଣକ ମାନସିକ ଚାପରେ ରହିଛନ୍ତି। ଅନ୍ୟପଟେ ମୁଣ୍ଡରେ ମାଡ଼ ଯୋଗୁଁ ଛାତ୍ରୀ ଜଣକ ୩ ଦିନ ବିଦ୍ୟାଳୟରେ ଅନୁପସ୍ଥିତ ଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏ ବିଷୟରେ ଛାତ୍ରୀ ଜଣକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପରିଚାଳନା କମିଟିକୁ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଗତ ସୋମବାର କନ୍ଧମାଳ ବ୍ଲକରେ ଅନୁଷ୍ଠିତ ଜଣାଶୁଣାଣୀ ଶିବିରରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଛାତ୍ରୀଙ୍କ ପ୍ରତି ହୋଇଥିବା ଅନ୍ୟାୟର ସଠିକ ତଦନ୍ତ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ଜିଲ୍ଲାପାଳ ବିଭୁତି ଭୂଷଣ ନାଏକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଆଜକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡିଛି। ଘଟଣା ସମ୍ପର୍କରେ ସଂସ୍କୃତ ଶିକ୍ଷକ ଲୋକେଶ ଦିଶିରିଙ୍କୁ ପଚାରିବାରୁ ଘଟଣାକୁ ଅସ୍ୱୀକାର କରିବା ସହ ସବୁ ମିଛ ବୋଲି କହିଥିଲେ। ଏଥି ସହ ମୋତେ ଅଯଥାରେ ବଦନାମ କରିବା ପାଇଁ ଏଭଳି ଷଡଯନ୍ତ୍ର କରାଯାଉଥିବା କହିଛନ୍ତି।



ମାଲକାନଗିରି/କାଲିମେଲା, (ଭାସ୍କର ନ୍ୟୁଜ) : ମାଲକାନଗିରି ଜିଲ୍ଲାରେ ନବନିଯୁକ୍ତ ଉପ ଜିଲ୍ଲାପାଳ ଅଶ୍ମି ଏ.ଏଲ., ଆଇଏଏସ୍ ଶୁକ୍ରବାର କାଲିମେଲା ସ୍ଥିତ ଏସଏସଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ, ଏହି ଅଞ୍ଚଳର ଏକ ଶିକ୍ଷାନୁଷ୍ଠାନର ତାଙ୍କର ପ୍ରଥମ ପରିଦର୍ଶନ ଥିଲା। ପରିଦର୍ଶନ ସମୟରେ, ଶ୍ରୀମତୀ ଅଶ୍ମି ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବନାନୀ ମହାପାତ୍ରଙ୍କ ସହ ଶୈକ୍ଷିକ ବିଷୟ ଉପରେ ଆଲୋଚନା କରିଥିଲେ ଏବଂ ୨୦୨୪-୨୫ ଶିକ୍ଷାବର୍ଷରେ ସ୍କୁଲର ୧୦୦% ଫଳାଫଳ ହାସଲ କରିବାର ସଫଳତାରେ ଖୁସି ପ୍ରକାଶ କରିଥିଲେ। ସେ ଶିକ୍ଷକ ଏବଂ ଛାତ୍ରମାନଙ୍କ ନିଷ୍ଠା ଏବଂ କଠିନ ପରିଶ୍ରମ ପାଇଁ ସେମାନଙ୍କର ପ୍ରୟାସକୁ ପ୍ରଶଂସା କରିଥିଲେ।ଉପ ଜିଲ୍ଲାପାଳ ସ୍କୁଲ ଛାତ୍ରାବାସ ଏବଂ ଭୋଜନାଳୟ ମଧ୍ୟ ପରିଦର୍ଶନ କରିଥିଲେ, ଅନ୍ତେବାସୀମାନଙ୍କ ପାଇଁ ଉପଲବ୍ଧ ସୁବିଧାଗୁଡ଼ିକର ସମୀକ୍ଷା କରିଥିଲେ। ସେ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଆଦିବାସୀ ଛାତ୍ରୀମାନଙ୍କ ପାଇଁ ଏକ ଅନୁକୂଳ ଶୈକ୍ଷିକ ପରିବେଶ ସୃଷ୍ଟି କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ।ତାଙ୍କ ସହିତ ପଡିଆ ବ୍ଲକ ଉନ୍ନୟନ ଅଧିକାରୀ ଅଶ୍ୱିନୀ ମହାପାତ୍ର ମଧ୍ୟ ପରିସର ଯାଞ୍ଚରେ ଯୋଗ ଦେଇଥିଲେ।ଏହି ପରିଦର୍ଶନ କାଲିମେଲା ଭଳି ଆଦିବାସୀ ବହୁଳ ଅଞ୍ଚଳରେ ଶିକ୍ଷାଗତ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସୁଯୋଗ ଉନ୍ନତ କରିବା ଉପରେ ପ୍ରଶାସନର ଗୁରୁତ୍ୱକୁ ପ୍ରତିଫଳିତ କରେ।

# କୋରୁକୋଣ୍ଡା ବ୍ଲକରେ ସାର ଅଭାବ ନେଇ ରାସ୍ତା ଅବରୋଧ କଲେ ଚାଷୀ



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍): ଚାଷୀମାନେ ସାର ଅଭାବରେ ହାରାସ ହୋଇ ପଡିଛନ୍ତି। ଧାନ ଚାଷର ଖରିଫ୍ ଋତୁ ଚାଲିଥିବା ସମୟରେ ଅମଳ ବୃଦ୍ଧି ଓ ବିଭିନ୍ନ ରୋଗ-କୀଟ ପ୍ରତିରୋଧ ପାଇଁ ୟୁରିଆ ସାରର ଚାହିଦା ବଢ଼ିଥିବାବେଳେ, ସରକାରୀ ସ୍ୱୀକୃତ ବ୍ୟବସାୟୀ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀମାନଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ ହୋଇନାହିଁ। ସାର ନମିଳିବାରୁ କୋରୁକୋଣ୍ଡା ଲ୍ୟାମ୍ପସ୍ ସମ୍ମୁଖରେ ବାଲିମେଲା-ମାଲକାନଗିରି ମୁଖ୍ୟ ରାସ୍ତାକୁ ଅବରୋଧ କରି ଚାଷୀମାନେ ପ୍ରତିବାଦ କରିଥିଲେ। ଏହାର ପରିଣତିରେ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହାନ ଅଟକି ଯାଇଥିଲା। ଖବର ପାଇ କୋରୁକୋଣ୍ଡା ଥାନା ଅଧିକାରୀ ହିମାଂଶୁ ବାରିକ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝା-ସୁଝା କରିବା ପରେ ଅବରୋଧ ହଟିଥିଲା। ଲ୍ୟାମ୍ପସ୍ ପରିଚାଳକ ଅଭିମନ୍ୟୁ ହାଲଦା କହିଛନ୍ତି ଯେ, ଏ ବର୍ଷ ସାରର ଚାହିଦା ସାଧାରଣତଃ ଠାରୁ ଅଧିକ ଥିବାରୁ, ଗଚ୍ଛିତ ସାର ପରିମାଣରୁ ସମସ୍ତଙ୍କୁ ଯଥାପ୍ରକାର ସୁପୁର୍ଦ୍ଦ କରିବା ସମ୍ଭବ ହୋଇନାହିଁ। ତଥାପି ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି ଏବଂ ଶୀଘ୍ର ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଣ କରାଯିବ ବୋଲି ସେ କହିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ

କେନ୍ଦୁଝର, (ଭାସ୍କର ନ୍ୟୁଜ): କେନ୍ଦୁଝରେ ଫାଷ୍ଟଟ୍ରାକ୍ କୋର୍ଟରେ ବିଚାରପତି ବିଜୟ କୁମାର ମିଶ୍ର ଆଜି ଏକ ଦୁଷ୍କର୍ମ ମାମଲାର ବିଚାର କରି ତେଲକୋଇ ଥାନା ଅନ୍ତର୍ଗତ ଝଟିକିପୋଷି ଗ୍ରାମର ସାଗର ମହାନ୍ତ(୨୮)କୁ ଦୋଷୀ ସାବ୍ୟସ୍ତ କରି ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦୦୦ ଟଙ୍କା ଜରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ଆଦେଶ ହେବା ସହ ଅନ୍ୟ ତିନିଜଣ ଆସାମୀଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଘଟଣାରୁ ପ୍ରକାଶ ଯେ, ସାଗର ମହାନ୍ତ ବାହାଘରର ପ୍ରଲୋଭନ ଦେଖାଇ ପୀଡିତା ୧୪ ବର୍ଷର ନାବାଳିକାକୁ ତା' ଇଚ୍ଛା ବିରୁଦ୍ଧରେ ଦୁଷ୍କର୍ମ କରିଥିଲେ ଏବଂ ପୀଡିତାକୁ ବାହା ନହୋଇ ଅନ୍ୟ ଜାଗାରେ ଆସାମୀ ସାଗରର ବାହାଘର ଠିକ୍ କରିବାରୁ ପୀଡିତା ଆସାମୀ ସାଗର ଘରକୁ ଯାଇ ପଚାରିବାରୁ ଆସାମୀର ପରିବାର ଲୋକ ତାକୁ ଖରାପ ବ୍ୟବହାର କରିବା ସହ ଘରୁ ବାହାର କରି ଦେଇଥିଲେ। ଏହି ଘଟଣାକୁ ନେଇ ପୀଡିତା ତେଲକୋଇ ଥାନାର ଆଶ୍ରୟ ନେବା ସହ ଏକ ଲିଖିତ ଅଭିଯୋଗ କରିଥିଲେ। ତେଲକୋଇ ପୋଲିସ ଥାନା ମାମଲା ରୁଜୁ କରି ଆସାମୀ ମାନଙ୍କୁ କୋର୍ଟଚାଲାଣ କରିଥିଲା।

# ପରିବନ୍ଧ ଗାଁକୁ ନାହିଁ ସବୁଦିନିଆ ରାସ୍ତା

■ ବର୍ଷାଦିନେ ଗାଁକୁ ଆସିପରେନି ଆମ୍ବୁଲାନ୍ସ
■ ୬ କିମି ଦୂରରେ ହାଇସ୍କୁଲ ଥିବାରୁ ପାଠ ଛାଡୁଛନ୍ତି ପିଲା



କନ୍ଧମାଳ,(ଭାସ୍କର ନ୍ୟୁଜ୍) : କନ୍ଧମାଳ ବ୍ଲକ ଦପଲା ପଞ୍ଚାୟତ ପରିବନ୍ଧ ଗ୍ରାମର ଲୋକେ ବର୍ଷା ଦିନ ଆରମ୍ଭ ହେଲେ ପ୍ରତିବର୍ଷ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଗ୍ରାମରେ ୫୫୦ ଲୋକ ବସବାସ କରୁଥିବା ବେଳେ ପ୍ରଶାସନର ଏହି ଗ୍ରାମ ପ୍ରତି ଅବହେଳା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି କାଦୁଅ ସରସରରେ ଗାଁକୁ ଯାତାୟତ କରୁଥିବା ସାଧାରଣ ଲୋକ କହିଛନ୍ତି। ହାଇସ୍କୁଲ ପାଠ ପଢିବା ପାଇଁ ପାଖରେ ସୁବିଧା ନ ଥିବାରୁ ଗାଁ ଠାରୁ ୬ କିମି ଦୁର ଦପଲା ହାଇସ୍କୁଲକୁ ପଢିବାକୁ ଯାଇଥାନ୍ତି। ଗାଁରୁ ୨ କି.ମି. ବାଟ କାଦୁଅରେ ସାଇକେଲ୍ ଗଡାଇ ଗଲାପରେ ଭଲ ରାସ୍ତା ରହିଛି। ପଞ୍ଚାୟତ ଅଫିସକୁ ଭତ୍ତା ପାଇଁ ଯାଉଥିବା ବୁଢା, ବୁଢି ତଥା ଦୈନନ୍ଦିନ ବିଭିନ୍ନ କାମରେ ବାହାରକୁ ଯାଉଥିବା ଲୋକ ମଧ୍ୟ କାଦୁଅ ଭିତରେ ନାନା ଅସୁବିଧାର ସମ୍ମୁଖିନ ହୋଇ ଯିବା ଆସିବା କରିଥାନ୍ତି । ବର୍ଷା ଋତୁ ଆରମ୍ଭ ହେଲେ ଏଇ ଚାରି ମାସ ଯାଏ ଗାଁକୁ ଆମ୍ବୁଲାନ୍ସ ମଧ୍ୟ ଯାଇପାରେ ନାହିଁ। ଫଳରେ ଗାଁର ରୋଗୀକୁ ୨ କିମି ବାଟ ବୋହିକି ଆଣିଲା ପରେ ଆମ୍ବୁଲାନ୍ସ ସେବା ପାଇ ପାରନ୍ତି। ଯାହାକି ରୋଗୀଙ୍କ ପାଇଁ ଦୁଃଖ ଉପରେ ଲଳିତା ବିଡା ସଦୃଶ। ଗାଁ ସ୍କୁଲରୁ ପ୍ରତିବର୍ଷ ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଅଷ୍ଟମ ଶ୍ରେଣୀ ପାସ୍ କରୁଥିବାବେଳେ ରାସ୍ତାର ନାହିଁ ନ ଥିବା ଅସୁବିଧା ଯୋଗୁଁ ଗାଁରୁ ୬ କି.ମି. ଦୂର ହାଇସ୍କୁଲରେ ନାମ ଲେଖାଇଲେ ମଧ୍ୟ ପଢିବାକୁ ଯାଇ ପାରନ୍ତି ନାହିଁ ଏବଂ ଅଧିକାଂଶ ଛାତ୍ରଛାତ୍ରୀ ପାଠ ଛାଡି ଦେଉଥିବା ଦେଖିବାକୁ ମିଳିଛି। ଏ ସଂପର୍କରେ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ ଏବଂ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କେହି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ କରିଛନ୍ତି । ତୁରନ୍ତ ପ୍ରଶାସନ ପକ୍ଷରୁ ଗାଁକୁ ଯାଇ ସ୍ଥିତି ଅନୁଧ୍ୟାନ କରି ପରିବନ୍ଧକୁ ଏକ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସହିଦ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,(ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ନେତାଜି ସୁବାଷବୋଷ ଟାଉନ କ୍ଲବ ପକ୍ଷରୁ ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥ ଓ ସହୀଦ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ମାଥିଲି ଗୁଳିକାଣ୍ଡ ଦିବସରେ ସୁଦୂର ଭଦ୍ରକ ଜିଲ୍ଲା ସହିଦ ପୀଠ ଇରମ ଓ ଭଣ୍ଡାରୀ ପୋଖରୀ ଅଞ୍ଚଳରୁ ଆସିଥିବା ଅଗଷ୍ଟ କ୍ରାନ୍ତି ସ୍ମାରକୀ ରଥ ଓ ସହିଦ ସଂଗ୍ରାମୀ ଦାୟଦଙ୍କୁ ଆଜି ମାଲକାନଗିରି ଜିଲ୍ଲା ନେତାଜୀ ସୁବାଷ ବୋଷ ଟାଉନ କ୍ଲବ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା ଜଣା ଯାଇଛି। ଆଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରେ ସଂଘର ବରିଷ୍ଠ ଉପଦେଷ୍ଟା ରତ୍ନାକର ଦାଶଙ୍କ ଅଧ୍ୟକ୍ଷତା ଆୟୋଜିତ ସଭା ମୁଖ୍ୟଅତିଥି ଭାବେ ଓଡିଶା ଗାନ୍ଧି ଫୋରମ ସହିଦ ତୀର୍ଥ ଯାତ୍ରୀ ସଂଘ ସଭାପତି ବରିଷ୍ଠ ସଂଗ୍ରାମୀ ତ୍ରୈଲୋଚନ ଜେନା,ମୁଖ୍ୟବକ୍ତା ଭାବେ ଜାତୀୟ ମହିଳା ଫେଡ୍ରେସନ୍ ର ଜାତୀୟ ପରିଷଦ ସଭ୍ୟା ବନଲତା ଜେନା, ସମ୍ମାନୀତ ଅତିଥି ଭାବେ ସହିଦ ତୀର୍ଥ ଯାତ୍ରୀ ସଞ୍ଜୀବ ବାରିକ, ଉତ୍କଳ ମହିଳା ସମିତି ସଭାନେତ୍ରୀ କୌଶଲ୍ୟା କୁଅଁର ଯୋଗ ଦେଇ ଓଡିଶା ମାଟିର ସହିଦ ସଂଗ୍ରାମୀଙ୍କ ସ୍ୱାଧୀନତା ଆନ୍ଦୋଳନର ଗାଥା କହିଥିଲେ। ଏହି ଅବସର ରେ ନେତାଜୀ ସୁବାଷ ବୋଷ ଟାଉନ କ୍ଲବର ସଭାପତି ଜି ଶ୍ରୀନିବାସ ରାଓ, ପି କେଶୁ ରାଓ, ସରୋଜ ପାତ୍ର, ସାମ୍ବାଦିକ ସଂଘ ସଭାପତି ଅଶୋକ ମିଶ୍ର, ସମ୍ପାଦକ ପ୍ରମୁଖ ସାମ୍ବାଦିକ ଓ କ୍ଲବ ସଦସ୍ୟ ମାନେ ସଂଗ୍ରାମୀ ଦାୟଦ ମାନଙ୍କୁ ଉପ ଉତ୍ତୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଭଦ୍ରକ ସହିଦ ପୀଠରୁ ଅଣାଯାଇଥିବା ପବିତ୍ର କଳସ ସଂଘ ସଭାପତି ଓ କ୍ଲବ ସଭା ପତିଙ୍କୁ ପ୍ରଦାନ କରି ଉକ୍ତ କଳସରେ ମାଲ୍ୟବନ୍ତଗିରୀର ପବିତ୍ର ମାଟି ନିଆ ଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟାନ ମାନଙ୍କ ମଧ୍ୟରେ ସାମ୍ବାଦିକ ମାଣିକ ବାଚଡ, ରାହୁଲ ଗୋଲଦାର, ରାଜେସ ବେପାରୀ, ମୃଣାଲ ମଣ୍ଡଳ, ପଙ୍କଜ ଖରା, ବିଜନ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଗୋପାଳନ ଚାଷୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ




ଉମରକୋଟ, (ଭାସ୍କର ନ୍ୟୁଜ୍) : ଉମରକୋଟ ସ୍ଥିତ ଓମଫେଡ୍ ୟୁନିଟ୍ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ତ୍ରିଦିବସୀୟ ଗୋପାଳନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଆକାଂକ୍ଷା ଜିଲ୍ଲା ଅଧୀନସ୍ଥ କାର୍ଯ୍ୟକ୍ରମ ଜରିଆରେ ଏହା ସମାପନ ହୋଇଅଛି। ପ୍ରାଣୀ ସମ୍ପଦର ବିକାଶ ବିଭାଗର ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରାଣୀ ଉତ୍ପାଦନ ଡଃ ମନୋରଞ୍ଜନ ନନ୍ଦ ଏଥିରେ ଯୋଗଦେଇ ବହୁ ସୁନ୍ଦର ଓ ଉନ୍ନତ ଶୈଳୀ ସଂଯୋଜନା ମାଧ୍ୟମରେ ମାନବସମ୍ବଳ ବିକାଶ ସହିତ ଗୋପାଳନ ଦ୍ୱାରା ଚାଷୀ କିପରି ଆତ୍ମ ନିର୍ଭରଶୀଳ ହୋଇ ପାରିବ ସେନେଇ ବିଭିନ୍ନ ଦିଗ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ତାଲିମ ଦ୍ୱାରା ନିଶ୍ଚିତ ରୂପେ ଚାଷୀ ମାନଙ୍କର ଜୀବନ ଜୀବିକାର ମାନଦଣ୍ଡ ଉନ୍ନତି ଘଟିବ ଓ ଚାଷୀ ସ୍ୱାବଲମ୍ବୀ ହୋଇ ପାରିବେ ବୋଲି ବିଭାଗ ଆଶା ବ୍ୟକ୍ତ କରିଅଛି। ପ୍ରାଣୀ ଚିକିତ୍ସା ବିଭାଗର ଦୂର ଦୃଷ୍ଟି ସମ୍ପର୍ଣ୍ଣ, ଓ ନୂତନ ଜ୍ଞାନ କୌଶଳଭିତିକ ପ୍ରାଣୀ ସମ୍ପଦର ସୁରକ୍ଷା କରାଯାଇ ପାରିବ। ଚାଷୀଭାଇ ମାନଙ୍କର କିଭଳି ନୂତନ ପ୍ରେରଣା ଓ ଏଭଳି ଚାଷ କରିବା ପ୍ରତି ଆଗ୍ରହ ସୃଷ୍ଟି କରାଯାଇପାରିବ ସେଥିପ୍ରତି ତୀକ୍ଷଣ ନଜର ରଖି ଚାଷୀ ଭାଇମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଗୋ ପାଳନ ଭଳି ଏକ ମହତ କାର୍ଯ୍ୟ କରିବା ସହିତ ଚାଷୀ ଭାଇ ମାନଙ୍କୁ ପ୍ରେରଣା ଦେବାସହିତ ସବୁବେଳେ ଚାଷୀଭାଇ ମାନଙ୍କ ସହିତ ବିଭାଗ ରହିଛି ଓ ଆଗକୁ ବି ଏମିତି ରହି ସମସ୍ତ ପ୍ରକାର ସୁବିଧା, ସୁଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରାଧେଶ୍ୟାମ ଲାଇକ ପ୍ରତିଶୃତି ଦେଇଥିଲେ। ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ଦ୍ୱାରା ଜିଲ୍ଲାର ଦୁର୍ଗମ ଅଞ୍ଚଳ ମାନ ଗସ୍ତ କରି ସୁଚାରୁରୂପେ କାର୍ଯ୍ୟ ତୁଲାଇବା ସହ ପ୍ରାଣୀ ସମ୍ପଦ ପାଳକ ବା ଗୋପାଳନ କରୁଥିବା ଚାଷୀ ଭାଇ ମାନଙ୍କ ସମସ୍ତ ସମସ୍ୟାର ସମାଧାନ କରାଯାଉଥିବା ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଉମରକୋଟ ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ଆଶିଷ କୁମାର ମହାପାତ୍ର, ଭିଏଏସ୍ ଡାକ୍ତର ଅଭିଷେକ ହୋତା, ଡାକ୍ତର ସଙ୍କର୍ଷଣ ପାଣିଗ୍ରାହୀ, ଡାକ୍ତର ପ୍ରଜ୍ଞା ପରିମିତା ପଣ୍ଡା, ମଧୁସ୍ମିତା ନାଗ ପ୍ରମୁଖ ଯୋଗଦେଇ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରିଥିଲେ। ଦିତୀୟ ଦିବସରେ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ପ୍ରତିଷ୍ଠିତ ଉମରକୋଟ ବ୍ଲକ ଅନ୍ତର୍ଗତ ବଡ଼କୁମାରି ୟୁଭି- ୧ ସ୍ଥିତ ଫାର୍ମ ଠାରେ ଚାଷୀ ମାନଙ୍କର ଏକସପୋଜର ଭିଜିଟ କାର୍ଯ୍ୟକ୍ରମ ରହିଛି ଏଥିରେ ଓମଫେଡ୍ ୟୁନିଟ୍ ଇନ୍ ଚାର୍ଜ ପ୍ରଶାନ୍ତ ବିଶ୍ୱାଳ ଯୋଗଦେଇ ସହଯୋଗ କରିଥିଲେ।

# ସାମ୍ବାଦିକ ସଂଘରେ ନୂତନ କର୍ମକର୍ତ୍ତା ଚୟନ



କୋରୁକୋଣ୍ଡା,(ଭାସ୍କର ନ୍ୟୁଜ୍ ):ଉତ୍କଳ ସାମ୍ବାଦିକ ସଂଘ, ମାଲକାନଗିରି ଜିଲ୍ଲା ଶାଖା ଅନ୍ତର୍ଗତ କୋରୁକୋଣ୍ଡା ବ୍ଲକ ଏବଂ ବାଲିମେଲା ସଂଘରେ ନୂତନ କର୍ମକର୍ତ୍ତାଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏଥିରେ ପ୍ରଦୀପ କୁମାର ମହାରଣାଙ୍କୁ ସଭାପତି, ଏ. ଦେବାଶିଷ ପାତ୍ରଙ୍କୁ ସମ୍ପାଦକ ଏବଂ ଅଭିନାଶ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଛନ୍ତି। ଏହି ଅବସରରେ ବାଲିମେଳାରେ ଅବସ୍ଥିତ ଓଏସଇବି ରିକ୍ରିଏସନ କ୍ଲବରେ ସାଧାରଣ ପରିଷଦ ବୈଠକର ଆୟୋଜନ କରାଯାଇଥିଲା। ବୈଠକରେ ମାଲକାନଗିରି ଜିଲ୍ଲା ସଭାପତି ଅଶୋକ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନୃସିଂହଚରଣ ମହାନ୍ତି, ଉପଦେଷ୍ଟା ରତ୍ନାକର ଦାସ, କାଲିମେଳା ବ୍ଲକ ସଭାପତି ଟି. ସତ୍ୟନାରାୟଣ ସୁବୁଦ୍ଧି, ଚିତ୍ରକୋଣ୍ଡା ବ୍ଲକ ସଭାପତି ଶିବ ଖରା, ମାଥିଲି ବ୍ଲକ ସଭାପତି ଶିବ ପରିଚ୍ଛା, ସହିତ ବିକ୍ରମ ସ୍ୱାଇଁ, ଶିବ ପ୍ରସାଦ ପାତ୍ର, ବିଶ୍ୱଜିତ ନାହାକ, ଆଶିଷ ବେହେରା, ଦୀପଙ୍କର କୀର୍ତ୍ତନିଆ, ସୁରେନ୍ଦ୍ର ହାଲଦା, ନରତୋଷ ବାଲା, ବିଦ୍ୟୁତ ବୈରାଗୀ, ସୌରଭ ମଣ୍ଡଳ, ରାହୁଲ ଗୋଲଦାର ପ୍ରମୁଖ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ନୂତନ ଚୟନ ପରେ ସଭାପତି ପ୍ରଦୀପ ମହାରଣା କହିଥିଲେ, କୋରୁକୋଣ୍ଡା ଏବଂ ବାଲିମେଲା ସାମ୍ବାଦିକ ସଂଘରେ ଏକ ନୂତନ ଗୃହ ନିର୍ମାଣ କରିବା ସହିତ ସଂଘକୁ ସୁଦୃଢ କରିବା ପାଇଁ ଆମେ ସମସ୍ତେ ପ୍ରୟାସ କରିବୁ। ଏହି କାର୍ଯ୍ୟକ୍ରମକୁ ସଂଘର ଯୁଗ୍ମ ସମ୍ପାଦକ ଶିବଦତ୍ତ ସାହୁ ସଫଳତାର ସହିତ ସଭା ପରିଚାଳନା କରିଥିଲେ।

# ବିଜାଘାଟରେ ଦୁର୍ଘଟଣା: ଦୁଇ ଆହତ




ମାଲକାନଗିରି, (ଭାସ୍କର ନ୍ୟୁଜ୍) : ବିଜାଘାଟିରେ ଦୁର୍ଘଟଣାରେ ଆହତ ହୋଇ ଅଚେତ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ଜନୈକ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲ୍ଲା ହସ୍ପିଟାଲକୁ ନେଇ ଚିକିତ୍ସା କରାଇ ଜୀବନ ବଞ୍ଚାଇଛନ୍ତି ଦୁଇ ଯୁବ ସାମ୍ବାଦିକ ଓ ସମାଜସେବୀ। ଆଜି ଅପରାହ୍ନରେ ମାଲକାନଗିରି ଜୟପୁର ୩୨୬ନମ୍ବର ଜାତୀୟ ରାଜପଥ ବିଜାଘାଟି ଠାରେ ଅଜଣା ଗାଡି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇ ଆଚେତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିଲେ। ତାଙ୍କ ନିକଟରେ ଅନ୍ୟ ଜଣେ ଯୁବକ ସାମାନ୍ୟ ଆହତ ହୋଇ ସାହାଯ୍ୟ ଭିକ୍ଷା କରୁଥିଲେ। ଗୁରୁତର ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ଅବସ୍ଥା ଆଡ଼କୁ ଯାଉଥିବାର ଦେଖି ନିକଟରେ ଥିବା ଯୁବକଟି ରାସ୍ତାରେ ଠିଆ ହୋଇ ହସ୍ପିଟାଲ ନେବା ପାଇଁ ଆକୁଳ ନିବେଦନ କରୁଥିଲେ। ଏହି ସମୟରେ ମାଲକାନଗିରିର ଦୁଇ ଯୁବ ସାମ୍ବାଦିକ ଜାନକି ପଟ୍ଟନାୟକ, ଚକ୍ରଧର ପଟ୍ଟନାୟକ ଓ ସମାଜସେବୀ ନାଗେଶ୍ୱର ପଟ୍ଟନାୟକ ଗଙ୍ଗଲାରୁ ମାଲକାନଗିରିକୁ ଫେରୁଥିଲେ। ଜଣେ ଦୁର୍ଘଟଣା ଗସ୍ତ ହୋଇ ଗୁରୁତର ଆହତ ହୋଇ ଆଚେତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ବ୍ୟକ୍ତିଙ୍କ ନିକଟକୁ ଯାଇଥିଲେ। ଆହତ ବ୍ୟକ୍ତିଙ୍କ ମୁଣ୍ଡ ମୁହଁ ଛାତିରେ ଆଘାତ ଲାଗି ଥିବାରୁ ତାଙ୍କର ଚେତା ନ ଥିଲା। ପରେ ଯୁବ ସାମ୍ବାଦିକ ଜାନକି ପଟ୍ଟନାୟକ ଆହତ ଯୁବକଙ୍କୁ ସିପିଆର ଦେଇ ପ୍ରାଥମିକ ଚିକିତ୍ସା କରିବାରୁ ଯୁବକଙ୍କର ଟିକିଏ ଚେତା ଆସିବାରୁ ସଙ୍ଗେ ସଙ୍ଗେ ନିଜ କାରରେ ମାଲକାନଗିରି ଜିଲ୍ଲା ହସ୍ପିଟାଲକୁ ଚିକିତ୍ସା ନିମନ୍ତେ ନେଇଯାଇଥିଲେ। ହସ୍ପିଟାଲରେ ଡାକ୍ତରମାନେ ଯୁବକଙ୍କର ଚିକିତ୍ସା ଆରମ୍ଭ କରିଦେଇଥିଲେ। ଦୁର୍ଘଟଣା ଗସ୍ତ ଯୁବକ ରଞ୍ଜନ କୁମାର ପରିଚ୍ଛା ହୋଇଥିବାବେଳେ ସେ ପୁଲିସ ବିଭାଗରେ କାମ କରୁଥିବାର ଜଣା ପଡିଛି। ସେ ଓ ଅନ୍ୟ ଜଣେ ଯୁବକ ମାଥିଲିରୁ କାମ ସାରି ମାଲକାନଗିରିକୁ ଫେରୁଥିବାବେଳେ ପାଣ୍ଡ୍ରିପାଣି ପଞ୍ଚାୟତ ନିକଟ ବିଜାଘାଟି ନିକଟରେ ବୁଲାଣି ରାସ୍ତାରେ ଯାଉଥିବାବେଳେ ହଠାତ ଏକ ବସ୍ ଓଭର ଟେକ କରିବାରୁ ବାଇକଟି ଭାରସାମ୍ୟ ହରାଇ ଘାଟିରେ ପଡ଼ିଯାଇଥିଲା। ଫଳରେ ରଞ୍ଜନ ଗୁରୁତର ହୋଇ ରାସ୍ତା କଡ଼ରେ ପଡ଼ିଥିଲେ।

# ମଧ୍ୟାହ୍ନ ଭୋଜନ ଚାଉଳ ଗ୍ରହଣ ପାଇଁ ସ୍କୁଲ ବନ୍ଦ

ନାରାୟଣପାଟଣା (ଭାସ୍କର ନ୍ୟୁଜ୍) : କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଅନ୍ତର୍ଗତ ତେନ୍ତୁଳିପଦର୍ ପଞ୍ଚାୟତ ସ୍ଥିତ ଏକ ମାଓ ଅଧ୍ୟୁଷିତ ଆଦିବାସୀ ଅଞ୍ଚଳ ତଳ ରଙ୍ଗପାଣି ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳିଛି ଏକ ଅଜବ ନୀତି। ସରକାରଙ୍କ ନିୟମାନୁସାରେ ମଧ୍ୟାହ୍ନ ଭୋଜନ ଚାଉଳ ସମସ୍ତ ସ୍କୁଲ ମାନଙ୍କରେ ପହଞ୍ଚାଇବା ବେଳେ ରଙ୍ଗପାଣି ସ୍କୁଲର ପ୍ରଧାନଶିକ୍ଷକ ନିଜ ସ୍କୁଲରେ ଅନୁପସ୍ଥିତ ରହି ପାଖାପାଖି ୧୦ କିଲୋମିଟର୍ ଦୂର ଏକ ଗାଁରେ ଚାଉଳ ଗ୍ରହଣ କରିବାକୁ ଯାଇଥିବା ପ୍ରକାଶ କରିବା ସହିତ ନିଜସ୍ୱ ସ୍କୁଲରେ କେହି ହେଲେ ସହପାଠୀ ଶିକ୍ଷକ ନ ଥିବା ଏବଂ ଯଦି ଅଛନ୍ତି ତାହେଲେ ସେ କେବେ ହେଲେ ମଧ ସ୍କୁଲକୁ ଆସିନଥିବା ପ୍ରଧାନ ଶିକ୍ଷକ ପ୍ରକାଶ କରିଛନ୍ତି। ଉକ୍ତ ବିଷୟରେ ମଧ୍ୟାହ୍ନ ଭୋଜନ ମ୍ୟାଡମ୍ ସଂଯୁକ୍ତାଙ୍କୁ ସାକ୍ଷାତ କରିବାରୁ ସେ ଆମେ କୌଣସି ପ୍ରକାରର ଆଜି ଚାଉଳ ଗ୍ରହଣ ପାଇଁ କାହାକୁ ଡାକି ନ ଥିବା ଏବଂ ରଙ୍ଗପାଣି ସ୍କୁଲର ଲିଷ୍ଟ ନ ଥିବା କହିଛନ୍ତି। କିନ୍ତୁ ବିଶେଷ ସୂତ୍ରରୁ ଜଣାପଡ଼ିଛି କି ମଧ୍ୟାହ୍ନ ଭୋଜନ ମ୍ୟାଡମ୍ ଗତ ୧୯ ତାରିଖରେ ଦୁଇଟି ପଞ୍ଚାୟତ ସ୍ଥିତ ସମସ୍ତ କ୍ଲଷ୍ଟରର ସ୍କୁଲ ମାନଙ୍କୁ ଚାଉଳ ଗ୍ରହଣ ପାଇଁ ଅବଗତ କରାଇଥିଲେ। ହେଲେ ଏଥିରୁ ସ୍ପଷ୍ଟ ହେଉଛି କି ପ୍ରଧାନ ଶିକ୍ଷକ ମିଥ୍ୟା କହୁଛନ୍ତି ନା ଏମ୍‌ଡିଏମ୍ ମ୍ୟାଡମ୍ ମିଥ୍ୟା କହୁଛନ୍ତି। ହେଲେ ବର୍ତ୍ତମାନ ପାଖାପାଖି ଦୁଇ ମାସ ଧରି ସ୍କୁଲ ନ ଯାଇ ଦ୍ୱିତୀୟ ସହପାଠୀ ଶିକ୍ଷକ କେମିତି ସରକାରଙ୍କ ଠାରୁ ମୋଟାଙ୍କର ଦରମା ପାଉଛନ୍ତି। ଉକ୍ତ ବିଷୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନଙ୍କୁ ମୋବାଇଲ୍ ଫୋନ୍ କଲ୍ ମାଧ୍ୟମରେ ଯୋଗା ଯୋଗ କରିବାରୁ ସେ କୌଣସି ଏକ କାର୍ଯ୍ୟରେ ବ୍ୟସ୍ତ ରହିଥିବା କହି ଫୋନ୍ କାଟି ଦେଇଥିଲେ। ପରିଶେଶ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଈଶ୍ୱର ଚନ୍ଦ୍ର ମୁଦୁଲିଙ୍କୁ ସାକ୍ଷାତ କରିବାରୁ ଏହାର ସଠିକ୍ ତଦନ୍ତ କରାଯିବ ବୋଲି କହିଛନ୍ତି। ଦେଖିବାକୁ ବାକି ରହିଲା ସ୍କୁଲ ନ ଯାଇ ଶିକ୍ଷକ ଦରମା ପାଇବା ହେଉ କିମ୍ବା ସ୍କୁଲ ବନ୍ଦ କରି ଚାଉଳ ଗ୍ରହଣ କରିବାକୁ ଯିବା ଉପରେ କଣ କଣ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ପାନୀୟ ଜଳ ଅଭାବରେ ହନ୍ତସନ୍ତ ଗ୍ରାମବାସୀ



ବସ୍ତା (ଭାସ୍କର ନ୍ୟୁଜ୍): ବସ୍ତା ବ୍ଲକ୍‌ରେ ଅନେକ ସ୍ଥାନରେ ପାନୀୟ ଜଳର ଅଭାବ ଯୋଗୁଁ ଲୋକେ ହନ୍ତସନ୍ତ ହେଉଛନ୍ତି। ବସ୍ତା ବ୍ଲକ୍ ଅନ୍ତର୍ଗତ ଚକ୍ରଡ଼ା ଗ୍ରାମରେ ଲୋକେ ପାଖାପାଖି ଦୁଇବର୍ଷ ହେବ ପାନୀୟ ଜଳର ଅଭାବ ଭୋଗୁଛନ୍ତି ଏବଂ ସେହି ଦୂଷିତ ଜଳ ପିଇ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ଏହି ଅସୁବିଧା ଆଜିର ନୁହେଁ ପାଖାପାଖି ଦୁଇ ବର୍ଷ ହେବ ଲୋକେ ନାହିଁ ନଥିବା ଅବସ୍ଥାରେ ଚଳି ଆସୁଛନ୍ତି। କିନ୍ତୁ କେହି ପ୍ରତିବାଦ କରୁନାହାନ୍ତି ଏବଂ ସେମାନେ ନିଜେ ହଇରାଣରେ ପଡୁଛନ୍ତି। ଏଠାରେ ପାଣି ଟାଙ୍କିର ବ୍ୟବସ୍ଥା ଥାଇ ମଧ୍ୟ ତାହା ପିଇବା ଉପଯୋଗୀ ନୁହେଁ। ଏହି ଜଳ ବହୁତ ଦୂଷିତ ହୋଇଥିବାରୁ ଏଥିରେ ବିଭିନ୍ନ ପ୍ରକାର ଆବର୍ଜନା ଆସୁଛି ଯାହାକୁ ଲୋକମାନେ ପିଇବା ପାଇଁ ଘୃଣା କରୁଛନ୍ତି। ଏହାକୁ ସଫା ମଧ୍ୟ କେହି କରୁନାହାନ୍ତି ଏବଂ ଲୋକ ଏଠି ସେଠି ହେଉଛନ୍ତି ଜଳ ମୁନ୍ଦେ ପାଇଁ। ଆମ୍ଭେ ଗ୍ରାମବାସୀ ଏହି ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରୁଛୁ କି ଆପଣ ଏଠାରେ ପାନୀୟ ଜଳର ବ୍ୟବସ୍ଥା ଖୁବଶୀଘ୍ର କରାନ୍ତୁ।


# ରକ୍ତହୀନତା ପାଇଁ ହଷ୍ଟେଲ ଛାତ୍ରୀଙ୍କ ମୃତ୍ୟୁ

ଉମରକୋଟ, (ଭାସ୍କର ନ୍ୟୁଜ୍) : ଆଜି ନବରଙ୍ଗପୁର ଜିଲ୍ଲାର ଉମରକୋଟ ଠାରେ ଥିବା ଉପଖଣ୍ଡ ଚିକିତ୍ସାଳୟରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରୀଙ୍କର ରକ୍ତହୀନତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ଛାତ୍ରୀଙ୍କ ନାମ ଗୀତାଞ୍ଜଳି ମାଝି, ଘର ଝରିଗାଁ ବ୍ଲକ ଅନ୍ତର୍ଗତ ହାତୀ ବାଡ଼ି ଗ୍ରାମ ଠାରେ। ସେ ଚନ୍ଦାହାଣ୍ଡି ଠାରେ ଥିବା ମଙ୍ଗଳ ବିଭାଗରେ ଅଧିନରେ ଥିବା ଆଶ୍ରମ ସ୍କୁଲର ହଷ୍ଟେଲ ସ୍କୁଲରେ ରହି ପାଠ ପଢୁଥିଲେ। ସ୍କୁଲର ଶିକ୍ଷକ ବିଜୟ କୁମାର ସାହୁଙ୍କ କହିବା ହେଲା ଗୀତାଞ୍ଜଳିଙ୍କୁ ଜୁନ ମାସରେ ବସନ୍ତ ରୋଗ ହେଇଥିଲା। ଭଲ ହେବା ପରେ ଝିଅକୁ ଜୁଲାଇ ୧୪ ତାରିଖ ଦିନ ସ୍କୁଲରେ ଛାଡିଥିଲେ ଗୀତାଞ୍ଜଳିଙ୍କ ବାପା ଧନୁର ମାଝି। କିଛି ଦିନ ପରେ ସ୍କୁଲ କର୍ତ୍ତୃପକ୍ଷ ଦେଖିଲେ ଯେ ଗୀତାଞ୍ଜଳି ଦୁର୍ବଳ ଦେଖା ଯାଉଛନ୍ତି। ଜୁଲାଇ ୧୬ ତାରିଖ ଦିନ ସ୍କୁଲ କର୍ମଚାରୀ ମାନେ ଗୀତାଞ୍ଜଳିଙ୍କୁ ଉମରକୋଟ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲେ। ରକ୍ତ ପରୀକ୍ଷା କରିବା ବେଳକୁ ହେମଗ୍ଲୋବିନ ୬.୫ ଥିଲା। ଡକ୍ଟର ମାନେ ରକ୍ତ ଦେବା ଆବଶ୍ୟକ ନାହିଁ, ବଟିକା ଖାଇ ଦେଲେ ରକ୍ତ ବଢି ଯିବ ବୋଲି କହିଥିଲେ। ତେବେ ଗୀତାଞ୍ଜଳିଙ୍କ ପିତା ଗୀତାଞ୍ଜଳିଙ୍କୁ ନେଇକି ସେଠାରୁ ଗାଁ କୁ ପଳାଇ ଯାଇଥିଲେ। ତେବେ ଅଗଷ୍ଟ ୧୩ ତାରିଖ ଦିନ ଗୀତାଞ୍ଜଳିଙ୍କୁ ଧରି ସ୍କୁଲରେ ଛାଡିଥିଲେ।ତେବେ ୭ ଦିନ ପରେ ଗୀତାଞ୍ଜଳି ଅସୁସ୍ଥ ହେବା ପରେ ଗୁରୁତର ଅବସ୍ଥାରେ ୨୦ ତାରିଖ ଦିନ ଉମରକୋଟ ହସ୍ପିଟାଲରେ ଆଣି ଭର୍ତ୍ତି କରିଥିଲେ। ତେବେ ରକ୍ତ କମ ଥିବାରୁ ୨୧ ତାରିଖ ଦିନ ଗୋଟିଏ ବୋତଲ ରକ୍ତ ଦିଆ ଯାଇଥିବା ବେଳେ ଆଉ ଗୋଟିଏ ବୋତଲ ରକ୍ତ ଆଜି ଦେବା ପୂର୍ବରୁ ଗୀତାଞ୍ଜଳିଙ୍କ ମୃତ୍ୟୁବରଣ କରିଛନ୍ତି। ଆଜି ସନ୍ଧ୍ୟାରେ ଶୋକ। କୁଳ ପରିବେଶ ରେ ଗୀତାଞ୍ଜଳିଙ୍କ ହାତୀବାଡ଼ି ଗ୍ରାମ ଠାରେ ଶେଷକୃତ୍ୟ ସଂପନ୍ନ ହେଇ ଯାଇଛି। ତେବେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ଗୀତାଞ୍ଜଳିଙ୍କ ମୃତ୍ୟୁରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଭୂମିକା କଣ ଥିଲା ପଦାକୁ ଆସିବ। ତେବେ ଗୀତାଞ୍ଜଳିଙ୍କ ବାପାଙ୍କ ପ୍ରତିକ୍ରିୟା ନେବା ପାଇଁ ଚେଷ୍ଟା କରା ଯାଇ ଥିଲା କିନ୍ତୁ ସମ୍ଭବ ହେଇ ପାରିଲା ନାହିଁ।

# ଜିଲ୍ଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ବୈଠକ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍) : ଆଜି ଗଜପତି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ "ଆଦି କର୍ମଯୋଗୀ ଅଭିଯାନ" ଉପଲକ୍ଷେ ଏକ ଜିଲ୍ଲା ସ୍ତରୀୟ ଅଭିମୁଖୀ କରଣ ପ୍ରାରମ୍ଭିକ ବୈଠକ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନି ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ଶଙ୍କର କେରକେଟା, ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମାନ ରାଇକା ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଅଂଶୁମାନ ମହାପାତ୍ର ଆଦି କର୍ମଯୋଗୀ ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇ କହିଥିଲେ ଯେ,ଏହି କାର୍ଯ୍ୟକ୍ରମଟି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଏକ ଆକାଂକ୍ଷିତ କାର୍ଯ୍ୟକ୍ରମ ଅଟେ ଯେଉଁଥିରେ ୧୧ କୋଟି ଆଦିବାସୀ ବର୍ଗଙ୍କୁ ସଂଶ୍ଳିଷ୍ଟ କରାଯିବ, ଏହା ସହିତ ୧ ଲକ୍ଷ ଆଦିବାସୀ ଅଧ୍ୟୁଷିତ ଗ୍ରାମ, ୩୦ ରାଜ୍ୟ, ୫୦୦ ଜିଲ୍ଲା, ୩୦୦୦ ବ୍ଲକ ରେ ୨୦ ଲକ୍ଷ କର୍ମଯୋଗୀ ସୃଷ୍ଟି କରାଯିବ। ଆଦି କର୍ମଯୋଗୀ ଅଭିଯାନର ମୂଳ ଉଦ୍ଦେଶ୍ୟ ହେଉଛି ଆଦିବାସୀ ଅଞ୍ଚଳରେ ସେବାରତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ସଚେତନ, କର୍ତ୍ତବ୍ୟ ନିଷ୍ଠ ଓ ଲୋକାଭିମୁଖୀ କରିବା। କର୍ମଚାରୀମାନେ ଆଦିବାସୀ ସମାଜର ସାହିତ୍ୟ, ସଂସ୍କୃତି, ପାରମ୍ପରିକ ପଦ୍ଧତି, ଜୀବନଚର୍ଯ୍ୟା ଓ ସ୍ଥାନୀୟ ଆବଶ୍ୟକତା ବିଷୟରେ ଗଭୀରତାର ଅଧ୍ୟୟନ ଲାଭ କରିବା ସହିତ ସରକାରୀ ଯୋଜନା ଗୁଡ଼ିକର ସୁଚାରୁ ରୁପେ କାର୍ଯ୍ୟକ୍ରମ ଆଦିବାସୀ ଲୋକଙ୍କ ନିକଟରେ କିଭଳି ଭାବରେ ସରକାରୀ ଯୋଜନା ଶତପ୍ରତିଶତ ସେବା ପହଞ୍ଚି ପାରିବ ତାହା ସୁନିଶ୍ଚିତ କରାଇବା ଏହାର ଉଦ୍ଦେଶ୍ୟ। ସେ କହିଲେ ଯେ ଏହାର ସଫଳ ରୂପାୟନ ପାଇଁ ଏକ ତ୍ରିସ୍ତରୀୟ ଶ୍ରେଣୀ ଯେମିତିକି ଆଦି କର୍ମଯୋଗୀ, ଆଦି ସହଯୋଗୀ ଏବଂ ଆଦି ସାଥିର ସରଞ୍ଜନାର ବ୍ୟବସ୍ଥା ରହିଅଛି, ଯେଉଁ ମାନେ କି ତୃଣମୂଳ ସ୍ତରରେ କାର୍ଯ୍ୟ କରିବେ। ଗଜପତି ଜିଲ୍ଲାରେ ୭ଟି ବ୍ଲକରେ ୧୦୮ଟି ଗ୍ରାମ ପଞ୍ଚାୟତ ତଥା ୪୮୫ଟି ଗ୍ରାମରେ ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକାରୀ କରାଯିବ। ଏହି ଅଭିଯାନରେ ଜିଲ୍ଲା ପ୍ରଶାସନଙ୍କୁ ତିନି ଗୋଟି ସ୍ୱେଚ୍ଛାସେବୀ ସଂଗଠନ ଯଥା ପିରାମଲ ଫାଉଣ୍ଡେସନ, ସୁରକ୍ଷା, ସିସିଡ଼ିକୁ ପ୍ରତିଟି ବିକଶିତ ଗ୍ରାମ କରିବା ଲକ୍ଷ୍ୟ ଦିଗରେ ଆବଶ୍ୟକ ହେଉଥିବା କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରିବାରେ ସହଯୋଗ କରିବେ, ଏଣୁ ଜିଲ୍ଲା ବିକଶିତ ଦିଗରେ ଅଗ୍ରସର ହୋଇପାରିବ।

# ବେସରକାରୀ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ



ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ୍) : ରାଜ୍ୟ ଅଣଅନୁଦାନ ପ୍ରାପ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନ କ୍ରମେ ଲକ୍ଷ୍ମୀପୁର ମହାବିଦ୍ୟାଳୟ ସମ୍ମୁଖରେ ଅନୁଦାନ ଆମ ଅଧିକାର ଦାବି ରେ ୨୦ ଜଣ ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟ କର୍ମଚାରୀ ମାନେ ଧାରଣା ଦେଇଛନ୍ତି। ୨୦୦୮ ମସିହାରୁ ୨୦୧୮ ମସିହା ମଧ୍ୟରେ ଲକ୍ଷ୍ମୀପୁର ମହାବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଅଧ୍ୟାପକ, ଅଧ୍ୟାପିକା ଓ ଅନ୍ୟାନ୍ୟ କର୍ମଚାରୀ ମାନେ ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ନିମନ୍ତେ ଅଗଷ୍ଟ ୧୬ ତାରିଖ ଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହା ଫଳରେ ମହାବିଦ୍ୟାଳୟରେ ଶିକ୍ଷାଦାନ ଓ ବିଭିନ୍ନ ଅଫିସ କାର୍ଯ୍ୟରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି। ଆମର ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ଆନ୍ଦୋଳନକାରୀ ମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ମହାବିଦ୍ୟାଳୟରେ ଶିକ୍ଷା ଦାନ ଉପରେ ଏହାର ବେଶ ପ୍ରଭାବ ପଡ଼ିଥିବା ବେଳେ ଆଗକୁ ସର୍କାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର
ପୃଷ୍ଠା-ଗ
Page-C
ଭୁବନେଶ୍ୱର
Bhubaneswar
୨୪.୦୮.୨୦୨୫
24.08.2025



ବ୍ରଜରାଜନଗର (ଭାସ୍କର ନ୍ୟୁଜ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଆଜି ବ୍ରଜରାଜନଗର ମହାବିଦ୍ୟାଳୟରେ ମହାସମାରୋହରେ ପାଳିତ ହେଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ସମାରୋହରେ ଅଧ୍ୟକ୍ଷତା କରି ମେହେର ସାହିତ୍ୟର ସାର୍ବଜନୀନ ଦିଗ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡକ୍ଟର ପୁଷ୍ପାଞ୍ଜଳି ସାହୁ ଅତିଥି ପରିଚୟ ପ୍ରଦାନ ପୂର୍ବକ କାବ୍ୟ ସାଧକ ଗଙ୍ଗାଧରଙ୍କୁ ବିଶ୍ୱ କବି ହେବାର ଯୋଗ୍ୟ ବୋଲି କହିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସୁପ୍ରକାଶ ଚୌଧୁରୀ ମେହେର ସାହିତ୍ୟ ଆଧ୍ୟାତ୍ମିକ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଜୟନ୍ତୀ ସମାରୋହରେ ମୁଖ୍ୟବକ୍ତା ଭାବରେ ଯୋଗଦେଇ ସୁସାହିତ୍ୟିକ ମଦନାନନ୍ଦ ସେଠ ମେହେର ସାହିତ୍ୟରେ ଶାଶ୍ୱତ ପ୍ରେମ ଉପରେ ହୃଦୟସ୍ପର୍ଶୀ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଶ୍ରୀକର ଭୋଇ ସମାପନି ଅଭିଭାଷଣ ପ୍ରଦାନ କରିଥିଲେ। ରାଜନୀତି ବିଭାଗ ମୁଖ୍ୟା ପଦ୍ମାବତୀ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଓ ଅଧ୍ୟାପିକା ମଧୁମିତା କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଛାତ୍ରୀମାନଙ୍କ ଦ୍ୱାରା ଏକ ନୃତ୍ୟ ନାଟିକା ପରିବେଷଣ କରାଯାଇଥିଲା। ଉକ୍ତ ସମାରୋହରେ ଅଧ୍ୟାପକ ବିକ୍ରମ ପ୍ରଧାନ, ଡକ୍ଟର ରତ୍ନପର୍ଣ୍ଣା ମହାନ୍ତି, ସୁଶ୍ରୀ ଲଳିତା ପ୍ରଧାନ, ଅଜୟ ଦୀପ, ଦୀପିକା କେରକେଟା, ସୌମ୍ୟରଞ୍ଜନ ସାହୁ, ଲୁଗୁ ଚରଣ ମାରାଣ୍ଡି, ପ୍ରକାଶ ପଟ୍ଟନାୟକ, ପ୍ରେମ ସାଗର ବାଗ, ସୁଚିତ୍ରା ପ୍ରଧାନ, ସୁନୀତା ବେହେରା ପ୍ରମୁଖଙ୍କ ସହ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମରଣଯନ୍ତା ପାଲଟିଛି ପୁନାସିଆ ଜିପି ରାସ୍ତା



ସାରସକଣା, (ଭାସ୍କର ନ୍ୟୁଜ) ବାଙ୍ଗିରିପୋଷି ପେଟ୍ରୋଲ ପମ୍ପ ନିକଟରୁ କନିଷ୍ଠ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ମନେହେଉଛି ଯେମିତି ଯମରାଜା ଅପେକ୍ଷାରେ ଅଛନ୍ତି। ରାସ୍ତାଟି ଏମିତି ହୋଇଛି ଯେ, ବାଇକ୍ ଯିବା ତ ଦୂରର କଥା। ଚାଲିଚାଲି ଯିବା ମଧ୍ୟ ସମ୍ଭବ ହୋଇ ପାରୁନାହିଁ। ଯେକୌଣସି ସମୟରେ ଦୁର୍ଘଟଣା ଯେ ଘଟିପାରେ, ଏଥିରେ ସନ୍ଦେହ ନାହିଁ। ବିଦ୍ୟୁତ୍ ବିଭାଗ ନିଜ ତରଫରୁ ପଥର ପକାଇବା ପାଇଁ କହିବାରୁ, ମାଟି ପକାଇ ଦିଆଯାଇଛି। ବିଦ୍ୟୁତ୍ ବିଭାଗ କର୍ମଚାରୀ ମାନେ ବିଭାଗୀୟ ମନ୍ତ୍ରୀ ଓ ଏସ୍‌ଡିଓଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁ ଜନସାଧାରଣରେ ଅଶାନ୍ତି ବଢୁଛି। ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଆକର୍ଷଣ କରନ୍ତୁ।

## ବିଜୁଳି ଗଲେ ହସ୍ପିଟାଲ ଅନ୍ଧାର

# କାମରେ ଲାଗୁନି ସୋଲାର ବ୍ୟବସ୍ଥା



କରଞ୍ଜିଆ (ଭାସ୍କର ନ୍ୟୁଜ୍) : ପାଞ୍ଚପୀଢ ଉପଖଣ୍ଡର ସଦର ମହକୁମାର ଉପଖଣ୍ଡ ଚିକିତ୍ସାଳୟରେ ସୋଲାର ଲାଇଟ୍ ଠିକ୍ ଭାବେ ଇନଷ୍ଟଲ୍ ହେଇ ନଥିବାରୁ ଲାଇନ୍ ଗଲେ ମେଡିକାଲ ଅନ୍ଧାର। ଏହି ଚିକିତ୍ସାଳୟ ଉପରେ ପାଞ୍ଚପିଢ ଉପଖଣ୍ଡର ପାଞ୍ଚଟି ବ୍ଲକ ସହିତ ପଡୋଶୀ କେନ୍ଦୁଝର ଜିଲ୍ଲାର ସାହାରପୋଡା ଓ ସ୍ୱାମପାଟଣା ବ୍ଲକ ସହିତ ଝାରଖଣ୍ଡ ରାଜ୍ୟର ବେନିସାଗର, ମଝିଗାଁ, କୋଲପୋଷ ଗ୍ରାମର ଅଧିବାସୀ ନିର୍ଭରଶୀଳ। ଏଠାରେ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟାରେ ରୋଗୀ ଚିକିତ୍ସିତ ହେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରୋଗୀଙ୍କୁ ଅଧିକ ସେବା ଯୋଗାଇବା ଉଦ୍ଦେଶ୍ୟରେ ବହୁ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ହେଲେ କେତେକ ସମସ୍ୟା ଯୋଗୁଁ ଡାକ୍ତରଖାନାଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁନି। ସେଥିରୁ ବିଜୁଳି ସମାସ୍ୟ ଅନ୍ୟତମ। ବିଜୁଳି ଚାଲିଗଲେ ଡାକ୍ତରଖାନା ଅନ୍ଧାର। ସୋଲାର ଶକ୍ତି ବିନିଯୋଗ ପାଇଁ ଲକ୍ଷ ଲକ୍ଷ ଟଙ୍କା ବିନିମୟରେ ବ୍ୟବସ୍ଥା ହୋଇଛି ହେଲେ ଠିକ୍ ଭାବେ କାମ କରୁନି। ଫଳରେ ବିଜୁଳି ଚାଲିଗଲେ ଅନ୍ଧାର ହୋଇଯାଏ ବହୁ ମେସିନ ଅଚଳ ହୋଇଯାଏ। ରୋଗୀମାନେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଏହି ଚିକିତ୍ସାଳୟର ଭିତିଭୂମି ପୂର୍ବାପେକ୍ଷା ଢେର ଉନ୍ନତି ହୋଇଥିବା ବେଳେ ଜନସାଧାରଣଙ୍କୁ ସମସ୍ତ ପ୍ରକାର ଚିକିତ୍ସା ସୁବିଧା ଯୋଗାଇବାରେ ଆବଶ୍ୟକୀୟ ଡାକ୍ତରଙ୍କ ଅଭାବ ପରିଲକ୍ଷିତ ହୋଇଥିବା ଦେଖାଯାଇଛି। ବିଶେଷକରି ଚକ୍ଷୁ ବିଭାଗରେ ଡାକ୍ତର ନିଯୁକ୍ତି ପାଇଁ ଅଞ୍ଚଳର ବହୁ ଅନୁଷ୍ଠାନ ବହୁବାର ଦାବି ଉପସ୍ଥାପନ କରିଆସୁଥିବା ବେଳେ ସ୍ଥାନୀୟ ନେତା ମାନଙ୍କ ଅନାଗ୍ରହତା ଯୋଗୁଁ ଜନସାଧାରଣ ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଚିକିତ୍ସାଳୟରେ ଏବେ ମୋଟ ୨୬ଜଣ ଡାକ୍ତର ଥିବାବେଳେ ଚକ୍ଷୁ ବିଭାଗରେ ଆଜକୁ ୧୦ ବର୍ଷ ହେଲା ଜଣେ ମଧ୍ୟ ଡାକ୍ତର ନାହାନ୍ତି । ଶିଶୁ ରୋଗ ବିଶେଷଜ୍ଞ ପଦବୀରେ ଜଣେ ଡାକ୍ତର ଥିବା ସ୍ଥଳେ ଆଉ ଜଣେ ଡାକ୍ତରଙ୍କ ନିଯୁକ୍ତି ପୂରଣ ହୋଇପାରୁନାହିଁ। ଫଳରେ ଏହି ଚିକିତ୍ସାଳୟ ଉପରେ ଭରସା କରି ଆସୁଥିବା ବିଭିନ୍ନ ଅଞ୍ଚଳ ସମେତ ପଡୋଶୀ କେନ୍ଦୁଝର ଓ ଝାରଖଣ୍ଡ ଅଞ୍ଚଳରୁ ପ୍ରତ୍ୟେହ ଶିଶୁ ରୋଗୀମାନେ ଦୀର୍ଘ ସମୟ ବ୍ୟବଧାନରେ ଚିକିତ୍ସା ସେବା ପାଇବା ଦେଖାଯାଇଛି। ଏଠାରେ ଚକ୍ଷୁ ବିଭାଗ ଅଛି ହେଲେ ଆଜକୁ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକ୍ତର ନାହାନ୍ତି ଯଦି ବା ଜଣେ ଏଲଟି କାମ ଚଳାଉଥିଲେ ସେ ଅବସର ନେବା ଦିନରୁ ବିଭାଗ ଏକରକମ ସ୍ଥାଣୁ ପାଲଟି ଯାଇଛି। ଅଞ୍ଚଳବାସୀ ତତ୍କାଳୀନ ପାଇଭ୍‌ଟି ସଚିବଙ୍କ ନିକଟରେ କରଞ୍ଜିଆର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମୂଳ ସମସ୍ୟାର ନିରାକରଣ ଦିଗରେ ସ୍ଥାନୀୟ ଅଞ୍ଚଳର ନେତା, ବୁଦ୍ଧିଜୀବୀ ମାନେ ପ୍ରସ୍ତାବ ଉପସ୍ଥାପନ କରିବା ସହିତ ଦାବି କରିଥିଲେ। ଉପଖଣ୍ଡ ଚିକିତ୍ସାଳୟର ଭିତିଭୂମି ସୁଦୃଢଥିବା ବେଳେ ଡାକ୍ତର ସମସ୍ୟା ଦେଖାଦେଇଛି। ଡାକ୍ତରଖାନାକୁ ପ୍ରମୁଖ ବିଭାଗର ବିଶେଷଜ୍ଞ ସହିତ ଡାକ୍ତର ଖାନାରେ ଲାଗିଥିବା ସୋଲାର ସିଷ୍ଟମକୁ କାର୍ଯ୍ୟକ୍ଷମ କରିବାକୁ ଦାବି ଉଠିଛି। ସୋଲାର କାହିଁକି କାର୍ଯ୍ୟକ୍ଷମ ହେଉନି ବୋଲି ଆମେ ତତ୍କାଳୀନ ଏସ୍‌ଡିଏମ୍‌ଓ ଦାୟିତ୍ୱରେ ଥିବା ଡାକ୍ତର ଅନିତା ସିଂଙ୍କୁ ପଚାରି ବୁଝିଥିଲୁ । ସେ ଉତ୍ତରରେ କହିଥିଲେ ସୋଲାର ପାଇଁ ଦରକାର ହେଉଥିବା ବ୍ୟାଟେରୀ ଓ ଅନ୍ୟ ସାମଗ୍ରୀ ଲାଗିନାହିଁ ଯାହା ଫଳରେ ସୋଲାର ଠିକ୍ ଭାବେ କାର୍ଯ୍ୟ କରୁନି। ସୋଲାର୍ ଶକ୍ତିକୁ ତୁରନ୍ତ କାର୍ଯ୍ୟକ୍ଷମ କରି ବିଜୁଳି ସମସ୍ୟା ଦୂର କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ନଳବଣରେ ବେଆଇନ ଅନୁପ୍ରବେଶ

# ୩ ମତ୍ସ୍ୟଜୀବୀ ଗିରଫ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ନୂଆପଡା ବନଖଣ୍ଡ ବନାଞ୍ଚଳ ବାଲୁଗା ବନ୍ୟପ୍ରାଣୀ ବିଭାଗ ତଥା ପକ୍ଷୀ ଅଭୟାରଣ୍ୟ ନଳବଣ ନିଷିଦ୍ଧାଞ୍ଚଳରେ ଅନୁପ୍ରବେଶ କରି ବେଆଇନ ଭାବେ ମାଛ ମାରୁଥିବା ୩ ଜଣ ମତ୍ସ୍ୟଜୀବୀଙ୍କୁ ଚିଲିକା ବନ୍ୟାପ୍ରାଣୀ ବନଖଣ୍ଡ ବିଭାଗ ଗିରଫ କରିଛି। ୧୯୭୨ ଧାରା ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାଇ ବାଲୁଗ ରେଞ୍ଜ ପକ୍ଷରୁ କେସ ନଂ ୨୧ ବି/୨୫ ଓ ୨୨ ବି/୨୫ ରେ ୨ ଗୋଟି ପୃଥକ ପୃଥକ ମାମଲା ରୁଜୁ କରାଯାଇ ତିନି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ ମଙ୍ଗଳାଯୋଡି ଗ୍ରାମର କୃଷ୍ଣ ବେହେରା ଓ ବାଉଳାବନ୍ଧ ଗ୍ରାମର ପ୍ରମୋଦ ଘଡେଇ ଓ ପ୍ରଶାନ୍ତ ଘଡେଇ। ସୂଚନା ଅନୁଯାଇ ଚିଲିକାରେ ବିଦେଶାଗତ ପକ୍ଷୀ ସୁରକ୍ଷା ତଥା ସେମାନଙ୍କ ବିଚରଣ ନିମନ୍ତେ ବାଧା ନ ଉପୁଜିବା ନିମନ୍ତେ ନଳବଣ ଠାରୁ ୫ ସହ ମିଟର ଦୂରତା ପର୍ଯ୍ୟନ୍ତ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଇଛି। ଏହି ନିଷିଦ୍ଧାଞ୍ଚଳ ଜଳରାଶିରେ ମାଛ କଙ୍କଡା ରହୁଥିବାରୁ ମତ୍ସ୍ୟଜୀବୀମାନେ ବେଆଇନ ଭାବେ ପ୍ରବେଶ କରି ମାଛ ଧରିବାକୁ ପଛାଉ ନାହାନ୍ତି ।

# ଦାନପୁର ଇଣ୍ଡିଆନ୍ ବ୍ୟାଙ୍କର ଗ୍ରାହକ ସେବା ଶିବିର

ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦାନପୁର ସ୍ଥିତ ଇଣ୍ଡିଆନ୍ ବ୍ୟାଙ୍କ ଶାଖା ପରିସରରେ ବ୍ୟାଙ୍କ ଗ୍ରାହକ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଶାଖା ପରିଚାଳକ ଡାଲଟନ୍ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରରେ ବ୍ୟାଙ୍କ ଓ ଗ୍ରାହକ ଉଭୟଙ୍କ ଉନ୍ନତି ନିମନ୍ତେ ଶାଖା ପରିଚାଳକଙ୍କ ସହ ଗ୍ରାହକମାନେ ମତ ବିନିମୟ କରିଥିଲେ। ବୈଠକରେ ଗ୍ରାହକମାନଙ୍କ ତରଫରୁ ଶାଖା



ପରିଚାଳନା ପାଇଁ ଆବଶ୍ୟକ ହେଉଥିବା କର୍ମଚାରୀଙ୍କ ଠାରୁ ଢେର କମ୍ କର୍ମଚାରୀ ରହିଥିବା ଅଭିଯୋଗ କରିଥିଲେ। ଶାଖା ପରିଚାଳକ, ସହପରିଚାଳକ ଓ ଏକମାତ୍ର କର୍ମଚାରୀଙ୍କୁ ନେଇ ବ୍ୟାଙ୍କ ଚାଲୁଥିବା କାରଣରୁ ୧ ଦିନରେ ଜମାଖାତା ଖୋଲି ପାସ୍‌ବୁକ୍ ଦିଆଯାଇ ପାରୁନାହିଁ, କେୱାଇସି ନିୟମିତ କରିବାରେ ବିଳମ୍ବ ହେଉଛି। ଏହାଛଡ଼ା କେବଳ ବିଏସଏନଏଲ୍‌ର ନେଟ୍ ବ୍ୟବହାର କରାଯାଉଥିବାରୁ ବିଏସ୍‌ଏନ୍‌ଏଲ୍‌ର ସରଭର ଡାଉନ୍ କିମ୍ବା ଅନ୍ୟ କୌଣସି ତ୍ରୁଟି ଘଟିଲେ ବ୍ୟାଙ୍କ ସେବା ଠପ୍ ହୋଇଯାଉଛି। ଏହାର ବିକଳ୍ପ ବ୍ୟବସ୍ଥା ପାଇଁ ଗ୍ରାହକମାନେ ଦାବି କରିଥିଲେ। ବରିଷ୍ଠ ନାଗରିକ ତଥା ବୃଦ୍ଧବୃଦ୍ଧାମାନଙ୍କ ପାଇଁ ର‌୍ୟାମ୍ପୀ ବ୍ୟବସ୍ଥା ପାଇଁ ମଧ୍ୟ ଗ୍ରାହକଙ୍କ ପକ୍ଷରୁ ଦାବି କରାଯାଇଥିଲା। ତେବେ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଗ୍ରାମାଞ୍ଚଳରେ ସେବା ଯୋଗାଇ ଆସୁଥିବା ଏହି ବ୍ୟାଙ୍କର ଉନ୍ନତି ପାଇଁ ବ୍ୟାଙ୍କର ଉଚ୍ଚପଦାଧିକାରୀଙ୍କୁ ଅବଗତ କରିବାକୁ ଶାଖା ପରିଚାଳକଙ୍କୁ ଅନୁରୋଧ କରାଯାଇଥିଲା। ଶାଖା ପରିଚାଳକ ଶ୍ରୀ ନାୟକ ଏ ସମ୍ପର୍କରେ ଏକ ଉଚ୍ଚକର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ଶାଖା ସହପରିଚାଳକ ଅନିଲ ଯାଦବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାରେ ଗ୍ରାହକଙ୍କ ପକ୍ଷରୁ ଡକ୍ଟର ରାଜକିଶୋର ସ୍ୱାଇଁ, ବିଧୁପ୍ରସାଦ ପଣ୍ଡା, ଅଶୋକ ମହାପାତ୍ର, ବିଷ୍ଣୁ ପ୍ରସାଦ ରଥ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# 'ପିଲାମାନଙ୍କ ମାନସିକତାକୁ ବିକାଶ କରେ ଜ୍ଞାନ ବିଜ୍ଞାନ ମେଳା'



ରଘୁନାଥପୁର (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ଜଗତସିଂହପୁର ବିଭାଗର ଜ୍ଞାନ ବିଜ୍ଞାନ ମେଳା ଓ ପୂର୍ବ ସମ୍ଭାଗର ସଂସ୍କୃତିଜ୍ଞାନ ପ୍ରଶ୍ନମଞ୍ଚ, ସଂସ୍କୃତି ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆଦିକବି ଶାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶିବେନ ମିତ୍ର ଯୋଗଦେଇ ଉଦ୍‌ଘାଟନ କରିବା ସହ ଜ୍ଞାନବିଜ୍ଞାନ ଉପରେ ନିଜର ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିକାଶ ସମିତି ଓଡିଶା ପୂର୍ବ ସମ୍ଭାଗ ସମ୍ପାଦକ ପଙ୍କଜ କୁମାର କର ଓ ସମ୍ମାନୀୟ ଅତିଥି ଭାବେ ପୂର୍ବ ସମ୍ଭାଗ କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ଦାସ ଯୋଗଦେଇ ଜ୍ଞାନ ବିଜ୍ଞାନ ମେଳା ପିଲାମାନଙ୍କ ମାନସିକ ବିକାଶ କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପ୍ରମୁଖ ରଶ୍ମୀକାନ୍ତ ସାହୁ, ବିଦ୍ୟାଳୟର ସଭାପତି ଗୁରୁ ନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଜଗତସିଂହପୁର ବିଭାଗ ନିରୀକ୍ଷକ ପ୍ରଶାନ୍ତ କୁମାର ପ୍ରଧାନ ଅତିଥି ପରିଚୟ ଦେଇଥିବାବେଳେ ବିଦ୍ୟାଳୟର ସମ୍ପାଦକ ଅଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଦିପ୍ତ କୁମାର ମହାନ୍ତି ସଭା ପରିଚାଳନା କରିଥିଲେ। ଏହି ମେଳାରେ ଶିଶୁ, ବାଲ୍ ଓ କିଶୋର ବିଭାଗରେ ବିଜ୍ଞାନ ପ୍ରକଳ୍ପ ଓ ପ୍ରୟୋଗ, ଗଣିତ ପ୍ରକଳ୍ପ ଓ ପ୍ରୟୋଗ, ମୂର୍ତ୍ତିକଳା ପ୍ରତିଯୋଗିତା, କଥାକଥନ ଓ ତତ୍କାଳିକ ଭାଷଣ ପ୍ରତିଯୋଗିତା କରାଯିବାର ବ୍ୟବସ୍ଥା ରହିଛି। ଏହାକୁ ପରିଚାଳନା କରିବା ପାଇଁ ଶିକ୍ଷାବିକାଶ ସମିତି ଓଡିଶାର ୧୮ଜଣ ପରିଚାଳକ ସ୍ଥାନୀୟ ସ୍ତରରେ ୯ଜଣ ବିଚାରକ ରହିଛନ୍ତି। ଶିକ୍ଷା ବିକାଶ ସମିତି ଓଡିଶା ତରଫରୁ ଅଜୟ କୁମାର ସାହୁ ଓ ଶିଶୁବାଟିକା ସୈନିକ ସଂଯୋଜକ ପବିତ୍ର ମୋହନ ପଣ୍ଡା ଉପସ୍ଥିତ ରହି ସହଯୋଗ ପ୍ରଦାନ କରିଥିଲେ। ବିଭାଗ ସ୍ତରରେ ପ୍ରଥମ ହୋଇଥିବା ପ୍ରତିଭାଗିଙ୍କୁ ଓ ସମ୍ଭାଗ ସ୍ତରୀୟ ପ୍ରତିଯୋଗୀଙ୍କୁ ଉନ୍ନତି ଚୟନିତ କରାଯାଇ ଥିଲା। ଏଥିରେ ବିଦ୍ୟାଳୟ ପରିଚାଳନା ସମିତିର କର୍ମକର୍ତ୍ତା ସହଯୋଗ କରିଥିଲେ ଓ ସମସ୍ତ ଗୁରୁଜୀ ଗୁରୁମାମାନେ ସକ୍ରିୟ ଅଂଶଗ୍ରହଣ ସ୍ୱରୁପ ଅକ୍ଳାନ୍ତ ପରିଶ୍ରମରେ କାର୍ଯ୍ୟକ୍ରମ ସଫଳ ହୋଇଥିଲା।

# ଫୁସ୍‌ଫୁସ୍ ଓ ମେରୁଦଣ୍ଡ କର୍କଟ ରୋଗରେ ପୀଡିତ ବିଭୂତିଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ଗଡ଼ ପରଜଙ୍ଗ ଗ୍ରାମର ସ୍ୱର୍ଗତ ନୃସିଂହ ଚରଣ ତ୍ରିପାଠୀଙ୍କ ପୁଅ ବିଭୂତି ଭୂଷଣ ତ୍ରିପାଠୀ (୪୫ ବର୍ଷ) ଫୁସଫୁସ ଓ ମେରୁଦଣ୍ଡ କର୍କଟ ରୋଗରେ ପୀଡିତ ହୋଇ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ବିଭୂତି ବ୍ରାହ୍ମଣ ପରିବାରର ହୋଇଥିବାରୁ ପୂଜାପାଠ କରି ପରିବାର ଭରଣ ପୋଷଣ କରୁଥିବା ବେଳେ ଅସମୟରେ ପରିବାର ପାଇଁ ଆଣିଦେଇଛି ଦୁଃଖ ଆଉ କଷ୍ଟ। ତାଙ୍କର ଚିକିତ୍ସା ପାଇଁ ଅନେକ ଟଙ୍କା ସାରିଥିବାରୁ ବର୍ତ୍ତମାନ ପରିସ୍ଥିତିରେ ପରିବାର ପାଇଁ ଅର୍ଥ ବାଧକ ସାଜିଥିବା ବେଳେ, ଆଉ ପାଖରେ ସମ୍ବଳ ନଥିବାରୁ ଟଙ୍କା ପାଇଁ ନିରୁପାୟ ହୋଇଯାଇଛନ୍ତି। ଏକ ମାତ୍ର ରୋଜଗାରକ୍ଷମ ବିଭୁତିଙ୍କର ଘରେ ଧର୍ମପତ୍ନୀ ଓ ଦୁଇ ନାବାଳକ ପୁଅ ଝିଅ ରହିଥିବାବେଳେ, ଉନ୍ନତ ଚିକିତ୍ସା ପାଇଁ ଅର୍ଥର ଅଭାବ ଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନଙ୍କ ନିକଟରେ ପରିବାର ଆକୁଳ ନିବେଦନ କରିଛନ୍ତି। ବିଭୂତିଙ୍କ ଚିକିତ୍ସାରେ ସୁଧାର ଆଣିବା ପାଇଁ କୌଣସି ସହୃଦୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ପରିବାର ହାତ ବଢାଇଛନ୍ତି। ତାଙ୍କର ଫୋନପେ (୯୪୩୮୧୪୯୫୫, ୭୯୯୨୫୮୩୬୩୭) ନମ୍ବର ମାଧ୍ୟମରେ ଅସହାୟ ବିଭୂତିଙ୍କ ପାଇଁ ସହାୟତା ରାଶି ପ୍ରଦାନ କରିବାକୁ ଅନୁରୋଧ ରଖିଛନ୍ତି।

## ଆବାସ ଯୋଜନା ଆବେଦନକାରୀଙ୍କ କାଗଜପତ୍ର ଯାଞ୍ଚ ପ୍ରକ୍ରିୟା ଶେଷ

# ୪୩ଟି ପଞ୍ଚାୟତର ୨୧ହଜାର ୯ଶହ ହିତାଧିକାରୀଙ୍କ ଆବେଦନ

ବଡ଼ଚଣା ( ଭାସ୍କର ନ୍ୟୁଜ୍ ): ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅଧୀନସ୍ଥ ୪୩ ଗୋଟି ପଞ୍ଚାୟତରେ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ୨୧ ହଜାର ୯ ଶହ ୬ ଜଣ ଆଶାୟୀ ହିତାଧିକାରୀ ଆବେଦନ କରିଛନ୍ତି । ଏହି ଆଶାୟୀ ହିତାଧିକାରୀଙ୍କ ବିଭିନ୍ନ କାଗଜପତ୍ର ଯାଞ୍ଚ ଶେଷ ହୋଇଛି। ସମସ୍ତ ହିତାଧିକାରୀଙ୍କ ଘରକୁ ଘର ଯାଇ ପ୍ରଶାସନିକ ଅଧିକାରୀମାନେ ଯାଞ୍ଚ କରିଛନ୍ତି । ପ୍ରଥମ ଥର ଲାଗି ଏହି ସର୍ଭେ କାର୍ଯ୍ୟରେ ଏ ଆଇ (ଆର୍ଟିଫିସିଆଲ ଇଣ୍ଟେଲଜେନ୍ସି)ର ବ୍ୟବହାର କରାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ,ପ୍ରଥମ ଥର ପାଇଁ ନିଜେ ୧୨ ଶହ ୧୦ ଜଣ ହିତାଧିକାରୀ ନିଜ ଘର ନିଜ ସମ୍ପର୍କରେ ଯାଞ୍ଚ କରି ଏହାର ସ୍ୱତନ୍ତ୍ର ୱେବସାଇଟ ତଥ୍ୟ ଅପଲୋଡ଼ କରିଛନ୍ତି। ଆସନ୍ତା ନଭେମ୍ବର ମାସ ଠାରୁ କେଉଁମାନେ ଏହି ଯୋଜନାରେ ଘର ପାଇବେ ଏବଂ କେଉଁମାନେ ବାଦ୍ ପଡିବେ ତାହାର ତାଲିକା ପ୍ରକାଶ ପାଇବ ବୋଲି ଜଣାପଡିଛି। ଗରିବ ତଥା ଅସହାୟଙ୍କୁ ପକ୍କାଘର ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କରାଯାଇଛି । ଏହି ଯୋଜନାରେ ବିଭିନ୍ନ ପର୍ଯ୍ୟାୟରେ ହିତାଧିକାରୀ ତାଲିକା ରାଜ୍ୟ ସରକାର ଠାରୁ ମଗାଯାଇଛି। ପ୍ରତି ପଞ୍ଚାୟତରୁ ତାଲିକା ଆସିବା ପରେ ତାହାକୁ କେନ୍ଦ୍ର ସରକାରଙ୍କୁ ପଠାଯାଏ। ଯେଉଁ ହିତାଧିକାରୀମାନେ ଏହି ଯୋଜନାରେ ନିୟମାବଳି ଭିତରେ ଥିବେ ସେମାନଙ୍କ ନାମକୁ ରଖି ଅନ୍ୟ ମାନଙ୍କ ନାମ ବାଦ୍ ଦିଆଯିବ। ଏବେ କେନ୍ଦ୍ର ଓ ରାଜ୍ୟ ସରକାର ରିପୋର୍ଟ ମାଗିବା ପରେ ବଡ଼ଚଣା ବ୍ଲକର ୪୩ ଗୋଟି ପଞ୍ଚାୟତରେ ୨୧ ହଜାର ୯ ଶହ ୬ ଜଣ ହିତାଧିକାରୀଙ୍କ ତାଲିକା ପଠାଯାଇଛି। ଏଥିରେ ବିଭିନ୍ନ ପଞ୍ଚାୟତ ଅନୁଯାୟୀ ଅଛୁତ ବସନ୍ତ ୩୧୮ଜଣ ୭ ବ୍ୟକ୍ତିଗତ, ଅଣକା ୯୬୬ଜଣ ୫୮ ବ୍ୟକ୍ତିଗତ, ଅରଖପୁର ୫୮୯ଜଣ ୪ ବ୍ୟକ୍ତିଗତ, ବଡ଼ ବାଲିକୁଦା ୩୨୪ଜଣ ୪୭ ବ୍ୟକ୍ତି ଗତ, ବଡଘୁମୁରି ୫୨୫ଜଣ ୨୨ ବ୍ୟକ୍ତିଗତ, ବାଲିଚନ୍ଦ୍ରପୁର ୪୫୧ ଜଣ ୬୮ ବ୍ୟକ୍ତିଗତ, ବାଲି ପଡିଆ ୩୯୬ଜଣ ୧୧ ବ୍ୟକ୍ତିଗତ, ବନ୍ଧାଳ ୩୫୩ଜଣ ୧୨ ବ୍ୟକ୍ତିଗତ, ବନ୍ତଳା ୬୫୫ଜଣ ୬୬ ବ୍ୟକ୍ତିଗତ, ବରଦା ୫୬୫ଜଣ ୯ ବ୍ୟକ୍ତିଗତ, ବଡ଼ଚଣା ୭୫୧ଜଣ ୭୯ ବ୍ୟକ୍ତିଗତ, ବରପଦା ୧୬୧ଜଣ ୬୪ ବ୍ୟକ୍ତିଗତ, ଭରତପୁର ୭୪୬ଜଣ ୭ ବ୍ୟକ୍ତିଗତ, ଭୁଷଣ୍ଡପୁର ୩୭୧ଜଣ ୮ ବ୍ୟକ୍ତିଗତ, ବିକ୍ରମ ତିରଣ ୨୮୨ଜଣ ୬ ବ୍ୟକ୍ତିଗତ, ବୈରି ୨୮୩ଜଣ ୧୦ ବ୍ୟକ୍ତିଗତ, ଚମ୍ପାପୁର ୧୯୫ଜଣ ୯ ବ୍ୟକ୍ତିଗତ, ଚଣ୍ଡିତଳ ୬୩୬ଜଣ ୨୩ ବ୍ୟକ୍ତିଗତ, ଚାରିନଙ୍ଗଳ ୯୨୧ଜଣ ୨୫ ବ୍ୟକ୍ତିଗତ, ଛତିଆ ୨୨୨ଜଣ ୫ ବ୍ୟକ୍ତିଗତ, ଦର୍ପଣ ୫୭୩ଜଣ ୨୨ ବ୍ୟକ୍ତିଗତ, ଧାନମଣ୍ଡଳ ୨୯୮ଜଣ ୫୯ ବ୍ୟକ୍ତିଗତ, ଗୋପାଳପୁର ୮୨୧ଜଣ ୧୦ ବ୍ୟକ୍ତିଗତ, କାଇମାଟିଆ ୫୧୩ଜଣ ୫୯ ବ୍ୟକ୍ତିଗତ, ଖଇରା ୩୧୮ଜଣ ୧୭ ବ୍ୟକ୍ତିଗତ, କୋଲଣଗିରି ୬୦୧ଜଣ ୩ ବ୍ୟକ୍ତିଗତ, କୁନ୍ଦଳ ୪୧୯ଜଣ ୭୬ ବ୍ୟକ୍ତିଗତ, ମଝି ପଡା ୫୭୮ଜଣ ୩ ବ୍ୟକ୍ତିଗତ, ମାଣ୍ଡୁକା ୪୬୦ଜଣ ୨୫ ବ୍ୟକ୍ତିଗତ, ନଳୀପୁର ୪୧୧ଜଣ ୩୬ ବ୍ୟକ୍ତିଗତ, ନେଳିଆ ୨୯୦ ଜଣ, ପଲେଇ ୫୩୬ ଜଣ ୧୩ ବ୍ୟକ୍ତିଗତ, ପାରିଆ ୫୨୩ଜଣ ୨୮ ବ୍ୟକ୍ତିଗତ, ପତରାଜପୁର ୧୯୫ଜଣ ୨୩ ବ୍ୟକ୍ତିଗତ, ରାଧାଦେଇପୁର ୩୮୮ଜଣ ୧୭ ବ୍ୟକ୍ତିଗତ, ରଇପୁର ୫୦୭ଜଣ ୧୪ ବ୍ୟକ୍ତିଗତ, ଶାଳପଳା ୭୨୨ଜଣ ୪ ବ୍ୟକ୍ତିଗତ, ସମିଆ ୭୧୧ଜଣ ୧୩୫ ବ୍ୟକ୍ତିଗତ, ଶାନ୍ତିପୁର ୩୨୧ ଜଣ ୧୩ ବ୍ୟକ୍ତିଗତ, ସାଉଡିଆ ୩୦୩ଜଣ ୧୧ ବ୍ୟକ୍ତିଗତ, ସିହା ୮୧୦ଜଣ ୯୧ ବ୍ୟକ୍ତିଗତ, ୩୫୩ଜଣ ୫ ବ୍ୟକ୍ତିଗତ, ସୁଙ୍ଗୁଡା ୪୩୭ ଜଣ ୬ ବ୍ୟକ୍ତିଗତ ହିତାଧିକାରୀ ଆବେଦନ କରିଛନ୍ତି। ୧୪ ମାସ ସରକାର କାର୍ଯ୍ୟକାଳ ଚାଲୁଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ସାଧାରଣ ଗରିବ ଲୋକମାନଙ୍କୁ ବଣ୍ଟନ କରାଯାଇ ନାହିଁ। ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ସାଧାରଣରେ ଦାବି ହୋଇଛି।

# ଡେରାବିଶ ମହାବିଦ୍ୟାଳୟ ଅର୍ଥନୀତି ବିଭାଗରେ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ

ଡେରାବିଶ (ଭାସ୍କର ନ୍ୟୁଜ) : ଡେରାବିଶ ବ୍ଲକ ଗୋଲରାହାଟ ପଂଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ଆଜି ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ତରଫରୁ ଏକ ବାହ୍ୟ ବିଷୟ ବିଚାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସଂଜୟ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ବିଶ୍ୱ ଶୁଳ୍କ ପ୍ରବୃତି ଏବଂ ଏହାର ଭାରତର ଅର୍ଥନୀତି ଉପରେ ପ୍ରଭାବ' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ଯୋଗଦେଇଥିଲେ। ଏଥିରେ ବିଷୟ ବିଶେଷଜ୍ଞ ଭାବେ ଲୋକନାଥ ମହାବିଦ୍ୟାଳୟ ପାଟକୁରାର ଅର୍ଥନୀତି ବିଭାଗର ଅଧ୍ୟାପକ ରାକେଶ ଦଳାଇ, ମୁଖ୍ୟବକ୍ତା ଭାବେ ଡେରାବିଶ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପକ ନଗେନ୍ଦ୍ରନାଥ ପାଣି ଓ ସମ୍ମାନିତ ଅତିଥିଭାବେ ଆଇକ୍ୟୁଏସି ସଂଯୋଜକ ଇଂରାଜୀ ବିଭାଗ ଅଧ୍ୟାପକ ବିଶ୍ୱଜିତ ସାହୁ ଯୋଗ ଦେଇ ସମ୍ପ୍ରତି ବିଶ୍ୱ ବଜାରକୁ ବୃହତ ଶକ୍ତିମାନେ ସେମାନଙ୍କ ଆମଦାନୀ ଓ ରାପ୍ତିନୀ ନୀତି ମାଧ୍ୟମରେ ବିଶ୍ୱ ବଜାରକୁ ପ୍ରଭାବିତ କରୁଛନ୍ତି ବୋଲି କହିଥିଲେ । ଏଥିପାଇଁ ସେମାନେ ଶୁଳ୍କବୃଦ୍ଧି କିମ୍ବା ହ୍ରାସ କରି ଭାରତ ଭଳି ଅର୍ଥନୀତିରେ କ୍ରମବର୍ଦ୍ଧିଷ୍ଣୁ ରାଷ୍ଟ୍ରମାନଙ୍କର ଆର୍ଥିକ ଅଭିବୃଦ୍ଧିକୁ ନିୟନ୍ତ୍ରଣ କରିବାକୁ ମଧ୍ୟ ପ୍ରୟାସ ଜାରି ରଖିଛନ୍ତି ବୋଲି କହିଥିଲେ। ଭାରତ ବର୍ତ୍ତମାନ ନିଜର ଆର୍ଥିକ ସୁପରିଚାଳନାରେ ସ୍ୱାବଲମ୍ବି ହୋଇ ଚତୁର୍ଥ ବୃହତ ଶକ୍ତି ହେବାରେ ସକ୍ଷମ ହୋଇପାରିଛି ବୋଲି ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅଧ୍ୟାପକ ସଂଜୟ କୁମାର ମିଶ୍ର ପ୍ରାରମ୍ଭିକ ବକ୍ତବ୍ୟ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ବନିତା ମହାରଣା କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# କାଦୁଆ ରାସ୍ତାରେ ସ୍କୁଲ ଯିବାକୁ ଛାତ୍ରଛାତ୍ରୀ ଅମଙ୍ଗ, କଂକ୍ରିଟ କରିବାକୁ ଦାବି



ରଘୁନାଥପୁର (ଭାସ୍କର ନ୍ୟୁଜ) : ଦୀର୍ଘ ୬୭ବର୍ଷ ପରେ ମଧ୍ୟ ବିଦ୍ୟାଳୟକୁ ଯିବା ପାଇଁ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ। ପାଣି କାଦୁଅ ରାସ୍ତାରେ ହାତରେ ଚପଲ ଧରି ସ୍କୁଲ ଯିବାକୁ ଅମଙ୍ଗ ହେଉଛନ୍ତି ଛାତ୍ରଛାତ୍ରୀ। ଏହାଛଡା ଏଠାରେ ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରକୁ ଅଭିଭାବକମାନେ ନିଜ ପିଲାଙ୍କୁ କାନ୍ଧରେ ବସାଇ ଆଣିବା ଏକ ନିତିଦିନିଆ ଘଟଣା ହୋଇଛି। ଏପରି ବ୍ୟତିକ୍ରମ ଦେଖିବାକୁ ମିଳିଛି ରଘୁନାଥପୁର ବ୍ଲକ ଅଢେଇକୂଳ ପଞ୍ଚାୟତ ବଡକୋରକର ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟର ରୂପାନ୍ତରୀକରଣ କାର୍ଯ୍ୟ କରୁଥିବାବେଳେ ପିଲାଙ୍କ ସ୍କୁଲ ଯାତାୟାତ ପାଇଁ ଥିବା ରାସ୍ତା ପ୍ରତି ଆଖିବୁଜି ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଉପରେ ଅନୁସୂଚିତ ସାହି, ବାରିକ ସାହି ଓ ବହୁ ବ୍ରାହ୍ମଣ ପରିବାର ନିର୍ଭରଶୀଳ ଅଟନ୍ତି।ଦୀର୍ଘଦିନ ଧରି ଏହି ରାସ୍ତାକୁ କଂକ୍ରିଟ ରାସ୍ତାରେ ପରିଣତ କରିବା ପାଇଁ ଦାବି ହୋଇଆସୁଥିଲେ ସୁଧା କୌଣସି ସୁଫଳ ମିଳୁନାହିଁ। ସ୍ଥାନୀୟ ସରପଞ୍ଚ ରୀନା ସ୍ୱାଇଁ, ସମିତି ସଭ୍ୟା ମିତାଞ୍ଜଳି ପଣ୍ଡା, ବିଦ୍ୟାଳୟ ଏସ୍‌ଏମ୍‌ସି ସଭାପତି ପ୍ରଳୟ କୁମାର ସାହୁ, ସାମାଜିକ କର୍ମୀ ସରୋଜ ରାୟ, ପ୍ରଭାତ କୁମାର ପଣ୍ଡା, ବାସୁଦେବ ନାୟକ, ଅଟଳ ବିହାରୀ ରାଉତ, ଭୀମସେନ ସେଠି ପ୍ରମୁଖ ରଘୁନାଥପୁର ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ଦେବାସହ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଛାତ୍ରୀଛାତ୍ରଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ବ୍ଲକ କିମ୍ବା ପଞ୍ଚାୟତ ଅନୁଦାନରେ ଖୁବଶୀଘ୍ର ଉକ୍ତ ରାସ୍ତାକୁ କଂକ୍ରିଟ କରାଯିବ ବୋଲି ବିଡିଓ ବିରଞ୍ଚି ନାରାୟଣ ବେହେରା ପ୍ରତିଶ୍ରୁତି ଦେଇଥିବାର ସାମାଜିକ କର୍ମୀ ରାୟ ପ୍ରକାଶ କରିଛନ୍ତି।

# ରାଶିଫଳ

ରବିବାର, ୨୪ ଅଗଷ୍ଟ ୨୦୨୫




**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ। ଶତ୍ରୁମାନଙ୍କ ଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ।



**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ ହେବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ।



**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।



**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।



**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।




**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି/କାଲିମେଳା, (ଭାସ୍କର ନ୍ୟୁଜ୍): ଦେଶରେ ମୋଦୀ ସରକାର ଓ ରାଜ୍ୟରେ ମୋହନ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମ ରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡ଼ି ଭାରତୀୟ ଜନତା ପାର୍ଟିରେ ସାମିଲ ହେଲେ ବିଜେଡି ଏବଂ କଂଗ୍ରେସ ଦଳର କର୍ମୀ କର୍ତ୍ତା । ମାଲକାନଗିରି ଜିଲ୍ଲା କାଲିମେଳା ବିଜେପି ଦଳୀୟ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ କରାଯାଇଥିଲା। ଉକ୍ତ ବୈଠକରେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗ ଦେବା ସହ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦକ ଭବାନୀ ଶଙ୍କର ମୁଖାର୍ଜୀ ଜିଲ୍ଲା ବିଧାୟକ ପ୍ରତିନିଧି ନିହାର ରଞ୍ଜନ ରାୟ, କାଲିମେଳା ବ୍ଲକ ବିଧାୟକ ପ୍ରତିନିଧି ହରବିଳାସ ମଣ୍ଡଳ,କାଲିମେଳା ମଣ୍ଡଳ ସଭାପତି ରାମ ଚନ୍ଦ୍ର ବେଟି ମାଲକାନଗିରି ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର,ପ୍ରମୁଖ ଉପସ୍ଥିତ ରହିଥିଲେ।ଏହି ଅବସରରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ଦୃଢ଼ ନେତୃତ୍ୱ ଏବଂ ବିଜେପି ଦଳ ଉପରେ ବିଶ୍ୱାସ କରି ତେଲେରାଇ ଏବଂ ବଡଗାଟା ପଞ୍ଚାୟତ ର ବିଜେଡି ଏବଂ କଂଗ୍ରେସ ଦଳର କର୍ମୀ ମାନେ ବିଧିବଦ୍ଧ ଭାବେ ବିଜେପି ରେ ସାମିଲ ହୋଇଥିଲେ । ବିଧାୟକ ମାଡକାମି ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରି ସେମାନଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ ।

# ବିକାଶ ଠୁ ବହୁ ଦୂରରେ ତାମୁସିଂ ଗାଁ



ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଦେଶ ସ୍ୱାଧୀନତାକୁ ୭୯ବର୍ଷ ଚାଲିଛି। ତଥାପି ସମ୍ପୂର୍ଣ୍ଣ ସ୍ୱାଧୀନ ହୋଇପାରି ନାହାନ୍ତି ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡ଼ା ପଞ୍ଚାୟତର ତାମୁସିଂ ଗ୍ରାମବାସୀ। ଏହି ଗ୍ରାମକୁ ବିକାଶ ଛୁଇଁନି। ଗମନାଗମନ, ପାନୀୟ ଜଳ, ସ୍ୱାସ୍ଥ୍ୟ ଓ ଶିକ୍ଷା ଏମାନଙ୍କ ପାଇଁ ସାତ ସପନ ପାଲଟିଛି ତାମୁସିଂ ଗ୍ରାମବାସୀଙ୍କ ପାଇଁ। ଏହି ଗ୍ରାମରେ ୭୦ ପରିବାରରୁ ଅଧିକ ବସବାସ କରୁଥିବାବେଳେ ସରକାରୀ ଭାବରେ ଏହା ଗୋଟିଏ ରାଜସ୍ୱ ଗ୍ରାମ ଅଟେ। ଯାହା ବଣ ଜଙ୍ଗଲ ଘେରା ଦେବଗିରି ପାହାଡ଼ ଉପରେ ଅବସ୍ଥିତ। ମୁଖ୍ୟ ରାସ୍ତା ଠାରୁ ଗ୍ରାମକୁ କେବଳ ୭ କି. ମି ଦୂରତା ଅଟେ ଯାହା ସମ୍ପୂର୍ଣ୍ଣ ପାହାଡ଼ ଜଙ୍ଗଲ ଦେଇ କେବଳ ପାଦ ଚଲା ରାସ୍ତା ଟିଏ ଅଛି। ପ୍ରାଥମିକ ବିଦ୍ୟାଳୟଟିଏ ଥିଲା ସରକାର ତାହାକୁ ୨୦୧୭ରେ ବନ୍ଦ କରି ଦେଇଛନ୍ତି। ସେଥିରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀମାନଂକୁ ଶିକ୍ଷା ବିଭାଗର ଅଧିକାରୀମାନେ ନିକଟସ୍ଥ ବିଦ୍ୟାଳୟମାନଙ୍କରେ ନାମ ଲେଖାଇ ନିଜର କାମ ସାରିଦେଇଛନ୍ତି। କିନ୍ତୁ ଛୋଟ ଛୋଟ ପିଲାମାନେ ପ୍ରତିଦିନ ୮କିମି ଚାଲିଚାଲି ଯିବା ଆସିବା ସମ୍ଭବପର ହେଉନାହିଁ। କାରଣ ଘଞ୍ଚ ଜଙ୍ଗଲ ଦେଇ ପିଲାମାନେ ଯିବା ଆସିବା କରିବା ବନ୍ୟଜନ୍ତୁର ଶିକାର ହେବା ମଧ୍ୟ ଏକ ପ୍ରକାର ଭୟ ରହୁଛି। ଏଣୁ ଅନେକ ପିଲା ପାଠ ପଢ଼ାରେ ଡୋରି ବାନ୍ଧିବାକୁ ବସିଲେଣି। କେବଳ ନାମକୁ ମାତ୍ର ବିଦ୍ୟାଳୟରେ ନାମ ଲେଖା ହୋଇଥିବାବେଳେ ସେମାନେ ବିଦ୍ୟାଳୟକୁ ଯାଉନଥିବା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଚାଲୁଥିଲେ ମଧ୍ୟ କୌଣସି ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କ ନିକଟରେ ପହଞ୍ଚିନଥିବା ସୂଚନା ମିଳିଛି। ବିଶେଷ କରି ଗ୍ରାମର ଭବିଷ୍ୟତ କୁହାଯାଉଥିବା ପିଲାମାନଙ୍କର ପାଠ ପଢ଼ାରେ ବ୍ୟାଘାତ ହେଉଥିବା ଯୋଗୁଁ ଅଭିଭାବକମାନେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଆମ୍ବୁଲାନ୍ସ ଯିବାକୁ ଭଲ ରାସ୍ତା ନଥିବା ଯୋଗୁଁ ଗର୍ଭବତୀ ଓ ରୋଗୀ ମାନଙ୍କୁ କେବଳ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ନେଉଥିବା ସୂଚନା ମିଳିଛି। ରାସ୍ତା ନିମନ୍ତେ ବ୍ଲକ ସ୍ତର, ଜିଲ୍ଲା ଓ ରାଜ୍ୟ ସ୍ତରରେ ଅଭିଯୋଗ କରିକରି ନୟାନ୍ତ ହେଲେଣି ତତ୍କାଳୀନ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଥରେ ଗ୍ରାମକୁ ଯାଇ ରାସ୍ତା କାମ ତୁରନ୍ତ କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ପାଣିର ଗାର ପାଲଟିଛି। ପାନୀୟ ଜଳ ବ୍ୟବସ୍ଥା କଥା ନ କହିବା ଭଲ କାରଣ ବସୁଧା ଯୋଜନା ଏମାନଙ୍କ ନିମନ୍ତେ ସ୍ୱପ୍ନ ପାଲଟିଛି। କେବଳ ପାହାଡର ଦୂଷିତ ଝରଣା ପାଣିହିଁ ଏମାନଙ୍କର ମୁଖ୍ୟ ପାନୀୟ ଜଳ ହୋଇଛି। ଯାହାଦ୍ୱାର ବିଭିନ୍ନ ରୋଗଗ୍ରସ୍ତର ଶିକାର ହେଉଥିବା କହିଛନ୍ତି। ଏଣୁ ତୁରନ୍ତ ଉପରୋକ୍ତ ସମସ୍ତ ସମସ୍ୟାର ସମାଧାନ କରାନଗଲେ ଆଗାମୀ ଦିନରେ ରାଜ ରାସ୍ତାକୁ ଓହ୍ଲାଇ ବାକୁ ତାମୁସିଂ ଗ୍ରାମର ସମସ୍ତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଜିଲ୍ଲାପାଳଙ୍କ ପ୍ରଥମ ବନ୍ଧୁଗାଁ ବ୍ଲକ୍ ଗସ୍ତ



ବନ୍ଧୁଗାଁ , (ଭାସ୍କର ନ୍ୟୁଜ୍): ପ୍ରଥମ କରି କୋରାପୁଟ ଜିଲ୍ଲାପାଳ ଉଦାନ୍ତ ଅନ୍ଧ୍ର ପ୍ରଦେଶଙ୍କୁ ଲାଗି ଥିବା ବନ୍ଧୁଗାଁ ବ୍ଲକକୁ ଗସ୍ତ କରିଥିଲେ। ଜିଲ୍ଲାପାଳଙ୍କ ଗସ୍ତକୁ ନେଇ ବ୍ଲକର ସମସ୍ତ ସରକାରୀ ଅନୁଷ୍ଠାନର କର୍ମଚାରୀ ଉପସ୍ଥିତ ଥିବା ବେଳେ ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଥିଲା। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ବ୍ଲକ କାର୍ଯ୍ୟାଳୟକୁ ପହଞ୍ଚି ଉନ୍ନତିମୂଳକ କାମଗୁଡ଼ିକର ଅଗ୍ରଗତି ଓ ନିର୍ମାଣାଧୀନ ନୂତନ ବ୍ଲକ କାର୍ଯ୍ୟାଳୟର କଥାକୁ ନେଇ କିଛି ମିନିଟ ଜଗଦେବଙ୍କୁ ପଚାରି ବୁଝି ଥିଲେ। ସ୍ଥାନୀୟ ତହସିଲଦାର ସୋନାଲି ପାତ୍ର, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ ଗାତାଞ୍ଜଳୀ ମହାରଣା, ଓ ବ୍ଲକ ଅଧକ୍ଷା ଲକ୍ଷ୍ମୀ ମିଣିଆକାଙ୍କ ସହିତ ଜିଲ୍ଲାପାଳ ବୈଠକ ବସି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ କାର୍ଯ୍ୟର ସ୍ଥିତି ପରଖିବା ସହିତ ନିର୍ମାଣାଧୀନ ଘର ଗୁଡ଼ିକ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନ ଥିବାରୁ ଅତିଶୀଘ୍ର ହିତାଧିକାରୀଙ୍କ ପାଖକୁ ଯାଇ ସମ୍ପୂର୍ଣ୍ଣ କରିବାକୁ, ବାର୍ଦ୍ଧକ୍ୟ, ବିକଳାଙ୍ଗ, ବିଧବା ଭତ୍ତା ଗୁଡ଼ିକ କିପରି ସମସ୍ତେ ସୁବିଧାରେ ପାଇବେ, ଆଶ୍ରମ ବିଦ୍ୟାଳୟ ମାନଙ୍କରେ ଥିବା ଛାତ୍ରଛାତ୍ରୀ ବାସ, ପିଲାଙ୍କ ଶୋଇବା କୋଠରୀ, ବିଛଣା ଓ ଖାଇବା ଖାଦ୍ୟ ପୁଣି ନରେଗା ଯୋଜନାରେ ବର୍ତ୍ତମାନ ଚାଲିଥିବା କାର୍ଯ୍ୟ ଚାଲିଛି ପୁଣି ନରେଗା ପାଣ୍ଠି ଆଜି ରହିଛି ନା ଶେଷ ହୋଇ ଯାଇଛି କି ପଚାରି ବୁଝିଥିଲେ। ଏହି ସହିତ ସୁରକ୍ଷା ଶକ୍ତିର ମାଆମାନଙ୍କ କିଛି ଅଭିଯୋଗ ଶୁଣିଥିଲେ। ପରେ ସ୍ଥାନୀୟ ବ୍ଲକ ପ୍ରଶାସନଙ୍କ ସହିତ ଆଲମଣ୍ଡା ପଞ୍ଚାୟତର ଏଡଗୁମବାଲସାରେ ଏସଏଚଜି ପାଇଁ ନିର୍ମିତ ଶୀତଳ ଭଣ୍ଡାର, ମିସନ ଶକ୍ତି କେଫ, ମିଲେଟ ଶକ୍ତି ଟିଫିନ୍ ସେଣ୍ଟର ଓ ଜିପି ଫେସିଲିଟୀ ସେଣ୍ଟର ଗସ୍ତ କରି ଥିଲେ। ପୁଣି ସ୍ଥାନୀୟ ବାସିନ୍ଦା ତରଫରୁ ଆଲମଣ୍ଡା ଉଚ୍ଚ ବିଦ୍ୟାଳୟରେ ଦୁଇ ଜଣ ଶିକ୍ଷକଙ୍କ ଅବସର ପରେ ପିଲାଙ୍କ ପାଠ ପଢ଼ା ପାଇଁ ସମସ୍ୟା ଦେଖାଯାଉଥିବାରୁ ନୂତନ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କୁ ଦେବା ପାଇଁ ଅନୁରୋଧ କରିଥିଲେ। ଏଥି ସହ ନିଲାବାଡି ସରକାରୀ ଉଚ୍ଚ (ଏସଏସଡି) ବାଳିକା ବିଦ୍ୟାଳୟକୁ ଗସ୍ତ କରି ଛାତ୍ରୀ ମାନଙ୍କୁ କୋରାପୁଟ ଜିଲ୍ଲାର ସେଲିଂ ପଚାରି ଥିଲେ, ଭଲ ଭାବେ ପାଠ ପଢିବା ପାଇଁ ଛାତ୍ରୀଙ୍କୁ ଉତ୍ସାହିତ କରି ଥିଲେ। ସେଠାରୁ ନିଲାବାଡି ମାଆ ଅଗ୍ନି ଗଙ୍ଗମା ମନ୍ଦିରକୁ ଗସ୍ତ କରି ମନ୍ଦିରର ଅନେକ ଉନ୍ନତିକରଣ ପାଇଁ ଆଲୋଚନା କରି ଥିଲେ। ପରେ ଜିଲ୍ଲାପାଳ ଫେରି ଯାଇ ଥିଲେ।

# ଉମରକୋଟରେ ପହଞ୍ଚିଲା ୟୁରିଆ ସାର




ଉମରକୋଟ (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲାର ଉମରକୋଟ ଏକ କୃଷି ପ୍ରଧାନ ଅଞ୍ଚଳ ଭାବେ ବେଶ ପରିଚିତ। ବିଗତ ଦିନ ହେଲା ଉମରକୋଟ ବ୍ଲକରେ ୟୁରିଆ ସାରର ଘୋର ସଙ୍କଟ ଲାଗି ରହିଥିଲା। ଫଳରେ ଚାଷୀ ମହଲରେ ବ୍ୟାପକ ଅସନ୍ତୋଷ ଦେଖା ଦେଇଥିଲା। ୟୁରିଆ ସାର ନ ପାଇ ଚାଷୀ ଚଢା ଦରରେ କଳା ବଜାରୀଙ୍କ ଠାରୁ କିଣି ଧାନ ଓ ମକା ଜମିରେ ବ୍ୟବହାର କରୁଥିଲେ। ଏହାକୁ ଦୃଷ୍ଟିରେ ରଖି କୃଷି ବିଭାଗର ଉଦ୍ୟମ ଯୋଗୁ ଆଜି କ୍ରିବକୋ କମ୍ପାନୀର ୟୁରିଆ ସାର ତିନି ଟ୍ରକ ଅର୍ଥାତ ୧୭୦୦ କ୍ୱିଣ୍ଟାଲ ଆସି ପହଁଚିଲା। ଏହି ୟୁରିଆ ସାରକୁ ଉମରକୋଟ ବ୍ଲକର ଯାଦବ ଟ୍ରେଡ଼ର, ଟ୍ରିଷା ଟ୍ରେଡ଼ର, ପାଉଲ ଟ୍ରେଡ଼ର, ଅଲେଖ ମହିମା ଏଣ୍ଟରପ୍ରାଇଜ, ଗୁରୁ ଦାସ ମଣ୍ଡଳ,ବିଶ୍ୱାସ ଫର୍ଟିଲାଇଜର ଜୈନ ଫର୍ଟିଲାଇଜର, ବାସୁଦେବ ବିଶ୍ୱାସ, ବିଶ୍ୱାସ ଆଣ୍ଡ ସନସ ଏହିଭଳି ୯ ଟି ସବ ଡିଲର ମଧ୍ୟରେ ବଣ୍ଟନ କରିଛି କୃଷି ବିଭାଗ। କୃଷି ଅଧିକାରୀଙ୍କ ଉପସ୍ଥିତିରେ ଏହି ସାର ଚାଷୀଙ୍କ ମଧ୍ୟରେ ବଣ୍ଟନ କରାଯିବ ବୋଲି କହିଛନ୍ତି ଜିଲ୍ଲା କୃଷି ଅଧିକାରୀ ନିହାର ନାୟକ। ତେବେ ଏହି ସାର ଉମରକୋଟ ପରି କୃଷି ଭିତ୍ତିକ ଅଞ୍ଚଳକୁ ସମୁଦ୍ରକୁ ଶଙ୍ଖ ସଦୃଶ। ତୁରନ୍ତ କୃଷି ବିଭାଗ ଆହୁରି ଅଧିକ ୟୂରିଆ ସାର ଉମରକୋଟ ଆଣିବା ବ୍ୟବସ୍ଥା କରୁ ବୋଲି ଚାଷୀମାନେ ଦାବି କରିଛନ୍ତି ।

# ଡିଣ୍ଡିରାଗାଁ ପଞ୍ଚାୟତରେ ସଚେତନତା ଶିବିର

କାନ୍ଧମାଳ, (ଭାସ୍କର ନ୍ୟୁଜ୍) ରାମ ଶଙ୍କର ହୋତା, ଜିଲ୍ଲା ଓ ଦୌରା ଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀଙ୍କ ନିର୍ଦ୍ଦେଶ କ୍ରମେ ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଡିଣ୍ଡିରାଗାଁ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଫୁଲବାଣୀ ଦ୍ୱାରା ଏକ ଆଇନ ସଚେତନତା ଶିବିରର ଆୟୋଜନ କରାଯାଇଥିଲା । ଉକ୍ତ ସଚେତନତା ଶିବିରରେ ରମାକାନ୍ତ ମହାନ୍ତି, ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଫୁଲବାଣୀ, ଡି.ଏସ.ପି. ସର୍ବେଶ୍ୱର ବେହେରା, ସହକାରୀ ଶ୍ରମ ଅଧିକାରୀ, ଫୁଲବାଣୀ ବିଶ୍ୱରଞ୍ଜନ କହଁର, ଫିରିଙ୍ଗିଆ ବି.ଏସ.ଏସ.ଓ. ଜ୍ଞାନରଞ୍ଜନ ସେଠୀ, ଫିରିଙ୍ଗିଆ ଏ.ପି.ଓ. ସୁମନ୍ତ ଉଠାଣସିଂ, ଡିଣ୍ଡିରାଗାଁ ପଞ୍ଚାୟତ ନିର୍ବାହୀ ଅଧିକାରୀ ଚକ୍ରଧର ମହାରଣା ଯୋଗ ଦେଇଥିଲେ । ଉକ୍ତ ସଚେତନତା ଶିବିରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନମଙ୍ଗଳକାରୀ ଯୋଜନା ସମ୍ପର୍କରେ ଉପସ୍ଥିତ ଥିବା ପାରା ଲିଗାଲ ସ୍ୱେଚ୍ଛାସେବୀ, ଫିରିଙ୍ଗିଆ ବ୍ଲକର ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅନ୍ୟାନ୍ୟ ଜନ ସାଧାରଣଙ୍କୁ ସଚେତନ କରାଯାଇଥିଲା । ମାଗଣା ଆଇନ ସେବା ପାଇବା ପାଇଁ ଉପଲବ୍ଧ ଥିବା ନାଲ୍ସା ହେଲ୍ପଲାଇନ ନମ୍ବର ୧୫୧୦୦ ଓ ନାଲ୍ସା ପୋର୍ଟାଲ ସମ୍ପର୍କିତ ସୂଚନା ପ୍ରଦାନ କରାଯାଇଥିଲା । ଅଶୋକ କୁମାର ପ୍ରଧାନ, ପାରା ଲିଗାଲ ସ୍ୱେଚ୍ଛାସେବୀ ଉକ୍ତ ସଚେତନତା ଶିବିରକୁ ପରିଚାଳନା କରିଥିଲେ ଓ ଫିରିଙ୍ଗିଆ ବ୍ଲକର ଏ.ପି.ଓ. ସୁମନ୍ତ ଉଠାଣସିଂ କାର୍ଯ୍ୟକ୍ରମ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଉରକେଲାରେ ବିମାନ ସେବା ଆରମ୍ଭ ନହେଲେ ହେବ ଆନ୍ଦୋଳନ




ରାଉରକେଲା (ଭାସ୍କର ନ୍ୟୁଜ୍): ରାଉରକେଲା ଜିଲ୍ଲା କଂଗ୍ରେସ କମିଟିର ସଭାପତି ଜ୍ଞାନେନ୍ଦ୍ର ଦାସ ସେକ୍ଟର ୨୧ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ରାଉରକେଲା ବିମାନ ବନ୍ଦରରୁ ଗତ ଏକମାସରୁ ଉର୍ଦ୍ଧ କାଳ ହେଲା ବନ୍ଦ ଥିବା ବିମାନ ଚଳାଚଳକୁ ଯଥାଶୀଘ୍ର ଆରମ୍ଭ କରିବାକୁ ଦାବି କରିଥିଲେ । ସେ କହିଥିଲେ ସମସ୍ତ ଭିତ୍ତିଭୂମି ଥାଇ ରାଉରକେଲା ବିମାନ ବନ୍ଦରକୁ ଅଣଦେଖା କରାଯାଉଛି। ରାଉରକେଲା ବିମାନ ବନ୍ଦରର ସମ୍ପ୍ରସାରଣ ଏବଂ ଉନ୍ନତ ମାନର ବିମାନ ସେବା ରାଉରକେଲା ବାସୀଙ୍କର ଅନେକ ଦିନରୁ ଦାବି ରହିଆସିଛି ଏବଂ ବିଭିନ୍ନ ସମୟରେ ସ୍ଥାନୀୟ ଜନପ୍ରତିନିଧି ଏବଂ କେନ୍ଦ୍ର ଓ ରାଜ୍ୟ ସରକାର ଙ୍କ ଦ୍ୱାରା ଏ ଦାବି ଯଥାର୍ଥ ବୋଲି ସ୍ୱୀକାର କରି ଦାବି ପୂରଣର ପ୍ରତିଶ୍ରୁତି ମଧ୍ୟ ମିଳିଛି । କିନ୍ତୁ ବିଡମ୍ବନାର ବିଷୟ ରାଉରକେଲାବାସୀଙ୍କୁ ଏହି ପ୍ରତିଶ୍ରୁତି ବଦଳରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତାରଣା କରିଛନ୍ତି। ଝାରସୁଗୁଡାରୁ ବାଙ୍ଗାଲୋର ଏବଂ ଭୁବନେଶ୍ୱର ଆଦି ସ୍ଥାନକୁ ଚାଲୁଥିବା ବିମାନ ଯାତ୍ରୀଙ୍କ ମଧ୍ୟରୁ ୬୦% ରୁ ଅଧିକ ଯାତ୍ରୀ ରାଉରକେଲାର ହୋଇଥିବା ବେଳେ ରାଉରକେଲାରୁ କାହିଁକି ସେମାନେ ବିମାନ ସେବା ପାଇବେନି ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ । ରାଉରକେଲାକୁ କେବଳ ସ୍ମାର୍ଟ ସହର ଘୋଷଣା କରାଯାଇଛି କିନ୍ତୁ କୌଣସି କ୍ଷେତ୍ର ରେ ଆମ ସହର ସ୍ମାର୍ଟ ହୋଇନାହିଁ , ଆମ ସହରବାସୀ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବାରେ ବାଧକ ସାଜୁଛି ବିମାନ ସେବା। ଆସନ୍ତା ତା ୨୬.୦୮.୨୦୨୫ ରିଖ ମଙ୍ଗଳବାର ଦିନ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ତରଫରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଦିଆଯାଇ ମୁଖ୍ୟମନ୍ତ୍ରୀ ଗତ ରାଉରକେଲା ଗସ୍ତ ସମୟ ରେ ରାଉରକେଲା ବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି କୁ ମନେପକେଇ ବାକୁ ପ୍ରୟାସ କରାଯିବ। ଆଗକୁ ଏହି ଦାବିକୁ ନେଇ ରାଉରକେଲାରେ ଜିଲ୍ଲା କଂଗ୍ରେସ ତାର ଆନ୍ଦୋଳନ ତୀବ୍ର କରିବ ବୋଲି ଶ୍ରୀ ଦାସ ତାଙ୍କ ବାର୍ତ୍ତା ରେ କହିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ରେ ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ଶ୍ରୀଯୁକ୍ତ ସନ୍ତୋଷ କୁମାର ବିଶ୍ୱାଳ , ବରିଷ୍ଠ ନେତା ସବୀର ହୁସେନ , ନିହାର ଦାସ, ବ୍ଲକ ସଭାପତି ରଘୁନାଥ ଦାସ , ନାୱାବ ଅଖତାର ଏବଂ ଯୁବ ନେତା ଇସ୍ତେହାର ମୋହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ ।

# ସ୍ଥିତି ପରଖିଲେ ଜିଲ୍ଲାପାଳ



ନାରାୟଣପାଟଣା ( ଭାସ୍କର ନ୍ୟୁଜ୍ ) କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ ଦିନିକିଆ ଗସ୍ତରେ ଜିଲ୍ଲାପାଳ ମନୋଜ୍ ସତ୍ୟବାନ୍ ମହାଜନ । ପ୍ରଥମେ ନାରାୟଣପାଟଣା ବ୍ଲକ୍ ଅନ୍ତର୍ଗତ ବିଜାଘାଟି ପଞ୍ଚାୟତରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କରିଥିଲେ। ତିନି ବର୍ଷ ଭିତରେ ମାତ୍ର ୨୦ ପ୍ରତିଶତ କାମ ହୋଇଥିବା ଦେଖି ଜିଲ୍ଲାପାଳ ଠିକା ସଂସ୍ଥା ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ବର୍ଷେ ଭିତରେ ତୁରନ୍ତ କାମ ସମାପ୍ତ କରିବା ନିମନ୍ତେ ଠିକା ସଂସ୍ଥା ଏବଂ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଝୋଡ଼ିପଦର୍ ନିକଟସ୍ଥ କାଳିଆମାଳି ପାହାଡ଼କୁ ଯାଇ ସ୍ଥିତି ପରଖିଥିଲେ ଜିଲ୍ଲାପାଳ । ଜିଲ୍ଲା ପ୍ରଶାସନର ସୁଅ ଛୁଟିବା ସତ୍ତ୍ୱେ ଏଠାକାର ପ୍ରାକୃତିକ ମନୋରମା ଦୃଶ୍ୟକୁ ଦେଖି ବିମୋହିତ ହୋଇଥିଲେ ଜିଲ୍ଲାପାଳ । ଖୁବ୍ ଶୀଘ୍ର ପାନୀୟ ଜଳ ଏବଂ ପର୍ଯ୍ୟଟକଙ୍କ ପାଇଁ ନାଇଟ କ୍ୟାମ୍ପ ର ବ୍ୟବସ୍ଥା ହେବା କହିଛନ୍ତି ଜିଲ୍ଲାପାଳ । ସିମଳା, କାଶ୍ମୀର ପରି ମଜା ନେଇ ପାରିବେ ପର୍ଯ୍ୟଟକ । ନାରାୟଣପାଟଣାର ସମସ୍ତ ପର୍ଯ୍ୟଟନ କ୍ଷେତ୍ରରେ ଆଉ ଏକ ନୂଆ ମାଇଲ ଖୁଣ୍ଟ ଯୋଡ଼ିତ ହବ କହିଛନ୍ତି ଜିଲ୍ଲାପାଳ । ଏହାପରେ ଜିଲ୍ଲାପାଳ କିଛି ପ୍ରକଳ୍ପ ବୁଲି ଦେଖିବା ପରେ ନାରାୟଣପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ର ଛାତ୍ରୀ ଙ୍କୁ ସାକ୍ଷାତ କରି ଶିକ୍ଷିତ ହେବା ନିମନ୍ତେ ଉତ୍ସାହିତ କରିଥିଲେ । ଜିଲ୍ଲାପା ଙ୍କ ଗସ୍ତ କୁ ନେଇ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ନାରାୟଣପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଗୋଲଡି ତ୍ରିନାଥ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ବିକ୍ରମ କୁମାର୍ ଦୋରା, ତହସିଲଦାର ପ୍ରଭାତୀ ଖୋଡ଼ିଆ, ଗ୍ରାମ୍ୟ ଉନ୍ନୟନ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସି ପ୍ରମୁଖ ଯୋଗ ଦେଇଥିଲେ ।

## ରାସ୍ତା ସମସ୍ୟା ନେଇ ବିଡ଼ିଓଙ୍କୁ ଦାବିପତ୍ର

କନ୍ଧମାଳ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଶୁଣ୍ଠିପଦର ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଉନ୍ନୀତ ଉଚ୍ଚ ବିଦ୍ୟାଳୟରୁ ଏମ୍ ଇ ସ୍କୁଲକୁ ଯିବା ପାଇଁ ଭଲ ରାସ୍ତା ନାହିଁ ।ଉକ୍ତ ବିଦ୍ୟାଳୟରୁ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ଛାତ୍ରଛାତ୍ରୀ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ଯାଇଥାନ୍ତି । ଯିବା ପାଇଁ ଭଲ ରାସ୍ତା ନ ଥିବା ବେଳେ ବର୍ଷା ଦିନେ ଉକ୍ତ ରାସ୍ତା ପାଣି କାଦୁଅ ସହ ଖାଲଖମାରେ ଭର୍ତ୍ତି ହୋଇଯାଏ । ଛାତ୍ରଛାତ୍ରୀ ମାନେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏପରିକି ଯିବା ଆସିବା ସମୟରେ ଅନେକ ଛାତ୍ରଛାତ୍ରୀମାନେ ପଡି ଯିବା ସହ ଆହତ ମଧ୍ୟ ହୋଇଥିବା ଅଭିଯୋଗ ହୋଇଛି । ଉକ୍ତ ରାସ୍ତା ଖୁବ ଶୀଘ୍ର ମରାମତି କରିବା ଆଜି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ କଣ୍ଟାମାଳ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

# କୃଷିଭିତ୍ତିକ ପର୍ବ ପୁରାଉଆଁସ ପାଳିତ



ବରଗଡ଼, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ କୃଷିଭିତ୍ତିକ ପର୍ବ ପୁରାଉଆଁସ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଓଡ଼ିଶାର ଭାତହାଣ୍ଡି ବରଗଡ଼ କୃଷକର ବଳ ଓ ବନ୍ଧୁ ହଳ ବଳଦ ଭାଦ୍ରବ ଅମାବାସ୍ୟା ତିଥିରେ ହଳକୁ ସମ୍ପୂର୍ଣ୍ଣ ଭାବରେ ବିଶ୍ରାମ ଦିଆଯାଏ। ଗାଈଗୋରୁଙ୍କୁ ଗୁହାଳରେ ପୂଜା କରାଯାଇ ଦୀର୍ଘାୟୁ କାମନା ପୂର୍ବକ ଶିଙ୍ଘରେ ରାକ୍ଷୀ ବନ୍ଧାଯାଏ । ଏହି ପରମ୍ପରା କୁ ଉଜ୍ଜୀବିତ ରଖିବା, ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମୁଖରେ ଚେନାଇଁ ହସଦେବା, ସମାଜର ମୁଖ୍ୟସରିତରେ ସାମିଲ ହେବା ଉଦେଶ୍ୟରେ ଅନେକ ବର୍ଷ ହେବ ଏହି ପର୍ବ ପାଳନ କରାଯାଉଛି। ଶନିବାର ସକାଳ ୧୦ ଘଣ୍ଟା ସମୟରେ ମୁଖ୍ୟ ଅତିଥି ସାଧୁ ନେପାକ,ପୂର୍ବତନ ବିଧାୟକ, ବରଗଡ଼,ସମ୍ମାନିତ ଅତିଥି କଳ୍ପନା ମାଝୀ, ନଗରପାଳ, ବରଗଡ଼,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକମେଘନାଦ ସାହୁ, ବିଦ୍ୟାଳୟର ତିନି ପ୍ରଧାନ ଶିକ୍ଷକ ଶ୍ରୀ କିଶୋର ଚନ୍ଦ୍ର ସାହୁ, ଅଭୟ କୁମାର ପଧାନ ଏବଂ ନେପାଳ ଦୁଆନ, ପଣ୍ଡିତ ପ୍ରସନ୍ନ ଆଚାର୍ଯ୍ୟ ଓ ପୂଜକ ନନ୍ଦିଘୋଷ ମହାପାତ୍ରଙ୍କ ମନ୍ତ୍ର ଉଚ୍ଚାରଣ ସହ ପୂଜାର୍ଚ୍ଚନା କରିଥିଲେ । ଏଠାରେ ଅନ୍ୟ ମାନଙ୍କ ମଧ୍ୟରେ ଉପସ୍ଥିତ ଥିବା ଅତିଥିମାନେ ହେଲେ ନେପାଳେଶ୍ୱର ନନ୍ଦ, ମାମି ମିଶ୍ର, ଦିବାକର ମାଝୀ, ଅଶୋକ ଅଗ୍ରୱାଲ,ଶିବାୟଣୀ ପଣ୍ଡା,ତାରାକାନ୍ତ ସାହୁ,ସମାରୁ ପ୍ରଧାନ, ସୁରେଶ କୁମାର ଭୋଇ,ଅଶୋକ କୁମାର ରଥ,ଭକ୍ତ ଚରଣ ସାହୁ,ଭକ୍ତ ଚରଣ ଦାଶ, ଦିବ୍ୟକାନ୍ତି ଭୋଇ,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, ନିଶାମଣି ଉଚ୍ଚ ବିଦ୍ୟାଳୟ ବରଗଡ଼,ଉପେନ୍ଦ୍ର ଘିବେଲା, ଅରୁଣ ଘିବେଲା, ଅନୁପମ ଘିବେଲା, ପ୍ରକୃତି ବନ୍ଧୁ ସୁବାଷ ଚରଣ ପ୍ରଧାନ ଓ ଦିବାକର ମାଝୀ,ସାତ୍ତ୍ୱିକ ସାହୁ, ନାରାୟଣ ପଣ୍ଡା, ପବିତ୍ର ଦେହେରି ଆଦି ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପରେ କୃଷକ ଓ ଗୃହଣି ବେଶରେ ସଜ୍ଜିତ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନେ ଘଣ୍ଟ ଓ ଦୁଲଦୁଲି ସହ ଏକ ଭବ୍ୟ ଶୋଭାଯାତ୍ରା ଟାଉନ ଥାନା ଅଭିମୁଖେ ଯାଇଥିଲେ। ଟାଉନ ଥାନା ଅଧିକାରୀ ସୁରେନ୍ଦ୍ର ଛତ୍ରିଆ ଟେରାକୋଟା ଗାଈ ଓ ବଳଦମାନଙ୍କୁ ପୂଜାର୍ଚ୍ଚନା କରିଥିଲେ । ଶିକ୍ଷକ ଦୁଃଖୀସେବକ ସାହୁ ଉପସ୍ଥିତ ଥାନା କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବାସହ ପୁରାଉଆଁସ ବାବଦରେ ସୂଚନା ପ୍ରଦାନ କରିଥିଲେ । ଟାଉନ ଥାନାର ସମସ୍ତ କର୍ମଚାରୀଙ୍କୁ ଲଡୁ ଭୋଗ ଖାଇବାକୁ ଦିଆଯାଇଥିଲା ଏବଂ ଥାନା ପକ୍ଷରୁ ସମସ୍ତ ଛାତ୍ର ଛାତ୍ରୀଙ୍କୁ ଜଳପାନ ବ୍ୟବସ୍ଥା କରାଯାଇଥିଲା । ଥାନା ଅଧିକାରୀଛତ୍ରିଆ ବିଦ୍ୟାଳୟ ପକ୍ଷରୁ ପାଳିତ ହେଉଥିବା ଏହି ନିଆରା ପରମ୍ପରାକୁ ଅଭିନନ୍ଦନ ଜଣାଇବା ସହ ପ୍ରତିବର୍ଷ ବରଗଡ଼ ଟାଉନ ଥାନା ସ୍ୱାଗତ କରିବାକୁ ପ୍ରସ୍ତୁତ ବୋଲି କହିଥିଲେ । ଉପସ୍ଥିତ ସମସ୍ତ ଅତିଥିଗଣ ପରମ୍ପରା ବଞ୍ଚିଲେ ଆମେ ବଂଚିବା ଏବଂ ଏହି ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ନିମନ୍ତେ ପ୍ରେରଣା ପଦ ବୋଲି ମତବ୍ୟକ୍ତ କରିଥିଲେ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ମାତ୍ରାରେ ସହଯୋଗ କରିଥିଲେ ।

# ସାତପାଲି ବାଲିଯାତ୍ରା ଅନୁଷ୍ଠିତ



ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସାତପାଲି ତରଫରୁ ବାଲ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାତପାଲି କୁଳର ମୁଖିଆ ନେଙ୍ଗୀ ପାତ୍ର ଧୁରୁଆ, ଗାଇନ୍ତା, ସମରଥ ଡେଙ୍ଗୁର ମୁଣ୍ଡିଆ, ରହିତଭାଇ, ମୁଖିଆଙ୍କ ଉପସ୍ଥିତିରେ ପରମ୍ପରା ଅନୁଯାୟୀ ଦେବୀ ଦେବତାଙ୍କ ପାଖରେ ନୂଆଁ ଧାନ ଭୋଗ ଲାଗି ମାଟି ପୂଜାରୀଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପୋରା ତିହାର କରାଯାଇଥିଲା। ତାସହ ଆସନ୍ତା ୨୬,୮ ୨୫ ତାରିଖ ମଙ୍ଗଳ ବାର ଦିନ ଜଗତଜନନୀ ମାଆ କଳସୀ ମାତା ମନ୍ଦିର ଠାରେ ଭାଦ୍ରବ ଯାତ୍ରା ଅନୁଷ୍ଠିତ ହେବା ସହ ସମସ୍ତଙ୍କ ଉପସ୍ଥିତିରେ ଚଳିତ ବର୍ଷ ନୂଆଁଖାଇର ତିଥି ନିର୍ଦ୍ଧାରଣ ନିମନ୍ତେ ନିଷ୍ପତ୍ତି ନିଆଗଲା।

# ବିଭିନ୍ନ ସମସ୍ୟା ଓ ବିକାଶମୂଳକ କାର୍ଯ୍ୟ ଉପରେ ବିଧାୟକଙ୍କ ଆଲୋଚନା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା କାଶୀନଗର ବ୍ଲକର ବିଭିନ୍ନ ପଞ୍ଚାୟତ ଲୋକପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି ପାରଳା ବିଧାୟକ ରୁପେଶ୍ ପାଣିଗ୍ରାହୀ। ଏହି ଆଲୋଚନା ସମୟର ବିଧାୟକଙ୍କ ସହ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାୟାମ୍ମା ଓ ସମସ୍ତ ସରପଞ୍ଚ ସମିତି ଉପସ୍ଥିତ ହୋଇ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଉକ୍ତ ଆଲୋଚନରେ ବିଭିନ୍ନ ପଞ୍ଚାୟତର ବିକାଶ ମୂଳକ କାର୍ଯ୍ୟ କିପରି ଚାଲିଛି , ଗ୍ରାମଗୁଡ଼ିକ ରାସ୍ତା ମରାମତି, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି ଉପରେ ପଚାରିବୁଝିଥିଲେ ବିଧାୟକ। ଯେପରି ସରକାର ଯୋଜନା ଗୁଡ଼ିକ ଲୋକଙ୍କ ପାଖରେ ପହଞ୍ଚିବ ଓ ଲୋକଙ୍କ ସମସ୍ୟା କିପରି ଦୂର ହେବ ସେନେଇ ଗୁରୁତ୍ୱ ଦେବା ପାଇଁ ସରପଞ୍ଚ ସମିତିଙ୍କ ପରାମର୍ଶ ଦେଇଥିଲେ ବିଧାୟକ। ପରେ ବିଭିନ୍ନ ପଞ୍ଚାୟତର ସମସ୍ୟା ନେଇ କାଶୀନଗର ବିଡିଓଙ୍କ ସହ ଆଲୋଚନା କରିଥିଲେ ବିଧାୟକ। ସମସ୍ୟା ଗୁଡ଼ିକ କିପରି ତୁରନ୍ତ ସମାଧାନ ହେଇ ପାରିବ ସେ ନେଇ ବିଡିଓ ଓ ବ୍ଲକ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇଥିଲା ।

## ବିଜେଡିର ୧୨ ଘଣ୍ଟିଆ ଜାତୀୟ ରାଜପଥ ଅବରୋଧ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ରେଢ଼ାଖୋଲ, (ଭାସ୍କର ନ୍ୟୁଜ୍): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଅଞ୍ଚଳର ବିଭିନ୍ନ ଦାବି ଓ ଏହାର ସମାଧାନ କରିବା ନେଇ ରେଢ଼ାଖୋଲ ବିଜେଡି ପକ୍ଷରୁ ବିଧାୟକ ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ୧୨ଘଣ୍ଟିଆ ରେଢ଼ାଖୋଲ ବନ୍ଦ ପାଳନ ହୋଇଥିଲା। ରେଢ଼ାଖୋଲ ଭୀମଭୋଇ ଛକଠାରେ ବିଜେଡି କର୍ମୀମାନେ ଏକତ୍ରିତ ହୋଇ ପୋଷ୍ଟର, ବ୍ୟାନର୍, ରେଢ଼ାଖୋଲ ର ବିଭିନ୍ନ ସମସ୍ୟା ତଥା ଏନ୍ ଏଚ୍ ୫୫ଜାତୀୟ ରାଜପଥ ସମସ୍ୟା,ଟୋଲଗେଟ ମୁକ୍ତ,ପାଉଁଶ ବୋଝେଇ ଗାଡ଼ି ଚଳାଚଳ କଟକଣା ଉପରେ , ଜାତୀୟ ରାଜପଥ ରେ ଡ୍ରେନେଜ ବ୍ୟବସ୍ଥା, ରାଜରାସ୍ତ ଉପରେ ବିଭିନ୍ନ ଛକ ଗୁଡ଼ିକରେ ଆପ୍ରୋଚରୋଡ୍ ନିର୍ମାଣ ଉପରେ ନାରାବାଜି ଦେଇ ରାସ୍ତା ରୋକ କରିଥିଲା ରେଢ଼ାଖୋଲ ବିଜେଡି କର୍ମୀମାନେ । ଏନେଇ ରାସ୍ତାରେ ଦୀର୍ଘ ୬ଘଣ୍ଟା ରୁ ଉର୍ଦ୍ଧ୍ୱ ସମୟ ଧରି ହଜାର ହଜାର ସଂଖ୍ୟକ ଗାଡ଼ି ଅଟକି ରହିଥିବା ସହ ସହରରେ ବିଭିନ୍ନ ଦୋକାନ ବଜାର ମଧ୍ୟ ବନ୍ଦ ଥିଲା । ଜରୁରୀକାଳୀନ ସେବା ଗାଡି ଚଳାଚଳ କୁ ଗୁରୁତ୍ୱ ଦେଇ ଏହି ବନ୍ଦ ପାଳନ କରାଯାଇଥିଲା । ସବୁଠାରୁ ବଡ଼କଥା ଏହା ଯେ ୨୦୧୬ମସିହାରୁ ଏନ୍ ଏଚ୍ ୫୫ରାଜରାସ୍ତା କାମ ଆରମ୍ଭ ହୋଇ ଥିଲେ ସୁଧା ଆଜିଯାଏ ଏହି ରାଜପଥ କାମ ସରିବାର ନାଁ ନେଉନାହିଁ । ଅନ୍ୟପଟେ ରାସ୍ତା ଉପରେ ଦିନକୁଦିନ କଳକାରଖାନା ର ପାଉଁଶ ଗାଡି ଚାଳନା ଫଳରେ ପ୍ରଦୂଷଣ ବଢ଼ାଇବା ସହ ବିଭିନ୍ନ ସମସ୍ୟା ହେଉଥିବା ବେଳେ ଏଗୁଡ଼ିକ ସକାଳ ୬ ଘ. ରୁ ଦିନ ୧୨ ଘ. ଏବଂ ଅପରାହ୍ନ ୩ ଘ ରୁ ସଂଧ୍ୟା ୮ ଘ. ପର୍ଯ୍ୟନ୍ତ ପାଉଁଶ ବୋଝେଇ ଗାଡିର ରେଢାଖୋଲ ଭିତରୁ ଯାତାୟତ ବନ୍ଦ କରାଯିବା, ନିର୍ମାଣଧିନ ହାତୀ କରିଡରରୁ ପାର୍ଶ୍ୱବର୍ତ୍ତୀ ଗାଁ ମାନଙ୍କୁ ବାଇପାସ ରାସ୍ତା ଦ୍ୱାରା ସଂଯୋଗ କରାଯିବା ସହ ଜାତୀୟ ରାଜପଥ କାର୍ଯ୍ୟ ଶୀଘ୍ର ସଂପୂର୍ଣ୍ଣ କରାଯାଉ ,ରେଢାଖୋଲ ଠାରୁ ବୌଦ୍ଧ ଗଲାବେଳେ କଦଳୀ ଗଡ ଟୋଲ୍ , ରେଢାଖୋଲରୁ ସମ୍ବଲପୁର ଗଲାବେଳେ ହାତୀବାରି ଟୋଲ୍ ଏବଂ ବାମୁର ଠାରେ ଥିବା ଟୋଲଗେଟକୁ ରେଢାଖୋଲ ଉପଖଣ୍ଡବାସୀଙ୍କ ପାଇଁ ସଂପୂର୍ଣ୍ଣ ଟୋଲମୁକ୍ତ କରାଯିବା ଦାବି ଗୁଡିକ ନେଇ ଏହି ବନ୍ଦ ପାଳନ ହୋଇଥିଲା। ଏହି ବନ୍ଦ ପାଳନରେ ରେଢ଼ାଖୋଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ,ବରିଷ୍ଠ ବିଜେଡି ନେତା ଅରୁଣ ପ୍ରଧାନ,ବ୍ଲକ ବିଜେଡି ସଭାପତି ଉଦିତ ତ୍ରିପାଠୀ,ପୂର୍ବତନ ଏନଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ନଗର ସଭାପତି ସିଦ୍ଧାର୍ଥ ଶଙ୍କର ପ୍ରଧାନ,ଛାତ୍ର ସଭାପତି ଶିବଶମ୍ଭୁ ନନ୍ଦ,ଯୁବ ସଭାପତି ବିକାଶ ଦାସ, ପୁରୁଷୋତ୍ତମ ଅଗ୍ରୱାଲ, ସୁଧାଂଶୁ ଅମାତ ପ୍ରମୁଖ ସମେତ ସମସ୍ତ ବିଜେଡି କର୍ମୀ ଓ ରେଢ଼ାଖୋଲ ଜନସାଧାରଣ ଉପସ୍ଥିତ ଥିଲେ ।

# ବିଭିନ୍ନ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ୧୫ ଗୋଟି ଆଦିବାସୀ ସମ୍ପ୍ରଦାୟ ର ସଭାପତି ଓ ସମ୍ପାଦକ ଓ କର୍ମକର୍ତ୍ତା ସହ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲିଙ୍କ ନେତୃତ୍ୱ ରେ ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ୧୪ ଗୋଟି ଦାବି ନେଇ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଥିଲେ। ପରେ ଏକ ସାମ୍ବାଦିକ ସମିଳନୀ ଅନୁଷ୍ଠିତ ହୋଇଥିଲା ଏଥିରେ ୧୫ ଗୋଟି ଆଦିବାସୀ ସମାଜର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଏହି ସମସ୍ୟାଗୁଡିକ ତୁରନ୍ତ ସମାଧାନ ହେଲେ ଆଦିବାସୀ ସମାଜର ଶିକ୍ଷା, ସ୍ୱାସ୍ଥ୍ୟ, ଜୀବନ ଜୀବିକା, ସାମାଜିକ ଆର୍ଥିକ, ସଂସ୍କୃତି କ୍ଷେତ୍ରରେ ବୃଦ୍ଧି ଘଟିବ। ଏହି ସମସ୍ୟାଗୁଡିକ ମଧ୍ୟରୁ ଜଙ୍ଗଲ ଜମି ପଟ୍ଟା, ଗୋଷ୍ଠି ଗତ ପଟ୍ଟା ପ୍ରଦାନ ଆଦିବାସୀ ଓ ବନବାସୀଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ କରନ୍ତୁ, ଜିଲ୍ଲାରେ ଚାଷୀ ମାନେ ୟୁରିଆ ସାର ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଶାସନ ଶୀଘ୍ର ପଦକ୍ଷେପ ଗ୍ରହଣ କରନ୍ତୁ। ବେଆଇନ ଅନୁପ୍ରବେଶକାରୀଙ୍କୁ ରୋକାଯାଉ, ମାଲକାନଗିରି ଜିଲ୍ଲା ଏକ ପଞ୍ଚମ ଅନୁସୂଚୀ ଅଞ୍ଚଳ ତେଣୁ କେବଳ ଆଦିବାସୀ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମ ମାନ୍ୟତା ଦିଆଯାଉ, ବିକାଶ ନାମରେ ବିଭିନ୍ନ ପ୍ରକଳ୍ପ ରେ ବିସ୍ଥାପିତ ପରିବାର ଙ୍କୁ ଜମି ପଟ୍ଟା ପ୍ରଦାନ କରି ଥଇଥାନ କରାଯାଉ, ରେଳ ପଥ ନିମନ୍ତେ ଜମି ଅଧିଗ୍ରହଣରେ ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ସ୍କୁଲ କଲେଜରେ ଆଦିବାସୀ ନାବାଳିକା କ୍ଷେତ୍ର ରେ ଅନ୍ୟାୟ, ଅତ୍ୟାଚାର ହେଉଛି. । ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସ୍ୱାସ୍ଥ୍ୟ ସମସ୍ୟା, ଜଙ୍ଗଲ ଜାତ ଦ୍ରବ୍ୟ, ଖଣିଜ ସମ୍ପଦ ରେ ପତ୍ର, ମହୁଲ, ଟଲା, କେନ୍ଦୁ ପତ୍ର ଆଦି ର ଉଚିତ ମୂଲ୍ୟ ପ୍ରଦାନ କରାଯାଉ, ବେଆଇନ ବାଲିଘାଟ,ବେଆଇନ ପଥର କୁଆଁରୀ ଏହାର ପ୍ରଶାସନ ଉଚିତ ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧ ରେ ଉଚିତ ପଦକ୍ଷେପ ଗ୍ରହଣ କରାଯାଉ। ଏଭଳି ଅନେକ ସମସ୍ୟା ମାଲକାନଗିରି ଜିଲ୍ଲାରେ ଦୃଷ୍ଟି ଗୋଚର ହୋଇଛି ଯାହାକି ଜିଲ୍ଲା ପ୍ରଶାସନ, ସହ ରାଜନୈତିକ ନେତୃବୃନ୍ଦ ଦୃଷ୍ଟି ଦେବା ଆବଶ୍ୟକିୟତା ରହିଛି ବୋଲି ଜିଲ୍ଲା ଆଦିବାସୀ ସମାଜ ମହାସଂଘ ପକ୍ଷରୁ ଗଣ ମାଧମକୁ ପ୍ରକାଶ କରିଛନ୍ତି। ଏହି ଅବସରରେ ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଡିଡ଼ାଇ ସମାଜ ସଭାପତି ବଂଶୀଧର ମୁଦୁଲି, ବଣ୍ଡା ସମାଜ ସଭାପତି ମୁକୁନ୍ଦ ମାଝୀ, ଗାଦବା ସମାଜ ସଭାପତି ଭୀଷ୍ମ ଖିଲ, କନ୍ଧ ସମାଜ ସମ୍ପାଦକ ହରି ଗୋଲରୀ, ଭୂମିଆ ସମାଜ ସଭାପତି ସମାରୁ ନାୟକ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ ସମ୍ପାଦକ ଦେବେନ୍ଦ୍ର ଖିଲ,ସାନ୍ତାଳ ସମାଜ ସଭାପତି ବବୁଲୁ ମୁର୍ମୁ, ଦୁରୁଆ ସମାଜ ସଭାପତି ଗୁପ୍ତ ଦୁରୁଆ, କୋୟା ସମାଜ ସମ୍ପାଦକ ଏରା ପଡିଆମୀ, ଜିଲ୍ଲା ଆଦିବାସୀ ସମାଜ ମହାସଂଘ କୋଷାଧକ୍ଷ ବୁଦ୍ରା କାର୍ତ୍ତାମୀ ଓ ଆଦିବାସୀ ସମାଜ ମହାସଂଘ ର ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଉପସ୍ଥିତ ରହିଥିଲେ।



ଶୁଳିଆପଦା (ଭାସ୍କର ନ୍ୟୁଜ): ଶୁଳିଆପଦା ବ୍ଲକ ଅନ୍ତର୍ଗତ ମିଲନଦେବୀ ଶିଶୁ ମନ୍ଦିର, ଗୁହାଳଡିହା ର 'ପଞ୍ଚଦଶତମ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଅଛି । ମାଆ ମାନେ ସଚେତନ ହେଲେ ଶିଶୁର ଭବିଷ୍ୟତ ସୁନ୍ଦର ଭାବେ ଗଢି ତୋଳି ପାରିବେ, ଓ ମାତୃଶକ୍ତି ଜାଗ୍ରତ ହେଲେ ଦେଶ ସବୁ କ୍ଷେତ୍ରରେ ଆଗେଇ ପାରିବ । ମାଆ ମାନେ ଆଉ ଘରକୋଣ ଚୁଲି ମୁଣ୍ଡରେ ସଂକୁଚିତ ନୁହଁନ୍ତି । ସମାଜ ପ୍ରତ୍ୟେକ କ୍ଷେତ୍ରରେ ଉଚ୍ଚାସନ ରେ ପହଞ୍ଚିବାର ସୁଯୋଗ ପାଉପାରୁଛନ୍ତି ସନ୍ତାନ ଲାଳନ ପାଳନରେ ମାଆର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ମୁଖ୍ୟଅତିଥି ବିଦ୍ୟାଧର ମହାନ୍ତ । , ଦହିକୋଟାର ପ୍ରଧାନ ଆଚାର୍ଯ୍ୟା ପ୍ରଭାତି ମିଶ୍ର , ହରିପୁର ର ପ୍ରଧାନ ଆଚାର୍ଯ୍ୟା ସୁଲୋଚନା ମହାନ୍ତ, । ମିଲନଦେବୀ ଶିଶୁ ମନ୍ଦିର, ଗୁହାଳଡିହା ର ପ୍ରଧାନ ଆଚାର୍ଯ୍ୟା ମିତାଲି ରଣା ମାତୃସମ୍ମିଳନୀ ର ଅଭିମୁଖ୍ୟ ଏବଂ ଉପଯୋଗୀତା ସମ୍ପର୍କରେ ସ୍ୱାଗତ ଅଭିଭାଷଣ ରଖିଥିଲେ । ବିଦ୍ୟାଳୟ ର ସମ୍ପାଦକ ଶଶାଙ୍କ ଭଞ୍ଜନ ଥୟାଲ ମାଆମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଅବଗତ କରାଇଥିଲେ କହିଥିଲେ । ମାଆମାନଙ୍କ ମଧ୍ୟରେ ଖେଳଟି ପ୍ରତିଯୋଗିତାର ଆୟୋଜନ କରାଯାଇ ପ୍ରଥମ ସ୍ଥାନ ଅଧିକାର କରିଥିବା ମାଳତୀ ହେମ୍ବ୍ରମ ,ଦ୍ୱିତୀୟ ସ୍ଥାନ ରାତାରାଣୀ ପାତ୍ର ଏବଂ ତୃତୀୟ ସ୍ଥାନ / ଦାପାଞ୍ଜଳୀ ଧଳ ଓ ରେବତୀ ନାଏକ ଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କାର ସହିତ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା ।



# ୪ କୋଟି ଟଙ୍କାର ମାରିଜୁଆନା ଜବତ, ପ୍ରେମୀଯୁଗଳ ଗିରଫ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶନିବାର ପୁଣି ୪ କୋଟି ଟଙ୍କାର ବିଦେଶୀ ଗଞ୍ଜେଇ(ମାରିଜୁଆନା) ଜବତ ହୋଇଛି। ଏହି ମାମଲାରେ ପ୍ରେମୀ ଯୁଗଳଙ୍କୁ ଅଟକ ରଖି ପଚରାଉଚରା କରିବା ପରେ ଉଭୟଙ୍କୁ ଗିରଫ କରିଛି କଷ୍ଟମ ବିଭାଗ। ଦୁହେଁ ବ୍ୟାଙ୍କକରୁ ଭୁବନେଶ୍ୱର ଆଣୁଥିଲେ ମାରିଜୁଆନା। ସୂଚନାଯୋଗ୍ୟ, ବିଜୁପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଚଳିତ ମାସ ୮କୋଟି ଟଙ୍କାର ବିଦେଶୀ ଗଞ୍ଜେଇ(ମାରିଜୁଆନା) ଜବତ ହୋଇଥିଲା। ଥାଇଲାଣ୍ଡରୁ ଇଣ୍ଡିଗୋ ବିମାନରେ ଆସୁଥିବା ବେଳେ ରାଜସ୍ୱ ଗୁଇନ୍ଦା ନିର୍ଦ୍ଦେଶାଳୟ(ଡିଆରଆଇ) ହାବୁଡ଼ରେ ଏହି ଚୋରାଚାଲାଣ ଧରାପଡ଼ିଥିଲା। ଏହି ଚକ୍ରରେ ଗୁଜୁରାଟ ଅହମ୍ମଦାବାଦର ଜଣେ ଯୁବକଙ୍କୁ ଅଟକ ରଖାଯାଇଥିଲା। ଏହି ଘଟଣାର ଦୁଇଦିନ ପୂର୍ବରୁ ବିମାନବନ୍ଦରରୁ ୩୦ କୋଟିର ମାରିଜୁଆନା ଜବତ କରିଥିଲା। ଏଣେ ଗତ ମାସ ୩୦ ତାରିଖ ଦିନ ଭୁବନେଶ୍ୱର ବିମାନବନ୍ଦରରୁ ୩୦ କେଜି ମାରିଜୁଆନା ଜବତ କରାଯାଇଥିଲା। ଏହି ଚକ୍ରରେ ଉତ୍ତରପ୍ରଦେଶର ତିନିଜଣ ଯୁବକଙ୍କୁ ଗିରଫ କରାଯାଇଥିଲା। ପୁଣିଥରେ ମାରିଜୁଆନା ଚାଲାଣ ଘଟଣା ପଦାକୁ ଆସିବା ପରେ ଭୁବନେଶ୍ୱରକୁ ଗଞ୍ଜେଇ ହବ୍‌ରେ ପରିଣତ କରିବା ପାଇଁ ଅନ୍ତର୍ଜାତୀୟ ସ୍ତରରେ ଚକ୍ରାନ୍ତ ଚାଲିଥିବା ସ୍ପଷ୍ଟ ହୋଇଛି।

# କଂଗ୍ରେସରୁ ଦୂରେଇ ଯାଇଥିବା ଯୁବବନ୍ଧୁଙ୍କୁ ପୁଣି ମୁଖ୍ୟସ୍ରୋତରେ ସାମିଲ କରାଯିବ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାହୁଲ ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସର କ୍ରମବର୍ଦ୍ଧିଷ୍ଣୁ ଲୋକପ୍ରିୟତାକୁ ରାଜ୍ୟବ୍ୟାପୀ ଆହୁରି ତ୍ୱରାନ୍ୱିତ କରିବାକୁ ଇତିମଧ୍ୟରେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଦଳର ଯୁବବର୍ଗଙ୍କୁ ନେଇ ଏକ 'ଯୁବ ସଂଯୋଗ' କମିଟି ଗଠିତ ହୋଇଛି। ଦଳକୁ ତୃଣମୂଳ ସ୍ତରରେ ସୁଦୃଢ଼ କରିବାପାଇଁ ଏହି କମିଟିର ସଦସ୍ୟମାନେ ସେତୁ ଭଳି କାମ କରିବେ। ଗତ କିଛିକାଳ ହେଲା କଂଗ୍ରେସ ଯେଉଁ ଯୁବବର୍ଗ ନିଷ୍କ୍ରିୟ ହୋଇଛନ୍ତି କିମ୍ବା କୌଣସି କାରଣରୁ ସୁଯୋଗ ପାଇନାହାନ୍ତି ଏବଂ ଯେଉଁମାନେ କଂଗ୍ରେସ ସଂଗଠନରୁ ଦୂରେଇ ରହିଛନ୍ତି ଓ ଅନ୍ୟଦଳରେ ଯୋଗଦେଇଛନ୍ତି, ସେମାନଙ୍କୁ ସଚେତନ କରାଇ ପୁର୍ନବାର ଦଳର ମୁଖ୍ୟସ୍ରୋତରେ ସାମିଲ କରାଇବା ଦିଗରେ ଏହି ଯୁବ ସଂଯୋଗ କମିଟିର ସଭ୍ୟସଭ୍ୟା ପରିଶ୍ରମ କରିବେ। 'ଭୋଟ ଚୋରି' ପ୍ରସଙ୍ଗରେ ସାରା ଭାରତବର୍ଷରେ ଆଲୋଡ଼ନ ସୃଷ୍ଟି କରିଥିବା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବାର୍ତ୍ତାକୁ ସାଧାରଣ ଜନତାଙ୍କ ପାଖରେ ପହଂଚାଇବା ଦିଗରେ ଯୁବ ସଂଯୋଗ କମିଟି ସବୁ ପ୍ରକାର ପୟାସ କରିବ। ତୃଣମୂଳ ସ୍ତରରେ ଏପରି ଅନେକ କଂଗ୍ରେସ ମନସ୍କ ରାଜନୈତିକ ଓ ସାମାଜିକ କର୍ମୀ କାମ କରୁଛନ୍ତି, ଯେଉଁମାନଙ୍କ ଲକ୍ଷ୍ୟ ମଧ କଂଗ୍ରେସର ଯୁବବର୍ଗ ସହ ସମାନ। ସୁଯୋଗ ମିଳିଲେ ସେମାନେ ମଧ୍ୟ ପୂର୍ବଭଳି କଂଗ୍ରେସର ନୀତିଆଦର୍ଶର ପ୍ରଚାରପ୍ରସାର ଦିଗରେ କାମ କରିବେ। ଦେଶର କୋଟିକୋଟି ଜନତାଙ୍କ ସାମାଜିକ-ରାଜନୈତିକ-ଗଣତାନ୍ତ୍ରିକ ଅଧିକାର ପାଇଁ ହେଉଥିବା କଂଗ୍ରେସର ଦୁର୍ବାର ଆନ୍ଦୋଳନରେ ସେମାନଙ୍କୁ ଯୋଡ଼ିବା 'ଯୁବ ସଂଯୋଗ କମିଟି'ର ମୁଖ୍ୟ ଲକ୍ଷ୍ୟ ହେବ। ଫଳରେ ବିଜେପିର ପ୍ରଭୁତ୍ୱବାଦୀ ନବ୍ୟଫାସିବାଦ ବିରୋଧରେ ସ୍ୱର ଆହୁରି ଶାଣିତ ହେବ। ଅନ୍ୟ ପକ୍ଷରେ ଜିଲ୍ଲାସ୍ତରରେ କିମ୍ୱା ଗ୍ରାମାଞ୍ଚଳରେ କାର୍ଯ୍ୟରତ ସମଭାବାପନ୍ନ ସାମାଜିକ-ରାଜନୈତିକ କର୍ମୀଙ୍କ ପ୍ରତିବାଦର ସ୍ୱର ରାଜଧାନୀରେ ପ୍ରତିଧ୍ୱନିତ ହୋଇପାରୁନାହିଁ। କଂଗ୍ରେସ ସଂଗଠନ ସହ ମିଶି ସେମାନେ ସ୍ୱର ଉତ୍ତୋଳନ କଲେ ରାଜ୍ୟର ସାଧାରଣ ଜନତାଙ୍କ ସ୍ୱର ରାଜଧାନୀରେ ଅଧିକ ଜୋରଦାର ହେବ ବୋଲି ଯୁବ ସଂଯୋଗ କମିଟିର ସଂଯୋଜକ ନଳିନୀକାନ୍ତ ମହାନ୍ତି ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମ୍ବାଦିକ ସମ୍ମୀଳନୀରେ ସଂଯୋଜକ ନଳିନୀକାନ୍ତ ମହାନ୍ତିଙ୍କ ସମେତ ସହ ସଂଯୋଜକ ବିଶ୍ୱଭୂଷଣ ଦାସ, ପ୍ରତାପ କୁମାର ପ୍ରଧାନ, ଅମିତା ବିଶ୍ୱାଳ, ମନୋଜ ଦେହୁରୀ, ତୋଫାନ ଷଡ଼ଙ୍ଗୀ ଓ ସୁନିଲ ପ୍ରଧାନ ପ୍ରମୁଖ କମିଟିର ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ ।

# ଗଣେଶ ମେଲଣ ମହୋତ୍ସବ ନିମନ୍ତେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା



ଭୁବନ (ଭାସ୍କର ନ୍ୟୁଜ): ଚଳିତ ବର୍ଷ ଗଣେଶ ପୂଜାରେ ହେବାକୁ ଥିବା ମେଲଣ ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ସ୍ଥାନୀୟ ବାଜି ରାଉତ କଲ୍ୟାଣ ମଣ୍ଡପ ଠାରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନରେ ଥିବା ବିଦ୍ୟାଳୟ, ମହାବିଦ୍ୟାଳୟ ଓ କୋଚିଙ୍ଗ ସେଣ୍ଟର ର ଛାତ୍ର ଛାତ୍ରୀ ମାନେ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଗଣେଶ ମେଲଣ ମହୋତ୍ସବ ରେ ପୁରସ୍କୃତ କରାଯିବାର ବ୍ୟବସ୍ଥା କରାଯାଇଛି । ଏହି କାର୍ଯ୍ୟକ୍ରମକୁ ଶାନ୍ତି କମିଟି ସଦସ୍ୟ ଟିଟୁ ଦାସ , ମନୋରଞ୍ଜନ ବେହେରା, ମିଥୁନ ପାତ୍ର, ଜଗନ ବେଜ, ନିର୍ମଳ ପୋଥାଳ, ଜୀବନ ଜ୍ୟୋତି ପୃଷ୍ଟି, ରାକେଶ୍ ପୃଷ୍ଟି, ଡମ୍ବରୁ ଧର ପାତ୍ର, ନାରାୟଣ ନାୟକ , ରାମଚନ୍ଦ୍ର ନାୟକ, ଲିଙ୍ଗରାଜ ସାହୁ, ପିଣ୍ଟୁ ଦାସ, ସିଲୁ ନାୟକ, ସୌରଭ ରାଉତ, ମିଲୁ ରାଉତ, ସତ୍ୟବ୍ରତ ନାୟକ, ସୁଶାନ୍ତ ବାରିକ, ପ୍ରଭଞ୍ଜନ ବେହେରା, ପ୍ରଜନ ପଟ୍ଟନାୟକ, ଚିନ୍ମୟ ପୃଷ୍ଟି , ଗୋପାଳ ନାୟକ, ଦେବାଶିଷ ସାହୁ, ବିପିନ୍ ଚିନରା, ବଳରାମ ସାହୁ, ମିଥୁନ କୁମାର ପାତ୍ର, ଜଗବନ୍ଧୁ ସାହୁ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରି ସଫଳ କରିଥିଲେ ।

# ୨୫ରୁ ମାଟ୍ରିକ ସପ୍ଲିମେଣ୍ଟାରୀ, ମୁକ୍ତ ବିଦ୍ୟାଳୟ ଖାତା ରିଚେକିଂ ଆବେଦନ

କଟକ(ଭାସ୍କର ନ୍ୟୁଜ୍): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେ ାରି ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଫଳର ରିଚେକିଂ ଆବେଦନ ନିମନ୍ତେ ସୂଚୀ ଧାର୍ଯ୍ୟ ହୋଇଛି। ଉଭୟ ସବ୍‌ଜେକ୍ଟିଭ ଓ ଅବ୍‌ଜେକ୍ଟିଭ ବିଷୟରେ ପୁନଃ ଯା ଓ ପରୀକ୍ଷା ଖାତାଗୁଡ଼ିକର ଅବିକଳ ନକଲ ପାଇବା ପାଇଁ ଆ ାବେଦନ ଓ ଦେୟ ଦାଖଲ ଅଫଲାଇନ୍ ଜରିଅ ାରେ ହେବ। ବୋର୍ଡ ମୁଖ୍ୟାଳୟ ଓ ଶାଖା କାର୍ଯ୍ୟାଳୟରେ ଆସନ୍ତା ଅଗଷ୍ଟ ୨୫ ତାରିଖରୁ ସେପ୍ଟେମ୍ବର ୨ ତାରିଖ ପର୍ଯ୍ୟନ୍ତ କେବଳ କାର୍ଯ୍ୟ ଦିବସଗୁଡ଼ିକରେ ଏଥି ନିମନ୍ତେ ଆବେଦନ କରାଯାଇପାରିବ। ଆବେଦନ କରିବାର ଦରଖାସ୍ତ ବୋର୍ଡ ୱେବସାଇଟ୍ www.bseodisha.ac.inରେ ଉପଲବ୍ଧ ହେଉଛି। ବୋର୍ଡ କର୍ତ୍ତୃପକ୍ଷ ଏଥି ନିମନ୍ତେ ପ୍ରକ୍ରିୟା ଶେଷ କରି ସଂଶୋଧିତ ମାର୍କ ତଥ୍ୟ ୱେବସାଇଟ୍‌ରେ ଅପଲୋଡ୍ କରିବେ। ଆବେଦନକାରୀମାନେ ବୋର୍ଡ ୱେବସାଇଟ୍‌ରୁ ତାହାକୁ ଡାଉନ୍‌ଲୋଡ୍ କରିନେଇପାରିବେ। ଖାତାର ଅବିକଳ ନକଲ ଆବେଦନକାରୀଙ୍କୁ ଡାକ ଯୋଗେ ପ୍ରେରଣ କରାଯିବ। ଅନ୍ୟ କୌଣସି ପ୍ରକାର ଆବେଦନ ନିର୍ଦ୍ଦିଷ୍ଟ ଦିବସ ଓ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅଥବା ପରେ ଗ୍ରହଣ କରାଯିବ ନାହିଁ ବୋଲି ବୋର୍ଡ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

## କଟକ ନୂଆପଡ଼ାରେ କେନ୍ଦ୍ରୀୟ ବିଦ୍ୟାଳୟ-୨ର ଦ୍ୱିତୀୟ କ୍ୟାମ୍ପସ ପାଇଁ ଭୂମିପୂଜନ

# ୪୦ କୋଟି ଟଙ୍କା ବ୍ୟୟରେ ନୂତନ ଭବନ ନିର୍ମାଣ ହେବ: ଧର୍ମେନ୍ଦ୍ର




କଟକ(ଭାସ୍କର ନ୍ୟୁଜ୍): କଟକ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର 'ଜାତୀୟ ମହାକାଶ ଦିବସ' ଅବସରରେ ମଧୁପାଟଣା ନୂଆପଡ଼ା ଠାରେ ବହୁ ପ୍ରତିକ୍ଷୀତ କେନ୍ଦ୍ରୀୟ ବିଦ୍ୟାଳୟ-୨ର ଦ୍ୱିତୀୟ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କଟକ ବିଶେଷ ଭାବରେ ନୂଆପଡ଼ାର ଜନସାଧାରଣଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଆଗକୁ ଗଣେଶ ପୂଜା ଆସୁଥିବା ବେଳେ ଏହି କ୍ୟାମ୍ପସର ଶ୍ରୀଗଣେଶ ହେବା ଅଞ୍ଚଳବାସୀଙ୍କ ପାଇଁ ବଡ଼ ଉପଲବ୍ଧି । ପୂର୍ବ ସରକାରଙ୍କ ଅସହଯୋଗ କାରଣରୁ ଏହି କ୍ୟାମ୍ପସ ନିର୍ମାଣ ପ୍ରକ୍ରିୟାରେ ବିଳମ୍ୱ ପରିଲକ୍ଷିତ ହୋଇଥିଲା । କଟକର ଜନପ୍ରତିନିଧି ଏବଂ ଅଞ୍ଚଳବାସୀଙ୍କ ଉଦ୍ୟମ କାରଣରୁ ବିଜେପି ସରକାରରେ ଏହାର କାମ ଆଗେଇ ପାରିଛି । ଆଗାମୀ ୨ ବର୍ଷ ମଧ୍ୟରେ ପାଖାପାଖି ୪୦ କୋଟି ଟଙ୍କା ଖର୍ଚ୍ଚ କରି ଏଠାରେ ନୂଆ ଭବନ ନିର୍ମାଣ କରାଯିବ । ଶିଶୁ ବାଟିକା ସହ ପ୍ରଥମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବାର ସୁବିଧା କରାଯିବ । ଶ୍ରେଣୀଗୃହ ଏବଂ ଛାତ୍ରଛାତ୍ରୀଙ୍କୁ ଉପଯୋଗୀ ହେବା ଭଳି ଆନୁଷଙ୍ଗିକ ବ୍ୟବସ୍ଥା ତିଆରି କରାଯିବ, ଯ ଦ୍ୱାରା ବର୍ତ୍ତମାନ ପଢୁଥିବା ୪୦୦ ଛାତ୍ରଛାତ୍ରୀଙ୍କ ସଂଖ୍ୟା ୧୦୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ଏହି ବିଦ୍ୟାଳୟ ଆଗାମୀ ଦିନରେ ସ୍ଥାନୀୟ ଅଂଚଳର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ସହ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବ । ଏହି ବିଦ୍ୟାଳୟ ଆକର୍ଷଣୀୟ ବିଦ୍ୟାମନ୍ଦିରର ରୂପ ହେବ, ଯାହା ନବ ଓଡ଼ିଶା ନିର୍ମାଣରେ ନିଜର ଗୁରୁ ଦାୟିତ୍ୱ ତୁଲାଇବ । ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଜାତୀୟ ମହାକାଶ ଦିବସର ମହତ୍ୱ ସହ ବିକଶିତ ଓଡ଼ିଶା ଏବଂ ବିକଶିତ ଭାରତର ଦୃଷ୍ଟିକୋଣ ଉପରେ ପଚାରିବୁଝିଥିଲେ । ଏହି ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ କଟକ ସାଂସଦ ଭର୍ତ୍ତୃହରି ମହତାବ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପ୍ରମୁଖ ଯୋଗଦେଇଥିଲେ ।

## କଂଗ୍ରେସ ପକ୍ଷରୁ ଭୋଟ ଚୋରି ଅଭିଯୋଗ ନେଇ ବିକ୍ଷୋଭ

କଟକ(ଭାସ୍କର ନ୍ୟୁଜ୍): ଭାରତ ବର୍ଷରେ ଇଲେକ୍ସନ କମିଶନରଙ୍କ ଭୋଟ ଚୋରି ଅଭିଯୋଗ ପ୍ରସଙ୍ଗରେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟ ନିର୍ବାଚନ କମିଶନରଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ସମ୍ପ୍ରତି ଭାରତବର୍ଷ ରେ ଦେଖାଯାଇଥିବା ଭୋଟର ଲିଷ୍ଟ୍‌ରେ ବ୍ୟାପକ ହେରଫେର ଓ ବିଗତ ନିର୍ବାଚନ ରେ ଚକ୍କତା କରି ଭାଜପା ସରକାରକୁ ନିର୍ବାଚିତ କରିବାର ସମସ୍ତ ତଥ୍ୟ ପଦାକୁ ଆସିବା ପରେ ବିଜେପି ସରକାର ଅସଲ ମୁଖା ଖୋଲିବା ପରେ ମୋଦି ସରକାର ଆଉ ତିଳେମାତ୍ର ସରକାର ରେ ରହିବାର ଅଧିକାର ହରେଇ ଥିବାରୁ ଏହାର ପ୍ରତିବାଦରେ କଟକ ଜିଲ୍ଲା ଛାତ୍ର କଂଗ୍ରେସ ପକ୍ଷରୁ ସଭାପତି ଆଶୁତୋଷ ରାଉତଙ୍କ ନେତୃତ୍ୱରେ ରେଭେନ୍ସା ଛାତ୍ର ଏକତ୍ରିତ ହୋଇ କଟକ କଲେଜ ଛକରୁ ବାହାରି ରେଭେନ୍ସା ବିଶ୍ୱବିଦ୍ୟାଳୟ ଗେଟ୍ ସମ୍ମୁଖରେ ପ୍ରଧାନ ମନ୍ତ୍ରୀ ମୋଦି ଓ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେସ କୁମାରଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତୀକ ନାୟକ, ନିର୍ମଳ ସାମଲ ଛାତ୍ର ନେତା ଶ୍ୟାସୁନ୍ଦର ଶର୍ମା, ହିମାଂଶୁ ସାମଲ,ସତ୍ୟଜିତ ସେଠୀ,ଅଭିଷେକ ପଟ୍ଟନାୟକ, ତାରା ପ୍ରସାଦ ପଟ୍ଟନାୟକ, ଅଭିଷେକ ତୁଙ୍ଗ ସାମନ୍ତ,ରୂପ ରାଉତ, ରୀତିକ ମହାପାତ୍ର, ଚନ୍ଦ୍ରକାନ୍ତ ପ୍ରଧାନ, ଯାସ ଅଗ୍ରୱାଲ, ଅଭିଜିତ ବେକ୍, ଓମ୍ ପ୍ରକାଶ ସାହୁ, ପ୍ରଶାନ୍ତ ବେହେରା, ସୌଭାଗ୍ୟ ଆଚାର୍ଯ୍ୟ, ରାହୁଲ୍ ଅହମ୍ମଦ, ସୌରଭ ଜେନା, ଟୁବୁନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଚମୋଲିରେ...

ଗାଁର ଜଣେ ଯୁବତୀ ଭଗ୍ନାବଶେଷ ତଳେ ଫସି ରହିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଖବର ମିଳିବା ପରେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଉଦ୍ଧାର କାର୍ଯ୍ୟ ଆରମ୍ଭ ହେବାମାତ୍ରେ ସ୍ଥାନୀୟ ବାସିନ୍ଦାମାନେ ଘରୁ ବାହାରକୁ ବାହାରି ଆସିଥିଲେ। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ଯେ ଏହି ବାଦଲଫଟା ବର୍ଷାରେ ଜଣେ ଯୁବତୀଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ନିଖୋଜ ହୋଇଯାଇଛି। ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କରସିଂ ଧାମି ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିବା ସହ ସ୍ଥିତି ଉପରେ କଡ଼ା ନଜର ରଖିବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଉଦ୍ଧାର କାର୍ଯ୍ୟ ତଦାରଖ କରୁଥିବା ଅଧିକାରୀଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ମଧ୍ୟ କହିଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏକ ପୋଷ୍ଟ କରି ଶ୍ରୀ ଧାମି କହିଛନ୍ତି ଯେ ଶୁକ୍ରବାର ବିଳମ୍ବିତ ରାତିରୁ ଚମୋଲିର ଥରାଲି ଅଞ୍ଚଳରେ ବାଦଲଫଟା ବର୍ଷାର ଦୁଃଖଦ ରିପୋର୍ଟ ମିଳିଛି। ଜିଲ୍ଲା ପ୍ରଶାସନ, ଏସଡିଆରଏଫ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରୁଛନ୍ତି। ବର୍ଷା ଜାରି ରହିଥିବାରୁ ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଛି।

## ଘାରୁଛି ବନ୍ୟା...

ପ୍ରତି ସେକେଣ୍ଡରେ ୨,୪୩,୮୩୧ କ୍ୟୁସେକ ଜଳ ପ୍ରବେଶ କରୁଥିବାବେଳେ ପ୍ରତି ସେକେଣ୍ଡରେ ୩୬,୦୫୪ କ୍ୟୁସେକ ଜଳ ନିଷ୍କାସିତ ହେଉଛି। କ୍ୟାଚମେଣ୍ଟ ଅଞ୍ଚଳରେ ପ୍ରବଳ ବର୍ଷା ପାଇଁ ହୀରାକୁଦ ଡ୍ୟାମର ଗେଟ୍‌କୁ ଖୋଲାଯାଇଛି। ଲଗାଣ ବର୍ଷା ହେତୁ ଜଳସ୍ତର ବୃଦ୍ଧି ପାଉଛି। ଚଳିତବର୍ଷ ଜୁନ୍‌ରେ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବାବେଳେ ଜୁଲାଇରେ ବି ଭଲବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଅଗଷ୍ଟ ମାସରେ କେଉଁଠି ନିଅଣ୍ଟିଆ ତ ପୁଣି କେଉଁଠି ଅଧିକ ବର୍ଷା ହେଉଥିବା ଦେଖିବାକୁ ମିଳୁଛି। ତେବେ ବୈତରଣୀ ନଦୀର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଆଖୁଆପଦାଠାରେ ବିପଦ ସଂକେତସ୍ତର ୧୮.୩୩ ମିଟର ରହିଥିବାବେଳେ ବର୍ତ୍ତମାନ ୧୮.୪୨ ମିଟରରେ ଜଳ ପ୍ରବାହିତ ହେଉଛି। ସେହିପରି ବାଲେଶ୍ୱରରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ସୁବର୍ଣ୍ଣରେଖା ଜଳସ୍ତରରେ ବୃଦ୍ଧି ଘଟୁଛି। ଏପରିକି ଆଗକୁ ବର୍ଷା ଜାରି ରହିଲେ ଚଳିତବର୍ଷ ସୁବର୍ଣ୍ଣରେଖାରେ ଷଷ୍ଠଥର ପାଇଁ ବନ୍ୟା ଆସିବାର ସମ୍ଭାବନା ରହିଛି। ହୀରାକୁଦ ଡ୍ୟାମ କର୍ତ୍ତୃପକ୍ଷ କହିଛନ୍ତି ଯେ ଯଦିଓ ବଡ଼ଧରଣର ବନ୍ୟାର ଆଶଙ୍କା ନାହିଁ, ତେବେ ନଦୀକୂଳିଆ ଲୋକେ ମହାନଦୀ ଭିତରକୁ ନ ଯିବାପାଇଁ ସେ ପରାମର୍ଶ ଦେଇଛନ୍ତି।

## ବହୁ ଅସ୍ତ୍ର ଅଛି...

ଲୋକଙ୍କର ମଙ୍ଗଳ ଚାହୁଁନାହାନ୍ତି। ଲୋକଙ୍କୁ ହଇରାଣରେ ନ ପକାଇ କାର୍ଯ୍ୟରେ ଯୋଗ ଦେବାପାଇଁ ସେ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ କିଛି ଲୋକ ଓ କର୍ମଚାରୀ ଏବେ ବି ଭାବୁଛନ୍ତି ଯେ ରାଜ୍ୟରେ ପୂର୍ବ ସରକାର ଚାଲିଛି। ସେମାନେ କେଉଁ କେଉଁ ନେତାଙ୍କୁ ଭେଟୁଛନ୍ତି ତା'ର ରିପୋର୍ଟ ମଧ୍ୟ ମୋ ପାଖରେ ରହିଛି। ୮ହଜାର ଅମଲାଙ୍କୁ ଆନ୍ଦୋଳନକୁ ଓହ୍ଲାଇ ସେମାନେ ଭାବୁଛନ୍ତି, ସରକାରକୁ ହଇରାଣରେ ପକାଇବେ। କ୍ଷମତାରୁ ବାହାରକୁ ଯିବାକୁ ସେମାନେ ହଜମ କରିପାରୁ ନାହାନ୍ତି। ସେମାନଙ୍କୁ ଜଣାନାହିଁ ଯେ ଏ ସରକାର ଯିବାର ନାହିଁ । ବିଭିନ୍ନ ଜିଲ୍ଲାର ଅମଲା କର୍ମଚାରୀ କହୁଥିଲେ ଯେ ସଂଘର ନେତା ଆମକୁ କିଛି କହୁନାହାନ୍ତି। ସୋମବାର ସେମାନେ କାର୍ଯ୍ୟରେ ଯୋଗଦେବା ପାଇଁ ରାଜି ହୋଇଛନ୍ତି। ଯେଉଁମାନେ କାର୍ଯ୍ୟରେ ଯୋଗ ଦେବେନାହିଁ ଏବେ ସରକାର ରଖିଥିବା ଅସ୍ତ୍ର ବ୍ୟବହାର କରୁନାହାନ୍ତି। ଯଦି ସେମାନେ ସୁଧୁରିବେ ନାହିଁ ଓ ସରକାରଙ୍କୁ ଅପଦସ୍ତ କରିବାକୁ ଚେଷ୍ଟା କରିବେ ତେବେ ରାଜସ୍ୱ ବିଭାଗ ପାଖରେ ଏମିତି ଅସ୍ତ୍ର ଅଛି ଯେ ତାହା ପ୍ରୟୋଗ ହେଲେ ସେମାନେ ସମ୍ଭାଳି ପାରିବେ ନାହିଁ ।

## ଓଡ଼ିଶା ଅଗ୍ନିଶମ...

ଏକ ବର୍ଷ ମଧ୍ୟରେ ରାଜ୍ୟରେ ଥିବା ୩୪୬ ଟି ଦମକଳ କେନ୍ଦ୍ର ପାଖାପାଖି ୫୦ ହଜାର କଲ୍ ଆଟେଣ୍ଡ କରିଛନ୍ତି । ୭୫୯୯ ମୂଲ୍ୟବାନ ଜୀବନ ବଞ୍ଚାଇଛନ୍ତି, ୧୭ ହଜାର ପ୍ରାଣୀଙ୍କୁ ଉଦ୍ଧାର କରିଛନ୍ତି । ଏ ସମସ୍ତ କାମ ସରକାରଙ୍କ ପାଇଁ ସୁନାମ ଆଣିଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ବର୍ତ୍ତମାନର ପରିବର୍ତ୍ତନଶୀଳ ପରିବେଶକୁ ନେଇ ଆମକୁ ଆହୁରି ସୁଦୃଢ଼ ହେବାକୁ ପଡ଼ିବ । ନୂଆ ନୂଆ ଜ୍ଞାନ କୌଶଳ ପ୍ରୟୋଗ ବିଷୟରେ ଆମକୁ ସଜାଗ ହେବାକୁ ପଡ଼ିବ । ଏଥିପାଇଁ ଆମ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି । ଅଗ୍ନିଯୋଦ୍ଧାମାନଙ୍କ ପ୍ରଶିକ୍ଷଣର ମାନବୃଦ୍ଧି ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚରେ ଆମେ ଏକ ବିଶ୍ୱସ୍ତରୀୟ ସିମୁଲେଟର ପ୍ରତିଷ୍ଠା କରିବାକୁ ଯାଉଛୁ । ଏହି ସିମୁଲେଟର ମାଧ୍ୟମରେ ଆମ ଅଗ୍ନିଯୋଦ୍ଧାମାନେ ଅତ୍ୟାଧୁନିକ ପ୍ରଶିକ୍ଷଣ ଓ କଠିନ ପରିସ୍ଥିତିର ମୁକାବିଲା ପାଇଁ ଅଭ୍ୟାସ କରିପାରିବେ। ଏଥି ସହିତ କୋଣାର୍କର ରାମଚଣ୍ଡୀ ଠାରେ ୧୨ କୋଟି ଟଙ୍କା ବ୍ୟୟରେ ଏକ ଜାତୀୟସ୍ତରୀୟ ଜଳଦକ୍ଷତା ଓ ଜୀବନ ରକ୍ଷା ପ୍ରଶିକ୍ଷଣ କେନ୍ଦ୍ର ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ୧୦ କୋଟି ଟଙ୍କା ବିନିମୟରେ ସେଠାରେ ଏକ ବିଶ୍ୱସ୍ତରୀୟ ସ୍କୁବା ଡାଇଭିଂ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ କରାଯିବ । ଉଦ୍ଧାର କାର୍ଯ୍ୟରେ ଲିପ୍ତ ପୋଲିସ, ଅଗ୍ନିଶମ ଓ ଗୃହରକ୍ଷୀ କର୍ମଚାରୀମାନଙ୍କୁ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ । ଓଡ଼ିଶା ଅଗ୍ନିଶମ ବିଭାଗକୁ ବିପର୍ଯ୍ୟୟ ପରିଚାଳନାରେ ବିଶ୍ୱସ୍ତରୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ ପାଣିରେ ବୁଡି ଜୀବନ ହାନି ଘଟଣା ପ୍ରତି ସମ୍ବେଦନଶୀଳ ହୋଇ କହିଥିଲେ ଯେ, ଜଳସୁରକ୍ଷା ପ୍ରତି ବିଭାଗ ପକ୍ଷରୁ ରାଜ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉ । ବିଶେଷକରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସନ୍ତରଣ ଶିକ୍ଷା ପ୍ରତି ସଚେତନତା ବୃଦ୍ଧି ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ । ପ୍ରତ୍ୟେକ ଅଗ୍ନିଶମ ଗାଡ଼ିରେ ଫାଷ୍ଟଏଡ କିଟ ଓ ଆଧୁନିକ ଷ୍ଟ୍ରେଚର ରଖନ୍ତୁ, ଯାହାଦ୍ୱାରା ଅନେକ ଅମୂଲ୍ୟ ଜୀବନ ଗୋଲଡେନ ଆୱାର ଭିତରେ ବଞ୍ଚାଯାଇ ପାରିବ । ଏଥି ସହିତ ବିଭିନ୍ନ ଅନୁଷ୍ଠାନ ଯେପରିକି ମେଡିକାଲ, ସ୍କୁଲ କଲେଜ କ୍ୟାମ୍ପସ, ଆପାର୍ଟମେଣ୍ଟ, ବାଣିଜ୍ୟ ଅନୁଷ୍ଠାନ ଗୁଡ଼ିକରେ ସେଠାକାର କର୍ମଚାରୀମାନଙ୍କୁ ନିଆଁକୁ ଆୟତ୍ତ କରିବା ସମ୍ବନ୍ଧୀୟ ପ୍ରଶିକ୍ଷଣକୁ ଆହୁରି ବ୍ୟାପକ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେ ଆହୁରି କହିଥିଲେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅଗ୍ନି ନିର୍ବାପନ ଓ ବିପଦ ସମୟରେ ଉଦ୍ଧାର କାର୍ଯ୍ୟର ଜ୍ଞାନ ଆହରଣ ପାଇଁ ଆବଶ୍ୟକ ସ୍ଥଳେ ଅଗ୍ନିଯୋଦ୍ଧା ଓ ଅଧିକାରୀମାନଙ୍କୁ ରାଜ୍ୟ ବାହାରକୁ ପ୍ରଶିକ୍ଷଣ ପାଇଁ ମଧ୍ୟ ପଠାନ୍ତୁ । ଶେଷରେ ମୁଖ୍ୟମନ୍ତ୍ରୀ ପ୍ରଶିକ୍ଷାର୍ଥୀମାନଙ୍କୁ କହିଥିଲେ ଯେ ରାଜ୍ୟବାସୀଙ୍କୁ ନିରାପଦ ଓ ସୁରକ୍ଷିତ ପରବେଶ ପ୍ରଦାନ କରିବା ହେଉଛି ଆପଣମାନଙ୍କ ଦାୟିତ୍ୱ । ଯେତେ ବାଧାବିଘ୍ନ ଆସିଲେ ମଧ୍ୟ ନିଆଁ, ପାଣି, ପବନ, ଝଡ଼, ବର୍ଷା ସମସ୍ତେ ଆପଣଙ୍କ ନିକଟରେ ହାର ମାନିବେ । ଆପଣମାନେ ହୁଅନ୍ତୁ ଅଜେୟ-ଅଭେଦ୍ୟ । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅଗ୍ନିଯୋଦ୍ଧା ଶୀର୍ଷକ ଏକ ଥିମ୍ ସଙ୍ଗ ଲୋକାର୍ପିତ କରିବା ସହ ଏକ ବୃକ୍ଷ ଚାରାରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂ ଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପ୍ରଶିକ୍ଷାର୍ଥୀଙ୍କ ପରିବାର ସଦସ୍ୟ ଏବଂ ପୋଲିସ ଓ ଅଗ୍ନିଶମ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ ଅବସରପ୍ରାପ୍ତ ଅଧିକାରୀ ଉପସ୍ଥିତ ଥିଲେ । ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡଙ୍ଗୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ଉପ ମହାନିରୀକ୍ଷକ ଉମାଶଙ୍କର ଦାଶ ଦୀକ୍ଷାନ୍ତ ସମାରୋହରେ ପ୍ରଶିକ୍ଷାର୍ଥୀଙ୍କୁ ଶପଥ ପାଠ କରାଇଥିଲେ ।

## ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କ...

ନାମରେ ୫ଟି ମାମଲା ରହିଥିବାବେଳେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ଏବଂ ହିମାଚଳପ୍ରଦେଶ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂଙ୍କ ନାମରେ ୪ଟି ଲେଖାଏଁ ମାମଲା ରହିଥିବା ଏଥିରେ ଉଲ୍ଲେଖ କରାଯାଇଛି। ସେହିପରି କେରଳ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନଙ୍କ ନାମରେ ୨ଟି ଓ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନଙ୍କ ବିରୋଧରେ ଗୋଟିଏ ମାମଲା ଥିବା ରିପୋର୍ଟରେ ଦର୍ଶାଯାଇଛି। ସୂଚନାଯୋଗ୍ୟ ଯେ ସଙ୍ଗୀନ ଅପରାଧିକ ମାମଲାରେ ୩୦ଦିନ ଜେଲରେ ରହିଲେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ମନ୍ତ୍ରୀମାନଙ୍କର ପଦ ଯିବା ନେଇ କେନ୍ଦ୍ର ସରକାର ନିକଟରେ ଲୋକସଭାରେ ବିଧେୟକ ଆଣିବା ପରେ ଏଡିଆର ଏହି ରିପୋର୍ଟ ପ୍ରକାଶ କରିଛି। ଏବେ ମୁଖ୍ୟମନ୍ତ୍ରୀ ଥିବା ବିଭିନ୍ନ ଦଳର ନେତାଙ୍କ ସତ୍ୟପାଠ ବିଶ୍ଳେଷଣ କରି ଏଡିଆର ଏହି ତଥ୍ୟ ଜାରି କରିଛି।

## ୫ ଦିନ...

ଜଗତସିଂହପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝରକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ମତ୍ସ୍ୟଜୀବୀଙ୍କୁ ୨୩ ଓ ୨୪ ତାରିଖ ଦୁଇଦିନ ସମୁଦ୍ର ଭିତରକୁ ନ ଯିବା ପାଇଁ କୁହାଯାଇଛି । ଅନ୍ୟପକ୍ଷରେ ୩ ଜିଲ୍ଲା ଖୋର୍ଦ୍ଧା, ଗଞ୍ଜାମ ଓ କଳାହାଣ୍ଡିରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇଥିବାବେଳେ ଗଜପତି ଓ ନବରଙ୍ଗପୁରରେ ଉତ୍କଟ ସ୍ଥିତି ଲାଗି ରହିଛି।

# ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଇ ଜଣେ ପର୍ଯ୍ୟଟକ ନିଖୋଜ

ପୁରୀ (ଭାସ୍କର ନ୍ୟୁଜ) : ପୁଣି ପୁରୀ ସମୁଦ୍ରରେ ଅଘଟଣ। ସମୁଦ୍ର ସ୍ନାନ ବେଳେ ବୁଡ଼ିଯାଇ ଜଣେ ପର୍ଯ୍ୟଟକ ନିଖୋଜ। ଚୈତନ୍ୟ ଛକ ବେଳାଭୂମି ସେକ୍ଟର ୯ ରେ ଏହି ଘଟଣା ଘଟିଥିଲା। ସ୍ନାନ କରୁଥିବା ସମୟରେ ସ୍ତ୍ରୀ ଓ ପୁଅ ସାମ୍ନାରେ ସ୍ୱାମୀ ହୋଇଯାଇ ନିଖୋଜ ହୋଇଯାଇଥିଲେ। ନିଖୋଜ ପର୍ଯ୍ୟଟକ ଜଣକ ହେଉଛନ୍ତି ହାଇଦ୍ରାବାଦର ବିକାଶ ଚାନ୍ଦ। ତେବେ ସେଠାରେ ଉପସ୍ଥିତ ଥିବା ଲାଇଫ ଗାର୍ଡ ଓ ଅଗ୍ନିଶମ ବିଭାଗ ପକ୍ଷରୁ ଖୋଜାଖୋଜି ଜାରି ରହିଥିଲା। ସୂଚନା ଅନୁଯାୟୀ ବିକାଶ ତାଙ୍କ ପରିବାର ସହ ପୁରୀ ବୁଲିବାକୁ ଆସିଥିଲେ। ଆଜି ଚୈତନ୍ୟ ଛକ ନିକଟ ସେକ୍ଟର ୯ ସମୁଦ୍ରରେ ସ୍ନାନ କରୁଥିବା ବେଳେ ଏକ ବଡ଼ ଲହଡ଼ି ତାଙ୍କୁ ସମୁଦ୍ର ଭିତରକୁ ଟାଣି ନେଇଥିଲା। ନିଜ ପୁଅ ଓ ସ୍ତ୍ରୀ ସାମ୍ନାରେ ବିକାଶ ଭାସି ଯାଉଥିବା ବେଳେ ପରିବାର ଲୋକେ ଚିତ୍କାର କରିଥିଲେ। ଲାଇଫ ଗାର୍ଡ ଓ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ସମୁଦ୍ର ଭିତରକୁ ଯାଇ ଖୋଜାଖୋଜି ଜାରି ରଖିଥିବା ବେଳେ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ।

**AFFIDAVIT**

By virtue of an affidavit sworn before the Notary Public, Chatrapur, Ganjam, dated: 19.08.2025, I Parimi Kalama, Address: At-Sana Nolianuagaon, Po-Agastinuagaon, Ps-Ganjam, Dist- Ganjam, Odisha, PIN-761020, declare that I have changed my son's name from Ardu Jagannath to Jagannath Behera. Henceforth, he shall be known as Jagannath Behera for all purposes.

**Sd/- Parimi Kalama**

**AFFIDAVIT**

By virtue of an affidavit sworn before the Executive Magistrate, Salipur, dated: 07.07.2025, I Ashok Kumar Swain, Address: village- Chahapada, Po-Rameswar, Ps- Jagatpur, Dist- Cuttack, Odisha, PIN-754201, declare that I have changed my son's name from Ass Nitesh Kumar Swain to Ass Nilesh Kumar Swain. Henceforth, he shall be known as Ass Nilesh Kumar Swain for all purposes.

**Sd/- Ashok Kumar Swain**

**AFFIDAVIT**

By virtue of an affidavit sworn before the Notary Public, Bhubaneswar on dated: 20.08.2025, I Mahendra Rout, S/o-Heena Rout, resident at Plot No-232, Rout Sahi, Near Gopinath Temple, Post- Rasulgarh, Ps-Mancheswar, Bhubaneswar, Dist-Khordha, declares that I have changed my name from Mehendra Rout to Mahendra Rout. Henceforth I shall be known as Mahendra Rout for all purposes.

**Sd/- Mahendra Rout**

**झारखण्ड सरकार**
**पथ निर्माण विभाग**
**कार्यपालक अभियन्ता का कार्यालय**
**पथ निर्माण विभाग, पथ प्रमण्डल, लातेहार**

**(1st Call)**
**ई-प्रोक्योरमेंट सूचना**

ई-टेन्डर रिफरेंस संख्या- RCD/LATEHAR/672/2025-26 दिनांक-22.08.2025

| | | |
|---|---|---|
| 1. | कार्य का नाम | लातेहार-सरयू-कोटाम पथ के कि0मी0 18.00 से कि0मी0 32.725 तक (कुल लम्बाई-14.725 कि0मी0) का राईडिंग क्वालिटी में सुधार (Improvement of Riding Quality) कार्य। |
| 2क. | प्राक्कलित राशि (रू0 में) | रू0 :- 9,86,02,399.00 (नौ करोड़ छियासी लाख दो हजार तीन सौ निन्यानबे रूपये) मात्र |
| 2ख. | बिड सिक्यूरिटी - (रू0 में) | रू0-9,90,000.00 (नौ लाख नब्बे हजार) मात्र |
| 3. | कार्य पूर्ण करने की अवधि | 04 (चार) माह |
| 4. | वेवसाईट पर निविदा प्रकाशन की तिथि | 02.09.2025 को पूर्वाह्न 10.30 बजे से |
| 5. | निविदा प्राप्ति की अंतिम तिथि एवं समय | 23.09.2025 को दोपहर 12.00 बजे तक |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियन्ता, पथ निर्माण विभाग, पथ प्रमडल लातेहार, पिन कोड- 829206 |
| 7. | ई-प्रोक्योरमेंट पदाधिकारी का संपर्क संख्या | 06565-247907 |
| 8. | ई-प्रोक्योरमेंट सेल का हेल्पलाईन संख्या | 0651-2403007 |

नोट : निविदा की प्राक्कलित राशि घट-बढ़ सकती है।
निविदा की अन्य जानकारी http://jharkhandtenders.gov.in पर देखी जा सकती है।

कार्यपालक अभियन्ता
PR 360241 Road(25-26)#D पथ निर्माण विभाग, पथ प्रमण्डल, लातेहार

**कार्यपालक अभियंता का कार्यालय**
**ग्रामीण विकास विशेष प्रमंडल, पश्चिमी सिंहभूम, चाईबासा**
अति अल्पकालीन ई-निविदा आमंत्रण सूचना
ई- निविदा सूचना संख्या - RDD/SD/CHAIBASA/80/2023-24(5th Call)(DMFT Fund)

1.कार्य की विस्तृत विवरणी:

| क्र० सं० | प्रखण्ड | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|
| 1 | चक्रधरपुर | आसनतलिया पंचायत के मारतुल महतो के खेत से लाण्डुपोदा सिमाना तक पक्की नाली का निर्माण। | 14422500.00 | 289000.00 | 10000.00 | 6 माह |

2. वेबसाइट में निविदा प्रकाशन की तिथि - 28.08.2025
3. ई-निविदा प्राप्ति की तिथि एवं समय - दिनांक 28.08.2025 से दिनांक 02.09.2025 को अपराह्न 5:00 बजे तक
4. ई-निविदा खोलने का स्थान - कार्यपालक अभियंता का कार्यालय, ग्रामीण विकास विशेष प्रमण्डल, पश्चिमी सिंहभूम, चाईबासा।
5. ई-निविदा खोलने की तिथि एवं समय - 06.09.2025 अपराह्न 2:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- कार्यपालक अभियंता, ग्रामीण विकास विशेष प्रमंडल, पश्चिमी सिंहभूम, चाईबासा।
7. ई-निविदा प्रकोष्ठ का दूरभाष सं० - 8709623131 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट-बढ़ सकती है तद्नुसार अग्रधन की राशि देय होगी।
9. सरकार के संयुक्त सचिव ग्रामीण कार्य विभाग झारखण्ड सरकार राँची के पत्रांक 02(नि०नि०-17)-251/23 ग्रामीण कार्य विभाग 3130(अनु०), राँची, दिनांक 09.10.2023 द्वारा दिये गये निदेश के अनुपालन में सभी कागजात के साथ, निविदा शुल्क एवं अग्रधन की राशि Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।
11. निविदा खोलने की तिथि से 5 दिनों के अन्दर निविदादाता द्वारा अपनी आपत्ति/दावा दर्ज कराये अन्यथा अवधि बीतने के पश्चात् कोई भी आपत्ति/दावा मान्य नहीं होगा।
12. पथ निर्माण विभाग, झारखण्ड के अन्तर्गत पंजीकृत समुचित श्रेणी के संवेदक भाग ले सकेगें ।
13. बिना कारण बताये किसी भी समय निविदा को रद्द करने का अधिकार अधोहस्ताक्षरी को सुरक्षित रहेगा।
14. जिन संवेदक का कार्य लंबित है उनको कार्य आवंटन नही किया जायेगा।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है। ह०/-
कार्यपालक अभियंता ग्रामीण विकास विशेष प्रमंडल, पश्चिमी सिंहभूम, चाईबासा
PR 360242 West Singhbhum(25-26)D



ବେଜିଂ: ଚୀନ୍‌ରେ ଏକ ନିର୍ମାଣାଧୀନ ପୋଲ ମଝିରୁ ଭାଙ୍ଗି ପଡ଼ିଛି। ଏହି ଦୁର୍ଘଟଣାରେ ୧୨ ଜଣଙ୍କ ମୃତ୍ୟୁ ଘଟିଛି। ଏହି ପୋଲ ଚୀନ୍‌ର ଏକ ପ୍ରମୁଖ ନଦୀ ଉପରେ ନିର୍ମାଣ କରାଯାଉଛି। ନିର୍ମାଣାଧୀନ ରେଳ ପୋଲର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଛି। ଏପର୍ଯ୍ୟନ୍ତ ଏହି ଦୁର୍ଘଟଣାରେ ୧୨ ଶ୍ରମିକଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ଅନ୍ୟ ୪ ଶ୍ରମିକ ନିଖୋଜ ଅଛନ୍ତି। ଦୁର୍ଘଟଣା ସମୟରେ ପୋଲ ଉପରେ ୧୬ ଶ୍ରମିକ ଥିବା ଚୀନ୍ ଗଣମାଧ୍ୟମ ରିପୋର୍ଟ କରିଛି। ନିଖୋଜଙ୍କୁ ଖୋଜିବା ପାଇଁ ରୋବୋଟ୍ ବ୍ୟବହାର କରାଯାଇଛି। ଦୁର୍ଘଟଣା ପରେ ସରକାରଙ୍କ ଜିନହୁଆ ନ୍ୟୁଜ୍ ଏଜେନ୍ସି ପୁଲିସ ଫଟୋ ସେୟାର କରିଛି। ଏହି ଫଟୋରେ ପୋଲର ମଧ୍ୟଭାଗର ଏକ ବଡ଼ ଅଂଶ ନଥିବା ଦେଖିବାକୁ ମିଳୁଛି। ପୋଲ ଡେକର ଏକ ବଙ୍କା ଅଂଶ ତଳେ ୟେଲୋ ରିଭରରେ ଝୁଲୁ ଥିବା ଦେଖିବାକୁ ମିଳୁଛି। ଏହା ଦର୍ଶାଉଛି ଯେ, ପୋଲର ମଧ୍ୟଭାଗ ଭୁଶୁଡ଼ି ପଡ଼ିଛି। ଉଭୟ ପାର୍ଶ୍ୱ ଝୁଲୁଥିବା ଦେଖାଯାଉଛି। ଏହି ପୋଲ ଭୁଶୁଡ଼ି ପଡ଼ିବା କାରଣରୁ ଲୋକଙ୍କ ମଧ୍ୟରେ ଉତ୍ତେଜନା ପାଇଛି।

### ସୁପ୍ରିମ୍‌କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ଚୁକ୍ତିଭିତ୍ତିକ କର୍ମଚାରୀ ହେବେ ନିୟମିତ



ନୂଆଦିଲ୍ଲୀ: ସୁପ୍ରିମକୋର୍ଟ କଣ୍ଟ୍ରାକଚୁଆଲ କର୍ମଚାରୀଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ ସେମାନଙ୍କୁ ନିୟମିତ ନିଯୁକ୍ତି ଦେବାକୁ ଆଦେଶ ଦେଇଛନ୍ତି। ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ହାଇକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି। ସୂଚନା ଅନୁସାରେ ୧୯୮୯ରୁ ୧୯୯୨ ପର୍ଯ୍ୟନ୍ତ ବାହନ ଚାଳକ ରୂପେ ସେବା ଦେଇଥିବା ଉତ୍ତରପ୍ରଦେଶ ଉଚ୍ଚଶିକ୍ଷା ସେବା ଆୟୋଗଙ୍କ ଅନିୟମିତ କର୍ମଚାରୀ ନିୟମିତ ନିଯୁକ୍ତି ଦାବି କରିଥିଲେ। ଆୟୋଗ ସେମାନଙ୍କ ଦାବିକୁ ବିଭିନ୍ନ କାରଣରୁ ଅଗ୍ରାହ୍ୟ କରିଦେଇଥିଲେ। କର୍ମଚାରୀ ଏ ନେଇ ହାଇକୋର୍ଟଙ୍କ ଶରଣାପନ୍ନ ହୋଇଥିବା ବେଳେ ସେଠାରୁ ମଧ୍ୟ ନିରାଶ ହୋଇଥିଲେ। ତେବେ ବାହନ ଚାଳକ ହାଇକୋର୍ଟଙ୍କ ରାୟ ନେଇ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ସୁପ୍ରିମକୋର୍ଟଙ୍କ ବିଚାରପତି ଜଷ୍ଟିସ୍ ବିକ୍ରମ ନାଥ ଓ ଜଷ୍ଟିସ୍ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ କଣ୍ଟ୍ରାକଚୁଆଲ କର୍ମଚାରୀଙ୍କ ମାମଲାର ଶୁଣାଣି କରିଥିଲେ। ମାମଲାରେ ସୁପ୍ରିମକୋର୍ଟଙ୍କ ଡବଲ ବେଞ୍ଚ କହିଛନ୍ତି ଯେକୌଣସି କର୍ମଚାରୀଙ୍କ ନିୟମିତକରଣ ଏହା କହି ରୋକା ଯାଇପାରିବନି ଯେ ତାଙ୍କର ନିଯୁକ୍ତି ଦୈନିକ ବେତନ ଭୋଗୀ ଭାବେ ହୋଇଥିଲା ଓ ତାହା ସ୍ୱୀକୃତ ପଦବୀ ନୁହେଁ। ଏହା ଛଡା ରାଜ୍ୟ କେବଳ ଏକ ବଜାର ଭାଗିଦାର ନୁହେଁ ବରଂ ଏକ ସମ୍ବିଧାନିକ ନିଯୁକ୍ତିଦାତା। ରାଜ୍ୟ ସେହି ଲୋକଙ୍କ ପିଠିରେ ବଜେଟ ସନ୍ତୁଳନ କରିପାରିବ ନାହିଁ ଯେଉଁମାନେ ସବୁଠୁ ଭିତ୍ତିଭୂମି ଓ ସ୍ଥାୟୀ ସାର୍ବଜନିକ କାମ କରୁଛନ୍ତି। କୋର୍ଟ କହିଛନ୍ତି କାମ ଦିନକୁ ଦିନ ଓ ବର୍ଷକୁ ବର୍ଷ ଦୋହରାଯାଉଛି। ଏପରି କ୍ଷେତ୍ରରେ ଅସ୍ଥାୟୀ ବ୍ୟବସ୍ଥା ମାଧ୍ୟମରେ ଶ୍ରମିକଙ୍କ ଶୋଷଣ କରାଯାଇ ପାରିବନି। ଅସ୍ଥାୟୀ ଲେବୁଲ ଅନୁସାରେ ନିୟମିତ ଶ୍ରମ ଓ ଦୀର୍ଘ ସମୟ ପର୍ଯ୍ୟନ୍ତ ଶୋଷଣ କରିବା ସାର୍ବଜନିକ ପ୍ରଶାସନ ଉପରେ ବିଶ୍ୱାସ ହ୍ରାସ କରେ ଓ ସମାନତାର ପ୍ରତିଶ୍ରୁତିକୁ ଠେସ ପହଞ୍ଚାଏ। ଆର୍ଥିକ ଅନଟନ ଏକ ବାହାନା ନୁହେଁ ଯାହା ନିରପେକ୍ଷତା ଓ ସମ୍ବିଧାନିକ ଦାୟିତ୍ୱକୁ ଓଭର ରାଇଡ କରି ପାରିବ। ଶୁଣାଣିରେ ଆବେଦନକାରୀଙ୍କ ସହିତ ଭେଦଭାବ କରାଯାଇଥିବା କୋର୍ଟ ଜାଣିବାକୁ ପାଇଛନ୍ତି। କାରଣ ସମାନ କାମ କରୁଥିବା ଅନ୍ୟ କର୍ମଚାରୀଙ୍କୁ ନିୟମିତ କରାଯାଇଥିଲା। ଏଣୁ କୋର୍ଟ କହିଛନ୍ତି ଗୋଟେ ସଂସ୍ଥାରେ ଚୟନାତ୍ମକ ନିୟମିତ କରଣ ଓ ଅନ୍ୟଙ୍କୁ ଦୈନିକ ମଜୁରିରେ ରଖିବା ସମାନତାର ସ୍ପଷ୍ଟ ଉଲ୍ଲଂଘନ। ଏକ ସାମ୍ବିଧାନିକ ନିଯୁକ୍ତିଦାତା ରୂପେ ରାଜ୍ୟ ସରକାରଙ୍କୁ ଉଚ୍ଚ ମାନକରେ ରଖାଯାଇଛି। କୋର୍ଟ ସରକାରଙ୍କୁ ଏହି ଆଦେଶ ମଧ୍ୟ ଦେଇଛନ୍ତି ଯେ ନିୟମିତକରଣ ପରେ କର୍ମଚାରୀଙ୍କୁ ନ୍ୟୁନତମ ବେତନ ମଧ୍ୟ ରଖାଯାଇ ପାରିବ ନାହିଁ। ତାଙ୍କ ବେତନ ବୃଦ୍ଧି ସହ ଅନ୍ୟ ଭତ୍ତାର ମଧ୍ୟ ଲାଭ ମିଳିବା ଉଚିତ। ଏହାସହ ବରିଷ୍ଠତା ଓ ପଦୋନ୍ନତି ପାଇଁ ସେବାକାଳ ଗଣନା ୨୦୦୨ରୁ ହେବା ଉଚିତ।

## ଗାଜାରେ ହାହାକାର: ଦୁର୍ଭିକ୍ଷ ଘୋଷଣା କଲା ଜାତିସଂଘ



ନ୍ୟୁୟର୍କ: ଯୁଦ୍ଧ ପ୍ରଭାବିତ ପାଲେଷ୍ଟାଇନର ଗାଜାକୁ ଦୁର୍ଭିକ୍ଷ ପ୍ରଭାବିତ ଅଞ୍ଚଳ ଭାବେ ଘୋଷଣା କରିଛି ଜାତିସଂଘ। ଇସ୍ରାଏଲର ଆକ୍ରମଣ ଯୋଗୁଁ ଗାଜା ସହର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିବା ବେଳେ ଏଠାରେ ପ୍ରାୟ ୫ଲକ୍ଷ ଲୋକ ଅନାହାରରେ ରହିଥିବା ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଜାତିସଂଘର ଅଧିକାରୀ ଟମ୍ ଫ୍ଲେଚର କହିଛନ୍ତି ଗାଜାରେ ଯେଉଁ ଦୁର୍ଭିକ୍ଷ ଦେଖାଯାଇଛି ତା'ର ପ୍ରତିକାର କରାଯାଇପାରିବ। ଇସ୍ରାଏଲର ପ୍ରତିବନ୍ଧକ ଯୋଗୁଁ ଗାଜାକୁ କୌଣସି ପ୍ରକାର ମାନବିକ ସହାୟତା ପହଞ୍ଚିପାରୁ ନଥିବାରୁ ଏଠାରେ ଦୁର୍ଭିକ୍ଷ ଦେଖାଯାଇଛି। ଜାତିସଂଘର ଇଣ୍ଟିଗ୍ରେଟେଡ ଫୁଡ୍ ସିକ୍ୟୁରିଟି ଫେଜ୍ କ୍ଲାସିଫିକେସନ ପକ୍ଷରୁ ଗାଜାରେ ଦୁର୍ଭିକ୍ଷ ଘୋଷଣା କରାଯାଇଛି। ଆଇପିସି ହେଉଛି ବିଶ୍ୱର ଅଗ୍ରଣୀ ଖାଦ୍ୟ ସୁରକ୍ଷା କର୍ତ୍ତୃପକ୍ଷ। ଆଇପିସି ରିପୋର୍ଟରେ ଉଲ୍ଲେଖ କରିଛି ଯେ ଗାଜାର ୨୦ ପ୍ରତିଶତ ଅଞ୍ଚଳରେ ଦୁର୍ଭିକ୍ଷ ଦେଖାଯାଇଛି। ଏହି ଦୁର୍ଭିକ୍ଷ ଆଗାମୀ ଦିନରେ ଖାନ ୟୁନୁସ୍, ଡେର ଅଲ ବାଲାହ ଆଦି ଅଞ୍ଚଳକୁ ବ୍ୟାପିବାକୁ ଯାଉଛି। ଜୁଲାଇ ପ୍ରଥମରୁ ଅଗଷ୍ଟ ମଧ୍ୟ ଭାଗ ମଧ୍ୟରେ ଖାଜାରେ ଖାଦ୍ୟର ଅଭାବ ବ୍ୟାପକ ମାତ୍ରାରେ ବୃଦ୍ଧି ପାଇଛି। ଏଠାକାର ଏକ ତୃତୀୟାଂଶ ଲୋକ ଅନାହାର ମଧ୍ୟରେ କାଳାତିପାତ କରୁଛନ୍ତି। ଗାଜାରେ ଦୁର୍ଭିକ୍ଷକୁ ଏଡାଇବାକୁ ହେଲେ ଏଠାକୁ ପୂର୍ଣ୍ଣ ମାନବିକ ସହାୟତା ଯୋଗାଣ କରାଯିବା ଜରୁରୀ ବୋଲି ଫ୍ଲେଚର କହିଛନ୍ତି। ଉଦ୍‌ବୋଧନରେ ଫ୍ଲେଚର କହିଛନ୍ତି ଯେ ଆମକୁ ଅନୁମତି ଦିଆଗଲେ ଦୁର୍ଭିକ୍ଷକୁ ଏଡାଇ ପାରିବୁ। କାରଣ ପାଲେଷ୍ଟାଇନର ସୀମାରେ ଏବେ ବସ୍ତାବସ୍ତା ଖାଦ୍ୟ ଗଦା ହୋଇ ରହିଛି। ଇସ୍ରାଏଲ ପ୍ରତିବନ୍ଧନକ ଯୋଗୁଁ ଏହି ଖାଦ୍ୟ ଗାଜାକୁ ଯୋଗାଣ ହୋଇପାରୁ ନାହିଁ। ଜାତିସଂଘ ମାନବାଧିକାର ସଂଗଠନ ମୁଖ୍ୟ ଭୋଲକେର ଟୁର୍କ କହିଛନ୍ତି ଯେ ଲୋକଙ୍କ ଅନାହାରରେ ରଖିବା ଏକ ଯୁଦ୍ଧ ଅପରାଧ। ଅନ୍ୟପଟେ ଜାତିସଂଘର ଏପରି ଘୋଷଣାକୁ ଇସ୍ରାଏଲ ଅଗ୍ରାହ୍ୟ କରିଛି। ଇସ୍ରାଏଲ କହିଛି ଗାଜାରେ ଦୁର୍ଭିକ୍ଷ ଦେଖାଯିବା ଘୋଷଣା ହମାସ ପରିଚାଳିତ ଏକ ମିଥ୍ୟା ପ୍ରଚାର। ଇସ୍ରାଏଲ ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ ଜାତିସଂଘର ଏହି ରିପୋର୍ଟ ମିଥ୍ୟା ଓ ଅନ୍ୟଦ୍ୱାରା ପ୍ରଭାବିତ। ଗାଜାର କୌଣସି ସ୍ଥାନରେ ଦୁର୍ଭିକ୍ଷ ପଡିନାହିଁ। ହମାସ ଆତଙ୍କବାଦୀ ସଂଗଠନ ଏହାର ଯୋଜନାବଦ୍ଧ ମିଥ୍ୟା ପ୍ରଚାର ମାଧ୍ୟମରେ ଜାତିସଂଘକୁ ପ୍ରଭାବିତ କରିଛି। ଇସ୍ରାଏଲ ମିଲିଟାରୀ ଏଜେନ୍ସି ସିଓଜିଏଟି ଓ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ କହିଛନ୍ତି ଜାତିସଂଘର ଏହି ରିପୋର୍ଟ ମିଥ୍ୟା। ସିଓଜିଏଟି ପାଲେଷ୍ଟାଇନ ଓ ଗାଜାକୁ ମାନବିକ ସହାୟତା ଯୋଗାଣ କରିଥାଏ। ୨୦୨୩ ଅକ୍ଟୋବର ୭ରୁ ଇସ୍ରାଏଲ ଓ ହମାସ ମଧ୍ୟରେ ଯୁଦ୍ଧ ଲାଗି ରହିଛି। ଏହି ଯୁଦ୍ଧରେ ଗାଜାରେ ୬୧,୯୪୪ ପାଲେଷ୍ଟାଇନ ନାଗରିକଙ୍କ ମୃତ୍ୟୁ ହେଲାଣି। ଏହା ସହିତ ୧,୫୫,୮୮୬ଜଣ ଆହତ ହେଲେଣି ବୋଲି ଗାଜା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

## ଗଙ୍ଗାସ୍ନାନ ହେଲା କାଳ, ୮ ମୃତ

ପାଟନା: ଅଶୁଭ ଶନିବାର। ବିହାର ରାଜଧାନୀ ପାଟନା ଦାନିଆୱାନରେ ମର୍ମନ୍ତୁଦ ଦୁର୍ଘଟଣା। ସଡ଼କ ଦୁର୍ଘଟଣାରେ ୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬ ଜଣ ଆହତ ହୋଇଛନ୍ତି। ସମସ୍ତ ଯାତ୍ରୀ ଅଟୋରେ ଗଙ୍ଗା ସ୍ନାନ କରିବାକୁ ନାଳନ୍ଦାରୁ ଫତୁହା ଯାଉଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ରାସ୍ତାରେ ଏକ ଦ୍ରୁତଗାମୀ ଟ୍ରକ୍ ଅଟୋକୁ ଧକ୍କା ଦେଇଥିଲା। ଧକ୍କା ଏତେ ଜୋରରେ ଥିଲା ଯେ ଅଟୋଟି ଖଣ୍ଡ ଖଣ୍ଡ ହୋଇଗଲା। ଦୁର୍ଘଟଣା ପରେ, ଟ୍ରକ୍ ଡ୍ରାଇଭର ଗାଡ଼ି ନେଇ ପଳାଇଗଲା। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ଆହତଙ୍କୁ ନିକଟସ୍ଥ ହସ୍ପିଟାଲକୁ ନିଆଯାଇଥିଲା। ଯେଉଁଠାରୁ ସେମାନଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପାଟନା ରେଫର କରାଯାଇଥିଲା। ସମସ୍ତ ଲୋକ ନାଳନ୍ଦା ଜିଲ୍ଲା ହିଲସା ଥାନା ରେରି ମାଲମା ଗାଁର ବାସିନ୍ଦା। ସକାଳେ ଫତୁହା ଗଙ୍ଗାରେ ସ୍ନାନ କରିବାକୁ ଯାଉଥିଲେ। ସମସ୍ତେ ସମାନ ଗାଁର ବାସିନ୍ଦା। ଏହି ସମୟରେ ଅଲଟ୍ରାଟେକ୍ କାରଖାନା ନିକଟରେ ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଯେଉଁଥିରେ ୭ ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଆଉଜଣେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଆହତଙ୍କୁ ପାଟନାରେ ଚିକିତ୍ସା କରାଯାଉଛି। ମୃତକଙ୍କ ମଧ୍ୟରେ ୭ ମହିଳା ଏବଂ ଜଣେ ପୁରୁଷ ଅଛନ୍ତି। ୬ ଜଣ ଆହତ ହୋଇଛନ୍ତି। ଯେଉଁମାନେ ପାଟନାରେ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କୁ ଚିହ୍ନଟ କରାଯାଉଛି। ପୋଲିସ ଘଟଣାର ତଦନ୍ତ କରୁଛି। ଫେରାର୍ ଟ୍ରକ୍ ଡ୍ରାଇଭରଙ୍କୁ ଖୋଜା ଚାଲିଛି।

## ଆମେରିକାକୁ ଡାକସେବା ବନ୍ଦ

ନୂଆଦିଲ୍ଲୀ: ଏଣିକି ଡାକରେ ଆମେରିକାକୁ ପାର୍ସଲ ପଠାଇବା କଷ୍ଟକର ହୋଇପଡ଼ିବ। କାରଣ ଭାରତର ଡାକ ବିଭାଗ ଆସନ୍ତା ୨୫ ତାରିଖରୁ ଆମେରିକାକୁ ଡାକ ସେବାକୁ ଅସ୍ଥାୟୀ ଭାବରେ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଆମେରିକା ସରକାରଙ୍କ ଦ୍ୱାରା ସମ୍ପ୍ରତି ଜାରି ହୋଇଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ନମ୍ବର ୧୪୩୨୪ ଯୋଗୁଁ ଏହି ପଦକ୍ଷେପ ନିଆଯାଇଛି। ଏହି ନିର୍ଦ୍ଦେଶ ଅନୁଯାୟୀ, ଅଗଷ୍ଟ ୨୯, ୨୦୨୫ ରୁ ୮୦୦ ଡଲାର ପର୍ଯ୍ୟନ୍ତ ସାମଗ୍ରୀ ଉପରେ ଶୁଳ୍କମୁକ୍ତ ଛାଡ଼କୁ ଉଚ୍ଛେଦ କରାଯାଇଛି। ବର୍ତ୍ତମାନ ଆମେରିକାକୁ ପଠାଯାଉଥିବା ସମସ୍ତ ଜିନିଷ ଉପରେ କଷ୍ଟମ୍ ଶୁଳ୍କ ଲାଗୁ ହେବ। ତଥାପି, ୧୦୦ ଡଲାର ପର୍ଯ୍ୟନ୍ତ ଉପହାର ସାମଗ୍ରୀ ଏବଂ ଚିଠି / ଡକ୍ୟୁମେଣ୍ଟ ପୂର୍ବ ପରି ଗ୍ରହଣ କରାଯିବ। ଆମେରିକା କଷ୍ଟମ୍ସ ଏବଂ ସୀମା ସୁରକ୍ଷା (ସିବିପି) କିଛି ନିର୍ଦ୍ଦେଶାବଳୀ ଜାରି କରିଛି, କିନ୍ତୁ ଶୁଳ୍କ ସଂଗ୍ରହ ଏବଂ ଅନ୍ୟାନ୍ୟ ବୈଷୟିକ ପ୍ରକ୍ରିୟା ସମ୍ପର୍କରେ ଏପର୍ଯ୍ୟନ୍ତ ପରିସ୍ଥିତି ସ୍ପଷ୍ଟ ହୋଇନାହିଁ। ଏହି କାରଣରୁ, ବିମାନ କମ୍ପାନୀଗୁଡ଼ିକ ଅଗଷ୍ଟ ୨୫, ୨୦୨୫ରୁ ଆମେରିକାକୁ ପାର୍ସଲ ଏବଂ ଅନ୍ୟାନ୍ୟ ସାମଗ୍ରୀ ପଠାଇବାକୁ ମନା କରିଦେଇଛନ୍ତି।

## ବିଷ୍ଣୁଦେବଙ୍କ ଜାପାନ ଗସ୍ତ ନିବେଶ ପାଇଁ ସୁଯୋଗ ଆଣିବ



ରାୟପୁର: ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଦୁଇଦିନ ହେବ ଜାପାନ ରାଜଧାନୀ ଟୋକିଓରେ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା ଜାରି ରଖିଛନ୍ତି। ଜାପାନ ବୈଦେଶିକ ବାଣିଜ୍ୟିକ ସଂଗଠନର ବରିଷ୍ଠ ପ୍ରତିନିଧିମାନଙ୍କ ସହ ସେ ଶନିବାର ନିବେଶ ନିମନ୍ତେ ଆଲୋଚନା କରିଛନ୍ତି। ନାକାଜୋକାଜୁଆ, ଆଣ୍ଡୋୟୁଜି ଏବଂ ହାରାହାରୁନୋବୁଙ୍କ ସହ ସେ ଛତିଶଗଡ଼ରେ ଶିଳ୍ପ ସ୍ଥାପନ ସହ ପୁଞ୍ଜିନିବେଶ ପାଇଁ ଆଲୋଚନା କରିଥିବା ବେଳେ ଏହା ଏବେ ସଫଳ ହୋଇଥିବା ଶ୍ରୀ ସାଏ କହିଛନ୍ତି। ବିଶେଷ କରି ଆଇଟି, ଟେକ୍ସଟାଇଲ, ଏରୋସ୍ପେଶ, ଅଟୋମୋବାଇଲ, ଇଲେକ୍ଟ୍ରୋନିକ୍ସ ଏବଂ ସବୁଜ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଶ୍ରୀ ସାଏ ଆହ୍ୱାନ ଦେଇଥିଲେ। ଯାହାକି ଛତିଶଗଡ଼ର ଆର୍ଥିକ ବିକାଶରେ ସହାୟକ ହୋଇପାରିବ। ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ କହିଛନ୍ତି ଯେ, ଛତିଶଗଡ଼ ଭାରତର ହୃଦୟ ଭାବେ ପରିଚିତ। ଏଠାରେ ଶିଳ୍ପନୀତି ବେଶ୍ ସୁବିଧାଜନକ ଓ ସରଳ। ଶିଳ୍ପଭିତ୍ତିଭୂମି ସ୍ଥାପନ ପାଇଁ ଏହା ଏକ ଉତ୍କୃଷ୍ଟ ସ୍ଥାନ। ଏଥିପାଇଁ ବିଦେଶୀ ନିବେଶକଙ୍କୁ ଏଠାରେ ଶିଳ୍ପ ସ୍ଥାପନ ପାଇଁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ଡିପ୍ ସ୍ପେଶ୍ ପରିଦର୍ଶନରେ ଯାଇଥିଲେ। ଜାତୀୟ ମହାକାଶ ଦିବସ ଅବସରରେ ସେ ଏହି ପରିଦର୍ଶନ କରିଥିବା ସୂଚନା ଦେବାସହ ଏହା ଆଗାମୀ ପିଢ଼ି ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ସେ କହିଥିଲେ ମହାକାଶ କ୍ଷେତ୍ରରେ ରାଜନନ୍ଦ ଗାଁଓରେ ଭାରତ ସରକାରଙ୍କ ସହାୟତାରେ ଶିଳ୍ପ ସ୍ଥାପନ କରାଯିବ। ସେ ଦୃଢ଼ତାର ସହ କହିଥିଲେ ଯେ, ତାଙ୍କ ଜାପାନ ଗସ୍ତ ନିଶ୍ଚିତ ଭାବେ ସଫଳ ହେବ। ବିଶେଷକରି ପଞ୍ଜିନିବେଶ, ବୈଷୟିକ ଜ୍ଞାନ ପ୍ରଦାନ ଏବଂ ସ୍ୱତନ୍ତ୍ରତା ପାଇଁ ଛତିଶଗଡ଼ ଏକ ପ୍ରମୁଖ ଭୂମିକା ଆଗାମୀ ଦିନରେ ଗ୍ରହଣ କରିବ ବୋଲି ସେ ଆଶାପ୍ରକାଶ କରି ଏ କ୍ଷେତ୍ରରେ ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ଅଛି ବୋଲି ସେ କହିଥିଲେ।

## ବିହାର ନିର୍ବାଚନ ପୂର୍ବରୁ ବିଜେପିର 'ୱାସିଂ ମେସିନ୍' ଚାଲୁ

ଲଖିସରାଇ/ପାଟନା: ବିହାରରେ ନିର୍ବାଚନ ଋତୁ ଆସିବା ମାତ୍ରେ ବିଜେପିର ୱାସିଂ ମେସିନ୍ ସକ୍ରିୟ ହୋଇଯାଇଛି। ଅପରାଧ ଜଗତର ଅନେକ ବ୍ୟକ୍ତି ବିଜେପିର ୱାସିଂ ମେସିନ୍‌ରେ ଧୋଇ ହେବାକୁ ପ୍ରସ୍ତୁତ ହେବାରେ ଲାଗିଛନ୍ତି। କିଛି ଦଳରେ ଯୋଗ ଦେଇଛନ୍ତି। କେତେକ ଦଳରେ ଯୋଗ ଦେବାକୁ ଚେଷ୍ଟା କରୁଛନ୍ତି। ଆସନ୍ତୁ ଜାଣିବା ଏପରି ପ୍ରସିଦ୍ଧ ଅପରାଧୀ କିଏ ଯେଉଁମାନେ ବିଜେପିର ୱାସିଂ ମେସିନ୍‌ରେ ଧୋଇ ହୋଇଛନ୍ତି କିମ୍ବା ଧୋଇବାକୁ ପ୍ରସ୍ତୁତ ଅଛନ୍ତି। ଯେଉଁ ବ୍ୟକ୍ତିଙ୍କୁ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଓରଫ ଲଲ୍ଲନ ସିଂହ ପରୋକ୍ଷରେ ଲଖିସରାଇର ଆତଙ୍କ ବୋଲି କହିଥିଲେ, ସେ ବିଜେପିରେ ଯୋଗଦେବାକୁ ପ୍ରସ୍ତୁତ ହେଉଛନ୍ତି। ସେ ହେଉଛନ୍ତି ଲଖିସରାଇର ଆରଜେଡି ବିଧାୟକ ପ୍ରହଲ୍ଲାଦ ଯାଦବ। ପ୍ରହଲ୍ଲାଦ ଯାଦବ ଫ୍ଲୋର ଟେଷ୍ଟ ସମୟରେ ଆରଜେଡି ଛାଡି ଏନଡିଏକୁ ସମର୍ଥନ କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରହଲ୍ଲାଦ ଯାଦବଙ୍କୁ ବିଜେପିରେ ସାମିଲ କରିବାକୁ ଏବଂ ସୂର୍ଯ୍ୟଗଡ଼ା ବିଧାନସଭାରୁ ଟିକେଟ୍ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ଲଖିସରାଇରେ ଲଲ୍ଲନ ସିଂହ ଏବଂ ବିଜୟ ସିହ୍ନାଙ୍କ ମଧ୍ୟରେ ବିବାଦ ନେଇ ପ୍ରହଲ୍ଲାଦ ଫସି ରହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୟା ଗସ୍ତ ସମୟରେ ଦୁଇ ଆରଜେଡି ବିଧାୟକଙ୍କୁ ତାଙ୍କ ମଞ୍ଚ ଉପରେ ଠିଆ କରାଇ ଆରଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କୁ ଏକ ବଡ଼ ଝଟକା ଦେଇଥିଲେ। ଗୟାରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଞ୍ଚରେ ଦୁଇ ଆରଜେଡି ବିଧାୟକଙ୍କୁ ଦେଖିବାକୁ ମିଳିଥିଲା। ସେମାନେ ଥିଲେ ନୱାଡାର ଆରଜେଡି ବିଧାୟକ ବିଭା ଦେବୀ ଏବଂ ରାଜୌଲି ବିଧାୟକ ପ୍ରକାଶ ବୀର।

# ବାଣିଜ୍ୟ



ନୂଆଦିଲ୍ଲୀ: ଆମାଜନ ଇଣ୍ଡିଆ ପକ୍ଷରୁ ପ୍ରଥମ ଆମାଜନ ଫ୍ୟୁଚର ଇଞ୍ଜିନିୟର (ଏଏଫ୍‌ଇ) ଶିକ୍ଷାବୃତ୍ତି ଅଧୀନରେ ୨୦୨୫-୨୦୨୯ ପାଇଁ ୫୦୦ ନୂଆବୃତ୍ତି ଘୋଷଣା କରାଯାଇଛି। କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ପୃଷ୍ଠଭୂମିର ମହିଳା ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ସହାୟତା ଦେଇ ସେମାନଙ୍କୁ ଶିକ୍ଷା ଓ କ୍ୟାରିୟର ବିକାଶରେ ସମାନ ସୁଯୋଗ ପ୍ରଦାନ କରାଯିବ। କାର୍ଯ୍ୟକ୍ରମର ପ୍ରଥମ ୨୦୦ ସ୍ନାତକ ଫର୍ଚ୍ଚୁନ୍ ୫୦୦ କମ୍ପାନିରେ ନିଯୁକ୍ତି ପାଇଛନ୍ତି। ଅନେକ ଛାତ୍ରଛାତ୍ରୀ ଆମାଜନର ଇଞ୍ଜିନିୟରିଂ ଟିମ୍‌ରେ ଯୋଡ଼ି ହୋଇଛନ୍ତି। ଆମାଜନ୍ ଇଣ୍ଡିଆର ଆମାଜନ ଫ୍ୟୁଚର୍ ଇଞ୍ଜିନିୟର ଲିଡ୍ ପ୍ରତୀକ ଅଗ୍ରୱାଲ୍ କହିଛନ୍ତି ଯେ, ଦେଶର ଡିଜିଟାଲ୍ ବିପ୍ଲବରେ ଦୂରେଇ ଯିବାର ଆଶଙ୍କା ଥିବା ପ୍ରତିଭାବାନ ଯୁବତୀଙ୍କ ପାଇଁ ପଥ ପ୍ରଶସ୍ତ କରି ଭାରତର ପ୍ରଯୁକ୍ତି ଶ୍ରମ ଶକ୍ତିରେ ବିବିଧତାକୁ ସୁଦୃଢ଼ କରିବାକୁ ଆମାଜନ ଗଭୀର ଭାବେ ପ୍ରତିବଦ୍ଧ ରହିଛି। କାର୍ଯ୍ୟକ୍ରମରେ ଆମାଜନ୍‌ର କ୍ରିୟାନ୍ୱୟନ ସହଯୋଗୀ ଫାଉଣ୍ଡେସନ ଫର ଏକ୍ସଲେନ୍ସର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରାମ କୋଲାଭେନୁ କହିଛନ୍ତି ଯେ, ଯାହା ଆମାଜନ ଫ୍ୟୁଚର ଇଞ୍ଜିନିୟର କାର୍ଯ୍ୟକ୍ରମକୁ ଉଲ୍ଲେଖନୀୟ କରିଛି, ତାହା ହେଉଛି ପରବର୍ତ୍ତୀ ପିଢ଼ି ମହିଳା ପ୍ରଯୁକ୍ତି ଲିଡରଙ୍କୁ ସମ୍ବଦ୍ଧ ଲାଗି ସାମଗ୍ରିକ ଆଭିମୁଖ୍ୟ।

## ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶା ଡିସକମ୍ ପକ୍ଷରୁ ଗ୍ରାହକ ସେବାରେ ଉନ୍ନତି




ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ନେତୃତ୍ୱାଧୀନ ଓଡ଼ିଶାର ଡିସକମ ଗୁଡ଼ିକ ଯଥା ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିସିଓଡିଏଲ), ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସଓଡିଏଲ), ଟିପି ନଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଓ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଡବ୍ଲୁଓଡିଏଲ) ଗ୍ରାହକ ଓ ଡିସକମ ମଧ୍ୟରେ ଥିବା ସମ୍ପର୍କରେ ବ୍ୟାପକ ଉନ୍ନତି ଆଣିଛନ୍ତି। ଡିଜିଟାଲ ପ୍ଲାଟଫର୍ମର ବ୍ୟାପକ ନେଟୱର୍କ, ଗ୍ରାହକ ସେବା କେନ୍ଦ୍ର, ଗ୍ରାମୀଣ ଯୋଗାଯୋଗ ଅଭିଯାନ ଏବଂ ଗୋଷ୍ଠୀ ପରିଚାଳିତ ମଡେଲ ଆଦି ବ୍ୟବସ୍ଥା ସହ ଏହି ଡିସକମଗୁଡ଼ିକ ବିଦ୍ୟୁତ ସେବାକୁ ସାରା ରାଜ୍ୟରେ ଥିବା ପ୍ରାୟ ୧୦ ଲକ୍ଷ ବିଦ୍ୟୁତ ଗ୍ରାହକଙ୍କ ନିକଟତର କରିବା ସହ ସ୍ୱଚ୍ଛ ଓ ଗ୍ରାହକ କୈନ୍ଦ୍ରିକ କରିପାରିଛନ୍ତି। ବିଦ୍ୟୁତ ସେବାକୁ ଯେକୌଣସି ସମୟରେ, ଯେକୌଣସିଠାରେ ଉପଲବ୍ଧ କରିବା ଲାଗି ଗତ ପାଞ୍ଚ ବର୍ଷ ମଧ୍ୟରେ ଡିସକମ ଗୁଡ଼ିକ ବହୁ ସଂଖ୍ୟକ ପ୍ରଯୁକ୍ତି ଆଧାରିତ ଗ୍ରାହକ ସମାଧାନ ଆରମ୍ଭ କରିଛନ୍ତି। ଗ୍ରାହକମାନେ ନୂଆ ବିଦ୍ୟୁତ ସଂଯୋଗ ହାସଲ କରିବା ଲାଗି ଅନଲାଇନ କିମ୍ବା କେବଳ ଏକ ମିସଡ କଲ ସେବା ଜରିଆରେ ଆବେଦନ କରିପାରୁଛନ୍ତି। ଯାହା ଫଳରେ କାର୍ଯ୍ୟାଳୟ ପରିଦର୍ଶନ ଓ କାଗଜପତ୍ର କାମ ଆବଶ୍ୟକତା ଦୂର ହୋଇପାରିଛି। ପେମେଣ୍ଟ, ସେବା ଅନୁରୋଧ, ବିଲିଂ ହିଷ୍ଟ୍ରି ଓ ବାସ୍ତବ ସମୟ ଅପଡେଟ ପାଇଁ ମାଇଁ ଟାଟା ପାୱାର ଆପ ଏକ ସିଙ୍ଗଲ ୱିଣ୍ଡୋ ପ୍ଲାଟଫର୍ମରେ ପରିଣତ ହୋଇପାରିଛି। ବିଦ୍ୟୁତ ଉପଯୋଗ ବଢୁଥିବା ବେଳେ ଟାଟା ପାୱାରର ଡିସକମଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ ଗ୍ରିଡ ଗଠନ କରିବା ଲାଗି ପ୍ରତିବଦ୍ଧ ରହିଥିବା ବେଳେ ନିଜ ପରିଚାଳନାରେ ଗ୍ରାହକ ସେବାକୁ କେନ୍ଦ୍ର ସ୍ଥଳରେ ରଖିଛନ୍ତି।

## 'ଗାଁ ଚାଲ' ଅଭିଯାନରେ ଗ୍ରାମୀଣ ଯୋଗାଯୋଗ ସୁଦୃଢ଼ କରିଛି ଟିପିସିଓଡିଏଲ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ୍ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ଗ୍ରାମୀଣ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ 'ଗାଁ ଚାଲ' ଅଭିଯାନକୁ ବେଶ୍ ବ୍ୟାପକ କରିପାରିଛି। ନିଜ ଲାଇସେନ୍ସପ୍ରାପ୍ତ ଅଂଚଳରେ ଆୟୋଜନ କରାଯାଉଥିବା ଏହି ଗାଁ ସ୍ତରୀୟ ସେବା ଶିବିର ଲୋକମାନଙ୍କୁ ସିଧାସଳଖ ବିଦ୍ୟୁତ୍ ଜନିତ ସେବା ପ୍ରଦାନ କରିବାର ଗୁରୁତ୍ୱପୂର୍ଣ୍ଣ ଟଚ୍‌ପଏଣ୍ଟରେ ପରିଣତ ହୋଇଛି। ହଜାର ହଜାର ଗ୍ରାମୀଣ ଗ୍ରାହକ ଏହି ଶିବିରରେ ପହଞ୍ଚି ଉପକୃତ ହୋଇଛନ୍ତି। ଶିବିରରେ ନୂଆ ବିଦ୍ୟୁତ୍ ସଂଯୋଗର ପ୍ରକ୍ରିୟାକରଣ, ବିଲ୍ ସଂଶୋଧନ ଏବଂ ଗ୍ରାହକଙ୍କ ପ୍ରଶ୍ନଗୁଡ଼ିକର ସିଧାସଳଖ ସମାଧାନ ସୁବିଧା ପ୍ରଦାନ କରାଯାଉଛି। ଏହି ପଦକ୍ଷେପ ଚିନ୍ତାମୁକ୍ତ ସେବା ପ୍ରଦାନ ସୁନିଶ୍ଚିତ କରିଥିବା ବେଳେ ସହାୟତା ପାଇଁ ଗ୍ରାହକଙ୍କୁ ଆଉ ଗ୍ରାହକ ସେବା କେନ୍ଦ୍ର ପର୍ଯ୍ୟନ୍ତ ଆସିବାକୁ ପଡୁନାହିଁ। ସୁବିଧାରେ ସେବା ପ୍ରଦାନ କରିବା ବ୍ୟତୀତ ଏହି ଶିବିରଗୁଡ଼ିକରେ ଡିଜିଟାଲ୍ ଅନ୍ତର୍ଭୁକ୍ତୀକରଣ ଉପରେ ଗୁରୁତ୍ୱାରୋପ କରାଯାଉଛି। ଗ୍ରାମାଞ୍ଚଳର ବହୁ ଗ୍ରାହକ ସଫଳତାର ସହ ଟିପିସିଓଡିଏଲ୍‌ର ଡିଜିଟାଲ୍ ପ୍ଲାଟଫର୍ମରେ ଯୋଡ଼ି ହୋଇପାରିଛନ୍ତି ଯାହା ସେମାନଙ୍କୁ ଅନଲାଇନ୍‌ରେ ବିଲ୍ ପଇଠ କରିବା, ଅଭିଯୋଗ ପଞ୍ଜୀକରଣ କରିବା ଏବଂ ବାସ୍ତବ ସମୟ ସେବା ଅପ୍‌ଡେଟ୍ ହାସଲ କରିବା ପାଇଁ ସକ୍ଷମ କରିଛି। ଏହି ପଦକ୍ଷେପ ଗ୍ରାମୀଣ ପରିବାରଗୁଡ଼ିକୁ ଶୀଘ୍ର, ଅଧିକ ସ୍ୱଚ୍ଛ ଓ ସୁବିଧାଜନକ ସେବା ହାସଲ କରିବାରେ ସହାୟକ ହୋଇଛି। 'ଗାଁ ଚାଲ' ଜରିଆରେ ଟିପିସିଓଡିଏଲ୍ ବିଦ୍ୟୁତ ସେବାକୁ ଗ୍ରାମୀଣ ଗ୍ରାହକଙ୍କ ନିକଟରେ ପହଂଚାଇ ଏବଂ ତୃଣମୂଳ ସ୍ତରରେ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରି ଗ୍ରାମୀଣ ଗୋଷ୍ଠୀ ସହିତ ସମ୍ପର୍କକୁ ସୁଦୃଢ଼ କରିପାରିଛି।

## ଦେଶବ୍ୟାପୀ ଦେଢ ଲକ୍ଷ ଋତୁକାଳିନ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି ଆମାଜନ

ମୁମ୍ବାଇ: ଆମାଜନ ଇଣ୍ଡିଆ ଏହାର ଫୁଲ୍‌ଫିଲମେଣ୍ଟ ସେଣ୍ଟର (ଏଫସି), ସର୍ଟ ସେଣ୍ଟର ଓ ଲାଷ୍ଟ ମାଇଲ ଡେଲିଭରି ଷ୍ଟେସନର ପରିଚାଳନା ନେଟ୍‌ୱର୍କରେ ୧୫୦,୦୦୦ରୁ ଅଧିକ ଋତୁକାଳିନ କାର୍ଯ୍ୟ ସୁଯୋଗ ସୃଷ୍ଟି କରିଛି। କାରଣ ଆମାଜନ ଆଗାମୀ ପାର୍ବଣ ଋତୁରେ ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ପାଇଁ ପ୍ରସ୍ତୁତ ହେଉଛି। ଏଥିରେ ମୁମ୍ବାଇ, ଦିଲ୍ଲୀ, ପୁନେ, ବେଙ୍ଗାଲୁରୁ, ହାଇଦ୍ରାବାଦ, ଲକ୍ଷ୍ନୌ, କୋଚିନ, କୋଏମ୍ବାଟୁର, ଇନ୍ଦୋର, ରାୟପୁର, ଜଳନ୍ଧର, ଯୋଧପୁର, ରାଂଚି, ଅନନ୍ତନାଗ, ଜଲଗାଓଁ ଭଳି ସହରଗୁଡିକ ସମେତ ଭାରତର ୪୦୦ରୁ ଅଧିକ ସହରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏଥିସହିତ ଆମାଜନ ଏହାର ନେଟ୍‌ୱର୍କରେ ହଜାର ହଜାର ମହିଳା ଆସୋସିଏଟଙ୍କ ସମେତ ୨୦୦୦ରୁ ଅଧିକ ପିଡବ୍ଲ୍ୟୁଡି (ଦିବ୍ୟାଙ୍ଗ ବ୍ୟକ୍ତି)ଙ୍କ ପାଇଁ କାର୍ଯ୍ୟ ସୁଯୋଗ ସୃଷ୍ଟି କରିଛି। ଆମାଜନ ଇଣ୍ଡିଆ ଆଗାମୀ ପାର୍ବଣ ଋତୁର ପ୍ରସ୍ତୁତି ପାଇଁ ଏମାନଙ୍କ ମଧ୍ୟରୁ ଅଧିକାଂଶ ନୂଆ ଆସୋସିଏଟଙ୍କୁ ନିଯୁକ୍ତ କରିସାରିଛି। ଏସମ୍ପର୍କରେ ଆମାଜନର ଇଣ୍ଡିଆ ଓ ଅଷ୍ଟ୍ରେଲିଆର ଅପରେଶନ୍ସ ବିଭାଗର ଭିପି ଅଭିନବ ସିଂହ କହିଛନ୍ତି, ଦଚଳିତ ପାର୍ବଣ ଋତୁରେ ଆମେ ଭାରତବ୍ୟାପୀ ପ୍ରତ୍ୟେକ ସେବାଯୋଗ୍ୟ ପିନକୋଡରେ ଗ୍ରାହକଙ୍କୁ ଦ୍ରୁତ ଓ ନିର୍ଭରଯୋଗ୍ୟ ଡେଲିଭରି ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବା ଜାରି ରଖିଛୁ। ଏଥିପାଇଁ ଆମେ ଆମର ଫୁଲଫିଲମେଣ୍ଟ ଓ ଲଜିଷ୍ଟିକ୍ସ ନେଟ୍‌ୱର୍କକୁ ମଜବୁତ କରିଥିବା ବେଳେ ଅତିରିକ୍ତ ୧.୫ ଲକ୍ଷରୁ ଅଧିକ ଲୋକ ଗ୍ରାହକଙ୍କ ବର୍ଦ୍ଧିତ ଚାହିଦାକୁ ଦକ୍ଷତାର ସହ ପରିଚାଳନା କରିବା ପାଇଁ ଆମକୁ ସାହାଯ୍ୟ କରିବେ। ନିକଟରେ ଆମାଜନରେ ଯୋଗ ଦେଇଥିବା ଏବଂ ବେଙ୍ଗାଲୁରୁସ୍ଥିତ କମ୍ପାନୀର ଏକ ଏଫସିରେ କାର୍ଯ୍ୟ କରୁଥିବା ଜଣେ ଆସୋସିଏଟ ମନିଷା ସିଂହ କହିଛନ୍ତି, ଦମୁଁ ଚଳିତ ପାର୍ବଣ ଋତୁରେ ଆମାଜନରେ ଯୋଗ ଦେଇଥିବାରୁ କୃତଜ୍ଞ। ସୁରକ୍ଷା ପଦକ୍ଷେପ ଉପରେ କମ୍ପାନୀର ଗୁରୁତ୍ୱ ପରିଚାଳନା ନେଟ୍‌ୱର୍କରେ କାର୍ଯ୍ୟ କରିବା ସମୟରେ ମୋତେ ଆତ୍ମବିଶ୍ୱାସ ଦେଇଛି। ଏକ ସମ୍ମାନଜନକ କାର୍ଯ୍ୟକ୍ଷେତ୍ରର ଏକ ଅଂଶ ହେବା ସହ ପାର୍ବଣ ସମୟରେ ଭାରତରେ ପରିବାରଗୁଡିକୁ ଖୁସି ବିତରଣ କରିବାରେ ସାହାଯ୍ୟ କରିବା ସନ୍ତୋଷଜନକ ଅଟେ।

## ଟାଟା କ୍ୟାପିଟାଲ ଦେଶରେ ୧ ନିୟୁତ ଜୀବନରେ ଆଣିଛି ପରିବର୍ତ୍ତନ




ନୂଆଦିଲ୍ଲୀ: ଟାଟା ଗ୍ରୁପର ଆର୍ଥିକ ଶାଖା ଟାଟା କ୍ୟାପିଟାଲର ସାମାଜିକ ପ୍ରଭାବ ଅଭିଯାନ ସାରା ଭାରତରେ ୧ ନିୟୁତରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚିଛି। କମ୍ପାନୀ ପକ୍ଷରୁ ଜଳ ସଂରକ୍ଷଣ, ଅକ୍ଷୟ ଶକ୍ତି, ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଉପରେ ଗୁରୁତ୍ୱାରୋପ କରାଯାଇଛି। ୨୦୨୪-୨୫ ବାର୍ଷିକ ରିପୋର୍ଟରେ ଏକ ଭାରତର ଅଭିଳାଷ ପୂରଣ କରୁଥିବା ଏକ ଦାୟିତ୍ୱବାନ ଆର୍ଥିକ ସହଯୋଗୀ ଭାବେ ଉଦ୍ଦେଶ୍ୟ ଆଧାରିତ ଦର୍ଶନ ଉପରେ ଆଲୋକପାତ କରାଯାଇଛି। ଟାଟା ଗ୍ରୁପର ମୂଲ୍ୟବୋଧ ବଜାୟ ରଖି କମ୍ପାନି ଏହାର ସାମାଜିକ ଓ ପରିବେଶଜନିତ ପ୍ରାଥମିକତାକୁ ଏହାର ମୂଳ ବ୍ୟବସାୟ ରଣନୀତି ସହ ସମନ୍ୱିତ କରିଥିବା ବାର୍ଷିକ ରିପୋର୍ଟରେ ଦର୍ଶାଇଛି। ଜଳ ସଂରକ୍ଷଣରେ କମ୍ପାନିର ପ୍ରମୁଖ ଅଭିଯାନ ଜଳଆଧାର ମହାରାଷ୍ଟ୍ର, ରାଜସ୍ଥାନ ଓ ତାମିଲନାଡୁର ୨୦୦ରୁ ଅଧିକ ଗ୍ରାମରେ ୨୫୦୦ ନିୟୁତ ଲିଟରରୁ ଅଧିକ ଜଳ ଅମଳ କ୍ଷମତା ସୃଷ୍ଟି କରିଛି। ଏହା ୭୯୦ ଜଳାଶୟ ପରିଷ୍କାର କରିଛି ଯାହା ୫,୪୦,୦୦୦ ଲୋକଙ୍କୁ ପ୍ରଭାବିତ କରିଛି ଏବଂ ହାରାହାରି ଭାବେ ଭୂତଳ ଜଳସ୍ତରକୁ ୫.୫ ମି ବୃଦ୍ଧି କରିଛି ଏବଂ ଚାଷୀଙ୍କ ୩୦,୦୦୦ ଟଙ୍କା ବଢ଼ାଇଛି। ଗ୍ରିନ ସ୍ୱିଚ୍ ଅଭିଯାନରେ ସ୍ୱଚ୍ଛ ଶକ୍ତି ଉପରେ ଗୁରୁତ୍ୱାରୋପ କରି ୧୯ ପଡ଼ାରେ ସୌର ଶକ୍ତି ଉପଲବ୍ଧ କରାଯାଇଛି ଯାହା ଦ୍ୱାରା ୭୫୦୦ ଲୋକଙ୍କ ପାଖରେ ଏବଂ ୧୨୦୦ରୁ ଅଧିକ ଘରେ ବିଦ୍ୟୁତ ଶକ୍ତି ପହଞ୍ଚିଛି। ସମୁଦାୟ ୯୯ ପଡ଼ା ବିଦ୍ୟୁତକରଣ କରିଥିବା ବେଳେ ୨୦,୦୦୦ରୁ ଅଧିକ ହିତାଧିକାରୀ ଉପକୃତ ହୋଇପାରିଛନ୍ତି ଯାହା ବାର୍ଷିକ ହାରାହାରି ଆୟ ୪୦,୦୦୦ ଟଙ୍କା ବଢ଼ାଇ ପାରିଛି। ଆରୋଗ୍ୟତାରା ଅଭିଯାନରେ ଆରୋଗ୍ୟଯୋଗ୍ୟ ଅସୁସ୍ଥତା ଦୂର କରିବା ଉପରେ ଧ୍ୟାନ ଦିଆଯାଉଛି। ବର୍ଷରେ ୬୧୦,୦୦୦ ଲୋକଙ୍କ ସ୍କ୍ରିନିଂ କରାଯାଇଥିବା ବେଳେ ଅସ୍ତ୍ରୋପଚାର ଜରିଆରେ ୪୪,୦୦୦ରୁ ଅଧିକ ଦୃଷ୍ଟିଶକ୍ତି ସ୍ୱାଭାବିକ ହୋଇପାରିଛି।

## 'ଆକ୍ସିସ ନିଫ୍ଟି ୫୦୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡର' ଶୁଭାରମ୍ଭ

ନୂଆଦିଲ୍ଲୀ: ଦେଶର ଅନ୍ୟତମ ଅଗ୍ରଣୀ ସଂପତି ପରିଚାଳନା କମ୍ପାନୀ ଆକ୍ସିସ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଏକ ଓପନ ଏଣ୍ଡେଡ ଇଣ୍ଡେକ୍ସ ଫଣ୍ଡ 'ଆକ୍ସିସ ନିଫ୍ଟି ୫୦୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ କରାଯାଇଛି। ଏହା ନିଫ୍ଟି ୫୦୦ କ୍ୱାଲିଟି ୫୦ ଟିଆରଆଇକୁ ଟ୍ରାକ କରିବ। ଏହି ଫଣ୍ଡକୁ ଫଣ୍ଡ ମ୍ୟାନେଜର କାର୍ତିକ କୁମାର ଓ ହିତେଶ ଦାସ ପରିଚାଳନା କରିବେ। ଆକ୍ସିସ ଏଏମସିର ଏମଡି ଓ ସିଇଓ ବି ଗୋପକୁମାର କହିଛନ୍ତି ଯେ, ଦଗୁଣାତ୍ମକ ମାନ ହେଉଛି ସମୟ ପରିକ୍ଷୀତ ନିବେଶ ବିଷୟ ଯାହା ବଜାରର ଅସ୍ଥିରତା ସମୟରେ କେବଳ ସ୍ଥିରତା ପ୍ରଦାନ କରିବ ନାହିଁ, ବରଂ ଅଭିବୃଦ୍ଧି ବଜାୟରେ ଉଚ୍ଚ ରିଟର୍ଣ୍ଣ ହାସଲ କରିବାର କ୍ଷମତା ମଧ୍ୟ ପ୍ରଦାନ କରିଥାଏ। ଆକ୍ସିସ ନିଫ୍ଟି ୫୦୦ କ୍ୱାଲିଟି ୫୦ ଇଣ୍ଡେକ୍ସ ଫଣ୍ଡ ସହିତ ଆମେ ନିବେଶକମାନଙ୍କୁ ଭାରତର ଦୃଢ଼ କମ୍ପାନିଗୁଡ଼ିକ ଜରିଆରେ ଲାଭ ହାସଲ କରିବା ପାଇଁ ଏକ ଶୃଙ୍ଖଳିତ, ସୁଲଭ ଓ ସ୍ୱଚ୍ଛ ଉପାୟ ପ୍ରଦାନ କରୁଛୁ। ଏହି କମ୍ପାନିଗୁଡ଼ିକ ଦୀର୍ଘକାଳୀନ ଭିତିରେ ଅପେକ୍ଷାକୃତ ସ୍ଥିର ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ରହିଛନ୍ତି। ଆକ୍ସିସ ଏଏମସିର ସିଆଇଓ ଆଶିଷ ଗୁପ୍ତା କହିଛନ୍ତି ଯେ, ଗୁଣାତ୍ମକ କମ୍ପାନିଗୁଡ଼ିକ ମୁଖ୍ୟତଃ ଦୃଢ଼ ଆୟ ସମ୍ଭାବନା ସହିତ ଦୃଢ଼ ବାଲାନ୍ସ ସିଟ ଓ ସ୍ଥାୟୀ ପ୍ରତିଯୋଗିତାପୂର୍ଣ୍ଣ ଲାଭର ମିଶ୍ରଣ କରିଥାନ୍ତି। ଏହି ସୂଚୀରେ ସ୍ଥାନ ପାଇଥିବା କମ୍ପାନିଗୁଡ଼ିକୁ ସେମାନଙ୍କ ଇକ୍ୱିଟି ଉପରେ ରିଟର୍ଣ୍ଣ (ଆରଓଇ), ଆର୍ଥିକ ଲେଭରେଜ (ଡେବଟ/ଇକ୍ୱିଟି ଅନୁପାତ) ଏବଂ ଆୟ ଅଭିବୃଦ୍ଧି (ଇପିଏସ) ଆଧାରରେ ଚୟନ କରାଯାଇଛି।



ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ ଦଳର ନୂତନ ଟେଷ୍ଟ ଅଧିନାୟକ ଶବମନ ଗିଲଙ୍କୁ ନେଇ ଏକ ଚିନ୍ତାଜନକ ଖବର ଆସୁଛି। ସୂଚନା ଅନୁଯାୟୀ, ଇଂଲଣ୍ଡର ସଫଳ ଗସ୍ତରୁ ଫେରିବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଛି। ଶୁବମନ ବର୍ତ୍ତମାନ ଅସୁସ୍ଥ ଅଛନ୍ତି ଏବଂ ଚଣ୍ଡିଗଡ଼ରେ ତାଙ୍କ ଘରେ ବିଶ୍ରାମ ନେଉଛନ୍ତି। ସେ ୧ ବର୍ଷ ପରେ ଟି-୨୦ ଦଳକୁ ଫେରିଛନ୍ତି ଏବଂ ଆସନ୍ତା ମାସରେ ହେବାକୁ ଥିବା ଏସିଆ କପ ପାଇଁ ତାଙ୍କୁ ଦଳର ଉପ-ଅଧିନାୟକ କରାଯାଇଛି। ଅଗଷ୍ଟ ୧୯ରେ ହିଁ ମୁଖ୍ୟ ଚୟନକର୍ତ୍ତା ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଏସିଆ କପ ୨୦୨୫ ପାଇଁ ଭାରତର ୧୫ ଜଣିଆ ଦଳ ଘୋଷଣା କରିଥିଲେ। କ୍ରିକବଜ ଅନୁଯାୟୀ, ଶୁବମନ ନିକଟରେ ଫିଜିଓ ପରୀକ୍ଷା କରିଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ଗୋଟିଏ ଦିନ ପୂର୍ବରୁ ବିସିସିଆଇକୁ ସୂଚନା ଦିଆଯାଇଥିଲା। ୨୫ ବର୍ଷୀୟ ଗିଲ ଭାରତର ଟି-୨୦ ଦଳକୁ ଉପ-ଅଧିନାୟକ ଭାବରେ ଫେରିଛନ୍ତି। ତଥାପି, ଗିଲ ଟୁର୍ନାମେଣ୍ଟ ପାଇଁ ଫିଟ ହୋଇଯିବେ ବୋଲି ଆଶା କରାଯାଉଛି। ଅସୁସ୍ଥତା ଯୋଗୁଁ ସେ ଘରୋଇ କ୍ରିକେଟ ସିଜିନ ଆରମ୍ଭ ହେଉଥିବା ଦିଲୀପ ଟ୍ରଫିରୁ ବାଦ ଦେବେ। ତାଙ୍କୁ ଉତ୍ତର ଜୋନର ଅଧିନାୟକ କରାଯାଇଛି। ଏସିଆ କପ୍ର ଅଂଶ ହୋଇଥିବାରୁ ଗିଲ ରେଡ-ବଲ ଟୁର୍ନାମେଣ୍ଟରୁ ବାଦ ଦେବେ ବୋଲି ଆଶା କରାଯାଉଥିଲା। ଦିଲୀପ ଟ୍ରଫି ୨୦୨୫ ଅଗଷ୍ଟ ୨୮ରେ ଆରମ୍ଭ ହୋଇ ସେପ୍ଟେମ୍ବର ୧୫ରେ ଶେଷ ହେବ। ଏସିଆ କପ ସେପ୍ଟେମ୍ବର ୯ରେ ଆବୁଧାବିରେ ଆଫଗାନିସ୍ତାନ ହଂକଂ ବିପକ୍ଷରେ ଖେଳିବା ପରେ ଆରମ୍ଭ ହେବ। ଏହାର ଅର୍ଥ ହେଉଛି ଯେ ଗିଲ ଦିଲୀପ ଟ୍ରଫିର ପ୍ରଥମ ପର୍ଯ୍ୟାୟରେ ଖେଳିପାରିବେ। ଏବେ ସେ ସମ୍ପୂର୍ଣ୍ଣ ଟୁର୍ନାମେଣ୍ଟରୁ ବଞ୍ଚିତ ହେବେ ବୋଲି ଆଶା କରାଯାଉଛି। ଏପରି ପରିସ୍ଥିତିର ଆଶଙ୍କା କରି ଉତ୍ତର ଜୋନ ଚୟନକର୍ତ୍ତାମାନେ ପୂର୍ବରୁ ଗିଲଙ୍କ ବଦଳ ଭାବରେ ଶୁଭମ ରୋହିଲାଙ୍କୁ ମନୋନୀତ କରିଥିଲେ।

### ବିସିସିଆଇ ଦେଲା ଖୁସି ଖବର

# ଅବସର ନେବେନି କୋହଲି-ରୋହିତ

ନୂଆଦିଲ୍ଲୀ: ସରିଛି ରୋ-କୋ ଜମାନା । ଆଉ ଦେଖିବାକୁ ମିଳିବନି ଜଲୱା । ଏମିତି ଚାଲିଥିଲା ଅନେକ ଚର୍ଚ୍ଚା । କାରଣ ଆଇପିଏଲ୍ ୨୦୨୫ରେ, ଭାରତୀୟ ଦଳର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଓ ରୋହିତ ଶର୍ମା ଟେଷ୍ଟ କ୍ରିକେଟରୁ ନେଇଥିଲେ ଅବସର । ଯାହା ସମସ୍ତଙ୍କୁ କରିଥିଲା ଆଶ୍ଚର୍ଯ୍ୟ । ଏବେ ଏହି ଦୁଇ ଖେଳାଳିଙ୍କ ଓଡ଼ିଆଇରୁ ମଧ୍ୟ ଅବସର ନେବାର ଖବର ଆସୁଛି । କିନ୍ତୁ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ ଏ ବିଷୟରେ ନିଜର ନୀରବତା ଭାଙ୍ଗିଛି। ବୋର୍ଡ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା କହିଛନ୍ତି ଯେ ବିରାଟ କୋହଲି ଓ ରୋହିତ ଶର୍ମା ଏପର୍ଯ୍ୟନ୍ତ ଅବସର ନେବାକୁ ଯାଉଛନ୍ତି ନାହିଁ । ସେମାନେ ଏବେ ବି ଟିମ୍ ଇଣ୍ଡିଆ ପାଇଁ ଖେଳିବାର ଦେଖାଯିବେ। ଓଡ଼ିଆଇରେ ଉଭୟଙ୍କର ଏକ ମହାନ ରେକର୍ଡ ରହିଛି। ଯୁପି ଟି୨୦ ଲିଗ୍ ସମୟରେ ଏକ ଟକ୍ ଶୋ'ରେ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଓଡିଆଇ କ୍ରିକେଟରୁ ଅବସର ନେବାର ଆଲୋଚନାକୁ ଖାରଜ କରି କହିଥିଲେ ଯେ ଉଭୟ ଓଡ଼ିଆଇ ଖେଳିବେ । ଟକ୍ ଶୋ' ସମୟରେ, ଜଣେ ଆଙ୍କର ରାଜୀବ ଶୁକ୍ଲାଙ୍କୁ ପଚାରିଥିଲେ ଯେ



ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କୁ ସଚିନ ତେନ୍ଦୁଲକରଙ୍କ ପରି ବିଦାୟ ମିଳିବ କି ? ଏହା ଉପରେ, ବିସିସିଆଇ ଉପାଧ୍ୟକ୍ଷ ପ୍ରଶ୍ନ କରିଥିଲେ ଯେ ଲୋକମାନେ ଉଭୟ ଖେଳାଳିଙ୍କ ବିଷୟରେ ଏତେ ଚିନ୍ତିତ କାହିଁକି ? ଯେତେବେଳେ ସେମାନେ ଏବେ ବି ଓଡିଆଇ ଖେଳୁଛନ୍ତି। ରାଜୀବ ଶୁକ୍ଲା କହିଛନ୍ତି, ନ୍ତସେମାନେ କେବେ ଅବସର ନେଇଥିଲେ । ରୋହିତ ଶର୍ମା ଓ ବିରାଟ କୋହଲି, ଉଭୟ ଏବେ ବି ଡଂଓ ଖେଳୁଛନ୍ତି । ତେଣୁ ଯଦି ସେମାନେ ଏବେ ବି ଖେଳୁଛନ୍ତି ତେବେ ଏବେ ବିଦାୟ ବିଷୟରେ କାହିଁକି କଥା ହେଉଛି ? ତୁମେ ଲୋକମାନେ ଏବେଠାରୁ କାହିଁକି ଚିନ୍ତିତ ହେଉଛ ? ବିସିସିଆଇ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ । ରାଜୀବ ଶୁକ୍ଲା ଆହୁରି କହିଛନ୍ତି ଯେ ବିସିସିଆଇ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ। ଏହି ନିଷ୍ପତ୍ତି ସେମାନଙ୍କୁ ନେବାକୁ ପଡିବ। ବିସିସିଆଇ ଉପାଧ୍ୟକ୍ଷ କହିଛନ୍ତି, ନ୍ତଆମର ନୀତି ବହୁତ ସ୍ପଷ୍ଟ। ବୋର୍ଡ କେବେ କୌଣସି ଖେଳାଳିଙ୍କୁ ଅବସର ନେବାକୁ କୁହେ ନାହିଁ। ତାଙ୍କୁ ନିଜର ନିଷ୍ପତ୍ତି ନେବାକୁ ପଡିବନ୍ତ। ଟକ୍ ଶୋ' ସମୟରେ ରାଜୀବ ଶୁକ୍ଲା କହିଥିଲେ ଯେ ଟିମ୍ ଇଣ୍ଡିଆର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ବିରାଟ କୋହଲି ଏବେ ବି ସବୁଠାରୁ ଫିଟ୍ ଖେଳାଳିଙ୍କ ମଧ୍ୟରୁ ଜଣେ । ରୋହିତ ଶର୍ମା ଜଣେ ମହାନ ଏକଦିବସୀୟ ଖେଳାଳି। ସେ ପ୍ରଶଂସକମାନଙ୍କୁ କହିଥିଲେ ଯେ ଏହି ଦୁଇ ଖେଳାଳିଙ୍କ ଅବସର ବିଷୟରେ ଚିନ୍ତା କରନ୍ତୁ ନାହିଁ। ଯେତେବେଳେ ସେହି ସମୟ ଆସିବ, ଆମେ ଆପଣଙ୍କୁ କହିବୁ ଯେ ଏହା କିପରି କରିବେ ? ଆପଣମାନେ ବର୍ତ୍ତମାନ ଅବସର ବିଷୟରେ କଥା ହେଉଛନ୍ତି, ଯେତେବେଳେ କୋହଲି ବର୍ତ୍ତମାନ ବହୁତ ଫିଟ୍ ଅଛନ୍ତି ଏବଂ ସେ ଭଲ ପ୍ରଦର୍ଶନ କରୁଛନ୍ତି। ରୋହିତ ଶର୍ମା ବହୁତ ଭଲ ଖେଳୁଛନ୍ତି। ଆପଣମାନେ ତାଙ୍କ ଅବସର ବିଷୟରେ ଅନାବଶ୍ୟକ ଭାବରେ ଚିନ୍ତିତ। ବିରାଟ କୋହଲି ଏବଂ ରୋହିତ ଶର୍ମା। ୧୯ ରୁ ୨୫ ଅକ୍ଟୋବର ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ହେବାକୁ ଥିବା ଏକଦିବସୀୟ ସିରିଜରେ ଖେଳିବେ। ଟି-୨୦ ଏବଂ ଟେଷ୍ଟରୁ ଅବସର ନେବା ପରେ, ଏକଦିବସୀୟରୁ ଅବସର ନେବା ଖବର ସୋସିଆଲ ମିଡିଆରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। କିଛି ଲୋକ କହିଛନ୍ତି ଯେ ଅଷ୍ଟ୍ରେଲିଆ ଗସ୍ତ ଏହି ଦୁଇ ଖେଳାଳିଙ୍କ ଶେଷ ଗସ୍ତ ହୋଇପାରେ। ତଥାପି, ରୋହିତ ଶର୍ମା ଏବଂ ବିରାଟ କୋହଲି ପ୍ରଶିକ୍ଷଣ ଆରମ୍ଭ କରି ଏହି ଗୁଜବର ଅନ୍ତ ଘଟାଇଛନ୍ତି। ରିପୋର୍ଟ ଅନୁସାରେ, ବିସିସିଆଇ ଏହି ବିଷୟରେ ଶାନ୍ତ ଅଛି ଏବଂ ଏହି ଷ୍ଟାର ବ୍ୟାଟସମ୍ୟାନଙ୍କ ଭବିଷ୍ୟତ ବିଷୟରେ ନିଷ୍ପତ୍ତି ନେବାକୁ ଶୀଘ୍ର ନୁହେଁ।

## ଏସିଆ କପ୍ରେ ପାକିସ୍ତାନ କ୍ରିକେଟ ମ୍ୟାଚ୍ ନେଇ ମୋଦିଙ୍କୁ ଚିଠି ଲେଖିଲେ ସଞ୍ଜୟ



ନୂଆଦିଲ୍ଲୀ: ଶିବସେନା ଏମପି ସଞ୍ଜୟ ରାଉତ ଜମ୍ମୁ-କଶ୍ମୀରର ପହଲଗାମରେ ସମ୍ପ୍ରତି ଘଟିଥିବା ଆତଙ୍କବାଦୀ ଆକ୍ରମଣକୁ ଉଦ୍ଧୃତ କରି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏସିଆ କପ କ୍ରିକେଟ ମ୍ୟାଚ ଉପରେ କଡ଼ା ଆପତ୍ତି ଉଠାଇଛନ୍ତି। ସେ ଏହି ପ୍ରସଙ୍ଗରେ ନିଜର ଅସନ୍ତୋଷ ପ୍ରକାଶ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ରାଉତ ଚିଠିରେ ଲେଖିଛନ୍ତି ଯେ ପହଲଗାମ ଆକ୍ରମଣରେ ପ୍ରାଣ ହରାଇଥିବା ଭାରତୀୟଙ୍କ ରକ୍ତ ଏପର୍ଯ୍ୟନ୍ତ ଶୁଖିନାହିଁ ଏବଂ ସେମାନଙ୍କ ପରିବାରର ଲୁହ ଏପର୍ଯ୍ୟନ୍ତ ବନ୍ଦ ହୋଇନାହିଁ, ଏପରି ପରିସ୍ଥିତିରେ ପାକିସ୍ତାନ ସହିତ କ୍ରିକେଟ ମ୍ୟାଚ ଖେଳିବା ଏକ ଅମାନବୀୟ ଏବଂ ଅସମ୍ବେଦନଶୀଳ ପଦକ୍ଷେପ ହେବ। ଶିବସେନା (ଟଇଞ୍ଜ) ଏମପି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠିରେ କହିଛନ୍ତି ଯେ ଏସିଆ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଭାରତ-ପାକିସ୍ତାନ ମ୍ୟାଚ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସବୁଜ ସଙ୍କେତ ଦେବା ଖବର ଭାରତୀୟଙ୍କ ପାଇଁ ଅତ୍ୟନ୍ତ ଦୁଃଖଦ। ସ୍ପଷ୍ଟ ଭାବରେ, ପ୍ରଧାନମନ୍ତ୍ରୀ ଏବଂ ଗୃହ ମନ୍ତ୍ରଣାଳୟର ଅନୁମୋଦନ ବିନା ଏହା ସମ୍ଭବ ହୋଇନଥାନ୍ତା। ମୁଁ ଆପଣଙ୍କ ସମ୍ମୁଖରେ ଦେଶଭକ୍ତ ନାଗରିକଙ୍କ ଭାବନା ପ୍ରକାଶ କରୁଛି। ସଞ୍ଜୟ ରାଉତ କହିଛନ୍ତି ଯେ ଆପଣ କହୁଛନ୍ତି ଯେ ପାକିସ୍ତାନ ବିରୁଦ୍ଧରେ ଅପରେଶନ ସିନ୍ଦୂର ଶେଷ ହୋଇନାହିଁ। ଯଦି ବିବାଦ ଏବେ ବି ଚାଲିଛି, ତେବେ ଆମେ ପାକିସ୍ତାନ ସହିତ କ୍ରିକେଟ କିପରି ଖେଳିପାରିବୁ? ପହଲଗାମ ଆକ୍ରମଣ ଏକ ପାକିସ୍ତାନୀ ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା କରାଯାଇଥିଲା ଯାହା ୨୬ ଜଣ ମହିଳାଙ୍କ ସିନ୍ଦୂର ପୋଛି ଦେଇଥିଲା। ଆପଣ କ'ଣ ସେହି ମା' ଏବଂ ଭଉଣୀମାନଙ୍କ ଭାବନା ବିଷୟରେ ଭାବିଛନ୍ତି ? ଯଦି ଆମେ ପାକିସ୍ତାନ ସହିତ କ୍ରିକେଟ ଖେଳିବୁ ନାହିଁ, ତେବେ ରାଷ୍ଟ୍ରପତି ଟ୍ରମ୍ପ ବାଣିଜ୍ୟ ବନ୍ଦ କରିବାକୁ ଧମକ ଦେଇଛନ୍ତି କି? ଆପଣ କହିଥିଲେ ଯେ ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ। ଏବେ, କ'ଣ ରକ୍ତ ଏବଂ କ୍ରିକେଟ ଏକାଠି ପ୍ରବାହିତ ହେବ ? ଏମିତି କିଛି ପ୍ରଶ୍ନର ଉତ୍ତର ଚାହିଁଛନ୍ତି ରାଉତ। ପାକିସ୍ତାନ ବିପକ୍ଷ ମ୍ୟାଚ ଉପରେ ବ୍ୟାପକ ବାଜି ଏବଂ ଅନଲାଇନ ଜୁଆ ଚାଲିଛି, ଯେଉଁଥିରେ ଅନେକ ଭାଜପା ସଦସ୍ୟ ସାମିଲ ଥିବା ଜଣାପଡ଼ିଛି। ଗୁଜରାଟର ଜଣେ ପ୍ରମୁଖ ବ୍ୟକ୍ତି ଜୟ ଶାହ ବର୍ତ୍ତମାନ କ୍ରିକେଟ ବ୍ୟାପାର ଦାୟିତ୍ୱରେ ଅଛନ୍ତି। ଏଥିରୁ ଭାଜପା କ'ଣ କୌଣସି ବିଶେଷ ଆର୍ଥିକ ଲାଭ ପାଇଥାଏ ? ସେ ଆହୁରି କହିଛନ୍ତି ଯେ ପାକିସ୍ତାନ ସହିତ କ୍ରିକେଟ ଖେଳିବା କେବଳ ଆମର ସୈନିକଙ୍କ ବୀରତ୍ୱର ଅପମାନ ନୁହେଁ ବରଂ ଶ୍ୟାମା ପ୍ରସାଦ ମୁଖାର୍ଜୀ ସମେତ କଶ୍ମୀର ପାଇଁ ପ୍ରାଣବଳି ଦେଇଥିବା ପ୍ରତ୍ୟେକ ସହିଦଙ୍କ ପ୍ରତି ମଧ୍ୟ ଅପମାନ। ଏହି ମ୍ୟାଚଗୁଡ଼ିକ ଦୁବାଇରେ ଅନୁଷ୍ଠିତ ହେଉଛି। ଯଦି ଏଗୁଡ଼ିକ ମହାରାଷ୍ଟ୍ରରେ ହୋଇଥାନ୍ତା, ତେବେ ବାଲାସାହେବ ଠାକରେଙ୍କ ଶିବସେନା ସେମାନଙ୍କୁ ବାଧା ଦେଇଥାନ୍ତା। ହିନ୍ଦୁତ୍ୱ ଏବଂ ଦେଶପ୍ରେମ ଅପେକ୍ଷା ପାକିସ୍ତାନ ସହିତ କ୍ରିକେଟକୁ ପ୍ରାଥମିକତା ଦେଇ ଆପଣ ଦେଶର ଲୋକଙ୍କ ଭାବନାକୁ ତୁଚ୍ଛ କରୁଛନ୍ତି। ଶିବସେନା ଆପଣଙ୍କ ନିଷ୍ପତ୍ତିକୁ ନିନ୍ଦା କରୁଛି।

## ଅନ୍ତର୍ଜାତୀୟ ବ୍ୟାଡ଼ମିଣ୍ଟନ ଡବଲ୍ସରେ ଚମକିଲେ ମୟୁରଭଞ୍ଜର ଆୟୁଷ



ବାରିପଦା (ଭାସ୍କର ନ୍ୟୁଜ୍): ଘାନାର ଆକ୍ରାଠାରେ ଅନୁଷ୍ଠିତ ଘାନା ଗ୍ରାଣ୍ଡ ସ୍ଲାମ-୨୦୨୫ ରେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିବା ଦୁଇ ଖେଳାଳି ରନର୍ସ ଅପ୍ ହୋଇ ଭାରତ, ଓଡିଶା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ଜୁଲାଇ ୨୮ ରୁ ଚଳିତ ମାସ ୧୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ବେଡ଼ମିଣ୍ଟନ ପ୍ରତିଯୋଗିତାରେ ମୟୁରଭଞ୍ଜର ଆୟୁଷ ପଟ୍ଟନାୟକ ଓ ଅନୁଗୁଳର ଅବିନାଶ ମହାନ୍ତିଙ୍କ ଯୋଡ଼ି ଫାଇନାଲ ମ୍ୟାଚରେ ଇଣ୍ଡୋନେସିଆର ପୁଲୁଙ୍ଗ ରାମଧାନ ଓ ଅଂଶେଲମୁସ ବ୍ରେଗିଡ ଫ୍ରେଡିଙ୍କ ଯୋଡିଠାରୁ ୧୧-୨୧ ଓ ୧୩-୨୧ ସେଟରେ ପରାସ୍ତ ହୋଇ ରନର୍ସ ଅପ ହେବା ସହ ରୌପ୍ୟ ପଦକ ହାସଲ କରିଛନ୍ତି । ଏହି ସଫଳତା ପାଇଁ ଜିଲ୍ଲାପାଳ ହେମାକାନ୍ତ ସଞ୍ଜୟ, ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ, ବ୍ୟାଡ଼ମିଣ୍ଟନ ଏସୋସିଏସନର ସମ୍ପାଦକ ବିଭୁତିଭୂଷଣ ଦାସ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି । ଆୟୁଷଙ୍କ ସଫଳତା ଯୁବ ବ୍ୟାଡ଼ମିଣ୍ଟନ ଖେଳାଳିଙ୍କ ମଧ୍ୟରେ ପ୍ରେରଣା ଯୋଗାଇଦେବ ବୋଲି ସମ୍ପାଦକ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ପ୍ରକାଶ ଥାଉକି ବାରିପଦା ମୁନିସିପାଲିଟି ଅନ୍ତର୍ଗତ ବେଲଗଡ଼ିଆର ଆୟୁଷ ଇଣ୍ଡୋର ଷ୍ଟାଡିୟମରେ କୋଚ ବିଭୁତି ଭୂଷଣଙ୍କଠାରୁ ଖେଳ ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଉନ୍ନତମାନର ଖେଳ ପ୍ରଦର୍ଶନ କରି ବହୁବାର ପୁରସ୍କୃତ ହୋଇଛନ୍ତି ।

## ମୁମ୍ବାଇ ଟ୍ରାଫିକ୍‌ରେ ଫସିଗଲେ ରୋହିତ

ମୁମ୍ବାଇ: ଭାରତୀୟ ଦଳର ହାର୍ଡ ହିଟର ରୋହିତ ଶର୍ମା । ରୁହନ୍ତି ମାୟାନଗରୀ ମୁମ୍ବାଇ ତାଙ୍କ ଜନ୍ମସ୍ଥାନରେ । ଅନେକ ବାର ସେ ମୁମ୍ବାଇ ଟ୍ରାଫିକ୍‌ରେ ଫସିଥିବାର ଦେଖିବାକୁ ମିଳିଥାଏ । ବେଳେ ବେଳେ ସେ ମୁମ୍ବାଇର ଟ୍ରାଫିକରେ ବହୁତ ବିରକ୍ତ ହେଉଥିବାର ଦେଖିବାକୁ ମିଳିଛି। ସୋସିଆଲ ମିଡିଆରେ ପୋଷ୍ଟ ବି କରନ୍ତି । ତେବେ ଆଜି କିନ୍ତୁ ଟ୍ରାଫିକ୍‌ରେ ଫସି ବି ଖୁସି ଥିଲେ ଶର୍ମା ଜି କେ ବେଟା । ଯାହାର ଭିଡିଓ ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି । ସୂଚନା ଥାଉକି, ରୋହିତ ଶର୍ମାଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଯେଉଁଥିରେ ସେ ଏହି ଭିଡିଓରେ ରୋହିତ ଶର୍ମା ତାଙ୍କ ନୂତନ ଲାମ୍ବୋର୍ଗିନୀ କାରରେ ବସି ଟ୍ରାଫିକ କମିବା ପାଇଁ ଅପେକ୍ଷା କରିଥିବାର ଦେଖିବାକୁ ମିଳିଛି । ତାଙ୍କ ସହିତ ଆଉ ଜଣେ ବ୍ୟକ୍ତି ମଧ୍ୟ ବସିଛନ୍ତି, ଯାହାଙ୍କ ସହ ରୋହିତ ଶର୍ମା କଥା ହେଉଛନ୍ତି । କିନ୍ତୁ, ଏହି ସମୟରେ ରୋହିତ ନଜର ପଡିଥିଲା ଜଣେ ପ୍ରଶଂସକଙ୍କ ଉପରେ । ପ୍ରଶଂସକ ତାଙ୍କର ଭିଡିଓ କରୁଛନ୍ତି । ଆଉ ସେ ରେସ୍ ?ପଣ୍ଡ ବି କରିଥିଲେ । ଭାରତୀୟ ଖେଳାଳି ଏପରି କିଛି କଲେ ଯାହା ପ୍ରଶଂସକଙ୍କୁ ବହୁତ ଖୁସି କରିଦେଲା। ଯାହାକୁ ସେ ଭାଇରାଲ ବି କରିଦେଲେ । ଟ୍ରାଫିକରେ ଫସି ରହିଥିବା ରୋହିତ ଶର୍ମା ଦେଖିଥିଲେ ଯେ ତାଙ୍କ ପ୍ରଶଂସକ ତାଙ୍କର ଭିଡିଓ କରୁଛନ୍ତି । ସଂଗେ ସଂଗେ ସ୍ମାଇଲିଂ ଫେସ୍‌ରେ ସେ ଥମ୍ ଦେଖାଇଲେ । ଏହି ଭିଡିଓର କ୍ୟାପସନରେ ଲେଖାଥିଲା, ନ୍ତରୋହିତ ଶର୍ମା ତାଙ୍କ ନୂତନ ଲାମ୍ବୋର୍ଗିନି ସହିତ ମୁମ୍ବାଇ ଟ୍ରାଫିକରେ ଫସି ରହିଥିଲେ । ଟ୍ରେନିଂ ସାରି ସେ ଘରକୁ ଫେରୁଥିଲେ। ଆହୁରି ବି କ୍ୟାପସନରେ ଲେଖାଥିଲା ଗୋଲଡେନ ହାର୍ଟ ଥିବା ଜଣେ ବ୍ୟକ୍ତି, ରୋହିତ ଶର୍ମା।

## ଉତ୍କଳ ସ୍ପୋର୍ଟସ ମିଟ୍‌ର କରାଟେ ପ୍ରତିଯୋଗିତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ସ୍ଥାନୀୟ ଉତ୍କଳ କରାଟେ ସ୍କୁଲନର ୪୫ତମ ଜନ୍ମ ବାର୍ଷିକ ଅବସରରେ ଉତ୍କଳ ସ୍ପୋର୍ଟସ ମିଟ୍ ଆନୁକୁଲ୍ୟରେ କରାଟେ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ କରାଟେର ଦୁଇଥର ବିଶ୍ୱ ଚମ୍ପିୟନ୍ ସେନ୍‌ସ ଆମିର, ମେହଦିଜାଦେ ଓ ସେନ୍‌ସର ସନ୍ଦିପ୍ ଗାଡ଼େ, ମହାରାଷ୍ଟ୍ର କରାଟେ ସଂଘ ସମ୍ପାଦକ ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଭୁବନେଶ୍ୱର ଓ କଟକର ଉତ୍କଳ କରାଟେ ସ୍କୁଲ୍ ଶାଖାର ଛୋଟପିଲା ମଧ୍ୟରେ ହୋଇଥାଏ। ଚଳିତ ପ୍ରତିଯୋଗିତାରେ ୪୫୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଏହି ପ୍ରତିଯୋଗିତା ଆସନ୍ତାକାଲି ଉଦ୍‌ଯାପିତ ହେବ।

## ଟିମ୍ ଇଣ୍ଡିଆରୁ ବିଦା ହେଲେ ମସାଜର ରାଜୀବ କୁମାର

ନୂଆଦିଲ୍ଲୀ: ଏସିଆ କପ ପୂର୍ବରୁ ଟିମ ଇଣ୍ଡିଆକୁ ବଡ଼ ଝଟ୍‌କା ଲାଗିଛି। ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ ୧୫ ବର୍ଷ ଧରି ଦଳ ସହିତ ଜଡିତ ଥିବା ଜଣେ ସପୋର୍ଟ ଷ୍ଟାଫଙ୍କୁ ବହିଷ୍କାର କରିଛି। ବୋର୍ଡ ତାଙ୍କ ଚୁକ୍ତିକୁ ବୃଦ୍ଧି କରିନାହିଁ। ପୂର୍ବତନ ବ୍ୟାଟିଂ ପ୍ରଶିକ୍ଷକ ଅଭିଷେକ ନାୟାର ଏବଂ ଶକ୍ତି ଏବଂ କଣ୍ଡିସନିଂ ପ୍ରଶିକ୍ଷକ ସୋହମ ଦେଶାଇଙ୍କ ପରେ, ଆଉ ଜଣେ ସପୋର୍ଟ ଷ୍ଟାଫଙ୍କୁ ବାହାରର ରାସ୍ତା ଦେଖାଇ ଦିଆଯାଇଛି। ଏହି ସପୋର୍ଟ ଷ୍ଟାଫ ଟିମ ଇଣ୍ଡିଆର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ ଏବଂ ଇଂଲଣ୍ଡ ଗସ୍ତ ସମୟରେ ଦଳ ସହ ଉପସ୍ଥିତ ଥିଲେ, କିନ୍ତୁ ଏସିଆ କପ ସମୟରେ ମସାଜ ଥେରାପିଷ୍ଟ ରାଜୀବଙ୍କୁ ଦଳ ସହ ଦେଖାଯିବ ନାହିଁ। ରାଜୀବ ପ୍ରାୟ ୧୫ ବର୍ଷ ଧରି ଟିମ ଇଣ୍ଡିଆ ସହ ଜଡିତ ଥିଲେ। ଯେତେବେଳେ ଦଳର ଖେଳାଳିମ କ୍ଲାନ୍ତ ହେଉଥିଲେ, ରାଜୀବ ସେମାନଙ୍କୁ ମାଲିସ କରି ଥକ୍କାପଣ ଦୂର କରୁଥିଲେ। ସପୋର୍ଟ ଷ୍ଟାଫ୍ ସହିତ ଦୀର୍ଘ ସମୟ ରହିବା ଦ୍ୱାରା ସମସ୍ତ ଖେଳାଳିଙ୍କ ସେମାନଙ୍କ ସହିତ ଘନିଷ୍ଠତା ବୃଦ୍ଧି ପାଏ। ରାଜୀବ ସବୁବେଳେ ହସୁଥିଲେ ଏବଂ ବାଉଣ୍ଡ୍ରୀ ନିକଟରେ ଥିବା ଖେଳାଳିମାନଙ୍କ ଉପରେ ନଜର ରଖୁଥିଲେ। ମ୍ୟାଚ ଶେଷ ହେବା ପରେ, ଖେଳାଳିମାନେ ପ୍ରଥମେ ରାଜୀବଙ୍କ ପାଖକୁ ଯାଇ ମସାଜ ମାଧ୍ୟମରେ ଥକାପଣ ଦୂର କରୁଥିଲେ।

## ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍‌ରେ ଆରଏସପିର ଉତ୍କର୍ଷ ପ୍ରଦର୍ଶନ

ରାଉରକେଲା( ଭାସ୍କର ନ୍ୟୁଜ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପାୱାରଲିଫ୍ଟିଂ ଦଳ ଜାମସେଦପୁରରେ ଅନୁଷ୍ଠିତ ଜାତୀୟ ପାୱାରଲିଫ୍ଟିଂ ଚାମ୍ପିଅନସିପ୍ ୨୦୨୫ ରେ ବହୁ ପଦକ ଜିତି ରାଉରକେଲା ପାଇଁ ଗୌରବ ଆଣିଦେଇଛି । ଆରଏସପିର ଏମଆରଡ଼ି ବିଭାଗର ଜିଏମ ସନ୍ତୋଷ ଭୂୟାଁ ମାଷ୍ଟର-୨, ୮୩ କିଲୋଗ୍ରାମ ବର୍ଗ (ବେଞ୍ଚ ପ୍ରେସ୍) ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଆରଏସପି ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ପ୍ରଭାବଶାଳୀ ପ୍ରଦର୍ଶନ କରିଥିଲେ। ପ୍ରଦ୍ୟୁମ୍ନ ଭୂତିଆ ମାଷ୍ଟର-୨, ୭୪ କିଲୋଗ୍ରାମ ବର୍ଗ (ବେଞ୍ଚ ପ୍ରେସ୍)ରେ କାଂସ୍ୟ ପଦକ ଜିତିଥିଲେ । ଆଶିଷ ମହାପାତ୍ର ୧୨୦ କିଲୋଗ୍ରାମ ଜୁନିଅର ଶ୍ରେଣୀରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ସୁଶ୍ରୀ ବନାନୀ ବିଶ୍ୱାସ ସିନିୟର, ୬୩ କିଲୋଗ୍ରାମ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ଏବଂ ଭାରତର ଶକ୍ତିଶାଳୀ ମହିଳା ଭାବରେ ବିବେଚିତ ହୋଇଥିଲେ। ଜାତୀୟ ସ୍ତରରେ ଆରଏସପି ଦଳର ପ୍ରଶଂସନୀୟ ସଫଳତା ପୁଣି ଥରେ ପ୍ଲାଣ୍ଟର ଦୃଢ଼ କ୍ରୀଡା ସଂସ୍କୃତି ଏବଂ ସପ ବାହାରେ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ମାଥିଲି ଜଗନ୍ନାଥ କପେ ଉଦ୍‌ଯାପିତ, ୩ ଗୋଲ ସହ କରାପାଲ୍ଲୀ ଦଳ ବିଜୟୀ



ମାଥିଲି(ଭାସ୍କର ନ୍ୟୁଜ): ମାଥିଲି ଜଗନ୍ନାଥ୍ କପେ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଉଦଯାପନୀ ଫାଇନାଲ୍ ମ୍ୟାଚ୍ ଶନିବାର କରାପାଲ୍ଲୀ ଓ ଦୁର୍ଗାଯୋଡ଼ି ଦଳଙ୍କ ମଧ୍ୟରେ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହୋଇଥିଲା। ତିନି ଗୋଲ୍ କରାପାଲ୍ଲୀ ଦଳ ବିଜୟୀ ହୋଇଥିଲା। ଏହି ଉଦଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ଲକ୍ଷ୍ମୀପ୍ରିୟା ନାୟକ ଯୋଗଦେଇଥିଲେ। ସ୍ୱର୍ଗତ କପେଙ୍କ ପରିବାର ସହିତ କୃପା କପେ, ସମ୍ମାନୀତ ଅତିଥି ସମିତି ମେମ୍ବର ବାଲାରାଜୁ କପେ, ବରିଷ୍ଠ ଖେଳାଳି ରହିମ ଖାନ, ମିଡିଆ ବନ୍ଧୁ ବସନ୍ତ ସଗରିଆ, ଓ ପରିଚାଳନା କମିଟି ସଦସ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ପରିଚାଳନା କମିଟିଙ୍କ ସୁନ୍ଦର ପରିଚାଳନାରୁ ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବା କୁହାଯାଇଛି।


## କ୍ଲଷ୍ଟରସ୍ତରୀୟ କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା



ଡେରାବିଶ(ଭାସ୍କର ନ୍ୟୁଜ): ଡେରାବିଶ ବ୍ଲକ ଅନ୍ତର୍ଗତ କୁସୁନୁପୁର ଉପମଣ୍ଡଳ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଆନୁକୂଲ୍ୟରେ ବାଲିଆ ସ୍ଥିତ ବାବା ସନାତନ ବିଦ୍ୟାପୀଠରେ ଚଳିତ ୨୦୨୫-୨୬ ବର୍ଷର କ୍ରୀଡ଼ା ଓ ଦୌଡ଼କୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କୁସୁନୁପୁର ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା କୁସୁନୁପୁର ଜୋନ୍‌ର ସଭାପତି ଅନୀତା ଜେନା କ୍ରୀଡ଼ା ପତାକା ଉତୋଳନ କରି ଏହି କ୍ରୀଡ଼ା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଉପ-ମଣ୍ଡଳର ସମ୍ପାଦକ ସୁବ୍ରତ ଦାସ ଚଳିତବର୍ଷର କ୍ରୀଡ଼ା ବିବରଣୀ ପାଠ କରିଥିଲା ବେଳେ ବ୍ଲକ କ୍ରୀଡ଼ା ସମ୍ପାଦକ ଶିକ୍ଷକ ମଧୁସୂଦନ ଦାଶ ସଭା ପରିଚାଳନା ସହ ସ୍ୱାଗତଭାଷଣ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ପ୍ରତିଯୋଗିତାରେ ଉପମଣ୍ଡଳ ଅନ୍ତର୍ଗତ ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ୧୨୬ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦୌଡ଼କୁଦ, ଯୋଗ, ଚେସ୍, ବ୍ୟାଡ଼ମିଂଟନ୍, ଭଲିବଲ୍, କବାଡ଼ି, ଖୋ-ଖୋ, କ୍ରିକେଟ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତୀ ପ୍ରତିଯୋଗୀମାନଙ୍କୁ ବ୍ଲକ ସ୍ତରୀୟ ପ୍ରତିଯୋଗିତା ନିମନ୍ତେ ଚୟନ କରାଯାଇଥିଲା । ଏହି କ୍ରୀଡ଼ା ପ୍ରତିଯୋଗିତାକୁ କ୍ରୀଡ଼ା ଶିକ୍ଷୟିତ୍ରୀ ସୀମାରାଣୀ ନାୟକ, ଧନଞ୍ଜୟ ଦାସ, ସୁଶ୍ରୀ ସଂଗୀତା ଜେନା, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ନିରଞ୍ଜନ ଦାସ, ବାନାମ୍ବର ଜେନା ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଉକ୍ତ ପ୍ରତିଯୋଗିତାକୁ ଅନୁଧ୍ୟାନ କରିଥିଲେ ।

## ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ମହୋତ୍ସବ: ସ୍ୱର୍ଣ୍ଣ ଜିତିଲେ ରଶ୍ମିତା

ଶ୍ରୀନଗର/ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଶ୍ରୀନଗରର ଡାଲ୍ ହ୍ରଦରେ ଚାଲିଥିବା ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ମହୋତ୍ସବରେ ଓଡ଼ିଶାର ରଶ୍ମିତା ସାହୁ କାନୋଇଂ ୨୦୦ ମିଟର ଏକକ ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ୫୩.୫୩ ସେକେଣ୍ଡ ସମୟ ନେଇ ରଶ୍ମିତା କେରଳ ଓ ମଧ୍ୟପ୍ରଦେଶର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପଛରେ ପକାଇ ସ୍ୱର୍ଣ୍ଣପଦକ କବ୍‌ଜା କରିଛନ୍ତି। ସ୍ୱଳ୍ପ ବୟସରୁ ନିଜ ପିତାମାତାଙ୍କ ଦୁର୍ଘଟଣା, ମାଆଙ୍କ ପରଲୋକ, ବାପାଙ୍କ ଅସହାୟତା ଓ ଦାରିଦ୍ର୍ୟର ତାଡ଼ନା ଦେଖିବା ସତ୍ତ୍ୱେ ସବୁ ଝଡ଼ଝଞ୍ଜାକୁ ପଛରେ ପକାଇ ରଶ୍ମିତା ପାଇଥିବା ସଫଳତା ପ୍ରତ୍ୟେକ କ୍ରୀଡ଼ାପ୍ରେମୀଙ୍କ ସମେତ ପ୍ରତିଟି ଓଡ଼ିଆଙ୍କୁ ବି ରୋମାଞ୍ଚିତ କରିଛି। ମହାନଦୀର ବହି ଯାଉଥିବା ପାଣିରୁ ଆରମ୍ଭ କରି ଡାଲ୍‌ର ଶୀତଳ ଜଳ ପର୍ଯ୍ୟନ୍ତ ୨୩ ବର୍ଷୀୟା ରଶ୍ମିତାଙ୍କ ସଫଳତାର ଯାତ୍ରା କୌଣସି ସିନେମା କାହାଣୀଠାରୁ କମ୍ ନୁହେଁ। ୨୦୦୨ ମସିହାରେ କଟକ ଚୌଦ୍ୱାରର ଏକ ମତ୍ସ୍ୟଜୀବୀ ପରିବାରରେ ରଶ୍ମିତାଙ୍କ ଜନ୍ମ। ପିଲାବେଳେ ଦୁଇଦୁଇଟି ଶକ୍ତ ପାରିବାରିକ ଧକ୍କା ତାଙ୍କ ଜୀବନରେ ବିପର୍ଯ୍ୟୟ ଆଣିଥିଲା। ତାଙ୍କୁ ମାତ୍ର ୯ ବର୍ଷ ହୋଇଥିଲା ବେଳେ ୨୦୧୧ରେ ତାଙ୍କ ବାପା ଏକ ଦୁର୍ଘଟଣାରେ ଗୁରୁତର



ଆହତ ହୋଇଥିଲେ। ଫଳରେ ୫ ସଦସ୍ୟ ବିଶିଷ୍ଟ ସେମାନଙ୍କ ପରିବାରର ପେଟପାଟଣା ସଂକଟରେ ପଡ଼ିଥିଲା। ଏହାର ୪ ବର୍ଷ ପରେ ୨୦୧୫ରେ ରଶ୍ମିତାଙ୍କ ମାଆ ବି ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜୀବନ ହାରିଥିଲେ। ଏହା ରଶ୍ମିତାଙ୍କ ସମେତ ପୂରା ପରିବାରକୁ ଭାଙ୍ଗି ପକାଇଥିଲା। କଟକ ଜଗତପୁରରେ ସାଇ ପରିଚାଳିତ ଜାତୀୟ ଉତ୍କର୍ଷ ଜଳକ୍ରୀଡ଼ା କେନ୍ଦ୍ରରେ ନାମ ଲେଖାଇଲେ ଖେଳରେ ତାଲିମ ଦିଆଯିବା ସହ ତାଙ୍କୁ ସରକାରଙ୍କ ତରଫରୁ ଭତ୍ତା ମିଳିବ ବୋଲି ରଶ୍ମିତାଙ୍କୁ ତାଙ୍କର ଜଣେ ବନ୍ଧୁ ପରାମର୍ଶ ଦେଇଥିଲେ। ଏହା ଶୁଣିବା ପରେ ଆଉ ଦ୍ୱିତୀୟ ଥର ଚିନ୍ତା ନକରି ରଶ୍ମିତା ତୁରନ୍ତ କାନୋଇଂରେ ନାମଲେଖା ପାଇଁ ଚୟନ ପରୀକ୍ଷା ଦେଇଥିଲେ ଓ ଉତ୍ତୀର୍ଣ୍ଣ ହୋଇଥିଲେ ବୋଲି କହନ୍ତି ରଶ୍ମିତା। ସେବେଠାରୁ ସେ ଆଉ ପଛକୁ ଫେରି ଚାହିଁ ନାହାନ୍ତି। ଉତ୍ତରାଖଣ୍ଡରେ ଅନୁଷ୍ଠିତ ଗତ ଜାତୀୟ କ୍ରୀଡ଼ାରେ, ସେ କାନୋଇଂ ଯୁଗଳ ମହିଳାରେ ରୌପ୍ୟ ଓ କାନୋଇଂ ଏକକ ମହିଳା ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ। ଏହା ପୂର୍ବରୁ, ସେ ଭୋପାଳରେ କାନୋଇଂ ଏକକ ମହିଳା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏକ ଜାତୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବା ପରେ, ରଶ୍ମିତା ଓଡ଼ିଶା ପୁଲିସରେ ନିଯୁକ୍ତି ପାଇଁ ଯୋଗ୍ୟ ହୋଇଥିଲେ। ୨୦୨୪ ମସିହାରୁ ସେ ଜଣେ ପୁଲିସ ଅଧିକାରୀ ଭାବେ କାର୍ଯ୍ୟରତ ଏବଂ ନିଜ ୪ ସଦସ୍ୟ ବିଶିଷ୍ଟ ପରିବାରର ଯତ୍ନନେବାକୁ ବେଶ୍ ସକ୍ଷମ। ନିଜ ପିଲାବେଳର ସଂଘର୍ଷମୟ ଜୀବନକୁ ମନେ ପକାଇ ରଶ୍ମିତା କହନ୍ତି, ଆମେ ଏକ କୁଡ଼ିଆଘରେ ରହୁଥିଲୁ। ଜଣେ ମତ୍ସ୍ୟଜୀବୀଭାବେ ମୋ ବାପାଙ୍କ ରୋଜଗାର ଅତି ସୀମିତ ଥିଲା। କିନ୍ତୁ ଜଳକ୍ରୀଡ଼ାରେ ମୋ କ୍ୟାରିୟର୍ ଆମ ପରିବାରର ସ୍ଥିତିକୁ ବଦଳାଇ ଦେଇଛି। ଏବେ ଆମେ ଭଲଭାବରେ ରହୁଛୁ ଓ ମୁଁ ମୋ ପରିବାର ପାଇଁ ଏକ ଘର ତିଆରି କରୁଛି। ନିଜ ସଫଳତାର ମୁଖ୍ୟ ଶ୍ରେୟ ରଶ୍ମିତା ନିଜ ଜଳକ୍ରୀଡ଼ା ପ୍ରଶିକ୍ଷକ ଲାଇଶ୍ରାମ ଜୋହାନ୍‌ସନ ସିଂହଙ୍କୁ ଦିଅନ୍ତି। ସେ କହନ୍ତି, ଯେତେବେଳେ ମୁଁ ଜାତୀୟ ଇଭେଣ୍ଟରେ ଅଂଶଗ୍ରହଣ କରିବା ଆରମ୍ଭ କଲି, ମୋ ପାଖରେ ଯାତ୍ରା ଓ ଉତ୍ତମ ଖାଦ୍ୟ ପାଇଁ ସମ୍ବଳ ନଥିଲା। ସାର (ପ୍ରଶିକ୍ଷକ) ମୋତେ ଟଙ୍କା ଦେଉଥିଲେ, ଯାହା ଦ୍ୱାରା ମୁଁ ଯାତ୍ରା କରିପାରିବି, ଭଲ ଖାଦ୍ୟ ଖାଇପାରିବି ଓ ଉକ୍ତ ପ୍ରତିଯୋଗିତା ଗୁଡ଼ିକରେ ଭଲ ପ୍ରଦର୍ଶନ କରିପାରିବି। ଅନ୍ତର୍ଜାତୀୟ ଇଭେଣ୍ଟରେ ଭାଗ ନେବା ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ବୋଲି କହିବା ସହ ରଶ୍ମିତା ଏଥି ପାଇଁ ପ୍ରସ୍ତୁତିବେଳେ ସେ କୁମ୍ଭୀରରେ ଭର୍ତ୍ତି ଜଳାଶୟ ଓ ହୀରାକୁଦ ଡ୍ୟାମ୍ ତଳର ପ୍ରଖର ସ୍ରୋତରେ ମହାନଦୀରେ ଅଭ୍ୟାସ କରିଥିବା କହିଛନ୍ତି। ରଶ୍ମିତା ଏବେ ଆସନ୍ତାବର୍ଷ ସେପ୍ଟେମ୍ବର-ଅକ୍ଟୋବରରେ ଜାପାନରେ ହେବାକୁ ଥିବା ୨୦୨୬ ଏସୀୟ କ୍ରୀଡ଼ା ପାଇଁ ପ୍ରସ୍ତୁତି କରୁଛନ୍ତି। ବର୍ତ୍ତମାନ କାଶ୍ମୀରର ପରିବେଶ ଓ ଖାଦ୍ୟକୁ ସେ ବେଶ୍ ଉପଭୋଗ କରୁଥିବା ରଶ୍ମିତା ନିଜ ପ୍ରତିକ୍ରିୟାରେ କହିଛନ୍ତି।



## ତୁମର ହେଉ ଜୟ

✶ ପ୍ରଶାନ୍ତ କୁମାର ଦାଶ

ପାଠଦିଅ ଶାଠଦିଅ
ଭଲ ବୁଦ୍ଧିବି ଦିଅ
ଆଜି ତୁମର ଜନମଦିନେ
ଆମରି ପୂଜା ନିଅ ।।

ହାତରେ ଦିଅ କଲମଟିଏ
ଲେଖିବୁ ବହି ପାଠ
ପାଠ ଶାଠତ ପାଖରେ ଥିଲେ
ହେବୁ ଯେ ଭଲଚାଟ ।।
ସୁନ୍ଦର କରି ପାଠଶାଳାକୁ
ସଜାଇଅଛୁ ହାତେ
ଦୁଃଖକୁ ଭୁଲି ମନହରଷେ
ଆମରି ମନ ମାତେ ।।
ପଢ଼ିବୁ ପାଠ ରଖୁ ଟେକ
ଫୁଟାଇ ଓଠେ ହସ
ତୁମ ଆଶିଷେ ସାରା ସଂସାରେ
ପାଇବୁ ଟେକ ଯଶ ।।
ହେ ଉମାସୁତ ପାଠରଦୂତ
ଆସ ରହିଚୁ ଚାହିଁ
ଫୁଲ ଚନ୍ଦନ ଲଡୁ ନଡିଆ
ରଖିଚୁ ତୁମପାଇଁ ।।
ଆଶିଷଢାଳି ଆମରି ମନୁ
ନାଶ ଅଜ୍ଞାନ ଭୟ
ଆମକୁ ଦେଇ ଜ୍ଞାନର ଦାନ
ତୁମର ହେଉ ଜୟ ।।

*କୁଞ୍ଜର -ସଙ୍ଗଳାଇ, ପିପିଲି, ପୁରୀ*
*ମୋ-୯୬୭୮୮୨୨୧୯୦*



## ବିସମ୍ବାଦ

ସୁଦର୍ଶନ ମହାପାତ୍ର

ସୁନା ମା'ର ମୃତ୍ୟୁ ଖବର ତୁଣ୍ଡରୁ ତୁଣ୍ଡକୁ ଆସି ଆମ କଲୋନୀରେ ପହଞ୍ଚିଯାଇଥିଲା।

ସୁନା ମା'ର ମରଣ ଯଦି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ହୋଇଥାନ୍ତା, କେହି ତା'ର ମରଣକୁ ପ୍ରାଧାନ୍ୟ ଦେଇନଥାନ୍ତେ। ତା'ର ମରଣ ବି ଏମିତି ହଇଚଇ ସୃଷ୍ଟି କରି ନଥାନ୍ତା। ଅବଶ୍ୟ ତା'ର ମୃତ୍ୟୁ ଖବର ପାଇ କଲୋନୀରୁ କେହି ଜଣେ ଯାଇ ତା' ଦୁଆରେ ଠିଆ ହୋଇନଥିଲେ।

ଆନୁମାନିକ ଷାଠିଏ ବର୍ଷ ବୟସ୍କ ସୁନା ମା' ଆତ୍ମହତ୍ୟା କରିଥିଲା ବୋଲି ଜଣାପଡ଼ିଲା ପରେ କାରଣ ଜାଣିବା ପାଇଁ ସମସ୍ତେ ଉତ୍ସୁକତା ପ୍ରକାଶ କରିଥିଲେ। କେବଳ ଏତିକି ଜଣା ପଡିଲା ଯେ ସେ ଦାନାଦାର କିମ୍ବା ପୋକମରା ଔଷଧ ଖାଇବା ଦ୍ୱାରା ମରିଛି। ହେଲେ ମରିବାର ଅସଲ କାରଣ କାହାକୁ ଜଣାନଥିଲା।

ଦୁଇ ଦିନ ପରେ ସୁନା ମା'ର ଆତ୍ମହତ୍ୟାର ସଠିକ କାରଣ ଜଣା ପଡିଲା ଆଉ ଜଣେ କାମବାଲୀ, ଛବି ଠାରୁ। ସେ ହେଉଛି ସୁନା ମା'ର ବଡଭଉଣୀର ଝିଅ ଅର୍ଥାତ୍ ସୁନା ମା'ର ଝିଆରୀ। ସେ ହିଁ ବେଳେ ବେଳେ ସୁନା ମା'ର ସୁଖଦୁଃଖରେ ଠିଆ ହୁଏ। ସୁନା ମା' ବିଷ ପିଇଛି ବୋଲି ଖବର ପାଇ ସେ ହିଁ ନେଇ ଯାଇଥିଲା ବଡ଼ ମେଡ଼ିକାଲ ଏବଂ ସେଇଠି ଦୁଇ ଦିନ ଧରି ଜଗି ରହିଥିଲା ତାକୁ।

ସୁନା ମା' ହେଉ ଅବା ଛବି, ସେମାନଙ୍କର ଜୀବିକା ଅର୍ଜ୍ଜନର ପନ୍ଥା ହେଲା ପରଘରେ ଝାଡୁଦେବା,ବାସନ ମାଜିବା, ଲୁଗାପଟା ସଫା କରିବା ଇତ୍ୟାଦି ଇତ୍ୟାଦି। ଅର୍ଥାତ୍ କାମବାଲୀର ଦାୟିତ୍ୱ ନିର୍ବାହ କରିବା ପୂର୍ବକ ସେମାନଙ୍କୁ ମିଳେ ଚୁକ୍ତି ମୁତାବକ ପ୍ରାପ୍ୟ। ସେତିକି ସମ୍ବଳକୁ ପାଥେୟ କରି ସେମାନେ ଦୈନନ୍ଦିନ ଜୀବନ କାଟନ୍ତି, ଆଉ ଦେଖନ୍ତି ବି କିଛି ସ୍ୱପ୍ନ।

ନୂଆବଜାର ନିକଟସ୍ଥ ଗୋଶାଳା ପାଖଦେଇ ଯେଉଁ କଟକ ପାରାଦୀପ ରେଳ ଲାଇନ ଯାଇଛି, ତାରି କଡରେ ସେମାନଙ୍କର ବସ୍ତି। ଘର କହିଲେ ଗୋଟିଏ ବଖରା ଜଣକା। ଘର ଉପରେ ଆଜବେଷ୍ଟସ ଛାତ। ଏମିତି ଏକ ଘର ଭିତରେ ସେମାନଙ୍କର ସଂସାର ଆଗକୁ ବଢିଛି। ଘର ପିଛା ଭଡା ସହ ଇଲେକ୍ଟ୍ରି ଆଉ ପାଣି ସହିତ ମିଶି ପନ୍ଦର ଶହ ଦେବାକୁ ପଡେ ମାସକୁ। ଘର ମାଲିକଙ୍କ ନାଲି ଆଖିକୁ ସମସ୍ତଙ୍କର ଡର।

ସେଇ ବସ୍ତିରେ ଏକଦା ସୁନା ମା'ର ସଂସାର ଆରମ୍ଭ ହୋଇଥିଲା। ପୁଅ ସୁନାକର ଆଉ ଝିଅ ସୁମତି ବି ତା କୋଳକୁ ଆସିଥିଲେ ସେଇ ଘରେ। ତା ସ୍ୱାମୀ ଟ୍ରଲି ରିକ୍ସାରେ ସିମେଣ୍ଟ ଗୋଦାମରୁ ସିମେଣ୍ଟ ବସ୍ତା ନେଇ ଘରେ ଘରେ ପହଞ୍ଚାଏ। ହେଲେ ମାସରେ ଅଧାଦିନ ସେ କାମ ବନ୍ଦ କରେ। କେବେ ଦେଶୀ ମଦ,କେବେ ହାଣ୍ଡିଆ ତ କେବେ ଅଫିମରେ ଚୁର ରହେ।

ପୁଅ ସୁନାକର ଭେଣ୍ଡିଆ ହେଲା ବେଳକୁ ନିଜ ହାତରେ ଚଉଦ ପା ହେଲା ଏବଂ ବାପା ମା'ଙ୍କ ଠାରୁ ଅଲଗା ରହିଲା ଅନ୍ୟ ବସ୍ତିରେ। ସେଇଠି ବି ସେ ନିଜର ସଂସାର ଗଢିଲା ବାପା ମାଆଙ୍କ ଠୁ ସମ୍ପର୍କ କାଟି। ସାନ ଭଉଣୀ ସହିତ ବାପା ମାଆଙ୍କୁ କିଏ ଅଯଥାରେ ପୋଷିବ ଏ ମହରଗ ଦୁନିଆରେ ?

ସୁନା ମା'ର ସ୍ୱାମୀ କ୍ରମେ ଶିଥିଳ ପଡିଆସିଥିଲା ଏବଂ ହାତ ଗୋଡ ଗଣ୍ଠିବାତରେ କଷ୍ଟ ଭୋଗୁଥିଲା। ସୁନା ମା' ବି ଦିନକୁ ଦିନ ଥକି ପଡୁଥିଲା। ତିନି ପେଟକୁ ଭରିବା ପାଇଁ ତା'ର ପରିଶ୍ରମ ଯଥେଷ୍ଟ ହେଲା ନାହିଁ କିଛି ଦିନ ଉତ୍ତାରୁ। ଝିଅ ସୁମତିକୁ ହାତକୁ ଦିହାତ କରାଇବାର ଚେଷ୍ଟା ଧିରେ ଧିରେ ମଉଳି ଯାଇଥିଲା। ସୁମତି ଏଥର ବାହାରି ପଡିଲା କାମବାଲୀର ଧାରା କୁ ବଜାୟ ରଖିବା ପାଇଁ।

ନିଜ ରୋଜଗାର ପଇସାରେ ସୁମତି ନିଜକୁ ଆକର୍ଷଣୀୟ କରିବାକୁ ଚେଷ୍ଟା କଲା। ଖୁବ୍ ସଜ ହେଲା। ନିଜ ସଉକ ପୂରଣ କରିବାକୁ ପ୍ରାଧାନ୍ୟ ଦେଲା। ସଁବାଳୁଆରୁ ସଦ୍ୟ ଫିଟି ପଡ଼ିଥିବା ପ୍ରଜାପତି ଭଳି ତା'ର ରଙ୍ଗଢଙ୍ଗକୁ ସମସ୍ତେ ବୁଝିପାରିଲେ। ବାପା ମାଆଙ୍କ କଥା ଓ ଚେତାବନୀକୁ ସୁମତି ଅସ୍ୱୀକାର କଲା।

ଝିଅ ପଇସାକୁ କିଛି ମାତ୍ରାରେ ନିର୍ଭର କରୁଥିବା ବାପା ମାଆ ଶେଷକୁ ନୀରବ ରହିଲେ।

ଫୁଲ ଫୁଟିବାର ଦେଖି କେତେ ଭଅଁର ସିନା ପାଖକୁ ଆସିଲେ ହେଲେ କିଛି ସମୟ ଅତିବାହିତ କରି ନିଜ ବାଟରେ ଚାଲିଗଲେ।ସୁମତିର ମନ ମରିଗଲା। ସେ ସେମିତି ଅଭିଆଡି ରହିଗଲା।

ଏବେ କଥା କଥାକେ ସୁମତି ଉତକ୍ଷିପ୍ତ ହେଉଥିଲା। ତା'ର ରୋଜଗାର ପଇସା ଦେବନାହିଁ ବୋଲି ଧମକ ଦେଉଥିଲା। ଭାଇ ଭଳି ସେ ବି ବାହାରେ ଯାଇଁ କେଉଁଠି ରହିବାକୁ ନକହି ବାପା ମାଆଙ୍କୁ ସେ ଘର ଛାଡ଼ି ଚାଲିଯିବାକୁ ବି ଚେତାବନୀ ଦେଲା। ନିଜ ସଂସାର ବସାଇବା ଇଚ୍ଛା ପୂରଣ ନହେବା ପୂର୍ବକ ରାଗ ସବୁ ଶୁଝାଇଲା ମାଆ ଉପରେ।

ଖବର ପାଇ ଛବି ଦେଖାକଲା ମାଉସୀକୁ। ଦୁଇ ଦିନ ଧରି ଉପାସିଆ ମାଉସୀର ଦୁଃଖ କଷ୍ଟ ଶୁଣିଲା ଛବି। ଦେଖିଲା ବି ସୁନା ମା' ଦେହ ସାରା ମାଡର ଦାଗ । ନେଇ ଆସିଲା ତାକୁ ନିଜ ପାଖକୁ। ସୁମତିକୁ ଧମକ ଦେଇ ଆସିଲା ପୋଲିସକୁ ସବୁ କଥା କହିଦେବ ବୋଲି। ସୁମତି ନିଜ ଭୁଲ୍ ପାଇଁ କ୍ଷମା ମାଗିଲା ତ ସୁନା ମା' ତାକୁ କ୍ଷମା କରିଦେବାକୁ କହିଲା ଝିଆରୀକୁ।

ଏ ଘଟଣାର ପନ୍ଦର ଦିନ ପରେ ବାପା ଦେହ ଖରାପ ଅଛି ବୋଲି କହି ସୁମତି ମାଆକୁ ନେଇ ଆସିଲା ଘରକୁ।

ଛଅ ସାତ ଦିନ ପରେ ଛବି ସୁମତି ଠାରୁ ଖବର ପାଇଲା ମାଉସୀ ଦେହ ଭୀଷଣ ଖରାପ। ତୁରନ୍ତ ଛବି ସେଠି ପହଞ୍ଚି ଦେଖିଲା ମାଉସୀ ବେହୋସ୍ ଅଛି। ଦେହରେ ମୁହଁରେ ମାଡର ଦାଗ ସ୍ପଷ୍ଟ ଦିଶୁଥିଲା। ବାପ ଝିଅ ଦୁହିଁଙ୍କର ପରସ୍ପର ପ୍ରତି ଆରୋପ ପ୍ରତ୍ୟାରୋପରୁ ବୁଝି ହେଲା ଦୁହେଁ ମାରଧର କରିଛନ୍ତି ସୁନାମାକୁ। ଛବି ଏକଥା ବି ବୁଝି ପାରିଲା ମାଉସୀ ବିଷ ଖାଇ ଦେଇଛି।

ବଡ଼ ଡ଼ାକ୍ତରଖାନାରେ ଦୁଇ ଦିନ ରହିବା ପରେ ସୁନା ମା ଆଖି ବୁଜିଲା। ହେଲେ ତା ପୂର୍ବରୁ ସୁନା ମା ସବୁକଥା ପୋଲିସ ଆଗରେ କହି ସାରିଥିଲା।

ଝିଅ କାମକୁ ବାହାରିଯିବା ପରେ ବାପା ଯାଇ କେଉଁଠୁ ମାଗି ଖାଏ ସିନା ମଦ ଖାଇବାକୁ କେହି ପଇସା ଦିଅନ୍ତି ନାହିଁ। ତେଣୁ ଘରକୁ ଆସି ଜୁଲମ କରେ ସୁନା ମା' ଉପରେ।

ଚାରିଦିନ ଭୋକିଲା ରହିବା ପରେ ସେଦିନ ସୁନା ମା ଝିଅକୁ ଖାଇବାକୁ ମାଗିଲା ତା ବଦଳରେ ମିଳିଥିଲା ପାହାର। ଝିଅ ଘରୁ ବାହାରିଯିବା ପରେ ପୁଣି ସ୍ୱାମୀର ଜୁଲମରେ ଅତିଷ୍ଠ ହୋଇ ପଡିଲା ବିଚାରି ସୁନା ମା। ଦୁଇଦିନ ତଳେ ଝିଅ ଆଣି ଦେଇଥିବା ବିଷକୁ ଏକା ନିଃଶ୍ୱାସକେ ପିଇଦେଇଥିଲା।

ଛବି ଏସବୁ ବିଷୟ ମିସେସଙ୍କ ଆଗରେ କହୁଥିଲା ତ ମୁଁ ଶୁଣୁଥିଲି ଭିତର ଘରେ ଥାଇ। ସୁନା ମା'ର ଜୀବନ କାହାଣୀ ମୋତେ ମର୍ମାହତ କଲା। ତା' ଆତ୍ମାର ସଦଗତି ପାଇଁ ଈଶ୍ୱରଙ୍କ ନିକଟରେ ଗୁହାରି କରିବା ଛଡ଼ା କିଛି ଉପାୟ ନଥିଲା।

ଏଇ ବିସମ୍ବାଦ କିନ୍ତୁ କୌଣସି ଖବରକାଗଜରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇନଥିଲା...।

*କୁଞ୍ଜବିହାରୀ ଲେନ , କଟକ*
*୯୪୩୮୧୭୫୫୪୨*

## କବିତା ଗୁଚ୍ଛ

### ଗଜାନନ



✶ସୁଜିତ କୁମାର ମିଶ୍ର

ମରଣ ତାତିକୁ ଆଲିଙ୍ଗନ କଲ
ମାତାଙ୍କ ସୁରକ୍ଷା ପାଇଁ,
କୁହ ଗଜାନନ ତୁମ ପରି ପୁତ୍ର
ପାରିଛିକି କେ ହୋଇ ।

ତୁମେ ଗଜାନନ ପୀରତି ଭାବର
ନିନାଦିତ ଶଂଖନାଦ,
ଏବେ ମୂଢ ନର ନୀରବରେ କିଆଁ
ଅହଙ୍କାର ବଶମ୍ବଦ ।

ଇତର ମୂଷାକୁ ଆଦରିଲ ତୁମେ
ଉଦାରରେ ଗଜାନନ,
ଉଚ୍ଚତର ପ୍ରାଣୀ ହୋଇବି ମଣିଷ
ଶିଖିଲାକି ତୁମଗୁଣ ।

ଲଡୁ ପ୍ରିୟ ବୋଲି ତୁମ ପାଶେ ଲାଗେ
ଶରଧାରେ ସେଇ ଭୋଗ,
ରାଜନୀତି ଲଡୁ ନେତାଙ୍କର କିନ୍ତୁ
କ୍ଷମତାର ଭୋକରଙ୍ଗ ।

ଏଇ ଦିନେ ପ୍ରଭୁ ତୁମ ହୃଦୟରେ
ଅଗ୍ରପୂଜ୍ୟ ଗଜାନନ,
ବାକି ଦିନେ କିଆଁ କାମନାର ତାତି
ଗଜପରି ବଳବାନ।

ଗଜାନନଙ୍କର ବୁଦ୍ଧି ଜ୍ଞାନ ସବୁ
ପାରିଛୁ କି ହୃଦେ ବୋଳି ?
ନହେଲେ କାହିଁକି ହୀନମନ୍ୟତାରେ
ହେଉଅଛୁ କୋଳାକୋଳି ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ- ୭୬୮୩୮୬୭୭୪୨*

### ଅନୁରାଧା

✶ ସସ୍ମିତା ପଣ୍ଡା

ମୋ ଚଉକତିରେ ଖାଲି ବର୍ଷା ଆଉ ବର୍ଷା
ପହିଲି ମୌସୁମୀ ତୁମ ସହର
ଛୁଇଁବା ପରେ ପରେ
ଏସନ ଆଷାଢ଼ଟା ଆରମ୍ଭରୁ
ବରଷୁଛି ଯେତେ ମନଇଚ୍ଛା ॥

ଋତୁ ସବୁ ତୁମପରି ବେନାମୀ ମହକ
ଉପରେ ଶୀତଳ ଆଉ ଭିତରେ ଡ଼ହକ
ଭାବନାର ଦୂରବର୍ତ୍ତୀ ସ୍ୱର
ସବୁଥର ପରି ଆଜିବି
ଆଜିବି ମୁଁ ମନ୍ତିଟିଏ ଗୋଟେ ଅପେକ୍ଷାର ॥

ତୁମକୁ ତ ଜଣାନାହିଁ
କେମିତି ବାଷ୍ପାୟିତ ହୁଏ ସେଇ ନୀରବତା
ରାତିର ସଜଳ ଆଖିରେ
ଅନ୍ଧାରଟା ଯେବେ ଲଗାଏ କଜଳ
ମୋ ଭିତର ଅସୁମାରୀ ସ୍ୱପ୍ନ
ସବୁବେଳେ ଆକ୍ତାମାକ୍ତା ॥

ବିଚରା ସକାଳକୁ କୋଳରେ ଛନ୍ଦି
ଚିନିଚମ୍ପାର ହସ
ହସ୍ତାନ୍ତର କରିବାକୁ ମନା
ମୁହୂର୍ତ୍ତର ମହଲତ ସବୁ
ବର୍ଣ୍ଣମୟ ପୃଥିବୀରେ ତୁମେ
ମୋର ସେଇ ଅବଶୋଷ ॥

ଏ ତତଲା ମାଟିରେ ଅମାନିଆ ବର୍ଷା
ଯେମିତିକି ବେପରୁଆ
ଶୀତଳ ଚୁମ୍ବନର ନଈ
ଚାତକଟେ ଥାଏ ବୋଲି
ଠିକ୍ ତୁମପରି ତାକୁ ମଧ୍ୟ
ଆଜିବି ମୋଟେ ଜଣାନାହିଁ ॥

*ଅକ୍ଷର ଘର*
*ମୋ-୯୪୩୮୮୫୬୭୮୪*

### ପଥର ଛାତି

✶ ସୁଧାକର ରାଉତ

ଆଜି ଭାରି ମନେପଡ ତୁମେ
ତୁମର ସେ ଅକପଟ ଅନାବିଳ ଆକାଶ
ଯହିଁ ସ୍ନେହ ବାରି ରହିଥାଏ ଭରପୂର
ଭସାଇ ଦେବାକୁ ହୃଦୟ ମରୁର ହତାଶ ।

ଆଜି ଭାରି ମନେପଡେ ତୁମର ସେ ସିଂହାସନ କଥା
ସେବେବେଳେ ସିନା ନଥିଲି ବୁଝି
ଏବେ ସବୁ ଜାଣି ବଢେ ଅଦେଖା ବ୍ୟଥା
କାହାକୁ କହିବି
ତରୁ ଡାଳେ ବସି ଯାହା
କପୋତୀ ପରି ନିରନ୍ତର ବାହୁନିବି ।

ତୁମ ଜୋଛନାର ମୂଲ କିଏ ଅବା ଦେବ
ଅମାବାସ୍ୟା ଯନ୍ତ୍ରଣାରେ
ଜଳୁଥିବା ସେ ଜହ୍ନ
ନିଦାଘର ଡହ ଡ଼ହ ଖରାକୁ ବି
ଆକଣ୍ଠେ କରୁଥିଲା ପାନ ।

ଆଜି ଭାରି ମନେ ପଡେ
ତୁମର ଆଖି କୋଣରେ
କିପରି ବସା ବାନ୍ଧିଥିଲା
ଉଦାସୀ ଶ୍ରାବଣ
ଜୀବନ ଯାତନାର ସବୁ ମେଘଙ୍କର
ସିଏ ଥିଲା ବାସସ୍ଥାନ ।

ହେଲେ ଦୁଃସହ ସେ ଆଗ୍ନେୟ ଲାଭାରେ
ଜଳିତୁମେ ତିଳ ତିଳ ହୋଇ
କାହିଁକି ରହୁଥିଲ ମଉନ ।
କିପରି ସହୁଥିଲ ଘର କରିଥିଲେ
ଏତେ ବଡ ପଥରର ଭାର ।
ଆଯୋଗ୍ୟ ମୁଁ
ପ୍ରତିଦାନ ଦେବାକୁ କେତେ ଅକିଞ୍ଚନ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

### ପ୍ରତୀକ୍ଷା

✶ ପ୍ରଶାନ୍ତ କୁମାର ନାୟକ

ଲୁଚିଯିବେ ରବି ପଶ୍ଚିମ ପାହାଡେ
ଆଉକିଛି କ୍ଷଣପରେ,
ପ୍ରିୟତମା ଆଗୋ ଚାଲିଆସ ବେଗେ
ରହିଅଛି ତୁମ ପ୍ରତୀକ୍ଷାରେ ।।

ଆକାଶରେ ଜହ୍ନ ଉଇଁଗଲା ପରେ
ତୁମ ପୀରତିର ସୁଅରେ,
ଭାସିବାକୁ ଚାହେଁ ଭିଜିବାକୁ ଚାହେଁ
ତୁମ ସହ ନିରୋଳାରେ ।।

ସଞ୍ଜ ନଇଁଗଲେ ରାତି ଯେବେଆସେ
ତାରାଫୁଲ ହସେ ଜହ୍ନ ଜୋଛନାର ପରଶେ ,
ଝରକା ଫାଙ୍କରେ ଚାତକ ପରାୟେ
ଚାହିଁଥାଏ ତୁମ ଆଶେ ।।

କିନ୍ତୁ ସତେ ପ୍ରିୟା ତୁମେ ଆସନାହିଁ
ପ୍ରତୀକ୍ଷାର ଦୀପ ଲିଭିଯାଏ ଜଳି,
ମନକଥା ସବୁ ମନେ ରହିଯାଏ
ରାତି ଗଲାପରେ ପାହି ।।

ନିଃସଙ୍ଗ କରିଦେଲ ତୁମେସିନା ମୋତେ
ସହଯାତ୍ରୀ ହେବ ବୋଲି କହି,
ଜହ୍ନ ଆଜିବି ମୋ ସହ ଲୁଚକାଳି ଖେଳେ
ବାଦଲରେ ଚାଦର ଘୋଡେଇ ହୋଇ ।।

ଭସା ବାଦଲ ସେ ଭାସି ଭାସି ଯାଏ
ଏ ଦିଗରୁ ସେ ଦିଗ,
ଚାତକ ପ୍ରାୟେ ମୁଁ ପ୍ରତୀକ୍ଷା କରିଛି
କାଳେ ସେ ବରଷି ଯିବ ।।

*ୟୁନିଟ୍- ୫, ଭୁବନେଶ୍ୱର*
*ମୋ- ୮୨୪୯୬୫୦୪୧୪*

### ଶାନ୍ତି

✶ ରତ୍ନକାନ୍ତି ମିଶ୍ର

ଜୟ ପରାଜୟର ପାର୍ବଣ ଭିତରେ
ଶାନ୍ତି ଗୋଟିଏ ମନ୍ତ୍ର
ଶତ୍ରୁତାର ଅନୁଭବ ଭିତରେ
ଶାନ୍ତି ଗୋଟିଏ ଅଲିଭ ପତ୍ରର ସାନ୍ନିଧ
ବିଶ୍ୱାସ ଅବିଶ୍ୱାସର
ଲୁଚକାଳି ଖେଳ ଭିତରେ
ଶାନ୍ତି ଏକ ଶୃଙ୍ଖଳାର ଚିତ୍ର
ହାହାକାର ଭିତରେ
ଶାନ୍ତି ଏକ ଗୁଞ୍ଜରିତ ସ୍ତୋତ୍ର ।

ଏଇ ଦୁନିଆରେ
କିଛି ତିକ୍ତତା ପାଶୋରିବାକୁ
ଶାନ୍ତି ଗୋଟିଏ ବଞ୍ଚିବାର ମାର୍ଗ
ସଂହତି, ସହବାସ୍ଥାନ, ବୁଝାମଣାର
ଶାନ୍ତି ଏକ ସାତ୍ତ୍ୱିକ ଅବଲମ୍ବନ
ଜୀବନ ଓ ଜିଜୀବିଷାର
ଶାସ୍ତ୍ର ପାଠ କରିବାକୁ
ଶାନ୍ତି ଏକ ସାତ୍ତ୍ୱିକ ଅବଲମ୍ବନ ।

ଯୁଦ୍ଧ ପରର ଶାନ୍ତି ଏବଂ
ଯୁଦ୍ଧ ବ୍ୟତିରେକ ଶାନ୍ତି ଭିତରେ
ପାର୍ଥକ୍ୟ ଅନେକ
ଗୋଟିକରେ
ଅହଂକାରର ଫୁତ୍କାରରେ
ବିବଶ ଧରଣୀ ତ
ଅନ୍ୟଟିରେ
ଅହିଂସାର ପୌରହିତ୍ୟରେ
ଅଭିମନ୍ତ୍ରିତ ଓଁକାର ଧ୍ୱନି
କାମନାର ବିନାଶରେ ଦୁଃଖ ବିନାଶର
କାଳଜୟୀ କାହାଣୀ...।।

*ନୂଆପଡା, କଟକ*

### ମା ମୋର ତୁହି କାହିଁ ଗଲୁ ହାରି ?

ମା' ମୋର ତୁହି କାହିଁ ଗଲୁ ହାରି ?
ତୋ ଅବର୍ତ୍ତମାନେ ମୋର
ଭଙ୍ଗା ହୃଦୟ ହେଉଅଛି ଘାରି
ତୁ ଥିଲୁ ମୋର ପ୍ରାଣର ଶଙ୍ଖାଳି
ଭୁଲିଗଲୁ କେମିତି ଆମକୁ
ଦେଇ ପ୍ରାଣ ବଳି ।।

ତୋ ବିହୁନେ କେତେ ଆମେ
ହେଉଅଛୁ ଭାଳି
ଜୀବନର ଚଲାପଥେ
କେତେ ଆସିବ ସଂଘାତ
ସମ୍ମୁଖୀନ ହୋଇଥାନ୍ତୁ ସାହସ ସହିତ
ଦୁଲାଳୀ ମୋ' ହାରିଗଲୁ ହୋଇ କି ବ୍ୟଥିତ।

ପାଠୋଇ ମାଆ ମୋ'ର
ଗଲୁଯେ ଆମକୁ ଅସହାୟ କରି
ଆମେ ଯେ ସର୍ବହରା ହୋଇଛୁ କିପରି ?
ଅସହାୟ ଲାଗେ ନିଶିଦିନ ତୋତେ ଝୁରି ॥

ମା ମୋର ତୁହି, କାହିଁ ଗଲୁ ହାରି ?
ଜୀବନର ପଥ ହୋଇପାରେ ଦୁଷ୍କର ଭାରି
ଜୀବନର ମୂଲ୍ୟ ନବୁଝିଲେ,
ଅମୂଲ୍ୟ ଜୀବନ ସିନା ଦେବା ହାରି ।

ମା ମୋର ତୁହି କାହିଁ ଗଲୁ ହାରି ?
ତୋର ଏହି ଆକସ୍ମିକ ଯିବା ହାରି
ସ୍ତମ୍ଭିଭୂତ ଲାଗେ ଭାରି।

ଫେରିଆ ମା', ଲଢିଯା ମା'
ଆଉ ଜଳି ତୁ ଯାଆନା ସେମିତି
ତୋ ବହ୍ନିର ତାତି
ଜଳାଉ ଯେତେକ ଅନ୍ୟାୟ ଅନୀତି।।

ଆଉ ହାରି ତୁ ଯାଆନା
ମାଆ ମୋ'ର ଆଉ ଦୁର୍ବଳ ହୁଅନା
କାହିଁକି ନା ,ତୋ ହାରିବାରେ
କଷଣ କେତେଯେ'
ଏହି ଶୁନ୍ୟ କୋଳ ଏତିକି ବଖାଣି ହିଁ ପାରେ
ମାଆ ମୋ'ର କାହିଁ ଗଲୁ ହାରି ?।।

*ପ୍ରଦୋଷ କୁମାର ଦାସ, ନାଚୁଣୀ, ଖୋର୍ଦ୍ଧା*
*ମୋ- ୬୩୭୦୪୯୫୯୪୪*

### ଅଭିମାନ

✶ ଗୋଲୋକ ବିହାରୀ ବେହେରା

ଅନୁରାଗ ଥିଲେ
ଅଭିମାନ ସିନା ପାରିବ ବୁଝି,
ଅତ୍ମୀୟତା ଥିଲେ
ଅଭିମାନୀ ସ୍ନେହ ପାରିବ ଖୋଜି ।

ବିଶ୍ୱାସରେ ଗଢ଼ା
ମମତା ମଲମ ଶୁଖାଏ ରାଗ,
ଛାତି ତଳେ ଥିବା
ଦହନ ଦରଜ ଦୂରାଏ ଆଗ ।

ଅନୁରାଗ ଏକ
ଅଝଟ ଶ୍ରାବଣୀ ଗୀତି ଝରଣା,
ଅଭିମାନ ଏକ
ବଗୁଲିଆ ମେଘ ମିଛ ବାହାନା ।

ସ୍ନେହବୋଳା କଥା
ବୈଶାଖେ ଶୁଣାଏ ମଳୟ ଗାନ,
ଟାଙ୍ଗରା ଭୂଇଁରେ
ଦେଇପାରେ ସିଏ ସବୁଜ ଦାନ ।

*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ*
*ଷଡ଼ଙ୍ଗୀ, ଢେଙ୍କାନାଳ*
*ମୋ -୯୯୩୮୩୦୩୦୪୬*

## ନାକଫୁଲ

ସଂଯୁକ୍ତା ପାଢ଼ୀ

ନାରୀ ତା' ରୁପକୁ ଦ୍ୱିଗୁଣିତ କରିବାକୁ ଅନେକ ଶୃଙ୍ଗାର କରେ । ଦୁଇ ହାତରେ ମୁଠା ମୁଠା ରଙ୍ଗୀନ ଚୁଡ଼ି, କାନରେ ଝୁମୁକା,ହାତରେ ଶଙ୍ଖା, ବେକରେ କେତେ ରକମର ମାଳି, ପାଦରେ ଭଳିକି ଭଳି ପାଉଁଜି, ଗୋଡ ମୁଦି, ହାତ ମୁଦି, ବାହୁଟି, ଅଣ୍ଟା ପଟି ।

ଓଜନ ହେଉ କି କଷ୍ଟ ହେଉ ପଛକେ ସୁନ୍ଦର ଦେଖାଯାଉ। ସେଇମିତି ନାକ ଫୋଡାଇ କଷ୍ଟ ବରଣ କରି ସୁନ୍ଦରୀ ହେବା ପାଇଁ ସେ ନରମ ନାକକୁ ବି ଛାଡେନି ।

ବିଭିନ୍ନ ପ୍ରକାର ଗୁଣା ସବୁ ପିନ୍ଧେ । ବେଳେ ବେଳେ ଏହି ଗୁଣା ସବୁ ଅଡୁଆ ଲାଗେ କାରଣ ନାକ ଦୁଇ ପୁଡା ସାନ। ସେଇଥିରେ ଯଦି ଥଣ୍ଡା ହେଇଥାଏ ତେବେ ପୋଛୁ ପୋଛୁ କଷ୍ଟ ଅନୁଭବ ହୁଏ, ମଇଳା ବି ଜମି ଯାଏ ପରିଷ୍କାର କରିବା ବି କଷ୍ଟକର ଓ ସଫା ନକଲେ ଦୁର୍ଗନ୍ଧ ଆସେ ତଥାପି ରୂପ ଝଲସିବ ବୋଲି ସବୁ ସହି ହୁଏ ।


ସୁଶ୍ରୀ ନମିତା ଛାତ୍ର ଜୀବନରେ ଚାହିଁନଥିଲା କାନ ନାକ ଫୁଡେଇବ ବୋଲି। ଗ୍ରୀଷ୍ମଛୁଟିର ଖରାବେଳ ନମିତା ବସିଥାଏ ପିଜୁଳି ଗଛମୂଳେ, ସାନ ଭଉଣୀ ଅନୀ ଆସି କହିଲା ଅପା ଆମେ ସମସ୍ତେ ତ କାନ ନାକ ଫୁଡେଇଲୁ ତୋର କ'ଣ ମନ ହେଉନି ।

ନମିତା ଦରଦୀ ଗଳାରେ କହିଲା ଜାଣିଛୁ ଆମେ ଏତେ ଭାଇ ଭଉଣୀ ତାଛଡା ମାମୁ କ'ଣ ସମସ୍ତଙ୍କୁ ସୁନା ଫାସିଆ ଦେବେ। ଭାଣିଜୀ କାନ ଫୋଡା ସୁନା ମାମୁ ଦେବେ। ସେଇ ଗୋଟିଏ ଫାସିଆ ପାଳି ଆସୁ ଆସୁ ବିଳମ୍ବ ହେବ। ତୋର ଇଚ୍ଛା ପ୍ରବଳ ଥିଲା, ଆଉ ମୋର ତ ଇଚ୍ଛା ବି ସେମିତି ନାହିଁ । ଅନି କାନକୁ ଲାଲ ପଥର ଯୁକ୍ତ ଫାସିଆ ଖୁବ୍ ମାନୁ ଥିଲା । ଅନିକୁ କିନ୍ତୁ ଅପା କଥା ହଜମ ହେଇ ନଥିଲା। ସେ ଥିଲା ତରତରୀ ଚୁଲବୁଲି । ବେଶୀ କଥା କହି ଏପଟେ ଅଳତା ଲଗେଇ ସେପଟେ ଧୋଇ ଦିଏ । ପୁଣି ଗାଢ଼ କରି ଲଗାଏ । ନମିତା ସେ ସବୁଠୁ ଦୂରରେ । ଅନି ପାଖକୁ ଲାଗି ଆସି କହିଲା ଅପା ତୋ ନାକ ଦେଖା କେତେ ମଇଳା ଅଛି । ଅନି ହାତରେ ଥିଲା ଛୋଟିଆ ବାବୁଲ କଣ୍ଟାଟିଏ । ଧୀରେ ନମିତା ନାକକୁ କଣା କରିଦେଲା। ଚିଲବିଲେଇ ଉଠିଲା ନମିତା କଣ କରୁଛୁ କହି ।

ବାପାଙ୍କୁ ଏକଥା ଅଛପା ରହିଲାନି, ଦିନକାଳ ନ ଦେଖି ଏମିତି କର୍ମ ସବୁକୁ ସେ ପସନ୍ଦ କରନ୍ତିନି ।

ସେ ଯାହା ହେଉ ବୁଝି ଗଲେ ଓ ପର ଦିନ ଗୋଟିଏ ନଥ ରିଙ୍ଗ ଭଳିଆ ଗୋଲେଇ ଥାଇ ସୁନାର ଆଣିକି ଦେଲେ । ଆଶା ନଥାଇ ବି ବାପାଙ୍କ ଏଇ ଉପହାର ନମିତାକୁ କୁଣ୍ଢେମୋଟ କରି ଦେଇଥିଲା । ଅନେକ ଦିନ ଯାଏ ସେ ତାକୁ ଖୋଲିନି ନାକରୁ । ଧୀରେ ଧୀରେ ବଡ ହେଇଛି ଏ ଭିତରେ ଅନେକ ନାକ ଫୁଲ ବଦଳେଇ ପିନ୍ଧିଛି କିନ୍ତୁ ସେଇ ନୋଥ ତା' ଜୀବନ।

ମାଆଙ୍କ ହାତରୁ ଅନେକ ଉପହାର ପାଇଛି ହେଲେ ବାବାଙ୍କ ସେଇ ନୋଥ ତା' ଜୀବନର ଗତି ପଥ ବଦଳେଇ ଦେଇଛି।



ବାପା ସଂସାର ଛାଡି ଚାଲି ଯାଇଥିଲେ ଶୀଘ୍ର ହେଲେ ମାଆ ବିବାହ କରାଇ ଦେଇଥିଲେ। ବିବାହ ଦିନ ବେଦୀ ଉପରେ ସ୍ୱାମୀ ମଧ୍ୟ ଗୋଟିଏ ନୋଥ ଉପହାର ଦେଇଥିଲେ ଖୁସି ହେଇଯାଇଥିଲା ନମିତା ।

ବାପାଙ୍କ ଚିନ୍ତାଧାରା ସହ ନିଶ୍ଚୟ ସମାନ ଥିବେ ତା ପ୍ରିୟତମ ବୋଲି ବାପାଙ୍କ ସ୍ୱର୍ଗବାସ ପରେ ଅଭିମାନରେ ଖୋଲି ଦେଇଥିଲା ନାକରୁ। ହଠାତ ସ୍ୱାମୀଙ୍କ ହାତରୁ ସେଇ ନୋଥ ପାଇ ଲାଗିଲା ମୋ ବାପାଙ୍କ ଆତ୍ମା ଅଛି ତାଙ୍କ ଭିତରେ। କିଛି ଦିନ ପରେ ସ୍ୱାମୀଙ୍କ ଠାରୁ ଜାଣିଲା ସେ ନିଜ ପ୍ରେମିକା ପିନ୍ଧି ଥିବା ନୋଥକୁ ଭୁଲି ପାରିନାହାନ୍ତି ମୋ ଭିତରେ ତାକୁ ମନେ ପକାଇବାକୁ ଉପହାର ଦେଇଥିଲେ ।

ଆକାଶରୁ ମେଘ ଖସୁଥିଲା କିନ୍ତୁ ତା ଗୋଡ଼ତଳୁ ମାଟି ଖସୁଥିଲା ନିଜକୁ ନିୟନ୍ତ୍ରଣ କରି ନେଲା । ଆଖିସାମ୍ନାରେ ବାପା ଦେଖା ଯାଉଥିଲେ, ବେଳେବେଳେ ଅଭିମାନ କରେ ସ୍ୱାମୀଙ୍କ ଉପରେ ଖୋଲି ଦିଏ ନୋଥଟିକୁ ପର ମୁହୂର୍ତ୍ତରେ ପିନ୍ଧି ପକାଏ ବାପାଙ୍କୁ ମନେ ପକାଇ। ତାକୁ ଲାଗେ ସେ ହିଁ ସବୁଠାରୁ ସୁନ୍ଦରୀ ସେ ମନ କିଣି ପାରେ ସମସ୍ତଙ୍କର । ଯେମିତି ପରୀଟିଏ ଥିଲା ତା' ବାବାଙ୍କର । ସେଇ ନୋଥ ହିଁ ତାର ସମସ୍ତ ସୁଖର ଭଣ୍ଡାର ।

*କେସିଙ୍ଗା*

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



କେନ୍ଦୁଝର, (ଭାସ୍କର ନ୍ୟୁଜ୍): ଜଣେ ଶିକ୍ଷୟତ୍ରୀଙ୍କ ହାତରେ ବାଲ୍ ବାଟିକା ଠାରୁ ପ୍ରାଥମିକ ବିଦ୍ୟାଳୟର ପାଞ୍ଚ ଶ୍ରେଣୀ ଦାୟିତ୍ୱ ଥିବାରୁ ପିଲାମାନଙ୍କ ପାଠ ପଢାରେ ବାଧାପ୍ରାପ୍ତ ହୋଇଛି। ଫଳରେ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତ ଦାବାଙ୍କ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ଅପରାହ୍ନ ୧୦ଟାବେଳେ ଫାଟକରେ ତାଲା ପକାଇ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକଗଣ ଧାରଣାରେ ବସିଥିଲେ। ଏହି ବିଦ୍ୟାଳୟ ୨୦୦୦ ମସିହାରୁ ସ୍ଥାପିତ ହୋଇଥିବାବେଳେ ସ୍ମିତାରାଣୀ କର ଓ ସରିତା ଦେହୁରୀ ଦୁଇଜଣ ଶିକ୍ଷୟତ୍ରୀ ନିଯୁକ୍ତ ଥିଲେ। କିଛିମାସ ହେଲା ସରିତା ଦେହୁରୀଙ୍କ ଅନ୍ୟତ୍ର ବଦଳି ହେବା ପରେ ଏବେ ସ୍ମିତାରାଣୀ କର ବାଲବାଟିକା ଠାରୁ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ୩୧ଜଣ ପିଲାଙ୍କୁ ପାଠ ପଢାଇବାକୁ ନାକେଦମ୍ ହେଉଛନ୍ତି। ଖବର ପାଇ ସଦର ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ମିଶ୍ର,ତରଣିସେନ ମୁଣ୍ଡା, ସିଆରସିସି ଜନ୍ମେଜୟ ସାହୁ ପ୍ରମୁଖ ପହଞ୍ଚି ଅଭିଭାବକଙ୍କ ସହିତ ଆଲୋଚନା କରି ୭ଦିନ ମଧ୍ୟରେ ଜଣେ ଶିକ୍ଷକ ନିଯୁକ୍ତି ଦେବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ହଟିଥିଲା। ତୁରନ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦିଆଯିବାକୁ ନାରଣ ନାୟକ, ଅଭିନାୟକ, ସଞ୍ଜନା ନାୟକ, ଇତିଶ୍ରୀ ନାଏକ, କୁନା ନାଏକ, ବାବୁଲୁ ମୁଣ୍ଡା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି।

## ବଢୁଛି ଅପମିଶ୍ରିତ ଖାଦ୍ୟର ପସରା

# ପାଣି ପ୍ୟାକେଟ, ପାଉଁରୁଟିରେ ରହୁନି ସମୟସୀମା ଅବଧି



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗ୍ରାହକଙ୍କୁ ଆକୃଷ୍ଟ କରିବା ପରି ଖାଦ୍ୟ ସାମଗ୍ରୀ ଷ୍ଟଲ ବା ଦୋକାନରେ ସଜା ହୋଇଛି। ବିଭିନ୍ନ ରଙ୍ଗର ମିଠା ସହିତ ଅନ୍ୟାନ୍ୟ ଖାଦ୍ୟ ଗ୍ରାହକଙ୍କ ମନ ମୋହୁଛି। ତେବେ ଏହି ସବୁ ରଙ୍ଗୀନ ଖାଦ୍ୟ ପୁରୀ ଜିଲ୍ଲାର ଅସ୍ତରଙ୍ଗ ମୁଖ୍ୟ ବଜାର, ନଗର, ଆଳସାହି, ଖଣ୍ଡାସାହି, ତାଳଦା, ପୋଟଳ ଛକ, କଣମଣ, କୁଣ୍ଡେଶ୍ୱର, ଉକୁଳେଇ ଆଦି ଅଂଚଳରେ ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ରୋଗର କାରଣ ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ନିର୍ମିତ ହେଉଛି ଖାଦ୍ୟ, ଯାହାକି ଲୋକଙ୍କ ଚିନ୍ତାର କାରଣ ହୋଇଛି। ପାଉଁରୁଟି, ପାଣି ବୋତଲ ଓ ପ୍ୟାକେଟ ଆଇସକ୍ରିମ ଆଦି ସ୍ଥାନୀୟ ଅଂଚଳରେ ତିଆରି କରାଯାଇ ପ୍ୟାକେଟରେ ବିକ୍ରି ହେଉଥିଲେ ମଧ୍ୟ ଏଥିରେ ନିର୍ମାଣ ତାରିଖ, ବ୍ୟବହାର ସମୟ ଶେଷ ଅବଧି ଆଦି ଲେଖା ରହୁନାହିଁ। ପ୍ରଶାସନ ଏ ନେଇ ସବୁ ଜାଣୁଥିଲେ ମଧ୍ୟ ନିରବ ରହିଛି। ଅସ୍ତରଙ୍ଗ ବ୍ଲକ ଅଂଚଳର ଅସ୍ତରଙ୍ଗ ମୁଖ୍ୟ ବଜାର, କଣମଣ ଛକ, ପୋଟଳ ଛକ, ନଗର, ଆଳସାହି, ସମେତ ବିଭିନ୍ନ ସ୍ଥାନରେ ମୁଖ୍ୟ ରାସ୍ତା ପାର୍ଶ୍ୱରେ ବହୁ ଛୋଟ ବଡ଼ ଜଳଖିଆ ଦୋକାନ ହୋଟେଲ ରହିଛି। ଏଠାରେ ମିଳୁଥିବା ଖାଦ୍ୟ ଉପରେ କୌଣସି ପ୍ରଶାସନିକ ଅଧିକାରୀଙ୍କ ନଜର ନାହିଁ। ପ୍ରତି ଦୋକାନରେ ରଙ୍ଗ ମିଶା ଖାଦ୍ୟ ଶହ କେତେକ ସ୍ଥାନରେ ଗ୍ରାହକଙ୍କୁ ବାସୀ ଖାଦ୍ୟ ପରଷାଯାଉଛି। ସେହିପରି ଚାଟ, ଜିଲାପି, ପକୁଡି, ପକୋଡା ଆଦି ଫାଷ୍ଟ ଫୁଡରେ ବହୁଳ ମାତ୍ରାରେ ରାସାୟନିକ ରଙ୍ଗ ମିଶାଯାଉଛି। ବ୍ୟବସାୟୀମାନେ ଗ୍ରାହକଙ୍କ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉନଥିବା ଅଭିଯୋଗ ହେଉଛି। ଖାଦ୍ୟରେ ରଙ୍ଗ ମିଶାଇବା, ପୋଡା ତେଲରେ ଛାଣିବା, ବାସି ଖାଦ୍ୟ ଦେବା ଆଦି ବ୍ୟବସାୟୀଙ୍କ ସ୍ୱଭାବ ହୋଇଗଲାଣି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ସାମଗ୍ରୀ ତିଆରି ରୋଗ ସୃଷ୍ଟିର ଅନ୍ୟତମ କାରଣ ହୋଇଛି। ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ପ୍ରଶାସନିକ ଅଧିକାରୀ ବିଭିନ୍ନ ଦ୍ରବ୍ୟର ଯାଞ୍ଚ କରିବା ସହିତ ନକଲି ବ୍ୟବସାୟୀଙ୍କ ବିରୋଧରେ ଦୃଢ ଓ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହୋଇଛି।

# ଏନ୍ଏସିରୁ ବାଦ୍ ପଡିଲା ଚଣ୍ଡିଖୋଲ, ତେଜିଲା ରାଜନୀତି

ଚଣ୍ଡିଖୋଲ, (ଭାସ୍କର ନ୍ୟୁଜ୍) : ଗତ ବିଜେଡି ସରକାର ବିଧାନ ସଭା ନିର୍ବାଚନ ପୂର୍ବରୁ ୨୪ ଫେବୃଆରୀ ୨୦୨୪ ତାରିଖରେ ଚଣ୍ଡିଖୋଲକୁ ଏନ୍ଏସି ମାନ୍ୟତା ମିଳିଲା ବୋଲି ଭେଟି ଦେଇଥିଲେ। ଏହି ଘୋଷଣାର ୧୮ ମାସ ପରେ ବର୍ତ୍ତମାନର ରାଜ୍ୟ ସରକାର ଘୋଷଣା କରିଥିବା ଏନ୍ଏସି ତାଲିକାରୁ ଚଣ୍ଡିଖୋଲକୁ ବାଦ୍ ଦେଇଛନ୍ତି। ଯାହାକୁ ନେଇ ଚଣ୍ଡିଖୋଲ ରେ ବିଭିନ୍ନ ରାଜନୈତିକ ଦଳ ଓ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଛି। ଏନ୍ଏସି ହେଲେ ପୂର୍ବ ସରକାର କହିଥିଲେ ସହରାଞ୍ଚଳ ଭଳି ସମସ୍ତ ସୁବିଧା ସୁଯୋଗ ମିଳିବ, ଏମିତିକି ଚଣ୍ଡିଖୋଲ ଅଞ୍ଚଳର ଲୋକମାନେ ପୌର ଅଞ୍ଚଳର ସୁବିଧା ନେବେ। ଏହା ସେତେବେଳେ ଜୋରଦାର ଆଲୋଚନା ହୋଇଥିଲା। ଏନ୍ଏସିର ମାନ୍ୟତା ପ୍ରଦାନ ପରେ ବିଭିନ୍ନ ସଂଗଠନ, ରାଜନେତା, ବ୍ୟବସାଇ, ଓକିଲ ସଂଘ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇ ଥିଲେ। ୨୦୦୬ରେ ଅଗ୍ରଣୀ ବ୍ୟବସାୟୀ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେବା ସହ ଏନ୍ଏସି ପାଇଁ ଚଣ୍ଡିଖୋଲରେ ଏକ ସମାବେଶ କରାଯାଇଥିଲା। ଚଣ୍ଡିଖୋଲ ଏନ୍ଏସିରେ ସାମିଲ କରିବା ପାଇଁ ସମସ୍ତ ଭିତିଭୂମି ଥିବା ସତ୍ତ୍ୱେ ପୂର୍ବ ସରକାରରେ ଏନ୍ଏସି ଘୋଷଣା ଓ ବର୍ତ୍ତମାନ ସରକାରରେ ବାଦ୍ ଦେବାକୁ ନେଇ ବିଭିନ୍ନ ଦିଗରୁ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଚଣ୍ଡିଖୋଲ ଏନ୍ଏସି ସାମିଲ ହେବାକୁ ଥିବା ସୁଙ୍ଗୁଡ଼ା ପଞ୍ଚାୟତରେ ୫୧୪୦, ନିଶାମଳ ୧୪୬୬, ନଅଣପୁରରେ ଖୋସାଳିପୁର ୯୬୬, ବେଦୀପୁର ୨୬, ସେହିପରି ବଡଚନା ଗ୍ରାମର ୧୩୪୭, ବଡଚନା ବଜାର ୨୨୫, ଦେଉଳକୁର ୧୭୬୬, ହସିନବାଦ ୧୯, ହସିନବାଦ ବଡଚନା ୯୫, ଶାସନ ପୁରୁଷୋତ୍ତମ ପୁର ୩୬୧, କାଞ୍ଚିଆ ୧୩୩ ଧାନମଣ୍ଡଳ ଗ୍ରାମରେ ୧୮୮୪, ଦେବତା ସାହି ୧୦୯୯, ଶାସନ ସାମା ୨୦୧୫, ରାମଚନ୍ଦ୍ର ପୁର ୨୧୩ ଲୋକ ସଂଖ୍ୟା ରହିଛନ୍ତି, ଦର୍ପଣ ଗଡ ୫୦୬୮, କୁଣ୍ଡଖପୁର ୯୫୧, ଆକାଶ ବାଦ ୫୫୨, ରାଣୀବାନ୍ଧି ୧୦୮୧, ଖଣ୍ଡିଆ ବାନ୍ଧି ୫୦୫ ଲୋକ ସଂଖ୍ୟା ରହିଛନ୍ତି। ଏନ୍ଏସି ଘୋଷଣା ନିମନ୍ତେ ଆବଶ୍ୟକ ଲୋକ ସଂଖ୍ୟା ଠାରୁ ଢ଼େର ଅଧିକ। ଏହି ଏରିଆ ମଧ୍ୟରେ ବ୍ଲକ ଜଳସମ୍ପଦ ବିଭାଗ, ବିଦ୍ୟୁତ ବିଭାଗ, ଜଳ ଓ ପରିମଳ ବିଭାଗ, ଉଦ୍ୟାନ ବିଭାଗ, କୃଷି ବିଭାଗ, ଉପ ନିର୍ବନ୍ଧକ କାର୍ଯ୍ୟାଳୟ, ତହସିଲ, ଟ୍ରେଜେରୀ, ପ୍ରାଣୀ ଚିକିତ୍ସାଳୟ, ଅଗ୍ନିଶମ ବିଭାଗ, ପୋଷ୍ଟ ଅଫିସ୍, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ କାର୍ଯ୍ୟାଳୟ, ଚଣ୍ଡିଖୋଲ ସ୍ୱାସ୍ଥ୍ୟକେନ୍ଦ୍ର, କୋର୍ଟ, ୫ରୁ ଉର୍ଦ୍ଧ୍ୱ ସରକାରୀ ବ୍ୟାଙ୍କ, ୧୦ରୁ ଉର୍ଦ୍ଧ୍ୱ ଘରୋଇ ବ୍ୟାଙ୍କ, ଓଡ଼ିଶାସରକାରଙ୍କର ସମବାୟ ଓ ଗ୍ରାମ୍ୟ ବ୍ୟାଙ୍କ, ଦୁଇଟି ମହାବିଦ୍ୟାଳୟ, ଆଇଟିଆଇ ସ୍କୁଲ, ୧୦ରୁ ଉର୍ଦ୍ଧ୍ୱ ସରକାରୀ ସ୍କୁଲ ଭଳି ଅନେକ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ରହିଛି। ସାରା ଓଡ଼ିଶାରେ ଚଣ୍ଡିଖୋଲରେ ପ୍ରସିଦ୍ଧି ଲାଭ କରିଥିବା ଛେନାର ବିଶାଳ ବଜାର ମଧ୍ୟ ରହିଛି। ଏହାସହିତ ଏହି ବଜାର ଉପରେ ୩ଟି ଜିଲ୍ଲା ଢେଙ୍କାନାଳ, କେନ୍ଦ୍ରାପଡ଼ା, ଭଦ୍ରକ ରସାୟାରଣ ଲୋକ ଓ ବ୍ୟବସାୟୀମାନେ ଦୈନିକ ବଜାର ଓ କଲକ ଉପରେ ନିର୍ଭର କରିବା ସହିତ ସାରା ଓଡିଶାକୁ ଯିବା ନିମନ୍ତେ ଚଣ୍ଡିଖୋଲ ଉପରେ ନିର୍ଭର କରିଥାନ୍ତି। ଏସବୁ ସତ୍ତ୍ୱେଚଣ୍ଡିଖୋଲକୁ ଏନ୍ଏସି ଘୋଷଣାରୁ ବାଦ୍ ଦେବାକୁ ନେଇ ବିରୋଧୀ ବିଜେଡି ରାଜରାସ୍ତାରେ ପ୍ରତିଭା ସବା କରି ଡବଲ ଇଞ୍ଜିନ ସରକାରଙ୍କ ଚଣ୍ଡିଖୋଲ ପ୍ରତି ଅବହେଳା ଅସଲ ମୁଖା ଖୋଲି ଦେଇଛି।

## ଆପତ୍ତିଜନକ ମନ୍ତବ୍ୟ ପୋଷ୍ଟକୁ ପ୍ରତିବାଦ କରି ଥାନାରେ ଏତଲା

ଉମରକୋଟ, (ଭାସ୍କର ନ୍ୟୁଜ୍): ସୋସିଆଲ ମିଡିଆରେ ଆପତ୍ତିଜନକ ମନ୍ତବ୍ୟ ରହିଥିବା ଏକ ଭିଡିଓକୁ ଜଣେ ଯୁବକ ତାଙ୍କ ଫେସବୁକରେ ପୋଷ୍ଟ କରିଥିବାରୁ ଏହାକୁ ପ୍ରତିବାଦ କରି ଉମରକୋଟ ଥାନାରେ ଏତଲା ଦାଏର କରାଯାଇଛି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପୁଜାରିଗୁଡା ପଞ୍ଚାୟତ ଅନ୍ତର୍ଗତ ବଡ଼କୁମ୍ଭାରି ଗ୍ରାମର ଗୋପବନ୍ଧୁ ରନ୍ଧାରି ନାମକ ଜଣେ ଯୁବକ ହିନ୍ଦୁ ଧର୍ମ ଓ ହିନ୍ଦୁ ଦେବା ଦେବୀଙ୍କ ବିରୁଦ୍ଧରେ ଦୀର୍ଘ ଦିନ ଧରି ଫେସବୁକରେ ପୋଷ୍ଟ କରୁ ଆପତ୍ତି ଜନକ ମନ୍ତବ୍ୟ ପୋଷ୍ଟ କରୁଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଉମରକୋଟ ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ, ହିନ୍ଦୁ ସୁରକ୍ଷା ବାହିନୀ, ହିନ୍ଦୁ ମହାସଙ୍ଗ ତରଫରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଭିନ୍ନ ସଂଗଠନର ୫୦ ଉର୍ଦ୍ଧ୍ୱ ସଦସ୍ୟ ଉମରକୋଟ ଥାନାରେ ପହଞ୍ଚି ଗୋପବନ୍ଧୁ ରନ୍ଧାରିଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏତଲା ପ୍ରଦାନ କରିଛନ୍ତି।

## ପଥଦର୍ଶୀ ଯୋଜନା ଆୟୋଜିତ

# ଛାତ୍ରଛାତ୍ରୀଙ୍କ କ୍ୟାରିଅର କାଉନସେଲିଂରେ ସହାୟକ

କେନ୍ଦୁଝର, (ଭାସ୍କର ନ୍ୟୁଜ୍): ପଥଦର୍ଶୀ ଜିଲ୍ଲା ପ୍ରଶାସନଙ୍କ ଦ୍ୱାରା ପରିଚାଳିତ ଏକ ଯୋଜନା। ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଏବଂ ଖଣି ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଏହି ଯୋଜନାଟିକୁ କେନ୍ଦୁଝର ଜିଲ୍ଲାର ପ୍ରତି ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଆୟୋଜିତ କରିଛନ୍ତି। ଏହାଦ୍ୱାରା ଛାତ୍ରଛାତ୍ରୀ ନିଜର ସର୍ବନିମ୍ନ ଶିକ୍ଷା ସହିତ ବିଭିନ୍ନ କ୍ୟାରିଅର କାଉନସେଲିଂ ଏବଂ ଲାଇଫ୍ ସ୍କିଲ ଟ୍ରେନିଂ, ଯାନ୍ତ୍ରିକ, ବୈଷୟିକ ଶିକ୍ଷା ଅନଲାଇନ ମାଧ୍ୟମରେ ମାଗଣାରେ ଉପକୃତ ହେବେ। ବିଗତ ଏକ ବର୍ଷ ଧରି କେନ୍ଦୁଝର ଜିଲ୍ଲାର ସମସ୍ତ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ 'ଏଡ୍ୟୁସ୍ପାର୍କ' କର୍ମଚାରୀଗଣ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରି ଆସୁଛନ୍ତି। ଯାହାକି ଜିଲ୍ଲାର ୧୬୯ଟି ବିଦ୍ୟାଳୟରେ ଆୟୋଜିତ ହୋଇଥିଲା। ଏହଦ୍ୱାରା ଛାତ୍ରଛାତ୍ରୀମାନେ ଉତ୍ସାହିତ ହୋଇ ଆଗାମୀ ଦିନରେ ସ୍ୱାବଲମ୍ବୀ ହେବା ପାଇଁ ଜାଗ୍ରତ ହୋଇଥିଲେ। 'ଏଡ୍ୟୁସ୍ପାର୍କ'ର କର୍ମଚାରୀମାନଙ୍କ ଦ୍ୱାରା ନିଜସ୍ୱ ଏକ ପୋର୍ଟାଲ pathadarshi.dmfkeonjhar.in ପିଲାମାନଙ୍କ ପାଇଁ ନିୟୋଜିତ କରାଇଛନ୍ତି। ବିଦ୍ୟାଳୟ ଓ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏହି ଯୋଜନା ଦ୍ୱାରା ଶିକ୍ଷଣୀୟ ଜ୍ଞାନ ପାଇ ଉପକୃତ ହୋଇଆସୁଛନ୍ତି।

## ବ୍ଲକ ସଭାପତି ହେଲେ ପୂର୍ବତନ ବିଧାୟକ ସୁବାଷ ଗଣ୍ଡ

ରାଇଘର, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ର ପୂର୍ବତନ ବିଧାୟକ ସୁବାଷ ଗଣ୍ଡ ରାଇଘର ବ୍ଲକ ବିଜୁ ଜନତା ଦଳର ସଭାପତି ଭାବେ ମନୋନୀତ ହୋଇଥିବା ଜଣାଯାଇଛି। ସୁବାଷ ଗଣ୍ଡ ବିଜୁ ଜନତା ଦଳ ପକ୍ଷରୁ ଉମରକୋଟ ନିର୍ବାଚନ ମଣ୍ଡଳୀରୁ ଦୁଇ ଦୁଇ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସଭାପତି ଭାବେ ଚୟନ ପରେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଓ ନବରଙ୍ଗପୁର ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଯାତ୍ରୀ ଭଡ଼ା ଅଧିକ ନେବା ପ୍ରତିବାଦରେ ବସ୍ ଅବରୋଧ ଚେତାବନୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଚାନ୍ଦବାଲି ରାସ୍ତାରେ ଯାତ୍ରୀବାହୀ ବସ୍ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ନେବା ପ୍ରତିବାଦରେ ଅଞ୍ଚଳବାସୀ ଭଦ୍ରକ-ଚାନ୍ଦବାଲି ରାସ୍ତାରେ ବସ୍ ଅବରୋଧ କରିବେ ବୋଲି ଏକ ପ୍ରେବସ୍ ବିବୃତ୍ତିରେ ଚେତାବନୀ ଦେଇଛନ୍ତି। ବସ୍ କର୍ମଚାରୀ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ନେବା ଅଭିଯୋଗ ଉପରେ ଜିଲାପାଳ ପରିବହନ ବିଭାଗକୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ନିର୍ଦ୍ଦେଶ ପରିବହନ ବିଭାଗ କାର୍ଯ୍ୟକାରୀ ନକରିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗତ ଜୁନ୍ ମାସ ୩୦ ତାରିଖରେ ବସ୍ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ନିଆଯାଉଥିବା ତିହିଡ଼ି ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଯାଇଥିଲା। ବସ୍ କର୍ମଚାରୀ ଯାତ୍ରୀଙ୍କ ଠାରୁ ଅଧିକ ଭଡ଼ା ନେବା ବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ବସ୍‌ରେ କୌଣସି ଭଡ଼ାର ତାଲିକାର ଲଗାଯାଉ ନାହିଁ। ସାଧାରଣ ବସ୍‌ରେ କିଲୋମିଟର ପିଛା ୮୮ ପଇସା ଓ ଏକ୍ସପ୍ରେସ୍ ବସ୍‌ରେ କିଲୋମିଟର ପ୍ରତି ୯୨ ପଇସା ଧାର୍ଯ୍ୟ କରାଯାଇଥିବା ବେଳେ ଯାତ୍ରୀମାନଙ୍କ ଠାରୁ ଯଥେଷ୍ଟ ଅଧିକ ଭଡ଼ା ନିଆଯାଇ ହଇରାଣ କରାଯାଉଛି। ବସ୍ କର୍ମଚାରୀମାନେ ଯାତ୍ରୀଙ୍କ ଠାରୁ ମନଇଚ୍ଛା ଭଡ଼ା ନେଉଛନ୍ତି। ଏ ସମ୍ପର୍କରେ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଲିଖିତ ଭାବେ ଦିଆଯିବା ପରେ ଜିଲାପାଳ ଦିଲ୍ଲିପ ରାଉତରାଏ ଭଦ୍ରକ ଆଂଚଳିକ ପରିବହନ ବିଭାଗର ଅଧିକାରୀଙ୍କୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରିବହନ ବିଭାଗର ଅଧିକାରୀ ଜୁନିୟର ଏମଭିଆଇଙ୍କୁ ତଦନ୍ତ କରି ପଦକ୍ଷେପ ନେବାକୁ ଚିଠି ଲେଖିଥିଲେ। ମାତ୍ର ଅଦ୍ୟାବଧି ଜିଲାପାଳଙ୍କ ନିର୍ଦ୍ଦେଶର କୌଣସି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଫଳରେ ଅଞ୍ଚଳବାସୀଙ୍କ ପକ୍ଷରୁ ନିର୍ମଳ ଚନ୍ଦ୍ର ଦଳେଇ, ବିଷ୍ଣୁ ଦାଶ, ସତ୍ୟବ୍ରତ କୁଣ୍ଡ, ରାଜକିଶୋର ଲେଙ୍କା, ନାରାୟଣ ଦାଶ, ତପନ କୁମାର ପଣ୍ଡା, ଭାଗବତ ସେନାପତି, ସତ୍ୟଜିତ୍ କୁଣ୍ଡ, ପୁରୁଷୋତ୍ତମ ସାହୁ, ଶ୍ରୀକାନ୍ତ ପଣ୍ଡା, କାହ୍ନୁଚରଣ ବେହେରା, ମୁକ୍ତିକାନ୍ତ ଭୋଳ ପ୍ରମୁଖ ବସ୍ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସାଇମ୍ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ




ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ମଞ୍ଚେଶ୍ୱର ଶିକ୍ଷାଞ୍ଚଳରେ ଅବସ୍ଥିତ ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧିନସ୍ଥ କଷ୍ଟିଚ୍ୟୁଏଣ୍ଟ କଲେଜ ସିଆଇଏମ୍‌ଇ (କଲେଜ ଅଫ୍ ଆଇଟି ଏଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଏଜୁକେସନ)ର ନବାଗତ ଛାତ୍ରଛାତ୍ରୀମାନଙ୍କ ସ୍ୱାଗତ ଉତ୍ସବ ଆଜି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଏମ୍‌ବିଏ ଓ ଏମ୍‌ସିଏ ବିଭାଗର ଛାତ୍ରଛାତ୍ରୀ, ଛାତ୍ରଛାତ୍ରୀଙ୍କ ଅଭିଭାବକ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଅଂଶଗ୍ରହଣ କରିଥିଲେ। ବିଜୁପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଅମୀୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ କିପରି ଦୁଇବର୍ଷର ପାଠ୍ୟକ୍ରମ ଶେଷ ହେବା ପରେ ଜଣେ କୁଶଳୀ ଓ ସଫଳ ସଫ୍ଟୱେର୍ ଡେଭେଲପର ବା ପରିଚାଳକ ହୋଇ ପାରିବେ ତା'ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ କଗ୍ନିଜାଣ୍ଟର ଉପସଭାପତି ସତୀଶ କୁମାର ପ୍ରଧାନ ଏମ୍‌ବିଏ, ଏମ୍‌ସିଏ ଛାତ୍ରଛାତ୍ରୀମାନେ ପାରମ୍ପରିକ ପାଠ୍ୟକ୍ରମ ବ୍ୟତୀତ ବିଭିନ୍ନ ପ୍ରକାର ପ୍ରୋଗ୍ରାମିଙ୍ଗ, ମେସିନ ଲର୍ଣ୍ଣିଂ, ଏଆଇ ଇତ୍ୟାଦି ଅଧ୍ୟୟନ କଲେ ନିଯୁକ୍ତି ସମସ୍ୟା ଦୂର ହୋଇପାରିବ ବୋଲି ମତ ରଖିଥିଲେ। ସମାରୋହର ଅନ୍ୟତମ ଆକର୍ଷଣ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଓକଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଡକ୍ଟର ବାରବାରା ଓକଲେ ଏଆଇ ଓ ଡିପ୍ ଲର୍ଣ୍ଣିଂର ଦୈନନ୍ଦିନ ଜୀବିକା ଓ ଭବିଷ୍ୟତ ନିର୍ଦ୍ଧାରଣ କ୍ଷେତ୍ରରେ ଥିବା ଭୂମିକା ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ପରିବର୍ତ୍ତନ ସହିତ ଖାପଖୁଆଇ ଚଳିବାକୁ ବ୍ରତ ଭାବରେ ଗ୍ରହଣ କଲେ ଜୀବନରେ ସଫଳ ହୋଇପାରିବେ ବୋଲି ମତପୋଷଣ କରିଥିଲେ। ଅନ୍ୟତମ ସମ୍ମାନୀୟ ଅତିଥି ଭାବରେ ଟାଟା ଡିଷ୍ଟ୍ରିବ୍ୟୁସନ ପାୱାର ଲିମିଟେଡ଼ର ଏଚଆର ମୁଖ୍ୟ ମୁକେଶ ସିଂ ନବାଗତ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଟାଟା ପାୱାର ଓଡ଼ିଶାର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ, ସେଥିନିମନ୍ତେ ଆବଶ୍ୟକ ଗୁଣ ଓ ବିଶେଷତା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏତଦବ୍ୟତୀତ ଓଡିଶା ସ୍କିଲ ଡେଭେଲପମେଣ୍ଟ ଅଥରିଟି(ଓଏସଡ଼ିଏ)ର ସିଟିଓ ଅଜିତ କୁମାର ଷଡ଼ଙ୍ଗୀ ନୂଆ ଓଡିଶା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଅଧକ୍ଷ ଡକ୍ଟର ଦୀପକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ସଭା ପରିଚାଳନା କରିଥିଲେ। ଏମ୍‌ବିଏ ବିଭାଗର ମୁଖ୍ୟ ଡକ୍ଟର ଦେବାଶିଷ ମହାନ୍ତି ଓ ଏମ୍‌ସିଏ ବିଭାଗର ମୁଖ୍ୟ ଡକ୍ଟର ରାଜଲକ୍ଷ୍ମୀ ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ଦ୍ୱିଦିବସୀୟ ଓରିଏଣ୍ଟେସନ ପ୍ରୋଗ୍ରାମ ତଥା କିପରି ପିଲାମାନେ ଆଗାମୀ ଦୁଇବର୍ଷ ସାଇମ୍ ରେ କଟାଇବେ ତା' ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ। ଏମ୍‌ବିଏ ବିଭାଗର ଅଧ୍ୟାପକ ଡକ୍ଟର ଅମିତାଭ ନନ୍ଦ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଓ ଅଧ୍ୟାପିକା ଡକ୍ଟର ବିଦ୍ୟା ଦାଶ ମଞ୍ଚ ପରିଚାଳନା କରିଥିଲେ।

# ଟ୍ରକ୍ ଓଲଟି ଚାଳକ ଗୁରୁତର



ବନ୍ଧୁଗାଁ, (ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ବନ୍ଧୁଗାଁ ଥାନା କୁମ୍ଭାରୀପୁଟ ଘାଟିରେ ଏକ ବକ୍ସାଇଡ ବୋଝେଇ ଟ୍ରକ ଓଲଟି ପଡିବାରୁ ଚାଳକ ଗୁରୁତର ଆହତ ହୋଇଥିବା ଜଣା ପଡିଛି। ଏନେଇ ବନ୍ଧୁଗାଁ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରସନ୍ନ କୁମାର ମିଶ୍ର ସୂଚନା ଦେଇଛନ୍ତି। ରାୟଗଡା ଜିଲ୍ଲା ଟିକିରି ସ୍ଥିତ ଆଲୁମିନା ଫେକ୍ଟ୍ରିରୁ ବକ୍ସାଇଟ ପାଉଡର ବୋଝେଇ କରି ଓଡି ଏଏଲ-୪୫୬୮ ନମ୍ବର ଟ୍ରକ ବନ୍ଧୁଗାଁ ବ୍ଲକ ଦେଇ ବିଶାଖାପାଟଣାମ ଅଭିମୁଖେ ଯାଉଥିବା ବେଳେ କୁମ୍ଭାରୀପୁଟ ଘାଟିରେ ବ୍ରେକ ଫେଲ ହୋଇ ତଳକୁ ଖସି ପଡିଥିଲା। ଫଳରେ କିଛି ଲୋକଙ୍କ ସହାୟତାରେ ଟ୍ରକ ଚାଳକ ଗୟାଧର ପ୍ରଧାନଙ୍କୁ ଆମ୍ବୁଲାନ୍ସରେ ଆଣି ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଥିଲା। ସୁଚନା ଅନୁଯାୟୀ ଗାଡ଼ି ଚାଳକଙ୍କ ହାତର ଆଙ୍ଗୁଳି ଗୁଡିକ କଟି ଯାଇଥିବା ବେଳେ ତାଙ୍କୁ ମେଡିକାଲରେ ରଖି ଚିକିତ୍ସା କରାଯାଉଛି। ଗାଡ଼ି ଚାଳକ ଜଣକ ଗାଡ଼ି ମାଲିକଙ୍କୁ ଫୋନ କରି ଜଣାଇ ଥିବା ଜଣାଇଛନ୍ତି। ଯେତେ ଥର ଉକ୍ତ ଘାଟିରେ ଭାରି ଗାଡ଼ି ଗୁଡିକ ଓଲଟିଛି ଏହି ସ୍ଥାନରେ ହିଁ ହେଉଛି, କେଉଁ କାରଣରୁ ଗାଡ଼ି ଓଲଟୁଛି ତାହା ଜାଣିବା ପରେ ଅତି ଶୀଘ୍ର ନିର୍ମାଣ କାର୍ଯ୍ୟ କରାଗଲେ ଅନେକଙ୍କ ଜୀବନ ବଞ୍ଚିପାରିବ।

## ବିଜେପିରେ ନୂଆ ମଣ୍ଡଳ ନେତୃତ୍ୱ ଘୋଷଣା

ମାଲକାନଗିରି/କାଲିମେଳା, (ଭାସ୍କର ନ୍ୟୁଜ୍): ଭାରତୀୟ ଜନତା ପାର୍ଟି (ବିଜେପି) ରାଜ୍ୟ ନେତୃତ୍ୱଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ମଣ୍ଡଳରେ ନୂତନ ମଣ୍ଡଳ ସଭାପତି, ଶକ୍ତି କେନ୍ଦ୍ର ପ୍ରମୁଖ ଏବଂ ୨୭ ଜଣ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ଶନିବାର ନାମ ଘୋଷଣା ସହ ଏକ ଭବ୍ୟ ସ୍ୱାଗତ ଓ ସମାରୋହ ଆୟୋଜିତ ହୋଇଯାଛି। ପ୍ରଥମ କାର୍ଯ୍ୟକ୍ରମ କାଲିମେଳା ବ୍ଲକ ମାଲାଭରମ ମଣ୍ଡଳରେ ଅନୁଷ୍ଠିତ ହୋଇଛି। ମାଲାଭରମ ମଣ୍ଡଳରେ ଜୟନ୍ତ ମଜୁମଦାରଙ୍କୁ ମଣ୍ଡଳ ସଭାପତି ଭାବେ ମନୋନୀତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମାଡ଼କାମୀ, ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା ଏବଂ ପୂର୍ବତନ ଜିଲ୍ଲା ସଭାପତି ନିମାଇଁ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଉପସ୍ଥିତ ନେତାମାନେ ସଂଗଠନର ଭୂମିକା, ନୂତନ ପଦାଧିକାରୀଙ୍କ ଦାୟିତ୍ୱ ଏବଂ ବିଜେପିର ଶୃଙ୍ଖଳାକୁ ବଜାୟ ରଖିବାର ମହତ୍ତ୍ୱ ଉପରେ ଅଭିଭାଷଣ ଦେଇଥିଲେ। ନୂତନ ନିଯୁକ୍ତି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ଏବଂ ଦଳର ମୂଲ୍ୟବୋଧକୁ ସମୁନ୍ନତ ରଖି ଜନସାଧାରଣଙ୍କ ସେବା କରିବା ପାଇଁ ଦୃଢ଼ ସଙ୍କଳ୍ପ ସହ କାର୍ଯ୍ୟକ୍ରମ ସମାପ୍ତ ହୋଇଥିଲା।

## ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନ ଦେବା ଘଟଣା

କନ୍ଧମାଳ, (ଭାସ୍କର ନ୍ୟୁଜ୍): ସ୍ୱାଧୀନତା ଦିବସରେ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ନ ଦେବା କାରଣରୁ ସ୍କୁଲ କର୍ତ୍ତୃପକ୍ଷଙ୍କୁ ମହଙ୍ଗା ପଡ଼ିଛି। ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ୮ଟି ବିଦ୍ୟାଳୟକୁ ଏ ନେଇ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। କନ୍ଧମାଳ ବ୍ଲକର ଶିକ୍ଷାଧିକାରୀଙ୍କୁ ନୋଟିସ ଜାରି କରିଛନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ। ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକର ୮ଟି ସ୍କୁଲକୁ ନୋଟିସ ଜାରି ହୋଇଥିବା ବେଳେ ୭ ଦିନ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟି ଆଗରେ ୧୫ ତାରିଖର ମଧ୍ୟାହ୍ନ ଭୋଜନ ଛାତ୍ରଛାତ୍ରୀଙ୍କୁ ଦେବା ସହ ପ୍ରମାଣ ସ୍ୱରୂପ ଫଟୋ ଏବଂ ଭିଡିଓ ସହ ଉତ୍ତର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ




କେନ୍ଦ୍ରାପଡା, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ କଂଗ୍ରେସ ପକ୍ଷରୁ କେନ୍ଦ୍ରାପଡ଼ାର ପର୍ଯ୍ୟବେକ୍ଷକ ସସ୍ମିତା ବେହେରାଙ୍କ ପରାମର୍ଶ କ୍ରମେ ପୂର୍ବତନ ବିଧାୟିକା ତଥା କେନ୍ଦ୍ରାପଡ଼ା ବିଧାନ ସଭା ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକ ଙ୍କ ନେତୃତ୍ୱ ରେ କେନ୍ଦ୍ରାପଡ଼ା କାଜଳା ସ୍ଥିତ କଂଗ୍ରେସ୍ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ସ୍ତରରେ କଂଗ୍ରେସ ସଂଗଠନକୁ ଅଧିକ କ୍ରିୟାଶୀଳ ଓ ମଜବୁତ୍ କରିବା ଲକ୍ଷ୍ୟରେ କାର୍ଯ୍ୟ କାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସଭା ରେ ନିଜେ କଂଗ୍ରେସ୍ ନେତ୍ରୀ ସିପ୍ରା ମଲ୍ଲିକ ସଭାପତିତ୍ୱ କରିଥିଲେ। ପ୍ରଥମେ କେନ୍ଦ୍ରାପଡା କଂଗ୍ରେସ୍ ଭବନ ରେ ଅଭିଯୋଗ ଶୁଣାଣୀ ପ୍ରକୋଷ୍ଠ ଖୋଲିବାକୁ ଆଲୋଚନା କରାଯାଇଥିଲା। ଅଖିଳ ଭାରତୀୟ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀଙ୍କ ଭୋଟ ଚୋରି ପ୍ରସଙ୍ଗକୁ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଉଦ୍ୟମ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଏହି ବୈଠକ ରେ ୧୩୦ ତମ ସମ୍ବିଧାନ ସଂଶୋଧନକୁ ବିରୋଧ ସହ ରାହୁଲ୍ ଗାନ୍ଧୀଙ୍କ ଗଣତନ୍ତ୍ର ସୁରକ୍ଷା କାର୍ଯ୍ୟକ୍ରମ କୁ ସ୍ୱାଗତ କରାଯାଇଥିଲା। ଉକ୍ତ ବୈଠକ ରେ କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ସମସ୍ୟା ବିରୋଧ ରେ କିପରି ନିର୍ବାଚନ ମଣ୍ଡଳୀ ସ୍ତରରେ ବିରୋଧ ଓ ଆନ୍ଦୋଳନକୁ ସକ୍ରିୟ କରାଯିବ ସେ ନେଇ ବିଶେଷ ଆଲୋଚନା କରିଥିଲେ ବିଧାୟିକା ପ୍ରାର୍ଥୀ ଡକ୍ଟର ସିପ୍ରା ମଲ୍ଲିକ। ଏହି ବୈଠକରେ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ୍ ସଂଯୋଜକ ପ୍ରଫୁଲ୍ଲ ଦାସ, ବରିଷ୍ଠ କଂଗ୍ରେସ ନେତା ଫକୀର ଚରଣ ଖଟୁଆ, ପୂର୍ବତନ କେନ୍ଦ୍ରାପଡା ପୌରାଧକ୍ଷ ଆକବର ଅଲ୍ଲୀ, ପ୍ରଦେଶ କଂଗ୍ରେସ କମିଟି ସଦସ୍ୟା ସସ୍ମିତା ପଣ୍ଡା,ବରିଷ୍ଠ କଂଗ୍ରେସ ନେତା ବସନ୍ତ ସେଠୀ, ବରିଷ୍ଠ ଆଇନ୍ ଜିବୀ ବିଧୁ ଭୂଷଣ ମହାପାତ୍ର, ଯୁବ ନେତା ରଶ୍ମିରଞ୍ଜନ ଚୌଧୁରୀ, ବିପ୍ଳବ ମହାନ୍ତି, ନିଲୋ ଖାଁ, ହିମାଂଶୁ ନନ୍ଦ, ସେଖ ଆନସ, ଶେଖ କାଲା, ଶେଖ ଜଲାଲ ଉଦ୍ଦିନ, ଭଳି ଅନେକ ବରିଷ୍ଠ ନେତା ଓ ସଂଗଠକ ଉପସ୍ଥିତ ରହି ବୈଠକକୁ ସଫଳ କରିଥିଲେ।

# ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧୋତ୍ସବ ଓ ସମ୍ବର୍ଦ୍ଧନା ସମାରୋହ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଶ୍ରମିକ ଦରଦ ଥିଲା ପ୍ରତାପଙ୍କ ଆଖିର ଲୁହ, ସର୍ବ ଭାରତୀୟ ଶ୍ରମିକ ନେତା ତଥା ଭାରତୀୟ ମଜଦୂର ସଂଘର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତା, ଅଖିଳ ଭାରତୀୟ ଖଣିଜ ଧାତୁ ମଜଦୂର ମହାସଂଘର ରାଷ୍ଟ୍ରିୟ ସହସମ୍ପାଦକ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧ ସମାରୋହ ଭଦ୍ରକ ସହର ସ୍ଥିତ ଶହୀଦ୍ ସ୍ମୃତି ଭବନ (ଟାଉନ ହଲ) ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି। ସକାଳେ ବିଷ୍ଣୁପୁର ଛକ ସ୍ଥିତ ସ୍ୱର୍ଗତ ପଣ୍ଡାଙ୍କ ପ୍ରତିମୂର୍ତ୍ତିରେ ବହୁ ବୁଦ୍ଧିଜୀବୀ, ଭାରତୀୟ ମଜଦୂର ସଂଘର କର୍ମକର୍ତ୍ତା ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଟାଉନହଲରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ମୃତି ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାରଙ୍କ ପୌରୋହିତ୍ୟ ଏବଂ ପ୍ରଧାନ ଶିକ୍ଷକ ବିଜୟ ମିଶ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ତଥା ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ନବୀନ ଦାସ, ବିଶିଷ୍ଟ ଅତିଥି ଭାବେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଭାରତୀୟ ମଜଦୂର ସଂଘର ରାଜ୍ୟ ସଭାପତି ଯୋଗ ଦେଇ ସ୍ୱର୍ଗତ ପ୍ରତାପ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ। ସଂଘୀୟ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଇ ଏକ ସଡ଼କ ଦୁର୍ଘଟଣାରେ ୨୦୧୧ ମସିହା ଅଗଷ୍ଟ ୨୩ ତାରିଖରେ ତାଙ୍କର ନାଗପୁର ଠାରେ ଦେହାନ୍ତ ହୋଇଥିଲା। ତାଙ୍କ ନିଧନ ସମଗ୍ର ଶ୍ରମିକ ସମାଜ ପାଇଁ ଏକ ଅପୂରଣୀୟ କ୍ଷତି, କିଛି ମହାମନିଷୀ ସ୍ୱଳ୍ପ ସମୟ ପାଇଁ ଧରାପୃଷ୍ଠକୁ ଆସିଥିଲେ, ସେମାନେ ସମାଜ ପାଇଁ କିଛି ଛାପ ଛାଡ଼ି ଯାଇଛନ୍ତି। ସେହିଭଳି ପ୍ରତାପ ପଣ୍ଡା ମଧ୍ୟ ସ୍ୱଳ୍ପ ସମୟ ମଧ୍ୟରେ ସମଗ୍ର ଦେଶ ପାଇଁ ଶ୍ରମିକ ସଂଗଠନ ଜରିଆରେ ମହନୀୟ ବାର୍ତ୍ତା ଛାଡ଼ି ଯାଇଛନ୍ତି ବୋଲି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଉପଲକ୍ଷେ ଗତ ୨୦ ତାରିଖରେ ଚିଙ୍ଗୁଡ଼ିପୁର ଗ୍ରାମର ଚିଙ୍ଗୁଡ଼ିଶୁଣି ମନ୍ଦିର ରାସ୍ତାରେ ପ୍ରାୟ ୩ଶହରୁ ଉର୍ଦ୍ଧ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ବିଶିଷ୍ଟ ପ୍ରତିଭା ଭାବେ ବିଶିଷ୍ଟ ଉଦ୍ୟୋଗପତି ଭାବେ ମନୋଜ ନାୟକ, ଶିକ୍ଷକ ସମରେନ୍ଦ୍ର ମିଶ୍ର, ପୂର୍ବତନ ବିଏମ୍‌ଏସ୍ର ଜିଲ୍ଲା ସମ୍ପାଦକ ତଥା ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଗଠନର ସଦସ୍ୟ ବିଜୟ ଭୂଷଣ ନାୟକ, ଭଦ୍ରକ ଜିଲ୍ଲା ଅଙ୍ଗନବାଡ଼ି ସଂଘର ପ୍ରମିଳା ପାଢ଼ୀ, ସମାଜେସେବୀ ପାର୍ଥ ସାରଥୀ ନାୟକ, ଆଦର୍ଶ କୃଷକ ଉଦୟନାଥ କର, କୃତି ଛାତ୍ର ସଦାନନ୍ଦ ପଣ୍ଡା ପ୍ରମୁଖଙ୍କୁ ସଂସଦ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୬୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଭାରତୀୟ ମଜଦୂର ସଂଘ ଜିଲ୍ଲା ସଭାପତି ମନୋଜ ବସନ୍ତରାୟ, ସମ୍ପାଦକ ପରେଶ ନାଥ ଧଳ, ବସନ୍ତ ରାଉତ, ବିଦ୍ୟାଧର ସେଠୀ, କମଳାକାନ୍ତ ସାହୁ, ଅଶୋକ ନାୟକ, ବିଶ୍ୱନାଥ ଜେନା, ଲକ୍ଷ୍ମୀପ୍ରିୟା ପାତ୍ର, ସନ୍ଧ୍ୟାରାଣୀ ପହି, ବସନ୍ତ ବଳ, ତପନ ପାତ୍ର, ଯୋଗେଶ୍ୱର ଦାସ, ବିଜୟ ଖିଲାର, ଗଣେଶ୍ୱର ସାହୁ, ଅମୂଲ୍ୟ କୁମାର ନାୟକ, ଭ୍ରମର ନାୟକ, ଚନ୍ଦ୍ରଶେଖର ଜେନା, ମନୋଜ ଲେଙ୍କା, ବିଭୁତି ପାଣିଗ୍ରାହୀ, ବିଜୟପ୍ରତାପ ଜେନା, ପ୍ରଫୁଲ୍ଲ ନାୟକ, ତପନ ପଣ୍ଡା, ବିପିନ୍ ମିଶ୍ର, ସୁଶାନ୍ତ ନାୟକ, ସ୍ମିତା ନାୟକ, ମମତା ବାରିକ, ସଞ୍ଜୁଲତା ରାଉତ, ନିରୂପମା ପାତ୍ର, ପ୍ରମୁଖ ପରିଚାଳନା କରିଥିଲେ। ସମ୍ପାଦକ ଡାକ୍ତର ରବୀନ୍ଦ୍ର କୁମାର ପଣ୍ଡା ପାଥମିକ ସୂଚନା, ସୁରେଶ ସାମଲ ଅତିଥି ପରିଚୟ, ଯୋଗେଶ୍ୱର ଦାସ (ରାୟଗଡ଼ା) ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ମୁକ୍ତିକାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପ ଇଫକୋ ପକ୍ଷରୁ ସାମୂହିକ ସଚେତନତା କାର୍ଯ୍ୟକ୍ରମ

ପାରାଦୀପ, (ଭାସ୍କର ନ୍ୟୁଜ୍): ଇଫକୋ ପାରାଦୀପ ୟୁନିଟ୍ ସର୍ବଦା ନିଜର କର୍ମଚାରୀ, ଠିକାଦାର ଶ୍ରମିକ ଏବଂ ନିକଟବର୍ତ୍ତୀ ଗ୍ରାମ ଗୁଡ଼ିକରେ ଜନସାଧାରଣଙ୍କୁ ସଚେତନ ଏବଂ ଶିକ୍ଷିତ କରିବା ପାଇଁ ପଦକ୍ଷେପ ଗ୍ରହଣ କରିଥାଏ। ଇଫକୋ ବିପର୍ଯ୍ୟୟ ପରିଚାଳନା, ସମ୍ବନ୍ଧୀୟ ବିପଦ ଏବଂ ବିଶେଷକରି ଜରୁରୀକାଳୀନ ସମୟରେ ସତର୍କତା ଯଥା ନିକଟବର୍ତ୍ତୀ ଗ୍ରାମଗୁଡ଼ିକରେ ଆମୋନିଆ ଗ୍ୟାସ୍ ଲିକେଜ୍ ବିଷୟରେ ସଚେତନତା କାର୍ଯ୍ୟକ୍ରମ ପରିଚାଳନା କରିଥିଲା। ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ ଏବଂ ଜଗତସିଂହପୁରର କଲେକ୍ଟୋରେଟ ଠାରେ ଜିଲ୍ଲା ସଙ୍କଟ ଗୋଷ୍ଠୀ (ଡିସିଜି) ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଇଫକୋ ପାରାଦୀପ ୟୁନିଟ୍ ଦ୍ୱାରା ୨୨ ଅଗଷ୍ଟ, ୨୦୨୫ (ଶୁକ୍ରବାର) ଦିନ ୧୧.୦୦ଟାରେ କୁଜଙ୍ଗ ବ୍ଲକର ଜଗତି ଗ୍ରାମ ଜଗନ୍ନାଥ ମନ୍ଦିର ପରିସରରେ ଆମୋନିଆ ଲିକେଜ୍ କ୍ଷେତ୍ରରେ ବିପର୍ଯ୍ୟୟ ପରିଚାଳନା, ଗୃହ ସୁରକ୍ଷା, ଅଗ୍ନି ନିରାପତ୍ତା ଏବଂ ସଡ଼କ ସୁରକ୍ଷା ସଚେତନତା ଉପରେ ଏକ ସାମୁହିକ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ, କୃଷକ ସାଥୀ, ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି ସଦସ୍ୟ ଏବଂ ଅନ୍ୟମାନଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୩୦୦ରୁ ଉର୍ଦ୍ଧ ଅଂଶଗ୍ରହଣ କାରୀ ଅତ୍ୟନ୍ତ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ଆମୋନିଆ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ତାହାର ଲିଫଲେଟ୍ ସେମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଗ୍ରାମବାସୀଙ୍କୁ ନିଜକୁ ଏବଂ ନିଜ ସାଥୀମାନଙ୍କୁ ସୁରକ୍ଷା ଦେବା ପାଇଁ ସଚେତନ କରିବା ପାଇଁ କରାଯାଇଥିଲା। ଗ୍ରାମବାସୀ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। କୁଳମଣି ମାଝୀ, ଏମଆର ନାୟକ, ପି.ସି.ବିଶ୍ୱାଳ, ଆର.କେ ରଞ୍ଜନ, ଏ.କେ.ଜେନା ଏବଂ ଜେ.କେ.ଜେନା ପ୍ରମୁଖ ଉପସ୍ଥିତ ଲୋକମାନଙ୍କୁ ଜରୁରୀକାଳୀନ ପରିସ୍ଥିତି ସମୟରେ ଗ୍ରହଣ କରିବାକୁ ଥିବା ସତର୍କତା ବିଷୟରେ ବୁଝାଇଥିଲେ ଏବଂ ବିଷାକ୍ତ ଗ୍ୟାସ ଲିକେଜ୍ ସମୟରେ କ'ଣ କରିବେ ଏବଂ କ'ଣ କରିବେ ନାହିଁ ସେ ବିଷୟରେ ଓଡ଼ିଆ ଭାଷାରେ ବିଭିନ୍ନ ଉପଦେଶ ପ୍ରଦାନ କରିଥିଲେ।

### କୋକସରା ବ୍ଲକରେ ପ୍ରାକ୍ ପ୍ରାଥମିକ ଶିକ୍ଷା ବାଟବଣା

## ସମସ୍ୟା ଘେରରେ ୪୫ ଅଙ୍ଗନୱାଡ଼ି କେନ୍ଦ୍ର

- ଭଡ଼ାଘରେ ଚାଲିଛି ୫ ଅଙ୍ଗନୱାଡ଼ି କେନ୍ଦ୍ର
- ୩୩ କେନ୍ଦ୍ର ନିର୍ମାଣଧୀନ, ୫ କୋଠାର ନିର୍ମାଣ କାମ ଆରମ୍ଭ ହୋଇନି



କୋକସରା, (ଭାସ୍କର ନ୍ୟୁଜ୍) : ଗର୍ଭବତୀ ମହିଳା ଓ ଶିଶୁ ମାନଙ୍କ ବିକାଶ ପାଇଁ ଗାଁ ଗାଁରେ ରହିଛି ଅଙ୍ଗନୱାଡ଼ି କେନ୍ଦ୍ର। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିକାଶ ଅଧିନରେ ଏହି କେନ୍ଦ୍ର ସବୁ ପରିଚାଳିତ ହେଉଛି। ତେବେ କୋକସରା ବ୍ଲକର କେତେକ ଅଙ୍ଗନୱାଡ଼ି କେନ୍ଦ୍ରର ଭିତ୍ତିଭୂମି ଶୂନ ଥିବା ଦେଖିବାକୁ ମିଳୁଛି। ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କୋକସରା ବ୍ଲକରେ ମୋଟେ ୧୬୮ ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ସେଗୁଡିକୁ ୮ଗୋଟି ସେକ୍ଟରରେ ଭାଗ କରାଯାଇଛି। ମୋଟେ ୧୬୮ ଅଙ୍ଗନବାଡ଼ି କେନ୍ଦ୍ର ମଧ୍ୟରୁ ୧୨୩ କେନ୍ଦ୍ରରେ ନିଜସ୍ୱ କୋଠା ରହିଛି। ତନ୍ମଧ୍ୟରୁ ୫ ଗୋଟି କେନ୍ଦ୍ର ଭଡ଼ାଘରେ ଚାଲିଛି, ୩୩ ଗୋଟି କେନ୍ଦ୍ରର କୋଠା ନିର୍ମାଣଧୀନ ରହିଥିବାବେଳେ ୪ ଗୋଟି କେନ୍ଦ୍ରର କୋଠା କାମ ସରିଛି। ଏବଂ ଅନ୍ୟ ୫ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ଯଥା ଆମପାଣି କଲୋନୀପଡା, ବସ୍ତିପଡା, ଲଡୁଗାଁ ବନ୍ଦପଡା, ସିର୍ଲିଗୁଡା ତେନ୍ତୁଳିପଡା ଓ ପଦରପଡା କେନ୍ଦ୍ରର କୋଠା ନିମନ୍ତେ ଅନୁଦାନ ଆସିଥିଲେ ମଧ୍ୟ ବିଭିନ୍ନ କାରଣରୁ ନିର୍ମାଣ କାର୍ଯ୍ୟ ଏଯାବତ୍ ଆରମ୍ଭ ହୋଇପାରିନାହିଁ। ତେବେ ୪୫ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ଅନ୍ଧ ଗଳିରେ ରହି ବ୍ଲକରେ ଏକ ପ୍ରକାର ପ୍ରାକ୍ ପ୍ରାଥମିକ ଶିକ୍ଷା ବାଟବଣା ହେଲା ଭଳି ମନେ ହେଉଛି। ଏଣେ ଏହି ସବୁ କେନ୍ଦ୍ରରେ ପଢୁଥିବା ଶିଶୁ ଓ ଅଙ୍ଗନୱାଡ଼ି କର୍ମୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି। ଏନେଇ ସମ୍ପୃକ୍ତ କେନ୍ଦ୍ର ସବୁର ଅବିଭାବକ ଓ ଗ୍ରାମବାସୀ ବାରମ୍ବାର ସମ୍ପୃକ୍ତ ବିଭାଗ ଓ ପ୍ରଶାସନକୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ତେଣୁ ଏହି କେନ୍ଦ୍ର ସବୁର ଛାତ୍ରଛାତ୍ରୀ ମାନଙ୍କ ଭବିଷ୍ୟତକୁ ନେଇ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକର ଅଙ୍ଗନବାଡ଼ି କେନ୍ଦ୍ର ମାନଙ୍କର ଅସୁବିଧା ସମ୍ପର୍କରେ କୋକସରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମତାମତ ନେବାରୁ ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକର ସମସ୍ୟା ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଶୀଘ୍ର ସମାଧାନ ହୋଇଯିବ ବୋଲି କହିଛନ୍ତି।

## 'ହାଇ ଆଚିଭର' ଚୟନ ନିମନ୍ତେ ପରୀକ୍ଷା ଦେଲେ ୧୨୩୭ ଛାତ୍ରଛାତ୍ରୀ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାରେ ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀମାନଙ୍କ ଉତ୍ତମ ପରୀକ୍ଷା ଫଳ ପ୍ରଦର୍ଶନ ନିମନ୍ତେ ଜିଲ୍ଲା ପକ୍ଷରୁ ଅଭିନବ କାର୍ଯ୍ୟକ୍ରମ 'ପ୍ରକାଶ -୨୦୨୬' ହାତକୁ ନିଆଯାଇଛି। ଏଥି ନିମନ୍ତେ ଜିଲ୍ଲାର ତେର ଗୋଟି ବ୍ଲକର ୧୪ ଟି ପରୀକ୍ଷା କେନ୍ଦ୍ରରେ ହାଇ ଆଚିଭର ଚୟନ ନିମନ୍ତେ ଆୟୋଜିତ ପରୀକ୍ଷାରେ ଜିଲ୍ଲାର ମୋଟ ୩୧୬ ଟି ଉଚ୍ଚ ବିଦ୍ୟାଳୟର ୧୨୩୭ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।ଏଥିରେ କୃତକାର୍ଯ୍ୟ ହୋଇଥିବା ମୋଟ ୫୦୦ ଜଣ ଛାତ୍ରଛାତ୍ରୀଙ୍କୁ 'ଏ ୱାନ' ଗ୍ରେଡ୍ ପାଇବା ପାଇଁ କୋଚିଂ ପ୍ରଦାନ କରାଯିବ। ଏ ବର୍ଷ ମାଟ୍ରିକ ପରୀକ୍ଷାରେ ୧୦୦ ଜଣ ଛାତ୍ରଛାତ୍ରୀଙ୍କ ଏ ୱାନ ଗ୍ରେଡ୍ ହାସଲ, ୫୦୦ ଜଣ ଏ ଟୁ ଗ୍ରେଡ୍ ହାସଲ ଓ ସମସ୍ତ ଉଚ୍ଚ ବିଦ୍ୟାଳୟ ରେ ଶତ ପ୍ରତିଶତ ପାସ ହାର ପାଇଁ ପ୍ରକାଶ କାର୍ଯ୍ୟକ୍ରମରେ ଲକ୍ଷ୍ୟ ରଖାଯାଇଛି। କଳାହାଣ୍ଡି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନ ଓ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଚୟନ ପରୀକ୍ଷାରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ଶୁଭଲକ୍ଷ୍ମୀ ନାୟକ, ହେମସାଗର ମହାନନ୍ଦ, ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ ସାଧନ କର୍ମୀ ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପଞ୍ଚସଖା ଶିକ୍ଷା ସେତୁ ଜିଲ୍ଲା ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଂଯୋଜକ ବିରେନ୍ଦ୍ର କୁମାର ଆଚାର୍ଯ୍ୟ ବିଭିନ୍ନ କେନ୍ଦ୍ର ପରିଦର୍ଶନ କରି ପରୀକ୍ଷା ପରିଚାଳନା କାର୍ଯ୍ୟ ତଦାରଖ କରିଥିଲେ। ସମସ୍ତ ପରୀକ୍ଷା କେନ୍ଦ୍ରର ପ୍ରଧାନଶିକ୍ଷକ ଶିକ୍ଷୟିତ୍ରୀ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

## ବଡ଼ ଘୁମରରେ ନାରୀ ସଚେତନା କାର୍ଯ୍ୟକ୍ରମ





ଧର୍ମଗଡ଼ (ଭାସ୍କର ନ୍ୟୁଜ୍) : ଧର୍ମଗଡ ବ୍ଲକ ବଡ ଘୁମର୍ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ମହିଳାଙ୍କ ସଚେତନତାକୁ ନେଇ ଭାରତୀୟ ଆଦିମ ଜାତି ସେବାସଙ୍ଘ ଓ ସମାଜ କଲ୍ୟାଣ କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବଡଘୁମର ସରପଞ୍ଚ ଜନ୍ମେଜୟ ଗୋପାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥି ଭାବେ କ୍ଷେତ୍ର ଅଧିକାରୀ ଫୁଲ ଜେନସିଆ ସୋରେଙ୍ଗ, ସିଡ଼ିପିଓ ଧରିତ୍ରୀ ପାଣିଗ୍ରାହୀ, ସୁପର ଭାଇଜର ସତ୍ୟପ୍ରିୟା ମହାପାତ୍ର, ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ଜେଣ୍ଡର ସ୍ପେସିଆଲିଷ୍ଟ ରାମଚନ୍ଦ୍ର ବାଗ ଯୋଗଦେଇ ଶକ୍ତି ସଦନ ରେ କେଉଁ ମହିଳା ମାନେ ରହିପାରିବେ, ବାଲ୍ୟ ବିବାହ ରୋକିବା, ଯୌତୁକ ପ୍ରଥା, ଘରୋଇ ହିଂସା, ଯୌନ ଓ ମାନସିକ ନିର୍ଯାତନା ସଂପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଧର୍ମଗଡ ଶକ୍ତି ସଦନର ପରିଚାଳିକା ସସ୍ମିତା ପାତ୍ର କାର୍ଯକ୍ରମ ପରିଚାଳନା କରି ମହିଳାମାନେ କିଭଳି ଶିକ୍ଷା କ୍ଷେତ୍ରରେ କିଭଳି ଆଗକୁ ଯିବେ,ସେମାନେ କେମିତି ଆତ୍ମନିର୍ଭରଶିଳ ହେବେ, ସ୍ୱାସ୍ଥ୍ୟର ଯତ୍ନନେବେ,ନିର୍ଯାତନାରୁ କିଭଳି ଦୁରେଇ ରହିବେ ତଥା ବାଲ୍ୟ ବିବାହରୁ ଦୁରେଇ ରହିବା ସହ ସରକାରଙ୍କ ତରଫରୁ ମହିଳା ମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ବିଷୟରେ ବୁଝାଇ ଥିଲେ। ଅନୁଷ୍ଠିତ ସାଧାରଣ ସଭାରେ ବଡ ଘୁମର ପଞ୍ଚାୟତର ସିଆରପି,ଏମବିକେ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ସମେତ ଗ୍ରାମର ଯୁବତୀ ମାନେ ବହୁ ସଂଖ୍ୟାରେ ସାମିଲ ଥିବା ବେଳେ ଧର୍ମଗଡ ଶକ୍ତି ସଦନ ଗୃହ କାର୍ଯ୍ୟାଳୟର ଦେବରାଜ ମହାନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ।

## ଭୁଲିଆ ସମାଜ ପକ୍ଷରୁ ଚାରାରୋପଣ



ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଲିମସେର ଖେଳପଡିଆ ଠାରେ ଲିମସେର ଗ୍ରାମ୍ୟ ମେହେର ( ଭୁଲିଆ ) ଯୁବା ମଞ୍ଚ ଆନୁକୂଲ୍ୟରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଉପଲକ୍ଷେ ଜିଲ୍ଲା ଯୁବ ମଞ୍ଚ ସଭାପତି ଗୋପାଳ ଚନ୍ଦ୍ର ମେହେରଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲିମସେର ସମାଜ ସଭାପତି ଅତୁଲ୍ୟ ମେହେର, ବରିଷ୍ଠ ସଦସ୍ୟ ଲକ୍ଷ୍ମଣ ମେହେର, ବରିଷ୍ଠ ସଦଶ୍ୟା ସରୋଜିନୀ ମେହେର, ଲିମସେର ଯୁବା ମଞ୍ଚର ସକ୍ରିୟ ସଦସ୍ୟ ଭିଷ୍ମରଥି ମେହେର, ସୁବାସ ମେହେର, ଅମିତ୍ ମେହେର, ରବି ମେହେର, ନୃପରାଜ ମେହେର, ପ୍ରେମାନନ୍ଦ ମେହେର, ଭାଗିରଥି ମେହେର, ଅରକ୍ଷିତ ମେହେର, ସୁନିଲ ମେହେର, ବିଘ୍ନରାଜ ମେହେର ତଥା ଯୁବା ମଞ୍ଚର ଅନ୍ୟ ସଦସ୍ୟ ମାନେ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଆଗାମୀ ଦିନରେ ଯୁବା ମଞ୍ଚ ତରଫରୁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଯୁବାମଞ୍ଚ ସଭାପତି ଗୋପାଳ ଚନ୍ଦ୍ର ମେହେର ମତବ୍ୟକ୍ତ କରିଥିଲେ।

## ବସ୍ ମାଲିକ ସଂଘର ସମ୍ପାଦକଙ୍କ ପ୍ରବୀଣଙ୍କ ପରଲୋକ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ପ୍ରବୀଣ ଖମାରୀ (ମୁନ୍ନା)ଙ୍କ ୨୨ତାରିଖ ଶୁକ୍ରବାର ଅପରାହ୍ନରେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ମାତ୍ର ୫୩ ବର୍ଷ ବୟସ ହୋଇଥିଲା। ୨୨ତାରିଖ ଦିନ ହଠାତ୍ ହୃଦଘାତ ଯୋଗୁଁ ସେ ଗୁରୁତର ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଭବାନୀପାଟଣାରୁ ଅଧିକ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଉଥିଲା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଭବାନୀପାଟଣା ସହରର ଅନ୍ୟତମ ବିଜେଡି ଯୁବନେତା ଭାବେ ପରିଚିତ ପ୍ରବୀଣଙ୍କ ଆକସ୍ମିକ ବିୟୋଗରେ ଭବାନୀପାଟଣା ସହର ତଥା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅନେକ ବନ୍ଧୁ ଓ ବ୍ୟକ୍ତି ବିଶେଷ ସୋସିଆଲ୍ ମିଡିଆରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକବ୍ୟକ୍ତ କରିଛନ୍ତି। ଅନୁରୂପ ଭାବେ ସ୍ୱର୍ଗତ ଖମାରୀଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ କଳାହାଣ୍ଡି ଘରୋଇ ବସ୍ ମାଲିକ ସଂଘର ସଭାପତି ପ୍ରବୋଧ କୁମାର ରଥଙ୍କ ନିଷ୍ପତ୍ତି କ୍ରମେ ଶନିବାର ୨୩ ତାରିଖ ସକାଳ ଛଅଟାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଘରୋଇ ବସ୍ ଚଳାଚଳ ବନ୍ଦ ରହିଛି। ଭବାନୀପାଟଣା ସହରର ଆଶା ସାଗର ନିକଟସ୍ଥ ଶ୍ମଶାନଘାଟଠାରେ ଶନିବାର ପୂର୍ବାହ୍ନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।ସ୍ୱର୍ଗତ ଖମାରୀ କଳାହାଣ୍ଡି ଜିଲ୍ଲାର ବିଶିଷ୍ଟ ହୋଟେଲ ଶିଳ୍ପ ଉଦ୍ୟୋଗୀ ତଥା ଭାଗିରଥୀ ଗ୍ରୁପର ଅଧ୍ୟକ୍ଷ ପ୍ରମୋଦ କୁମାର ଖମାରୀଙ୍କ ସାନଭାଇ ଅଟନ୍ତି।

## ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟରେ ସ୍ୱାଗତ ସମାରୋହ




ଗୋଲାମୁଣ୍ଡା,(ଭାସ୍କର ନ୍ୟୁଜ):ଗୋଲାମୁଣ୍ଡା ସ୍ଥିତ ସର୍ବମଙ୍ଗଳା ଡିଗ୍ରୀ ମହାବିଦ୍ୟାଳୟରେ ପ୍ରଥମ ବର୍ଷରେ ଯୋଗ ଦେଇଥିବା ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଧ୍ୟକ୍ଷ ଶରତ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ଗୋଲାମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରାବସ୍ଥା ହିଁ ସ୍ୱପ୍ନ ଦେଖିବା ଓ ସ୍ୱପ୍ନକୁ ସଫଳ ରୂପ ଦେବାର ପ୍ରକୃଷ୍ଟ ସମୟ ବୋଲି ମତ ପୋଷଣ କରିବା ସହ ନିଜ ଛାତ୍ରାବସ୍ଥାର ଅନୁଭବ ଓ ଅନୁଭୂତି ପ୍ରକାଶ କରିଥିଲେ। ସମାରୋହରେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ନବୀନ ଚନ୍ଦ୍ର ମେହେର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିକାଶ ରଞ୍ଜନ ନାଏକ ଛାତ୍ରଛାତ୍ରୀଙ୍କ ବିଷୟ ଚୟନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଗୋବିନ୍ଦ ସାହୁ ମଞ୍ଚ ପରିଚାଳନା କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ଶିକ୍ଷାନୀତିର ଉପଯୋଗୀତା ଓ କଳାହାଣ୍ଡି ଜିଲ୍ଲା ପ୍ରଶାସନର ନୂତନ ପ୍ରୟାସ 'ମିଶନ ଆକାଂକ୍ଷା' ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନବକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସଫଳତା ପାଇଁ ଅଧ୍ୟାପକ ସଞ୍ଜୟ କୁମାର ପାଇଟଲ, ହରେକୃଷ୍ଣ ମେହେର, ସୁଶୀଳା ରାଉତ, ଝରଣା ମେହେର, ସମା ପ୍ରିନ, ଲକ୍ଷ୍ମଣ କୁମାର ସାହୁ, ଉଦ୍ଧବ ନାଏକ, ମୁକେଶ କୁମାର ସାହୁ, ଶଙ୍କର ମେହେର, ତପନଜିତ ବାଗ, ଲସବ ସେଠୀଆ, ଫିରୋଜ ରାଉତ, ଦକ୍ଷା ଦେବୀ ସାହୁ, ମୁରଲୀଧର ସାହୁ, ଘେନୁରାମ ମାଝୀ, ପ୍ରେମଲାଲ ନାଏକ, ଗଣପତି ଚଲାନ, ବସବ ସେଠୀଆ, ଜିତେନ୍ଦ୍ର ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ।

## ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବିରେ ଜୟପାଟଣା ବନ୍ଦ




ଜୟପାଟଣା, (ଭାସ୍କର ନ୍ୟୁଜ୍) : ଜୟପାଟଣାକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ଦାବି ନେଇ ବିଜେଡି ପକ୍ଷରୁ ୬ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏ ନେଇ ସମସ୍ତ ଦୋକାନ ବଜାର, ସ୍କୁଲ, କଲେଜ ଓ ଅଫିସ୍ ବନ୍ଦ ହୋଇଛି ଜରୁରୀକାଳୀନ ସେବାରେ ଥିବା ଯାନ ବାହାନକୁ ଛାଡ଼ି ଅନ୍ୟ ସମସ୍ତ ଗାଡି ଚଳାଚଳ ବନ୍ଦ ରହିଛି। ମୋହନ ସରକାର ବର୍ତ୍ତମାନ ରାଜ୍ୟରେ ୧୨ ଗୋଟି ଏନଏଏସି ଘୋଷଣା କରିଛନ୍ତି କିନ୍ତୁ ଏଥିରେ ବିଜେଡ଼ି ସରକାର ବେଳେ ଘୋଷଣା ହୋଇଥିବା ଜୟପାଟଣା ଏନ୍ଏସି ବାଦ କରାଯାଇଛି। ଯାହାର ପ୍ରତିବାଦରେ ଜୟପାଟଣା ବିଜୁ ଜନତା ଦଳ ପକ୍ଷରୁ ବନ୍ଦ ଡାକରା ଦିଆଯାଇଛି। ଏଥିରେ ବ୍ଲକ ବିଜେଡି ସଭାପତି ମିନିକେତନ ପୁଝାରି, ଦିଲୀପ ରାଉତ, ସତ୍ୟନାରାୟଣ ଅଗ୍ରୱାଲ, ବିଘ୍ନରାଜ ପଣ୍ଡା, ଶତ୍ରୁଘନ ରାଉତ,ଅନୀଲ ସାହୁ, ଅମ୍ବୁଜ ଧଙ୍ଗଡାମାଝୀ, ମସିମ ଖାନ, ଭୁବନେ ଗୌନ୍ତିଆ ଓ ଜନସାଧାରଣ ଉପସ୍ଥିତ ଥିଲେ। ସରକାର ଜୟପାଟଣାକୁ ଏନ୍ଏସି ଘୋଷଣା କରନ୍ତୁ ବୋଲି ଦାବି କରାଯାଇଛି।

## ଧର୍ମପରାୟଣ ମହିଳାଙ୍କ ବିୟୋଗ



ଧର୍ମଗଡ (ଭାସ୍କର ନ୍ୟୁଜ)ଧର୍ମଗଡ ବ୍ଲକ ପର୍ଲା ଗ୍ରାମର ଧର୍ମପରାୟଣ ମହିଳାଙ୍କ ଶନିବାର ଦିନ ନିଜ ବାସ ଭବନରେ ବିୟୋଗ ଘଟିଛି। ମହିଳା ଜଣକ ଶାନ୍ତିଲତା ପୁରୋହିତ (୮୨)। ସେ ଜଣେ ମିଠା ଭାଷୀ ଓ ପରୋଉପକାରୀ ରହିଥିଲେ। ବିଶେଷ ଭାବେ ଈଶ୍ୱର ବିଶ୍ୱାସ ଓ ପୂଜାର୍ଚ୍ଚନା ପ୍ରତି ତାଙ୍କ ଭାରି ଆଗ୍ରହ ରହିଥିଲା। ମୃତ୍ୟୁ ବେଳକୁ ପୁଅ ବୋହୂ ନାତି ନାତୁଣୀ ଓ ପରିଜନ ଉପସ୍ଥିତ ରହିଥିଲେ। ଗାଁ ଶ୍ମଶାନରେ ଆଜି ତାଙ୍କର ଶେଷ କୃତ ସଂପନ୍ନ ହୋଇଥିଲା।ବଡ଼ ପୁଅ ନବୀନ କୁମାର ପୁରୋହିତ ଓ ନାତି ସ୍ୱରୂପ ପୁରୋହିତ ମାଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସ୍ଥାନୀୟ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ମୌସୁଧିବାଗ,ସରପଞ୍ଚ ବ୍ରିଜଲାଲ ନାଏକ, ସାମ୍ବାଦିକ ସୁବାସ ବାଗ, ଅରୁଣ ଜାଲ ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ଦୋକାନୀଙ୍କ କବ୍ଜାରେ ପାଦଚଲା ରାସ୍ତା, ପ୍ରଶାସନ ନୀରବ




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ପଥଚାରୀଙ୍କ ଗମନା ଗମନକୁ ସୁଦୃଢ଼ କରିବା ପାଇଁ ସରକାର ଆପ୍ରାଣ ଉଦ୍ୟମ କରୁଥିବା ବେଳେ ବିଭିନ୍ନ ସମୟରେ କିଛି ଦୋକାନୀ ମାନେ ଅବାଧରେ ରାସ୍ତା କଡ଼ ଗୁଡିକରେ ନିଜସ୍ୱ ବ୍ୟବସାୟ ପ୍ରତିଷ୍ଠାନ ବଢେଇ ବେପାର ବୃଦ୍ଧି କରିବାରେ ଲାଗିଛନ୍ତି। ସେହିପରି କର୍ଲାମୁଣ୍ଡା ବ୍ଲକ୍ ରିଷିଡାରେ ଥିବା ରାସ୍ତାର ଫୁଟଫାଥ୍ ପାଦ ଚଲା ପଥଚାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଥିରେ କେତେକାଂଶ ଅସ୍ଥାୟୀ ବ୍ୟବସାୟ ପାଇଁ ପସରା ମେଲାଇ ଥିବା ବେଳେ କିଛି ସ୍ଥାୟୀ ଦୋକାନୀ ମାନେ ନିଜ ଦୋକାନ ବଢେଇ ଫୁଟଫାଥ୍ ଉପରେ ବେଆଇନ ଭାବେ ସାମଗ୍ରୀ ରଖି ବର୍ଷ ବର୍ଷ ଧରି ବେପାର କରୁଥିବା ନଜିର ରହିଛି। ତେବେ ରିଷିଡ଼ାରେ ଦିନକୁ ଦିନ ପଥଚାରୀ, ବାଇକ ଆରୋହୀ, ହାଲୁକା ଯାନ, ଭାରିଯାନ, ଚଳାଚଳ କରିବା ସହ ସ୍କୁଲ, କଲେଜ, ଛାତ୍ରଛାତ୍ରୀଙ୍କ ଗମନା ଗମନ ଫଳରେ ରାସ୍ତା ପ୍ରାୟତଃ ସମୟରେ ଭିଡ ରହୁଛି। ଏପରିକି ସ୍ଥାନୀୟ ବସ୍ଷ୍ଟାଣ୍ଡ ସହ ରାସ୍ତା କଡ଼ରେ ଏକ ସାପ୍ତାହିକ ହାଟ ପ୍ରତି ଶନିବାର ଦିନ ଚାଲୁଥିବାରୁ ସେଦିନ ନାହିଁ ନଥିବା ଭିଡ ସହ ରାସ୍ତା ଜାମ୍ ହୋଇଥାଏ। ଫଳ ସ୍ୱରୂପ ବିଗତ ଦିନ ମାନଙ୍କରେ ଅନେକ ଦୁର୍ଘଟଣା ଘଟି ଲୋକଙ୍କ ଜୀବନ ଯାଇଛି। କିନ୍ତୁ ଏଥିପ୍ରତି କାହାର ନିଘା ନାହିଁ।


## ଖାଁ ଖାଁ ତହସିଲ ଅଫିସ : ଦୁର୍ଦ୍ଦଶା ଭୋଗୁଛନ୍ତି ଜନସାଧାରଣ




ନର୍ଲା (ଭାସ୍କର ନ୍ୟୁଜ୍) : ଓଡ଼ିଶା ରାଜସ୍ୱ ଅମଲା ସଂଘର ଗତ ୧୩ଜୁଲାଇର ଏକ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି ଅନୁସାରେ ଗତ ୧୧ ଅଗଷ୍ଟ ୨୦୨୫ ତାରିଖ ଠାରୁ ଅନିର୍ଦ୍ଧିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନରେ ଯୋଗ ଦେଇଛନ୍ତି। ଆଜି ୧୩ଦିନ ହେଲା ରାଜସ୍ୱ ଅମଲା ସଂଘ କଳାହାଣ୍ଡି ଶାଖା ସାମୁହିକ ଛୁଟିରେ ଅଛନ୍ତି। ରାଜସ୍ୱ ଅମଲା କର୍ମଚାରୀ ଛୁଟିରେ ଥିବା ଯୋଗୁଁ ନର୍ଲା ତହସିଲ, ବ୍ଲକ୍ କାର୍ଯ୍ୟାଳୟ ଗୁଡିକ ଖାଲି ପଡୁଛି। ଏହା ଦ୍ୱାରା ବିଭିନ୍ନ କାର୍ଯ୍ୟରେ ଆସୁଥିବା ଲୋକମାନେ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଡ଼ିଶା ରାଜସ୍ୱ ଅମଲା ସଂଘର ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରକାଶ କରିଛନ୍ତି। ୯ ଦଫା ଦାବି ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ଜିଲ୍ଲାସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓପିଏସପି ୨୦୧୭ ନିୟମ ଅନୁଯାୟୀ ଲେବର ୯କୁ ବୃଦ୍ଧି କରାଯାଉ। ଗତ ୨୮ ଜୁଲାଇ ୨୦୨୫ରେ ଜାରି ହୋଇଥିବା ଓଡ଼ିଶା ରାଜସ୍ୱ ସେବା (ସଂଶୋଧନ)୨୦୨୫ ନିୟମରେ ରାଜସ୍ୱ ଅମଲା ମାନଙ୍କର ଓଡ଼ିଶା ରାଜସ୍ୱ ସେବାରେ ପଦୋନ୍ନତି ସମ୍ଭାବନା ବହୁତ କମ୍ ଥିବାରୁ ଅମଲା ସଂଘ ତରଫରୁ କ୍ଷୋଭ ପ୍ରକଟ କରାଯାଇଛି।

## ରାଶିଫଳ

ରବିବାର, ୨୪ ଅଗଷ୍ଟ ୨୦୨୫




**ମେଷ:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ। ବ୍ୟବସାୟ ଲାଭଦାୟକ ହେବ।



**ବୃଷ:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ ହେବ। ବ୍ୟବସାୟ ଭଲ କରିବ। ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ। କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ।




**ମିଥୁନ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ପାରିବାରିକ କାର୍ଯ୍ୟଗୁଡ଼ିକୁ ପ୍ରାଥମିକତା ଦିଅନ୍ତୁ। ଆପଣଙ୍କ ବୁଦ୍ଧି ସାମାଜିକ ସମ୍ମାନ ଲାଭ କରିବ।



**କର୍କଟ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା। ଭ୍ରମଣରୁ ଲାଭ। ଯାନ-ଯନ୍ତ୍ରପାତି କ୍ରୟ ସମ୍ଭାବନା। ବ୍ୟବସାୟରେ ବାଧା ଆସିବ।




**ସିଂହ:** ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ। ଅପରିଚିତ ବ୍ୟକ୍ତିଙ୍କ ଉପରେ ବିଶ୍ୱାସ କରିବା ଦ୍ୱାରା କ୍ଷତି ହୋଇପାରେ।



**କନ୍ୟା:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି। ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ। ରୋଜଗାର ବୃଦ୍ଧି ପାଇବ। ଉପହାର ଗ୍ରହଣ କରିବେ। ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ମନୋବଳ ବୃଦ୍ଧି ଚାପକୁ ହ୍ରାସ କରିବ।



**ତୁଳା:** ଆପଣଙ୍କ ପାଇଁ ଖୁସି ଖବର। ମାନ ବୃଦ୍ଧି ହେବ। ଖୁସି ହେବ। ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ। ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ। ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ।



**ବିଛା:** ପ୍ରତିଷ୍ଠା ବୃଦ୍ଧି ପାଇବ। ରୋଜଗାର ବୃଦ୍ଧି ପାଇବ। ଯାତ୍ରା ର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ। ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ। ବ୍ୟବସାୟ-ଚାକିରିରେ ଲାଭ ହେବ। କ୍ରନିକ ରୋଗ ଦେଖାଦେଇପାରେ। ପ୍ରୟାସ ସଫଳ ହେବ।




**ଧନୁ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ। ଆପଣ ଦୁଃଖଦ ଖବର ପାଇପାରିବେ, ଧର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ। ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ। ବ୍ୟବସାୟ ମଧ୍ୟମ ହେବ।




**ମକର:** ଆପଣ ସ୍ୱାଦିଷ୍ଟ ଭୋଜନ ଉପଭୋଗ କରିବେ। ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ। ବ୍ୟବସାୟ ଭଲ କରିବ। ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ। ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି। ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



**କୁମ୍ଭ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ। ରୋଜଗାର ବୃଦ୍ଧି ପାଇବ। ଚାକିରିରେ ଅଧିକାର ବଢିପାରେ। ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ। ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକରାତ୍ମକତା ବୃଦ୍ଧି କରିବ। ବିପଦ କାର୍ଯ୍ୟକୁ ସାହସ କର ନାହିଁ। ବ୍ୟବସାୟରେ ଇଚ୍ଛାଯୁକ୍ତ ଲାଭ ହେବ।



**ମୀନ:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।




ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯